# ଚୁକ୍‌ଟିଆ ଭୁଞ୍ଜିଆ ସଂସ୍କୃତି
# ଓ
# ଲୋକ ସାହିତ୍ୟ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା

# ଚୁକ୍‌ଟିଆ ଭୁଞ୍ଜିଆ ସଂସ୍କୃତି
# ଓ
# ଲୋକ ସାହିତ୍ୟ

ଶ୍ରୀ ସୁରେନ୍ଦ୍ର କୁମାର ମିଶ୍ର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

ଚୁକ୍‌ଟିଆ ଭୁଞ୍ଜିଆ
ସଂସ୍କୃତି ଓ ଲୋକ ସାହିତ୍ୟ
ସଂକଳକ : ଶ୍ରୀ ସୁରେନ୍ଦ୍ର କୁମାର ମିଶ୍ର
ସଂପାଦନା : ଡ. ମନ୍ମଥ କୁଣ୍ଡୁ
ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ପ୍ରକାଶକ : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଆଦିବାସୀ ପଡ଼ିଆ, ୟୁନିଟ୍-୧
ଭୁବନେଶ୍ୱର-୭୫୧୦୦୯
ମୁଦ୍ରଣ : ଓଁକାର
ଏନ୍-୪/୨୭୭, ଆଇ.ଆର୍.ସି. ଭିଲେଜ
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ପ୍ରକାଶ : ୨୬ ଜାନୁୟାରୀ, ୨୦୦୨
ମୂଲ୍ୟ : ଟ. ୬୦.୦୦
I.S.B.N : 81-88010-08-1

CHUKTIA BHUNJIA
SANSKRITI O LOK SAHITYA
Compitation :
Sri Surendra Kumar Mishra
Editor :
Dr. Manmath Kundu
Director, ATDC
Publisher :
Academy of Tribal Dialects & Culture
ST & SC Development Department
Adivasi Ground, Unit-1
Bhubaneswar-751009
Printed at :
OMKAR
N-4/277, IRC Village, Nayapalli
Bhubaneswar
1st Edition :
20th Jan 2002
Price : 60.00
I.S.B.N : 81-88010-08-1

## ନିର୍ଦ୍ଦେଶକଙ୍କ କଲମରୁ

ଜନଜାତିମାନଙ୍କର ସାଂସ୍କୃତିକ ଐତିହ୍ୟ ଏବଂ ପ୍ରଜାତିକ ବୈଚିତ୍ର୍ୟ ଆକଳନ କରିବାରେ ସେମାନଙ୍କର ପରିବେଶରେ ବିକଶିତ ଲୋକ ସାହିତ୍ୟ ଏକ ପ୍ରମୁଖ ଉପାଦାନ । ଜଗତିକରଣ ଓ ବସ୍ତୁ ସଂସ୍କୃତିର ଉଦ୍‌ବର୍ତ୍ତନରେ ଆମ ଲୋକ ପରମ୍ପରା ଲୋପ ପାଇ ଯାଉଥିବା ବେଳେ ଜନଜାତିୟ ଲୋକ ମୌଖିକ ପରମ୍ପରା ତଥାପି ଗତିଶୀଳ । ପଡ଼ୋଶୀ ସଂସର୍ଗ ଏବଂ ଗଣ ମାଧ୍ୟମର ପ୍ରସାର ଯୋଗୁଁ ତାଙ୍କ ଲୋକ ମୌଖିକ ପରମ୍ପରା ଯଦିଓ ପରିବର୍ତ୍ତିତ ତଥାପି ଅନ୍ତଃସ୍ରୋତ ଅଦ୍ୟାବଧି ପ୍ରବାହିତ । ମାତ୍ର ପୂର୍ବର ଶ୍ରୀ ଆଉ ନାହିଁ । ବିଶେଷତଃ ଯୁବପିଢ଼ି ଏ ପରମ୍ପରା ପ୍ରତି ବିତସ୍ପୃହ । ଟିଭି, ଚଳଚ୍ଚିତ୍ରର ନିଶାରେ ସେମାନେ ଉନ୍ମନା । ପାରମ୍ପରିକ ନାଟଗୁରୁ, ଗୀତ କୁଡ଼ିଆ ସେମାନଙ୍କ ପାଇଁ ଅଲୋଡ଼ା ଅଖୋଜା ।

ତେଣୁ ଏହି ପରମ୍ପରାଟି ମରି ହଜି ଯିବା ପୂର୍ବରୁ ତାର ଶେଷ ମଣିଷଟି ଇହଲୀଳା ସମ୍ବରଣ କରିବା ପୂର୍ବରୁ ତାର କଥାନକକୁ ସାଉଁଟିବାର ଏହାହିଁ ହେଉଛି ମହାମୁହୂର୍ତ୍ତ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏଇ ସନ୍ଧିକ୍ଷଣରେ ଓଡ଼ିଶାର ଆଦିବାସୀ ଗୋଷ୍ଠୀମାନଙ୍କର ଲୋକ ମୌଖିକ ପରମ୍ପରାକୁ ସଂଗ୍ରହ ଓ ପ୍ରକାଶ କରିବାର ଗୁରୁଦାୟୀତ୍ୱ ବହନ କରିଛି । ସୀମିତ ସମୟ ଭିତରେ ମଧ୍ୟ ସେହି ମହାନ୍ କାର୍ଯ୍ୟର ଅଂଶ ସ୍ୱରୂପ କିଛିଟା କାର୍ଯ୍ୟ ସଂପାଦନ କରିଛି । ସେଗୁଡ଼ିକ ହେଲା ''ସାନ୍ତାଳ ଲୋକ କାହାଣୀ'', ''ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକ ସାହିତ୍ୟ'', ''ଆଦିବାସୀ ଲୋକ କାହାଣୀ'', ଗଣ୍ଡ ସଂସ୍କୃତି ଓ ଲୋକ ସାହିତ୍ୟ, ପିଲାଙ୍କ ପାଇଁ ଆଦିବାସୀ ଲୋକ କଥା, ବାଥୁଡ଼ି ଲୋକ ସାହିତ୍ୟ ଇତ୍ୟାଦି ।

ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଲୋଧା, ବଣ୍ଡା, ଭତରା, କୋୟା, ହୋ, ଭୂମିଜ, ଦୁରୁଆ, ଭୁଞ୍ଜିଆ ଜନଜାତିର ସଂସ୍କୃତି ଓ ଲୋକ ସାହିତ୍ୟ ଉପରେ ଅଧ୍ୟୟନ କାର୍ଯ୍ୟ ଏକାଡ଼େମୀ ହାତକୁ ନେଇଛି ''ଚୁକ୍‌ଟିଆ ଭୁଞ୍ଜିଆ ସଂସ୍କୃତି ଓ ଲୋକ ସାହିତ୍ୟ'' ତନ୍ମଧ୍ୟରୁ ଅନ୍ୟତମ । ଏହି ପୁସ୍ତକରେ ସ୍ଥାନିତ ମିଥ୍ ଓ ଲୋକ କଥାଗୁଡ଼ିକ ନିଜସ୍ୱ ଉପାଦାନରେ ପରିପୂର୍ଣ୍ଣ ।

ଏହି ପୁସ୍ତିକାକୁ ସଂକଳନ କରିଛନ୍ତି ଶ୍ରୀ ସୁରେନ୍ଦ୍ର କୁମାର ମିଶ୍ର, ସିନାପାଲି । ପୁସ୍ତିକା ପ୍ରକାଶନ ଅବସରରେ ଏକାଡ଼େମୀ ତାଙ୍କ ନିକଟରେ କୃତଜ୍ଞ ।

ମନ୍ମଥ କୁଣ୍ଡୁ
ନିର୍ଦ୍ଦେଶକ

# ସୂଚୀପତ୍ର


| କ୍ର. ନଂ | ବିଷୟ | ପୃଷ୍ଠା |
|---|---|---|
| ୧. | ନିର୍ଦ୍ଦେଶକଙ୍କ କଲମରୁ | |
| ୨. | ପ୍ରଥମ ଅଧ୍ୟାୟ<br>ସୁନାବେଡ଼ା ଉପତ୍ୟକାର ଇତିହାସ | ୧ |
| ୩. | ଦ୍ୱିତୀୟ ଅଧ୍ୟାୟ<br>ସାମାଜିକ ଚଳଣି | ୧୬ |
| ୪. | ତୃତୀୟ ଅଧ୍ୟାୟ<br>ପର୍ବ ପର୍ବାଣି | ୩୯ |
| ୫. | ଚତୁର୍ଥ ଅଧ୍ୟାୟ<br>ଲୋକଗୀତ | ୫୦ |
| ୬. | ପଞ୍ଚମ ଅଧ୍ୟାୟ<br>ଲୋକକଥା :<br>(ମୂଳ ଭୁଂଜିଆ ଭାଷା ଓ ଓଡ଼ିଆ ଅନୁବାଦ ସହିତ)<br>୧ -ସୁନାଦୀ ଦେବୀଙ୍କ ଜନ୍ମ କାହାଣୀ<br>୨ - ସୁନାଦୀ ଦେବୀଙ୍କ ଲିଙ୍ଗ ଉପ୍ରି<br>୩- ଧାନର ଉପ୍ରି<br>୪- ମନଧର ମାଝୀ କଥା<br>୫- ଭୁଂଜିଆ ବୀର କାହାଣୀ<br>୬- ଆଲ୍ଲା ଉଦଲ କଥା<br>୭- ଭାଏ ବହେନ ରେଲ୍ | ୮୩ |

# ପ୍ରଥମ ଅଧ୍ୟାୟ
# ସୁନାବେଢ଼ା ଉପତ୍ୟକାର ଇତିହାସ

ସୁନାବେଢ଼ା ଉପତ୍ୟକା ନୂଆପଡ଼ା ଜିଲ୍ଲାର କୋମନା ବ୍ଲକ୍‌ରେ ଅବସ୍ଥିତ । ଏହା ୨୧°୨୫' ଉତ୍ତର ଅକ୍ଷାଂଶରୁ ୨୧°୩୫' ଉତ୍ତର ଅକ୍ଷାଂଶ ଓ ୮୨°୩୫' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହି ଉପତ୍ୟକାକୁ ଗୁଡ଼ାଗଡ଼ ବୋଲି କହନ୍ତି । ସୁନାବେଢ଼ା ଉପତ୍ୟକାର ପୂର୍ବ ଦିଗରେ ମିଛା ପାଲି, ଦରଲିପଡ଼ା ଗ୍ରାମମାନ ପଶ୍ଚିମ ଦିଗ ଛତିଶଗଡ଼ ସୀମାକୁ ଲାଗି ରହିଛି, ଉତ୍ତର ଦିଗରେ ନୂଆପଡ଼ା ବ୍ଲକ୍‌ର ଗ୍ରାମମାନ ଓ ଦକ୍ଷିଣ ଦିଗରେ କୋମ୍‌ନା ବ୍ଲକର କୋନାବିରା ଓ ଅନ୍ୟାନ୍ୟ ଗ୍ରାମମାନ ରହିଛି । ସୁନାବେଢ଼ା ଉପତ୍ୟକା କୋମନା ଗ୍ରାମରୁ ପଶ୍ଚିମ ଦିଗରେ ପଚାଶ (୫୦) କିଲୋମିଟର ଦୂରରେ ଅବସ୍ଥିତ । କୋମନାରୁ ଭେଲା ରାସ୍ତାଦେଇ ଗଲେ ପାଞ୍ଚଟି ପାହାଡ଼ର ଘାଟିର ରାସ୍ତା ଅତିକ୍ରମ କରିବା ପରେ ଏହି ଉପତ୍ୟକା ପଡ଼େ । ପ୍ରଥମେ ପାଟିଡଙ୍ଗର ଘାଟି ପଡ଼େ । ଏହି ଘାଟି ପାର ହେବା ପରେ ପୁଣି ଚାରୋଟି ପାହାଡ଼ର ଘାଟି ରାସ୍ତା, ଯଥା- କେନ୍ଦୁ ମଥାନ୍ ଡଙ୍ଗର ଘାଟି, ବଣ୍ଡିଆମ୍ ଡଙ୍ଗର ଘାଟି, ଗଡ଼ଗଡ଼ା ଡଙ୍ଗର ଘାଟି ଓ ସିହ୍‌ନା ଡଙ୍ଗର ଘାଟି ରାସ୍ତା ଅତିକ୍ରମ କରିବାକୁ ପଡ଼େ । ଏହି ଚାରିଟି ପାହାଡ଼ରେ ୨୪ କିଲୋମିଟର ଘାଟିରାସ୍ତା ଅତିକ୍ରମ କରିବାକୁ ପଡ଼େ । ଏହା ସମୁଦ୍ର ପତ୍ତନରୁ ୩୦୦୦ (ତିନି ହଜାର) ଫୁଟ୍ ଉଚ୍ଚରେ ଅବସ୍ଥିତ । ଏହି ଉପତ୍ୟକା ଛୋଟ ବଡ଼ ହୋଇ ୩୪ (ଚଉତିରିଶ) ଟି ଗ୍ରାମକୁ ନେଇ ଗଠିତ । ସେହି ଗ୍ରାମଗୁଡ଼ିକ ହେଲା— ସୁନାବେଢ଼ା, ସନ୍‌ବାହାଲି, ଗଡ଼ଭଟା, ଗାତିଁବେଢ଼ା, ଛିନ୍ ମୁଡ଼ି, ଶାଲେପଡ଼ା, କୁଟ୍‌ରାବେଢ଼ା, ଢେକୁନ୍‌ପାନି, ଢୁନାପାନି, ଥାଲିପାନି, ଉପ୍‌କାପାନି, ଅଢ଼ାର, କେନ୍ଦୁପଖାନ୍, ଦେଓସିଲ୍, ଭାଓସିଲ୍ ଚନ୍ଦରସିଲ୍, ଝରଲାଆମ୍, ରୁପିଆମ୍, ଦାଥୁନାମ୍, ଶିବନାରାୟଣ ପୁର, କୁମ୍ଭାର ଖାଁଚ୍, ଜଳ ମଢ଼େଇ, ଚାଲାବେଲା, ଭୀମଭଟା, ଧାକ୍‌ଲି, ସୋସେଙ୍ଗ୍, ଢାମ୍‌ଗାଁ, ଗରାପଡ଼ା, କୋକେଡ଼, ଚାକ୍‌ଲା, ଖଡ଼ାଙ୍ଗ୍, ଗୁଦ୍‌ମା, ଡୋହେଲ୍ ଡିହି, ଗନସରପଡ଼ା ।

ସୁନାବେଢ଼ା ଉପତ୍ୟକାରେ ଭୁଞ୍ଜିଆ, ବିଂଝାଲ, ଗୋଁଡ଼୍, ପହରୀଆ, ପରଘନିଆ, ଶବର— ଏହିସବୁ ଆଦିବାସୀ ଜାତିର ଲୋକମାନେ ବସବାସ କରନ୍ତି । ଏମାନଙ୍କ ବ୍ୟତୀତ ଏଠାରେ ବ୍ରାହ୍ମଣ, କୋଲ୍‌ଥା, ମାଳି, ତେଲି, ଲୋହରା, ହରିଜନ୍ ଲୋକମାନେ ବସବାସ କରନ୍ତି । ୧୯୯୧ ଜନଗଣନା ଅନୁସାରେ ଏହି ଉପତ୍ୟକାର ମୋଟ ଜନସଂଖ୍ୟା ୫୮୦୮ । ତନ୍ମଧ୍ୟରୁ ୪୦୨୧ ଜଣ ହେଲେ

ଆଦିବାସୀ ସଂପ୍ରଦାୟର । ଏ ମଧ୍ୟରୁ ୨୦୫୪ ଜଣ ହେଲେ ଚୋକ୍‌ଟିଆ ଭୁଂଜିଆ ସଂପ୍ରଦାୟର । ସବୁ ଜାତି ମଧ୍ୟରେ ସଂଖ୍ୟାଗରିଷ୍ଠ ଜାତି ହେଲେ ଚୋକଟିଆ ଭୁଂଜିଆ ଜାତି । ଚୋକଟିଆ ଭୁଂଜିଆମାନେ କେବଳ ପାହାଡ଼ ଉପରେ ବସବାସ କରୁଥିବାରୁ ଏମାନଙ୍କୁ ପାହାଡ଼ି ଭୁଂଜିଆ ବୋଲି ମଧ୍ୟ କହନ୍ତି । ଚିନ୍ଦାଭୁଂଜିଆ ଓ ଖୋଲାରଝିଆ ଭୁଂଜିଆମାନେ ନୂଆପଡ଼ା ଜିଲ୍ଲାର ସମତଳ ଅଞ୍ଚଳରେ ବସବାସ କରୁଛନ୍ତି । ତଥ୍ୟରୁ ଜଣାଯାଏ ଯେ ୧୨ ଶହ ଶତାବ୍ଦୀରେ ଭୁଂଜିଆ ରାଜା ବଲିବିକମ (ବଲିଭିକମ୍) ମାଣିକ୍‌ଗଡ଼, ସୁନାବେଡ଼ା ଉପତ୍ୟକାକୁ ନିଜର ଶାସନାଧୀନ କରିଥିଲେ । ସୁନାବେଡ଼ା ଉପତ୍ୟକା ଖଡ଼ିଆଳ ଜମିଦାରୀର ଏକ ଅଂଶ ଥିଲା ।

ସୁନାବେଡ଼ା ଉପତ୍ୟକାରେ ମୋଟ ୩୬୯୬.୨୧ ହେକ୍ଟର ଜମିରୁ ମାତ୍ର ୭୫୦.୨୮ ହେକ୍ଟର ଜମି ଚାଷୋପଯୋଗୀ ଜମି ଅଟେ । ସୁନାବେଡ଼ା ଉପତ୍ୟକା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଏହାର ମୁଖ୍ୟ ପାହାଡ଼ ଗୁଡ଼ିକ ହେଲା ବୁଢ଼ାରାଜା ଡଙ୍ଗର (୭୩୧ ମିଟର ଉଚ୍ଚ), ରାସଡ଼ଙ୍ଗର (୮୭୧ ମିଟର ଉଚ୍ଚ), ସୁପ୍‌ଡଙ୍ଗର (୮୮୨ମି) ଦେବତା ଡଙ୍ଗର (୭୧୬ ମିଟର), ସୋଲ, ଡଙ୍ଗର, ବେନିଆଧଁସ, ଡଙ୍ଗର, ଖରଲ୍ ଧଁସ୍ ଡଙ୍ଗର, ଅନ୍ଧାର ଖୋଲା ଡ଼ଙ୍ଗର, ଗିରିଡ଼ଙ୍ଗର, ପାଟିଡଙ୍ଗର । ଏହି ପାହାଡ଼ମାନଙ୍କରେ ଶାଗୁଆନ୍, ଶିଶୋ, ଶାଳ, ବିଜା, ସାହାଜ, ମହୁଲ, କେନ୍ଦୁ, ଚାହାଁର, ଡୁମେର, ଖଇର, ଧହଁରା, ଅଁଳା, ହରିଡ଼ା, ବାହାଡ଼ା, ଆମ୍ବ, ଜାମୁକୋଳି, ଇତ୍ୟାଦି ବୃକ୍ଷ ଦେଖାଯାଏ । ଇନ୍ଦ୍ର ନଦୀ, ଜୋକଂନଦୀ, ସୁନ୍ଦର ନଦୀ, ଉଦନ୍ତୀ ନଦୀ ଏହି ଅଞ୍ଚଳ ଦେଇ ପ୍ରବାହିତ । କେତୋଟି ଜଳ ପ୍ରପାତ ଯାଇ ଜୋଙ୍କ ନଦୀ, ଇନ୍ଦ୍ରନଦୀ ଓ ସୁନ୍ଦର ନଦୀରେ ମିଶିଛି । ସେଥିରୁ ପ୍ରଧାନ ଜଳ ପ୍ରପାତ୍‌ଗୁଡ଼ିକ ହେଲା — ବେନିଆଧଁସ୍, ଖରଲ ଧଁସ୍, ଗୋଧଁସ୍ ଏବଂ ଗୋବ୍ରା ଜଳ ପ୍ରପାତ । ଗୋଧଁସ୍ ନାଲା, ହାତୀ ଖାଲ୍ ନାଲା, ପଣ୍ଡରାଖୋଲା ନାଲା- ଏହିସବୁ ନାଲା ସୁନାବେଡ଼ା ଉପତ୍ୟକାରୁ ବାହାରିଛି । ପ୍ରତ୍ୟେକ ପାହାଡ଼ମାନଙ୍କର ନାମକରଣ ମୂଳରେ ଗୋଟିଏ ଗୋଟିଏ କାହାଣୀ ଅଛି । ଏହି ପାହାଡ଼ମାନଙ୍କରେ ବିଭିନ୍ନ ଜୀବଜନ୍ତୁ ଦେଖାଯାନ୍ତି । ସେଥିରୁ ବାଘ, (ଚିତାବାଘ, ମହାବଳ ବାଘ, ଜଲରାପଜିଆ ବାଘ), ସମ୍ବର, ହରିଣ, କୁଟ୍‌ରା, ବାରାହା, ଠେକୁଆ, ମାଙ୍କଡ଼, ପ୍ରମୁଖ ।

କିମ୍ବଦନ୍ତୀରୁ ଜଣାପଡ଼େ ଯେ ୧୨ ଶହ ଶତାବ୍ଦୀ ପୂର୍ବରୁ ଭୁଂଜିଆମାନେ ସୁନାବେଡ଼ା ଉପତ୍ୟକାରେ ରହି ଆସୁଛନ୍ତି । ଆଲ୍ଲା-ଉଦଲ୍ କାହାଣୀରୁ ଜଣାଯାଏ ଯେ ସେତେବେଳେ ବଳୀବିକ୍ରମ ଭୁଂଜିଆରାଜା ଏହି ଉପତ୍ୟକାକୁ ଶାସନ

କରୁଥିଲେ । ମନଧର ମାଝୀ କାହାଣୀରୁ ଜଣାଯାଏ ଯେ ସୁନାବେଡ଼ା ଉପତ୍ୟକା ପାଟଣାଗଡ଼ର ଚୌହାନ ମହାରାଜାଙ୍କ ଶାସନାଧୀନ ଥିଲା । ପାଟଣାଗଡ଼ ରାଜା ପ୍ରତି ମାସେ/ଦୁଇ ମାସରେ ଥରେ ସୁନାବେଡ଼ା ଉପତ୍ୟକାର ଭୁଂଜିଆମାନଙ୍କୁ ଡାକୁଥିଲେ । ତେଣୁ ପ୍ରତି ମାସେ/ଦୁଇ ମାସରେ ଥରେ ଚାଳିଶ/ପଚାଶ ଜଣ ଭୁଂଜିଆ ପାଟଣା ଗଡ଼କୁ ଯାଉଥିଲେ ଏବଂ ସେଠାରେ ରାଜାଙ୍କ ଲୋକମାନଙ୍କୁ ଚାଷ କାର୍ଯ୍ୟରେ ତଥା ଅନ୍ୟାନ୍ୟ କାର୍ଯ୍ୟମାନଙ୍କରେ ସାହାଯ୍ୟ କରୁଥିଲେ । ସୁନାବେଡ଼ା ଉପତ୍ୟକାର ଭୁଂଜିଆମାନଙ୍କୁ ସେଠାରେ ଗୋଟିଏ ବନ୍ଧ (ପୋଖରୀ) ଖୋଳିବା ପାଇଁ ପାଟଣାଗଡ଼ ମହାରାଜା କହିଲେ । ସେମାନେ ପାଟଣାଗଡ଼ ଓ ରାମପୁର (ପାଟଣାଗଡ଼ର ପୂର୍ବରେ ଦେଢ଼ କିଲୋମିଟର ଦୂରରେ ଅଛି) ମଝିରେ ଗୋଟିଏ ବନ୍ଧ ଖୋଳିଥିଲେ । ଭୁଂଜିଆମାନେ ସେହି ବନ୍ଧ ଖୋଳିଥିବାରୁ ସେମାନଙ୍କ ନାମ ଅନୁସାରେ ପାଟଣାଗଡ଼ ମହାରାଜା ସେହି ବନ୍ଧର ନାମ "ଭୁଂଜିଆବନ୍ଧ" ରଖିଥିଲେ । ବର୍ତ୍ତମାନଯାଏଁ ମଧ୍ୟ ସେହି ବନ୍ଧ ଅଛି । ଭୁଂଜିଆମାନେ ଏହି ଅଞ୍ଚଳର ମାଟିକୁ ବୀର ମାଟି ବୋଲି କହନ୍ତି । ଭୁଂଜିଆମାନଙ୍କ ମତ ଅନୁସାରେ ରାନୀମୁହଁାସ୍ ପାହାଡ଼ର ଘାଟିରେ ବୀରକାଛେନ୍ ଦେବୀ ପୂଜା ପାଉଥିଲେ । ବୀର୍ କାଛେନ୍ ଦେବୀଙ୍କୁ ଯେଉଁଠି ପୂଜା ପାଉଥିଲେ ସେ ପାଖର ଗୋଟିଏ ଖାଲ (ଗାତ)ରେ ଏକ ପ୍ରକାର ମାଟି ବାହାରୁ ଥିଲା । ସେହି ଅଞ୍ଚଳର ଲୋକମାନଙ୍କ ଘରେ କୌଣସି ରୋଗ, ଦୁଃଖ ପଡ଼ିଲେ ସେମାନେ ବୀର୍‌କାଛେନ୍ ଦେବୀଙ୍କୁ ପୂଜା କରି ସେହି ଗାତର ମାଟି ଆଣି ଔଷଧରୂପେ ବ୍ୟବହାର କରୁଥିଲେ ଏବଂ ସେମାନଙ୍କ ରୋଗ ଦୁଃଖ ମଧ୍ୟ ଠିକ୍ ହୋଇ ଯାଉଥିଲା । ଏପରିକି ସେହି ମାଟିକୁ ଦେହରେ ବୋଳିହେଲେ ଦେହରେ କୌଣସି ଅସ୍ତ୍ରଶସ୍ତ୍ରର ଆଘାତ ମଧ୍ୟ ହେଉନଥିଲା । ଏହି ବିଷୟ ଜାଣିବା ପରେ ଭୁଂଜିଅମାନେ ସେହି ଗାତର ମାଟିକୁ ଆଣି ନିଜ ଦେହରେ ବୋଳି ହୋଇ ସେହି ଅଞ୍ଚଳର ନିରୀହ ଲୋକମାନଙ୍କୁ ଅନ୍ୟାୟ, ଅତ୍ୟାଚାର କରୁଥିଲେ । ନିରୀହ ଲୋକମାନେ ଭୁଂଜିଆମାନଙ୍କ ଦ୍ୱାରା ହଇରାଣ, ହରକତ ହୋଇ ଶେଷରେ ପାଟଣାଗଡ଼ ରାଜାଙ୍କ ପାଖକୁ ଯାଇ ଗୁହାରୀ କଲେ । ପାଟଣାଗଡ଼ ମହାରାଜା ସୁନାବେଡ଼ା ଉପତ୍ୟକାକୁ ଆସି ବୀର୍‌କାଛେନ୍ ଦେବୀଙ୍କୁ ପୂଜାକରି ସେହି ସ୍ଥାନର ମାଟିକୁ ନେଇଗଲେ/ ଲୁଚେଇ ଦେଲେ । ସେହି ଦିନଠୁଁ ଭୁଂଜିଆମାନେ ଅନ୍ୟ ଜାତିର ଲୋକମାନଙ୍କ ସହିତ ମିଳିମିଶି ରହିଲେ ।

ସୁନାବେଡ଼ା ଉପତ୍ୟକାର ଚୋକ୍‌ଟିଆ ଭୁଂଜିଆମାନେ ବିଭିନ୍ନ ଦେବାଦେବୀ ପୂଜା କରନ୍ତି । ଯଥା - ସୁନାଦୀ ଦେବୀ, ବୁଢ଼ାରାଜା ଦେବତା, ଠାକୁର ଦେଓ,

ପାଟ୍‌ପ୍ରଧାନ, ମାନୀଆ ବୁଢ଼ା ଦେବତା, ଧରନୀ ଦେବୀ, ମାଟିମାତା, ଭୀମ ଦେବତା, ବୀରକାଛେନ୍ ଦେବୀ। ସବୁଦେବାଦେବୀ ମଧ୍ୟରେ ଏମାନଙ୍କର ଅଧିଷ୍ଠାତ୍ରୀ ଦେବୀ ହେଲେ ସୁନାଦୀ ଦେବୀ। ସୁନାଦୀ ଦେବୀଙ୍କ ପ୍ରତି ଏମାନଙ୍କର ଅଗାଢ଼ ବିଶ୍ୱାସ। ଏହି ଅଞ୍ଚଳର ଭୁଂଜିଆମାନେ ଖଡ଼ିଆଳ ରାଜାଙ୍କ ପାଖକୁ ଯାଇ ସୁନାଦୀ ଦେବୀଙ୍କ ମହିମା ବିଷୟ କହିଲେ। ଖଡ଼ିଆଳ ରାଜା ଏମାନଙ୍କ କଥାରେ ବିଶ୍ୱାସ କଲେ ନାହିଁ। ସେ କହିଲେ ମୁଁ ତିନୋଟି ପରୀକ୍ଷା କରିବି। ସେହି ପରୀକ୍ଷା ଯଦି ସତ ହୁଏ ତା ହେଲେ ମୁଁ ବିଶ୍ୱାସ କରିବି ଯେ ତୁମର ସୁନାଦୀ ଦେବୀ ପ୍ରତ୍ୟକ୍ଷ ଅଟନ୍ତି। ରାଜା ପରୀକ୍ଷା କଲେ। ତାଙ୍କର ପ୍ରଥମ ପରୀକ୍ଷା ହେଲା ରାଜା ଉପର ମହଲାରେ ଶୋଇଥିବେ। ତାଙ୍କ ଅଜାଣତରେ ଦେବୀ ତାଙ୍କୁ ଆଣି ତଳ ମହଲାରେ ଶୁଏଇ ଦେବେ। ସେପରି ହେଲା। ରାତିରେ ରାଜା ଉପର ମହଲାରେ ଶୋଇଥିଲେ। ସୁନାଦୀ ଦେବୀ ତାଙ୍କୁ ଉଠାଇ ଆଣି ତଳ ମହଲାରେ ଶୁଆଇ ଦେଲେ। ରାଜା ଜାଣି ପାରିଲେ ନାହିଁ। ସକାଳୁ ଉଠି ରାଜା ଦେଖିଲେ ସେ, ତଳ ମହଲାରେ ଶୋଇଛନ୍ତି। ସେ ଏସବୁ କଥା ବିଶ୍ୱାସ କରି ପାରିଲେ ନାହିଁ। ରାଜା ଦ୍ୱିତୀୟ ପରୀକ୍ଷା କଲେ। ଦ୍ୱିତୀୟ ପରୀକ୍ଷା ହେଲା ରାଜାଙ୍କ ଘୋଡ଼ା ଶାଳାରେ ସାତଟି ଘୋଡ଼ା ଅଛି। ସେହି ସାତଟି ଘୋଡ଼ାକୁ ସାତଟି ବାଘ ଆସି ମାରିଦେବ ଏବଂ ସେଠାରେ ସାତଟି ବାଘ ବନ୍ଧା ହେଇ ରହିଥିବ। ସେପରି ହେଲା। ସାତଟି ଘୋଡ଼ା ମରି ପଡ଼ିଥାନ୍ତି ଓ ସେଠାରେ ସାତଟି ବାଘ ବନ୍ଧା ହୋଇଥାନ୍ତି। ରାଜା ସାତଟି ବାଘକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ରାଜା ତୃତୀୟ ପରୀକ୍ଷା କଲେ। ରାଜା କହିଲେ ସାତଟି ବାଘ ସ୍ଥାନରେ ପୂର୍ବପରି ସାତଟି ଘୋଡ଼ା ହେଇଯାଉ। ରାଜା କିଛି ସମୟ ପରେ ଘୋଡ଼ା ଶାଳକୁ ଯାଇ ଦେଖିଲେ ସାତଟି ବାଘ ସ୍ଥାନରେ ପୂର୍ବପରି ସାତଟି ଘୋଡ଼ା ବନ୍ଧା ହୋଇଛନ୍ତି। ରାଜା ଏସବୁ ବିଷୟ ଦେଖି ସୁନାଦୀ ଦେବୀଙ୍କୁ ବିଶ୍ୱାସ ନ କରି ରହିପାରିଲେ ନାହିଁ। ରାଜା ସୁନାଦୀ ଦେବୀଙ୍କୁ ପୂଜା କଲେ। ଦେବୀଙ୍କ ପାଇଁ ସୁନାରେ ଗୋଟିଏ କୁମ୍ଭ ଓ ଗୋଟିଏ ଖପର ତିଆରି କରି ସୁନାବେଡ଼ାର ଭୁଂଜିଆମାନଙ୍କୁ ଦେଲେ। ଭୁଂଜିଆମାନେ ସୁନାର କୁମ୍ଭ ଓ ଖପରକୁ ନେଇ ସୁନାଦୀ ଦେବୀଙ୍କ ଠାରେ ରଖି ପୂଜା କଲେ।

ସୁନାବେଡ଼ା ଉପତ୍ୟକାରେ ଚୋକଟିଆ ଭୁଂଜିଆମାନେ ନିଜର ସଂସ୍କୃତିକୁ ବଜାୟ ରଖି ଏକ ରକ୍ଷଣଶୀଳ ଆଦିବାସୀ ଗୋଷ୍ଠୀରେ ପରିଣତ ହୋଇଛନ୍ତି। ଏମାନେ ଅନ୍ୟ ଆଦିବାସୀମାନଙ୍କ ଅପେକ୍ଷା ସବୁ କ୍ଷେତ୍ରରେ ବହୁତ ପଛରେ

ପଡ଼ିଛନ୍ତି । ଚୋକ୍‌ଟିଆ ଭୁଂଜିଆମାନଙ୍କଠାରେ ବୃକ୍ଷପୂଜା ଦେଖାଯାଏ । ଏହି ସଂପ୍ରଦାୟରେ ଦେବାଦେବୀ ପୂଜା ସମୟରେ କୁକୁଡ଼ା, ପାରା, ଛେଳି, ମେଣ୍ଢା ବଳୀ ଦିଅନ୍ତି । ମଦ ଦେବାଦେବୀଙ୍କଠାରେ ଦିଅନ୍ତି ନାହିଁ; କିନ୍ତୁ କନ୍ଧ, ଗୋଁଡ୍‌ମାନେ ମଇଁଷି, ଘୁଷୁରୀ ଗୋ ବଳୀ ଦିଅନ୍ତି ଏବଂ ଦେବାଦେବୀଙ୍କ ଠାରେ ମଦ ଚଢ଼ାନ୍ତି । ଭୁଂଜିଆମାନେ ଗୋ ମାଂସ, ଘୁଷୁରୀମାଂସ, ମଇଁଷି ମାଂସ ଖାଆନ୍ତି ନାହିଁ । ଏସବୁ ଦେଖିଲେ ଜଣାଯାଏ ଚୋକଟିଆ ଭୁଂଜିଆମାନେ ଆଦିବାସୀମାନଙ୍କ ମଧ୍ୟରେ ଏକ ଶ୍ରେଷ୍ଠ ଆଦିବାସୀ ଜାତି ।

ଚୋକଟିଆ ଭୁଂଜିଆମାନେ ସୁନାବେଡ଼ା ଉପତ୍ୟକାର ଏକ ଆଦିମ ଆଦିବାସୀ ଗୋଷ୍ଠୀ । ସୁନାବେଡ଼ା ଉପତ୍ୟକାରେ ବର୍ତ୍ତମାନ ବିଭିନ୍ନ ଜାତିର ଲୋକ ରହୁଛନ୍ତି । କିନ୍ତୁ ଏମାନେ ଏଠାର ଆଦିମ ଅଧିବାସୀ ନୁହଁନ୍ତି । ପ୍ରଥମେ ଏଠାରେ କେବଳ ଗୋଁଡ୍ ଏବଂ ପହରୀଆ ମାନେ ରହୁଥିଲେ । ବର୍ତ୍ତମାନ ସୁନାବେଡ଼ା ଉପତ୍ୟକାରେ ଦେଖାଯାଏ ଯେ ଭୁଂଜିଆମାନଙ୍କ ପରେ, ଗୋଁଡ୍‌ମାନେ ହେଲେ ଦ୍ୱିତୀୟ ସଂଖ୍ୟାଗରିଷ୍ଠ ଆଦିବାସୀ ଗୋଷ୍ଠୀ । ଚୋକଟିଆ ଭୁଂଜିଆମାନଙ୍କ ମତ ଅନୁସାରେ ଭାରତରେ ଯେତେ ଭୁଂଜିଆମାନେ ଅଛନ୍ତି ସମସ୍ତେ ସୁନାବେଡ଼ା ଉପତ୍ୟକାରୁ ସୃଷ୍ଟି । ସୁନାବେଡ଼ା ଉପତ୍ୟକାରୁ ଯେଉଁମାନେ ଯାଇ ପାହାଡ଼ ତଳ ଗ୍ରାମ ଓ ସହରମାନଙ୍କରେ ରହିଲେ ସେମାନେ ହେଲେ ଚିନ୍ଦା ଭୁଂଜିଆ ଓ ଖୋଲାରଝିଆ ଭୁଂଜିଆ । ଯେଉଁମାନେ ନଆଗଡ଼ ଅଞ୍ଚଳରେ ରହିଲେ ସେମାନେ ହେଲେ ନଆଗଡ଼ିଆ ଭୁଂଜିଆ । ସାଧାରଣତଃ ଭୁଂଜିଆମାନେ ନିଜର ବାସସ୍ଥାନ ଅନୁସାରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହୋଇଥାନ୍ତି ।

ଚୋକ୍‌ଟିଆ ଭୁଂଜିଆମାନେ ଛତିଶଗଡ଼ି ଏବଂ ଓଡ଼ିଆ (ନୂଆପଡ଼ା ଅଞ୍ଚଳର ଭାଷା/କଳାହାଣ୍ଡିଆ ଭାଷା) ଭାଷାର ଏକ ମିଶ୍ରିତ ରୂପରେ କଥାବାର୍ତ୍ତା କରନ୍ତି । ତେଣୁ ଏମାନଙ୍କ ଭାଷା ବୁଝିବା କଷ୍ଟ । ଏମାନେ ନୂଆପଡ଼ା ଜିଲ୍ଲାର ଆଞ୍ଚଳିକ ଭାଷାକୁ ସ୍ପଷ୍ଟ ଭାବରେ କହି ପାରନ୍ତି ନାହିଁ । ଚିନ୍ଦା ଭୁଂଜିଆ ଏବଂ ଖୋଲାରଝିଆ ଭୁଂଜିଆମାନେ ନୂଆପଡ଼ା ଜିଲ୍ଲାର ସମତଳ ଅଞ୍ଚଳରେ ଏବଂ ରାସ୍ତାକଡ଼ ଗ୍ରାମମାନଙ୍କରେ ରହୁଥିବାରୁ ଏମାନେ ନୂଆପଡ଼ା ଜିଲ୍ଲାର ଆଞ୍ଚଳିକ ଭାଷା କହନ୍ତି ।

### ଭୁଂଜିଆ ଜାତିର ଶ୍ରେଣୀ ବିଭାଗ

ଭୁଂଜିଆମାନେ ସାଧାରଣତଃ ତିନି ପ୍ରକାର ଯଥା - ଚୋକଟିଆ ଭୁଂଜିଆ, ଚିନ୍ଦାଭୁଂଜିଆ ଏବଂ ଖୋଲାରଝିଆ (ଖୋଲା ରାଇଜିଆ ବା ସହରିଆ) । ନୂଆପଡ଼ା

ଜିଲ୍ଲାର ସୁନାବେଡ଼ା ଉପତ୍ୟକାରେ କେବଳ ଚୋକଟିଆ ଭୁଂଜିଆମାନେ ବସବାସ କରନ୍ତି । ଚୋକଟିଆ ଭୁଂଜିଆମାନେ କେବଳ ପାହାଡ଼ ଉପରେ ବସବାସ କରନ୍ତି । ତେଣୁ ଏମାନଙ୍କୁ ପାହାଡ଼ୀ ଭୁଂଜିଆ ମଧ୍ୟ କୁହାଯାଏ । ଚିନ୍ଦା ଭୁଂଜିଆମାନେ ସାଧାରଣତଃ ପାହାଡ଼ର ତଳେ ବସବାସ କରନ୍ତି ଏବଂ ଖୋଲାରଝିଆ ଭୁଂଜିଆମାନେ ମୁଖ୍ୟ ରାସ୍ତାକଡ଼ରେ ଥିବା ଗ୍ରାମମାନଙ୍କରେ ବସବାସ କରନ୍ତି । ଭୂମି+ଜିଆ = ଭୁଂଜିଆ ଅର୍ଥ ଏମାନେ ଭୂମିରୁ ଜନ୍ମ ହୋଇଛନ୍ତି ଓ ଶେଷରେ ଭୂମି ଭିତରେ ମିଶି ଯାନ୍ତି । ତେଣୁ ମୃତ୍ୟୁ ପରେ କୌଣସି ଲୋକର ଶବକୁ ପୋଡ଼ି ଦିଆ ନ ଯାଇ ଶବକୁ ମାଟିରେ ପୋତି ଦିଅନ୍ତି । Russel ଓ Hiralalଙ୍କ ମତ ଅନୁସାରେ ଭୁଂଜିଆମାନେ ହଲୁଆ ଓ ଗୌଁଡ଼୍‌ରୁ ଜନ୍ମ । ସୁନାଦୀ ଦେବୀଙ୍କ କାହାଣୀରୁ ମଧ୍ୟ ଜଣାପଡ଼େ ଯେ ଭୁଂଜିଆମାନେ ଗୌଁଡ଼୍ ଜାତିରୁ ସୃଷ୍ଟି ହୋଇଛନ୍ତି । ସବୁ ଭୁଂଜିଆମାନଙ୍କର ଦୁଇଟି ବର୍ଗ ଥାଏ । ଯଥା ମରକାମ ଓ ନେତାମ୍ । ଗୌଁଡ଼୍‌ମାନଙ୍କର ଆଠଟି ବର୍ଗ ଭିତରୁ ମରକାମ୍ ଓ ନେତାମ୍ ଦୁଇଟି ବର୍ଗ । ଗୌଁଡ଼୍ ଜାତିରୁ ଏମାନେ ସୃଷ୍ଟି ହୋଇଥିବାରୁ ଗୌଁଡ଼୍‌ମାନଙ୍କର ଦୁଇଟି ବର୍ଗକୁ ନିଜର ବର୍ଗ ବୋଲି ମାନି ନେଇଛନ୍ତି । ମରକାମ୍‌ମାନେ ହେଲେ ସୂର୍ଯ୍ୟ ବଂଶି ଓ ନେତାମ୍‌ମାନେ ହେଲେ ନିଜି ବଂଶି । ମରକାମ୍‌ମାନେ କଇଁଛ ଖାଆନ୍ତି, କିନ୍ତୁ ନେତାମ୍‌ମାନେ କଇଁଛ ଦେଖିଲେ ପୂଜା କରନ୍ତି ।

ଚୋକ୍‌ଟିଆ ଭୁଂଜିଆମାନଙ୍କର ମରକାମ୍ ବର୍ଗ ହେଲେ - ମାଝୀ (ବଡ଼ ମାଝୀ, ପାଟ ମାଝୀ, କୁଅଁରକାରୀ ମାଝୀ), ପୂଜାରୀ, ମଲ୍ଲିକ, ସୋସେଙ୍ଗିଆ, ଭୋଏ, ଝାଁକର, ପୋଟିଆ, ସୁଆର୍ ।

ନେତାମ୍ ବର୍ଗ ହେଲେ - ବର୍ଗେ, ଛତ୍ରୀଆ, ଦଣ୍ଡସେନା, ସରମତ୍, ବାରିକ୍ ଦଳେଇ, ନାଏକ୍, ଦିସୋରୀ, ଉମର ଗଡ଼ିଆ, ଧରୁଆ ।

ଚିନ୍ଦା ଭୁଂଜିଆମାନେ ହେଲେ - ବାବ୍‌ବୀରିଆ ପୂଜାରୀ, ଦେଦରିଆ ପୂଜାରୀ, କୋଟିଆ ପୂଜାରୀ (କୋଟ୍‌ଗାଁର ପୂଜାରୀ) ଖଇନିଆ ଝାଁକର, ରୋଜନିଆ ଝାଁକର, ରୋଜନିଆ ଝାଁକର, ଅର୍ଜୁନିଆ ଝାଁକର, କୋଟାମଲିଆ ଝାଁକର, ଅରମଲିଆ ପୋଟା, ବଇଜଲ୍ ପୁରିଆ ମାଝୀ, ବେଟ୍‌କାର୍, ଦିସୋରୀ, ପିତାପନିଆ ନାଏକ୍, ପାଥର, ରେଇ୍, ଡୋଙ୍ଗରିଆ, କୁହୁଲି ମୁଡ଼ିଆ, ଝାଁକର, ଦେବଢିଆ ଝାଁକର, ଡଣା ମୁଡ଼ିଆ ମାଝୀ, ଗଡ଼ିଆ । ଖୋଲାରଝିଆ ଭୁଂଜିଆମାନେ ହେଲେ - ଆୟାରୁଖିଆ, କେନ୍ଦୁ ବହିଆ, କୁଅଁରକାରୀ, ପାତି, ପୂଜାରୀ ।

ଚୋକଟିଆ ଭୁଂଜିଆମାନେ ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ଉପତ୍ୟକା ଓ

ମଧ୍ୟ ପ୍ରଦେଶର ରାୟପୁର ଜିଲ୍ଲାର ଗରିଆବନ୍ଧ ଓ ଦେଭୋଗ୍ ସବ୍ ଡିଭିଜନରେ ବସବାସ କରନ୍ତି ।

## ଲୋକ ସଂଖ୍ୟା

ସୁନାବେଡ଼ା ଉପତ୍ୟକାରେ କେବଳ ଚୋକଟିଆ ଭୁଂଜିଆମାନେ ବସବାସ କରନ୍ତି । ଏହି ଉପତ୍ୟକାରେ ୪୯୫ ଭୁଂଜିଆ ପରିବାର ବସବାସ କରନ୍ତି । କେତୋଟି ପରିବାରକୁ ନେଇ ଗୋଟିଏ ଗୋଟିଏ ଗ୍ରାମ ହୋଇଛି । ଚୋକଟିଆ ଭୁଂଜିଆମାନଙ୍କ ସହିତ ଗ୍ରାମମାନଙ୍କରେ ଅନ୍ୟ ଜାତିର ଲୋକମାନେ ମଧ୍ୟ ଅଛନ୍ତି ହେଲେ ସବୁଠାରୁ ସଂଖ୍ୟାଗରିଷ୍ଠ ହେଲେ ଚୋକଟିଆ ଭୁଂଜିଆମାନେ । ଏହି ଉପତ୍ୟକାରେ ଛୋଟବଡ଼ ହୋଇ ତେର (୧୩)ଟି ଗ୍ରାମରେ ଏମାନେ ଅଛନ୍ତି । ଗ୍ରାମଗୁଡ଼ିକ ହେଲା - ସୁନାବେଡ଼ା, ସନବାହାଲି, ଗଡ଼ଭଟା, ଚିନ୍‌ମୁଡ଼ି, ଶାଳେପଡ଼ା, ଜୁନାପାନି, ଥାଲିପାନି, କୁଟ୍‌ରାବେଡ଼ା, ଜାମ୍‌ଗାଁ, ଜଳମଡ଼େଇ, ଭାଓସିଲ୍, କୋକେଡ଼ ଏବଂ ଶିବନାରାୟଣ ପୁର । ଏହି ଗ୍ରାମ ମାନଙ୍କରେ ଚୋକ୍‌ଟିଆ ଭୁଜିଆମାନଙ୍କର ପରିବାର ସଂଖ୍ୟା ଓ ଲୋକ ସଂଖ୍ୟା ନିମ୍ନ ପ୍ରକାରେ ଅଛି ।

| ଗ୍ରାମର ନାମ | ପରିବାର ସଂଖ୍ୟା | ପୁରୁଷ | ସ୍ତ୍ରୀ | ମୋଟ |
|---|---|---|---|---|
| ସୁନାବେଡ଼ା | ୧୨୮ | ୨୫୭ | ୨୫୪ | ୫୧୧ |
| ଗଡ଼ଭଟା | ୪୯ | ୯୯ | ୯୮ | ୧୯୭ |
| ସନ୍‌ବାହାଲି | ୨୧ | ୪୫ | ୪୪ | ୮୯ |
| ଛିନ୍‌ମୁଡ଼ି | ୨୭ | ୪୯ | ୫୨ | ୧୦୧ |
| ଶାଳେପଡ଼ା | ୩୭ | ୯୦ | ୯୩ | ୧୮୩ |
| ଜୁନାପାନି | ୩୭ | ୭୮ | ୮୧ | ୧୫୯ |
| ଥାଲିପାନି | ୭ | ୧୯ | ୧୭ | ୩୬ |
| କୁଟ୍‌ରାବେଡ଼ା | ୩୦ | ୬୫ | ୬୪ | ୧୨୯ |
| ଜାମ୍‌ଗାଁ | ୨୬ | ୬୫ | ୫୯ | ୧୨୪ |
| ଜଳମଡେଇ | ୧୬ | ୩୪ | ୩୫ | ୬୯ |
| ଭାଓସିଲ୍ | ୪୩ | ୭୫ | ୭୯ | ୧୫୪ |
| କୋକେଡ଼ | ୩୪ | ୭୦ | ୭୧ | ୧୪୧ |
| ଶିବନାରାୟଣ ପୁର | ୪୦ | ୮୦ | ୮୧ | ୧୬୧ |
| ମୋଟ୍ | ୪୯୫ | ୧୦୨୬ | ୧୦୨୮ | ୨୦୫୪ |

ଚୋକ୍‌ଟିଆ ଭୁଂଜିଆ ସଂପ୍ରଦାୟରେ ସାକ୍ଷରତା ହାର ବହୁତ କମ୍ । ସାଧାରଣତଃ ସମସ୍ତେ ଚାଷ କାର୍ଯ୍ୟ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ମନ ଦିଅନ୍ତି । ତେଣୁ ଶିକ୍ଷା ପ୍ରତି ଏମାନଙ୍କର ଆଗ୍ରହ କମ୍ । ଝିଅ ପିଲାମାନେ ଜାଣାବରା ସରିବା ପରେ ଘରୁ ପଦାକୁ ବାହାରନ୍ତି ନାହିଁ । ତେଣୁ ଏଠାରେ ମହିଳା ସାକ୍ଷରତା ହାର ସବୁଠାରୁ କମ୍ । ମୋଟ୍ ଲୋକ ସଂଖ୍ୟାକୁ ଅନୁମାନ କଲେ ଜଣାପଡ଼େ ପୁରୁଷ ସଂଖ୍ୟାରୁ ସ୍ତ୍ରୀ ସଂଖ୍ୟା ଅଧିକ ।

ଏହି ତେରଟି ଗ୍ରାମରେ ଚୋକ୍‌ଟିଆ ଭୁଂଜିଆମାନଙ୍କ ବ୍ୟତୀତ ଅନ୍ୟ ଜାତିର ଲୋକମାନେ ମଧ୍ୟ ରହନ୍ତି, କିନ୍ତୁ ଏମାନଙ୍କ ସଂଖ୍ୟା କମ୍ ।

## ସାମାଜିକ ରୀତି ନୀତି

ଚୋକ୍‌ଟିଆ ଭୁଂଜିଆମାନେ ସାରା ପୃଥିବୀକୁ "ଭେ-ବହନୀ-ରେଜ" (ଭାଇ,ଭଉଣୀର ରାଜ୍ୟ) ବୋଲି କହନ୍ତି । ଏମାନେ ଶହ ଶହ ବର୍ଷ ଧରି ନିଜର ରୀତିନୀତି ଓ ସଂସ୍କୃତିକୁ ଧରି ଚଳି ଆସୁଛନ୍ତି । ଏମାନଙ୍କର ରୀତିନୀତି ଓ ଅନ୍ୟ ଭୁଂଜିଆମାନଙ୍କର ରୀତିନୀତିରେ ବହୁତ ପାର୍ଥକ୍ୟ ଦେଖାଯାଏ ।

ଚୋକଟିଆ ଭୁଂଜିଆ ସଂପ୍ରଦାୟର ବିବାହିତା ସ୍ତ୍ରୀ ଲୋକମାନେ ଧଳା ଶାଢ଼ି ପିନ୍ଧନ୍ତି । ଧଳା ଶାଢ଼ି ବ୍ୟତୀତ ଅନ୍ୟ ଶାଢ଼ି ପିନ୍ଧନ୍ତି ନାହିଁ । କିନ୍ତୁ ଅନ୍ୟ ସଂପ୍ରଦାୟର ସ୍ତ୍ରୀଲୋକମାନେ ବିଧବା ହେଲେ କେବଳ ଧଳା ଶାଢ଼ି ପିନ୍ଧନ୍ତି । କାରଣ ସୁନାଦୀ ଦେବୀ ବୁଢ଼ାରାଜା ଦେବତାଙ୍କ ଠାରୁ ଅପମାନ୍ ପାଇଲେ । ବୁଢ଼ାରାଜା ଦେବତା ସୁନାଦୀ ଦେବୀଙ୍କୁ ସୁନାବେଡ଼ା ଅଞ୍ଚଳରେ ସୁନାର ଫସଲ ଅମଳ କରେଇବା ପାଇଁ କହିଲେ । ସୁନାଦୀ ଦେବୀ ସୁନାବେଡ଼ା ଉପତ୍ୟକାରେ ସୁନାର ଫସଲ ଅମଳ କରେଇବା ପାଇଁ ତପସ୍ୟା କଲେ । ସୁନାଦୀ ଦେବୀ ଗୋଟିଏ ଧଳାଶାଢ଼ି ପିନ୍ଧି ମାଟି ତଳେ ପଶି ଗୋଟିଏ ସ୍ଥାନରେ ଶାନ୍ତ ମନରେ ବସି ତପସ୍ୟା କରୁଥିଲେ । ସୁନାଦୀ ଦେବୀ ଶାନ୍ତ ମନରେ ବସି ନିଷ୍ଠାର ସହିତ ତପସ୍ୟା କରିବା ଅନୁସାରେ ଚୋକଟିଆ ଭୁଂଜିଆ ସଂପ୍ରଦାୟର ସ୍ତ୍ରୀଲୋକମାନେ ସୁନାଦୀ ଦେବୀଙ୍କ ପରି ଶାନ୍ତ ମନରେ ରହିବା ପାଇଁ ଏବଂ ନିଷ୍ଠାର ସହିତ ନିଜର କାର୍ଯ୍ୟମାନ କରିବା ପାଇଁ ସୁନାଦୀ ଦେବୀଙ୍କୁ ଅନୁସରଣ କରନ୍ତି ଏବଂ ଧଳାଶାଢ଼ି ପିନ୍ଧନ୍ତି । ଏହି ସଂପ୍ରଦାୟର ସ୍ତ୍ରୀଲୋକମାନେ ସାୟା ଏବଂ ବ୍ଲାଉଜ୍ ବ୍ୟବହାର କରନ୍ତି ନାହିଁ । ଯେଉଁ ସ୍ତ୍ରୀଲୋକମାନେ ସାୟା ଏବଂ ବ୍ଲାଉଜ୍ ବ୍ୟବହାର କରନ୍ତି ସେହି ପରିବାରକୁ ଏହି ସମାଜର ଲୋକମାନେ ନିଜର ଜାତିରୁ ବାସନ୍ଦ କରି ଦିଅନ୍ତି । ସମାଜର କୌଣସି ଶୁଭ କାର୍ଯ୍ୟରେ ବାସନ୍ଦ ପରିବାରକୁ ନିମନ୍ତ୍ରଣ କରନ୍ତି ନାହିଁ । କିନ୍ତୁ ଚିନ୍ଦା ଭୁଂଜିଆ

ଓ ଖୋଲାରଝିଆ ଭୁଂଜିଆ ସଂପ୍ରଦାୟର ସ୍ତ୍ରୀଲୋକମାନେ ବିଭିନ୍ନ ରଙ୍ଗ ବେରଙ୍ଗର ସାଢ଼ି ସହିତ ଶାୟା ଓ ବ୍ଲାଉଜ୍ ବ୍ୟବହାର କରନ୍ତି ।

ଏହି ସଂପ୍ରଦାୟର ପୁରୁଷ, ସ୍ତ୍ରୀ ବା ପୁଅ ଝିଅମାନେ କେହି ମଧ୍ୟ ଖଟରେ ଶୁଅନ୍ତି ନାହିଁ । ତେଣୁ କାହାରି ଘରେ ମଧ୍ୟ ଗୋଟିଏ ଖଟ ଥିବାର ଦେଖାଯାଏ ନାହିଁ । ଏମାନେ ସମସ୍ତେ ଭୂଇଁ ଉପରେ ବାଉଁଶରେ ତିଆରି ପଟି ପକାଇ ତା ଉପରେ ଚାଦର ବିଛାଇ ଶୁଅନ୍ତି ।

ଚୋକଟିଆ ଭୁଂଜିଆମାନଙ୍କର ଘର ତିଆରି ପ୍ରଣାଳି ମଧ୍ୟ ଅନ୍ୟ ପ୍ରକାରର । ପ୍ରତ୍ୟେକ ପରିବାରରେ ତିନୋଟି ଘର ତିଆରି କରନ୍ତି । ଗୋଟିଏ ଘର ଶୋଇବା, ବସାଉଠା କରିବା, ଜିନିଷ ପତ୍ର ରଖିବା ପାଇଁ, ଅନ୍ୟଟି ରୋଷେଇ ପାଇଁ ଏବଂ ଆଉ ଗୋଟିଏ ଗାଈ ବଳଦ ରଖିବା ପାଇଁ । ଏମାନଙ୍କର ପ୍ରତ୍ୟେକ ଘର ମାଟିରେ ତିଆରି । ଏମାନେ ଯେଉଁ ଘରେ ଶୁଅନ୍ତି, ଜିନିଷ ସବୁ ରଖନ୍ତି ସେହି ଘରକୁ, ଧଳା ରଙ୍ଗର ଛୁଇଁ ମାଟିକୁ ପାଣିରେ ମିଶାଇ ଘରକୁ ଧଳା ରଙ୍ଗ କରନ୍ତି । ପ୍ରତ୍ୟେକ ଘରର ଛାତ ନଡ଼ା ଛପର ହୋଇଥାଏ । ଏହି ଶୋଇବା ଘରକୁ ଏମାନଙ୍କ ଭାଷାରେ "ଝଂଝରି ମାହାର" ବୋଲି କହନ୍ତି । ପ୍ରତ୍ୟେକ ଶୋଇବା ଘରର ୬/୭ ମିଟର ଦୂରରେ ଏମାନେ ନିଜର ରୋଷେଇ ଘର ତିଆରି କରନ୍ତି । ରୋଷେଇ ଘର ମଧ୍ୟ ମାଟିରେ ତିଆରି ଓ ଛାତ ନଡ଼ା ଛପର ହୋଇଥାଏ । ଏହି ଘରକୁ ଲାଲ୍ ରଙ୍ଗ ଦେଇ ଲାଲ୍ କରିଥାନ୍ତି । ତେଣୁ ଏହି ଘରକୁ "ଲାଲବଙ୍ଗଲା" କହନ୍ତି । ଲାଲ୍ ବଙ୍ଗଳା ହେଲା ଏମାନଙ୍କର ରୋଷେଇ ଘର । ଏହି ଲାଲ ବଙ୍ଗଲାରେ ଏମାନେ ରୋଷେଇ କରନ୍ତି ହେଲେ ସେହି ଘର ଭିତରେ ଖାଆନ୍ତି ନାହିଁ । ଲାଲ୍ ବଙ୍ଗଲାକୁ ଅଇଁଠା କରନ୍ତି ନାହିଁ । କାରଣ ଏହି ଲାଲ୍ ବଙ୍ଗଲାରେ ସେମାନଙ୍କର ଦେବାଦେବୀ ରହନ୍ତି । ତେଣୁ ଲାଲ୍ ବଙ୍ଗଲାକୁ "ଦେବତା ଘର" ବୋଲି କହନ୍ତି । ଲାଲ୍ ବଙ୍ଗଲା ଭିତରେ ଖାଇଲେ ତାହା ଅପବିତ୍ର ହୋଇଯାଏ । ଏପରିକି ଏମାନେ ଲାଲ୍ ବଙ୍ଗଲାକୁ ଅନ୍ୟ ଜାତିର ଲୋକଙ୍କୁ ସ୍ପର୍ଶ କରାଇ ଦିଅନ୍ତି ନାହିଁ । ଅନ୍ୟ ଜାତିର ଲୋକ ଲାଲ ବଙ୍ଗଲାକୁ ଛୁଇଁ ଦେଲେ ସେମାନେ ସାଙ୍ଗେ ସାଙ୍ଗେ ଲାଲ୍ ବଙ୍ଗଲାକୁ ପୋଡ଼ି ଦିଅନ୍ତି ଏବଂ ପୁଣି ଗୋଟିଏ ନୂଆ ଲାଲ୍ ବଙ୍ଗଲା ତିଆରି କରନ୍ତି । ନିଜ ଘରେଥିବା ଝିଅକୁ ଅନ୍ୟତ୍ର ବିବାହ ଦେଇସାରିବା ପରେ ସେ ନିଜର ବାପା ଘରକୁ କେବେ ଆସିଲେ, ବାପା ଘରର ଲାଲ ବଙ୍ଗଲାକୁ ଛୁଇଁ ପାରେ ନାହିଁ । ଯଦି ସେ ଛୁଇଁ ଦିଏ ତା'ହେଲେ ସେମାନେ ଲାଲ୍ ବଙ୍ଗଲାକୁ ପୋଡ଼ି ଦିଅନ୍ତି ଓ ନୂତନ ଲାଲ୍ ବଙ୍ଗଲା ତିଆରି କରନ୍ତି । ତେଣୁ ବାପା ଘରକୁ ବିବାହିତା ଝିଅ ଆସିଲେ, ସେହି ଝିଅ ପାଇଁ ବାପା ଘରୁ ଡାଲି,

ଚାଉଳ, ପନିପରିବା ଏବଂ ରୋଷେଇ କରିବା ହାଣ୍ଡି ଦିଅନ୍ତି । ଝିଅ ନିଜର ସୁବିଧା ଅନୁସାରେ ରୋଷେଇ କରି ଖାଏ । ଝିଅ ଯିବା ପରେ, ସେ ରାନ୍ଧିଥିବା ହାଣ୍ଡିକୁ ନିଜର ଲାଲ୍ ବଙ୍ଗଲା ଭିତରେ ରଖନ୍ତି ନାହିଁ । ତାକୁ ଭାଙ୍ଗି ଦିଅନ୍ତି । ତେଣୁ ରୋଷେଇ କରିବା ପାଇଁ ବିଶେଷ୍ କରି ମାଟି ହାଣ୍ଡି ବ୍ୟବହାର କରନ୍ତି । ବିବାହିତା ଝିଅକୁ, ନିଜର ବାପା ଘରର ଲାଲ୍ ବଙ୍ଗଲାକୁ ସ୍ପର୍ଶ କରାଇ ଦିଅନ୍ତି ନାହିଁ । କାରଣ ଝିଅର ବିବାହ ସମୟରେ ଲଗ୍ନ ଦେବା ପୂର୍ବରୁ ଝିଅକୁ ସେହି ଲାଲ୍ ବଙ୍ଗଲା ଭିତରେ ରଖା ଯାଇଥାଏ । ଯେତେବେଳେ ଲଗ୍ନ ଦିଆଯାଏ ସେତେବେଳେ ଝିଅର ବଡ଼ ଭାଇ ଝିଅକୁ ଲାଲ୍ ବଙ୍ଗଲା ଭିତରୁ ବାହାର କରି ବର ପକ୍ଷର ଲୋକମାନେ ଥିବା ସ୍ଥାନକୁ ନେଇ ବରପିଲା ସହିତ ଲଗ୍ନ ଦିଅନ୍ତି । ଅର୍ଥାତ୍ ଲଗ୍ନ ଦେଇ ସାରିବା ପରେ ବରପିଲା ଯଦି ମରକାମ୍ ବର୍ଗର ହୋଇଥାଏ ତା ହେଲେ ଝିଅ (ନେତାମ୍ ବର୍ଗର) ମଧ୍ୟ ମରକାମ୍ ବର୍ଗର ହୋଇଯାଏ । ଏହି ସଂପ୍ରଦାୟର ସ୍ତ୍ରୀଲୋକମାନେ ମାସିକ ଋତୁ ସମୟରେ ରୋଷେଇ ଘର ବା ଲାଲ୍ ବଙ୍ଗଲା ଓ ଗାଈ ଗୁହାଳ ମଧ୍ୟକୁ ସାତ ଦିନ ପାଇଁ ପ୍ରବେଶ କରି ପାରନ୍ତି ନାହିଁ । କାରଣ ଏହି ଦୁଇଟି ସ୍ଥାନ ହେଲା ଏମାନଙ୍କର ପବିତ୍ର ସ୍ଥାନ । ଚିନ୍ଧା ଭୁଂଜିଆ ଏବଂ ଖୋଲାରଝିଆ ଭୁଂଜିଆମାନଙ୍କର ଏସବୁ ପ୍ରଥା ନ ଥାଏ । ବିବାହିତା ଝିଅ ନିଜର ବାପା ଘରକୁ ଆସିଲେ ନିଜେ ରୋଷେଇ ଘରୁ ଖାଦ୍ୟ ଆଣି ଖାଇପାରେ । କାରଣ ଏମାନେ ଯେଉଁ ଘରେ ଶୁଅନ୍ତି ସେହି ଘରେ ରୋଷେଇ କରନ୍ତି ।

ଏହି ସଂପ୍ରଦାୟରେ ଘରର ସ୍ତ୍ରୀଲୋକ ଛୁଆ ଜନ୍ମ କଲେ, ପ୍ରସୂତୀ ସ୍ତ୍ରୀ ଦୁଇ ଅଢ଼େଇ ମାସ ଯାଏଁ ଲାଲ୍ ବଙ୍ଗଲାକୁ ପ୍ରବେଶ କରିପାରେ ନାହିଁ । ଜନ୍ମିତ ଶିଶୁର ନାଭି ପଡ଼ିବା ଦିନଠାରୁ ଛଅ ସପ୍ତାହ ଯାଏଁ, ଛଅ ଥର କପଡ଼ ଛାର ବସାଇବା (ଘରର ବ୍ୟବହାର କପଡ଼ାମାନଙ୍କୁ, ଗୋଟିଏ ବଡ଼ ମାଟିହାଣ୍ଡିରେ ପାଣି ଓ ପାଉଁଶକୁ ମିଶାଇ ସେହି ପାଉଁଶ ପାଣିରେ ସବୁ କପଡ଼ା ସଫା କରାଯାଏ) ପରେ ସେହି ପ୍ରସୂତୀ ସ୍ତ୍ରୀ ଲାଲ୍ ବଙ୍ଗଲା ଭିତରକୁ ପ୍ରବେଶ କରିପାରେ । କୌଣସି ଲୋକଙ୍କ ଘରେ କେହି ମୃତ୍ୟୁବରଣ କଲେ ସେହି ପରିବାରର ଲୋକମାନେ କେହି ମଧ୍ୟ ଲାଲ୍ ବଙ୍ଗଲାକୁ ତିନି ଦିନ ପାଇଁ ପଶନ୍ତି ନାହିଁ । ଅନ୍ୟ ଭୁଂଜିଆମାନଙ୍କର ଏସବୁ ପ୍ରଥା ନଥାଏ । ଏମାନେ ଦଶ ଦିନରେ ଦଶାହ କାମ କରୁଥିବା ବେଳେ ଚୋକଟିଆ ଭୁଂଜିଆମାନେ ତିନି ଦିନରେ ଦଶାହକାମ କରନ୍ତି ।

ଚୋକଟିଆ ଭୁଂଜିଆ ସଂପ୍ରଦାୟରେ ପ୍ରତ୍ୟେକ ଲୋକଙ୍କ ଶୋଇବା, ଜିନିଷପତ୍ର ରଖିବା ଘରକୁ ଲାଗି ଗୋଟିଏ ଗୋଟିଏ ବଡ଼ ପିଣ୍ଡା (ବାରଣ୍ଡା) ଥାଏ । ଅନ୍ୟ

ସଂପ୍ରଦାୟର ଲୋକ କେହି ଆସିଲେ ସେହି ବାରଣ୍ଡାରେ ବସନ୍ତି । ଏହି ଘରକୁ ଲାଗି ବା କିଛି ଦୂରରେ ଏମାନେ ଗାଈ ଗୁହାଳ ତିଆରି କରିଥାନ୍ତି । ପ୍ରତ୍ୟେକ ଲୋକଙ୍କ ଘର ଚାରିପଟେ ପାଚେରୀ ସଦୃଶ ବଡ଼ ବଡ଼ କାଠମାନଙ୍କୁ ପୋତି ପାଚେରୀ କରିଥାନ୍ତି ।

ଏହି ସଂପ୍ରଦାୟର ଲୋକମାନେ ବହୁତ ନିତୀନିୟମ ମାନି ଚଳନ୍ତି । କୌଣସି ନିତୀନିୟମରେ ଉଲଙ୍ଘନ ହେଲେ ସେମାନଙ୍କର କୌଣସି ନା କୌଣସି ଅନିଷ୍ଟ ହୁଏ । ସୁନାଦୀ ଦେବୀ ଏମାନଙ୍କ ପ୍ରତି କ୍ରୁଦ୍ଧ ହୋଇଯାନ୍ତି ବୋଲି ଏମାନଙ୍କର ବିଶ୍ୱାସ । ଏହି ସଂପ୍ରଦାୟର ସ୍ତ୍ରୀଲୋକମାନେ କେହି ଉଷୁନା ଚାଉଳର ଭାତ ଖାଆନ୍ତି ନାହିଁ । ଯେଉଁ ସ୍ତ୍ରୀଲୋକମାନେ ଉଷୁନା ଚାଉଳର ଭାତ ଖାଇବାକୁ ଚାହାନ୍ତି ତାହେଲେ ସେମାନେ ନିଜେ ଘରେ ହାଣ୍ଡିରେ ଧାନ ଉଷାନ୍ତି । ତା'ପରେ ସେହି ଧାନକୁ ଶୁଖାଇ ନିଜେ ଘରେ ଢିଙ୍କିରେ ପାହାରୁନ୍ ଦ୍ୱାରା କୁଟି ଧାନରୁ ଚାଉଳ କରି ସେହି ଚାଉଳକୁ ଖାନ୍ତି । ଧାନ କୁଟା କଳରେ ଧାନ କୁଟାଇ ଏମାନେ ଖାଆନ୍ତି ନାହିଁ । କାରଣ ଧାନକୁଟା କଳରେ ଅନ୍ୟ ଜାତିର ଲୋକମାନେ ଧାନ କୁଟାଇଥାନ୍ତି । ଅନ୍ୟ ଜାତିର ଲୋକଙ୍କ ଚାଉଳ ସହିତ ସେମାନଙ୍କର ଚାଉଳ ମିଶିଗଲେ ଏବଂ ସେହି ଚାଉଳକୁ ଯଦି ଲାଲ୍ ବଙ୍ଗଲା ଭିତରେ ରୋଷେଇ କଲେ ଲାଲ୍ ବଙ୍ଗଲା ଅପବିତ୍ର ହୋଇଯାଏ । ତେଣୁ ପ୍ରତ୍ୟେକ ଚୋକଟିଆ ଭୁଂଜିଆ ପରିବାରରେ ରୋଷେଇ ଘର ପାଖରେ କିମ୍ବା ଅନ୍ୟ ସ୍ଥାନରେ ଗୋଟିଏ ଢିଙ୍କି ଥାଏ ଏବଂ କୁଟେନ୍‌ଶାଳ ଥାଏ । ଚୋକଟିଆ ଭୁଂଜିଆମାନଙ୍କର ଏହି ପ୍ରକାର ସଂସ୍କୃତିକୁ "ରୋଷେଇ ଘର" ସଂସ୍କୃତି ବା "ଲାଲ୍ ବଙ୍ଗଲା ସଂସ୍କୃତି"★ କହନ୍ତି । ଚିନ୍ଦା ଭୁଂଜିଆ ଓ ଖୋଲାରଝିଆ ଭୁଂଜିଆ ଲୋକମାନେ (ପୁରୁଷ ଓ ସ୍ତ୍ରୀ) ଦୋକାନରୁ ମଧ୍ୟ ଉଷୁନା ଚାଉଳ କିଣିଆଣି ରୋଷେଇକରି ଖାଆନ୍ତି । ଏମାନେ କହନ୍ତି ସୁନାଦୀ ଦେବୀ ତାଙ୍କର ପୂର୍ବ ପୁରୁଷମାନଙ୍କୁ କହିଥିଲେ, ସମସ୍ତେ ଘର ତିଆରି କରିବ ହେଲେ ଘରର ଛାତ ନଡ଼ା ଛପର କରିବ, ଘରେ କେହି ଖଟରେ ଶୋଇବ ନାହିଁ, ନିଜେ ହାତରେ ଧାନକୁଟି ଖାଇବ । ସୁନାଦୀ ଦେବୀଙ୍କ କଥା ଅନୁସାରେ ଏମାନେ ସୁନାଦୀ ଦେବୀଙ୍କୁ ମାନି ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଯାହା କହିଥିଲେ ଏମାନେ ତାହା ପାଳନ କରି ଆସୁଛନ୍ତି ।

ଚୋକଟିଆ ଭୁଂଜିଆ ସଂପ୍ରଦାୟର ଲୋକମାନେ ବେଶୀ ଚା ପ୍ରିୟ । ଜଣେ ଜଣେ ଲୋକ କିଛି ଖାଦ୍ୟ ନ ଖାଇ କେବଳ ଚା ପିଇ ଦୁଇ ତିନି ଦିନ ରହିଯାନ୍ତି । ଜଣେ ଜଣେ ଲୋକ ଦିନକୁ କୋଡ଼ିଏ ବାଇଶ୍ ଥର ଚା ପିଇ ପାରିବେ । ଏହି ସଂପ୍ରଦାୟର ଲୋକମାନେ, ଛେଳି, ମେଣ୍ଢା, କୁକୁଡ଼ା ମାଂସ ଖାଇଥାନ୍ତି, କିନ୍ତୁ ଘୁଷୁରୀ, ମଇଁଷି ଗୋମାଂସ ଖାଆନ୍ତି ନାହିଁ ।

★Basu Debasish - Vanyajati. Vol-XLVI-Oct.1998

ତୋକଟିଆ ଭୁଂଜିଆ ସଂପ୍ରଦାୟର ଲୋକମାନେ ସମସ୍ତ ଭୁଂଜିଆମାନଙ୍କ ଠାରୁ ଉଚ୍ଚ ବୋଲି କହନ୍ତି । ଏମାନେ ଅନ୍ୟ ଭୁଂଜିଆମାନଙ୍କ ଘରେ ପାଣି ମଧ୍ୟ ପିଅନ୍ତି ନାହିଁ । ସାଧାରଣତଃ ଖୋଲାରଝିଆ ଭୁଂଜିଆ ଓ ଚିନ୍ଦା ଭୁଂଜିଆ ମାନେ ପାହାଡ଼ ତଳେ, ରାସ୍ତାକଡ଼ ଗ୍ରାମମାନଙ୍କରେ ଓ ବଡ଼ ବଡ଼ ଗ୍ରାମମାନଙ୍କରେ ରହି ଆସୁଛନ୍ତି । ତେଣୁ ଏମାନେ ସହରୀ ସଭ୍ୟତା ସହିତ ରହି ରହି ଧୀରେ ଧୀରେ ନିଜର ସଂସ୍କୃତି ତଥା ରୀତି ନୀତିରେ ପରିବର୍ତ୍ତନ କରି ଆସୁଥିବାର ଲକ୍ଷ୍ୟ କରାଯାଏ ।

ତୋକଟିଆ ଭୁଂଜିଆ ସଂପ୍ରଦାୟର ସ୍ତ୍ରୀଲୋକମାନେ ପ୍ରାୟ ୪୦ ବର୍ଷ ବୟସରେ ବୃଦ୍ଧା ହୋଇଯାନ୍ତି ଏବଂ ସେମାନଙ୍କର ଗର୍ଭଧାରଣ ଶକ୍ତି ପ୍ରାୟ ଲୋପ ପାଇଯିବାର ଦେଖାଯାଏ । ଏହି ସଂପ୍ରଦାୟର ଝିଅମାନେ କମ୍ ବର୍ଷ ବୟସରେ ଯୌବନ ପ୍ରାପ୍ତି କରିଥାନ୍ତି ଏବଂ କମ୍ ବର୍ଷ ବୟସରେ ବିବାହ କରିଥାନ୍ତି । କୌଣସି ଝିଅ ଯୌବନ ପ୍ରାପ୍ତିର ତିନି/ଚାରି ବର୍ଷ ପରେ ବିବାହ କରେ । ତେଣୁ ଏମାନଙ୍କର ଗର୍ଭଧାରଣ ଶକ୍ତି ଶୀଘ୍ର ଲୋପ ପାଇଯାଏ ବୋଲି ବିଶ୍ୱାସ କରାଯାଏ । ପୁଣି ଦେଖାଯାଏ ଯେ ଏହି ସଂପ୍ରଦାୟର ସ୍ତ୍ରୀଲୋକମାନେ ବାଇଶ୍/ଚବିଶ୍ ବର୍ଷ ବୟସରେ ପାଞ୍ଚ/ଛଅଟି ଶିଶୁର ମା ହୋଇ ସାରିଥାନ୍ତି ତାଛଡ଼ା ସ୍ତ୍ରୀ ଲୋକମାନେ କଠିଣ ପରିଶ୍ରମୀ ହୋଇଥିବାରୁ ଏମାନଙ୍କ ପ୍ରଜନନ ଶକ୍ତି ଶିଘ୍ର ଲୋପ ପାଇଯାଇଥିବାର ବିଶ୍ୱାସ କରାଯାଏ ।

**ଜୀବିକା**

ତୋକଟିଆ ଭୁଂଜିଆ ସଂପ୍ରଦାୟର ଲୋକମାନେ ବେଶୀ ପରିଶ୍ରମୀ । ଏମାନେ ସାଧାରଣତଃ ଚାଷ ଉପରେ ଏବଂ ବଣ୍ୟଜାତ ଦ୍ରବ୍ୟ ଉପରେ ବିଶେଷ କରି ନିର୍ଭର କରି ଚଳନ୍ତି । ଏହି ସଂପ୍ରଦାୟର ଲୋକମାନଙ୍କ ପାଖରେ ବହୁତ କମ୍ ଜମି ଅଛି । ଜମିମାନଙ୍କରେ ଧାନ, ଶୁଆଁ, ଗୁରଜି, ମାଣ୍ଡିଆ ଚାଷ କରନ୍ତି । ଶୁଆଁ, ଗୁରୁଜି ଓ ମାଣ୍ଡିଆକୁ ପାଣିରେ ସିଝାନ୍ତି । ଏହା ସହିତ ଲୁଣ ଓ ଗୁଡ଼ ମଧ୍ୟ ମିଶାନ୍ତି । ମୋଟା ତୋରାଣି ପରି ହୋଇ ଯିବା ପରେ ତାକୁ ଏମାନେ ଖାଆନ୍ତି । ଏସବୁ ଚାଷ ସରିଯିବା ପରେ ଜମିମାନଙ୍କରେ ମୁଗ, ବିରି, କୋଥଲ, ଚେପ୍ଟା ଚଣା, ଏସବୁ ଚାଷ କରନ୍ତି । ଏସବୁ ଡାଲି ରାନ୍ଧି ଖାଆନ୍ତି । ବଳକା ଜିନିଷକୁ ବଜାରରେ ବିକ୍ରି କରନ୍ତି । ଏହିସବୁ ଫସଲ ବ୍ୟତୀତ ସ୍ଥାନେ ସ୍ଥାନେ ଆଖୁ ଚାଷ ମଧ୍ୟ କରାଯାଏ । ଆଖୁରୁ ଗୁଡ଼ ବାହାର କରି ବିକ୍ରି କରି ପେଟ ପୋଷନ୍ତି । ଏହି ଅଞ୍ଚଳର ତୋକଟିଆ ଭୁଂଜିଆ ସଂପ୍ରଦାୟର ଲୋକମାନେ ଦିନ ମଜୁରୀ କରି ମଧ୍ୟ ପେଟ ପୋଷନ୍ତି । ଏହି ସଂପ୍ରଦାୟର ଅନେକ ଲୋକ ଚାଷ କାମ କରି ମାତ୍ର ଚାରି ପାଞ୍ଚ ମାସ ଗୁଜୁରାଣ ମେଣ୍ଟାଇ ଥାନ୍ତି ।

ଚାଷ କାମ ସରିଯିବା ପରେ ଏମାନେ ବଣ୍ୟଜାତ ଦ୍ରବ୍ୟ ସଂଗ୍ରହ କରି ଏମାନଙ୍କର ଗୁଜୁରାଣ ମେଣ୍ଟାନ୍ତି । ବଣ ଜଙ୍ଗଲରୁ ଏମାନେ ମହୁଲ, ଚାହାଁର, ଟୋଲ, କେନ୍ଦୁ, ଡୁମେର୍, ହରିଡ଼ା, ବାହାଡ଼ା, ଅଁଳା, ବଣତୁଳସୀ ସଂଗ୍ରହ କରନ୍ତି । ମହୁଲକୁ ଶୁଖାଇ ଏମାନେ ବଜାରକୁ ନେଇ ବିକ୍ରି କରନ୍ତି । ମହୁଲରୁ ମଦ ତିଆରି କରାଯାଏ । ମହୁଲକୁ ହାଣ୍ଡିରେ ସିଝାଇ ସେଥିରେ କମ୍ ଗୁଡ଼ ଦେଇ ମହୁଲ ଚେପ୍ନା କରନ୍ତି । ଏହାକୁ ଖାଆନ୍ତି । ଚାହାଁରକୁ ଏମାନେ ଖାଆନ୍ତି । ଚାହାଁର ଖାଇବାକୁ ମିଠା ଲାଗେ ଚାହାଁରର ଉପର ଅଂଶକୁ ଖାଇ ତାର ମଞ୍ଜିକୁ ଗୋଟାଇ ଏକତ୍ର କରନ୍ତି ଓ ଚାହାଁର ମଞ୍ଜିକୁ ଖରାରେ ଶୁଖାନ୍ତି । ମଞ୍ଜି ଶୁଖି ଯିବା ପରେ ସେହି ମଞ୍ଜିକୁ ପଥରରେ ଚୋପାଯାଏ ଏବଂ ତା ଭିତରୁ ଚିରଞ୍ଜି ମଞ୍ଜି ବାହାର କରନ୍ତି । ଚିରଞ୍ଜି ମଞ୍ଜି ବେଶୀ ଦାମିକା ଅଟେ, ଏହାକୁ ବିକ୍ରି କରନ୍ତି । ଟୋଲକୁ ଏମାନେ ସଂଗ୍ରହ କରନ୍ତି । ଟୋଲ ଗୋଟିଏ ପ୍ରକାର ଫଳ । ଏହାର ଉପର ଛାଲିକୁ ଛଡ଼େଇ ଦିଅନ୍ତି । ଟୋଲ୍‌ର ଛାଲିକୁ ତରକାରୀ କରି ଖାଆନ୍ତି । ଟୋଲର ମଞ୍ଜିକୁ ଶୁଖାନ୍ତି । ଟୋଲ ମଞ୍ଜି ଶୁଖି ଯିବା ପରେ ସେହି ମଞ୍ଜିରୁ ଗୋଟିଏ ପ୍ରକାର ତେଲ ବାହାର କରନ୍ତି । ସେହି ତେଲକୁ ଟୋଲ ତେଲ କହନ୍ତି । ଟୋଲ ତେଲ, ପାମ୍‌ତେଲ ପରି ଅଟେ । ଟୋଲତେଲକୁ ଏମାନେ ରୋଷେଇ କରିବା ପାଇଁ ବ୍ୟବହାର କରନ୍ତି । ଟୋଲ ମଞ୍ଜିକୁ ବିକ୍ରି ମଧ୍ୟ କରାଯାଏ । କେନ୍ଦୁ ଗୋଟିଏ ଫଳ । ଏହା ଖାଇବାକୁ ମିଠା ଲାଗେ । ଡୁମେର ମଧ୍ୟ ଖାଇବାକୁ ମିଠା ଲାଗେ । ଏମାନେ କେନ୍ଦୁ, ଡୁମେର ସଂଗ୍ରହ କରି ପାଖ ବଜାରମାନଙ୍କରେ ବିକ୍ରି କରନ୍ତି । ହରିଡ଼ା, ବାହାଡ଼ା, ଅଁଳା, ବଣତୁଳସୀ ମଞ୍ଜି ସଂଗ୍ରହ କରି ଶୁଖାନ୍ତି । ଶୁଖି ଗଲା ପରେ ଏସବୁ ବିକ୍ରି କରନ୍ତି ।


ବଣ ଜଙ୍ଗଲରୁ ଏମାନେ ବିଭିନ୍ନ ପ୍ରକାର କନ୍ଦମୂଳ ସଂଗ୍ରହ କରନ୍ତି । ବଣ ଜଙ୍ଗଲରୁ ଭାତ୍ କନ୍ଦା, ପିଟ୍ କନ୍ଦା, ତିଖୁର୍ କନ୍ଦା ଏସବୁ ସଂଗ୍ରହ କରନ୍ତି । ଭାତ୍ କନ୍ଦା, ପିଟ୍ କନ୍ଦାକୁ ସିଝେଇ ଖାଆନ୍ତି । ତିଖୁର୍ କନ୍ଦାକୁ ଆଣି ପାଣିରେ ଘୋରି ଘୋରି ଗୁଣ୍ଡ କରନ୍ତି । ତାପରେ ସେହି ପାଣି ଓ ଗୁଣ୍ଡକୁ ମିଶାଇ ଖରାରେ ଶୁଖାନ୍ତି । ପାଣିସବୁ ବାଷ୍ପ ହୋଇଯିବା ପରେ ସେହି ଗୁଣ୍ଡ ଜମାଟ ବାନ୍ଧି ରହିଯାଏ । ତାକୁ ଗୁଣ୍ଡକରି ବିକ୍ରି କରନ୍ତି । ଏହାକୁ ତିଖୁର୍ (ପାଲୁଅ, Arrowroot) କହନ୍ତି । ଏହା ବେଶୀ ଦାମିକା ଅଟେ । ଏହାକୁ ପାଣିରେ ମିଶାଇ ଚିନି ପକାଇ ନିଆଁରେ ବସାଇ ଘଣ୍ଟାଯାଏ । ତାପରେ ଏହାକୁ ଥଣ୍ଡା କରି ଦିଅନ୍ତି । ଥଣ୍ଡା ହୋଇଗଲା ପରେ ଖାଆନ୍ତି । ଏହା ପେଟକୁ ଥଣ୍ଡା ରଖେ । ଏହାର ଗୁଣ୍ଡକୁ ପାଣିରେ ଚିନି ସହିତ ମିଶାଇ ଖରା ଦିନରେ ସରବତ୍ କରି ପିଅନ୍ତି ।

ବଣ ଜଙ୍ଗଲରୁ ବିଭିନ୍ନ ଗଛର ପତ୍ର ସଂଗ୍ରହ କରନ୍ତି । କେନ୍ଦୁ ପତ୍ର, ଶାଳ ପତ୍ର, ସିଆଳି ପତ୍ର ଏସବୁ ସଂଗ୍ରହ କରନ୍ତି । କେନ୍ଦୁ ପତ୍ର ସଂଗ୍ରହ କରି ଶୁଖାନ୍ତି । କେନ୍ଦୁପତ୍ର ଶୁଖିଯିବା ପରେ ତାକୁ ବିଡ଼ି ତିଆରି କରାଯାଏ । ଏହି ଅଞ୍ଚଳରେ ବିଡ଼ିକୁ ପିକା ବୋଲି କହନ୍ତି । ବିଡ଼ି ଛୋଟ ଥାଏ ଏବଂ ପିକା ବଡ଼ ଥାଏ । ପିକା ତିଆରି କରି ସମସ୍ତେ ବ୍ୟବହାର କରନ୍ତି । ଶାଳପତ୍ର ଏବଂ ସିଆଳି ପତ୍ରକୁ ଘରେ ଛପର ପାଇଁ ଲଗାନ୍ତି । ସିଆଳି ପତ୍ରରେ ଏମାନେ ଖଲି (ପତ୍ରର ଥାଳି) ଓ ଦନା (ଚଉପଦି) ତିଆରି କରି ବଜାର ମାନଙ୍କରେ ବିକ୍ରି କରନ୍ତି । ବଣରୁ ବାଉଁଶ ସଂଗ୍ରହ କରନ୍ତି । ବାଉଁଶକୁ ବିକ୍ରି କରନ୍ତି । କଷି ବାଉଁଶ କାଟି ଘରକୁ ଆଣନ୍ତି । କଷି ବାଉଁଶକୁ ଛୋଟ ଛୋଟ କରି ବିକ୍ରି କରନ୍ତି । ଏହାକୁ ''କରଡ଼ି'' କହନ୍ତି । କରଡ଼ିକୁ ତରକାରୀ କରି ଖାଆନ୍ତି । କରଡ଼ି ଶୁଖିଗଲା ପରେ ତାକୁ ଢିଙ୍କିରେ ପକାଇ ପାହାରୁନ୍ ଦ୍ୱାରା ଶୁଖିଲା କରଡ଼ିକୁ ଗୁଣ୍ଡ କରନ୍ତି । ଏହାକୁ ''ହେଣୁଆ'' କହନ୍ତି । ହେଣୁଆକୁ ଟମାଟୋ ଖଟାରେ ମିଶାନ୍ତି । ପୋଡ଼ା ମାଛ ସହିତ ମିଶାଇ ତରକାରୀ କରନ୍ତି । ହେଣୁଆକୁ ବିକ୍ରି କରନ୍ତି ।


ଏସବୁ ବ୍ୟତୀତ ବଣ ଜଙ୍ଗଲରୁ ମହୁ ଫେଣାରୁ ମହୁ ସଂଗ୍ରହ କରନ୍ତି । ମହୁ ବେଶୀ ପରିମାଣରେ ସଂଗ୍ରହ ହେବା ପରେ ତାକୁ ବିକ୍ରି କରନ୍ତି । ମହୁ ଗୋଟିଏ ମୂଲ୍ୟବାନ ପଦାର୍ଥ; କିନ୍ତୁ ଏମାନେ ବହୁତ କମ୍ ଦାମ୍‌ରେ ଦୋକାନମାନଙ୍କରେ ବିକ୍ରି କରନ୍ତି । ଦୋକାନ ମାନଙ୍କରେ ମହୁ ଦେଇ ଦୋକାନରୁ ତେଲ, ଲୁଣ, ଚିନି, ଚା ବିଭିନ୍ନ ବ୍ୟବହାର ଜିନିଷ ନିଅନ୍ତି ।

ଏହା ବ୍ୟତୀତ ଚୋକଟିଆ ଭୁଞ୍ଜିଆ ସଂପ୍ରଦାୟରେ ବିଭିନ୍ନ ପଶୁ, ପକ୍ଷୀ ପାଳନ କରନ୍ତି । ଏମାନେ ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା, ଶୁଆ, କୁକୁଡ଼ା, ପାରା ପାଳନ କରନ୍ତି । ଏସବୁ ବଡ଼ ହୋଇଯିବା ପରେ ବିକ୍ରି କରି ଦିଅନ୍ତି ।


ହଲିଆ ପ୍ରଥା ବର୍ତ୍ତମାନ ମଧ୍ୟ ଏଠାରେ ଦେଖାଯାଏ । ଏହି ସଂପ୍ରଦାୟର କେତେକ ଲୋକ, ଅନ୍ୟ ମହାଜନ ଲୋକଙ୍କ ପାଖରେ ହଲିଆ ରହନ୍ତି । ମହାଜନ ବର୍ଷକୁ ଏମାନଙ୍କୁ କେତେ ପୁଟି ଧାନ ଦିଅନ୍ତି । ଏହାଛଡ଼ା କେତେକ ଲୋକ ଜଙ୍ଗଲରୁ ଖର ସଂଗ୍ରହ କରନ୍ତି । ଖରକୁ ଏକାଠି କରି ଝାଡୁ ତିଆରି କରି ବିକ୍ରି କରନ୍ତି । କେତେକ ଲୋକ ବାଉଁଶ ସଂଗ୍ରହ କରି ବାଉଁଶକୁ ଶୁଖାଇ ଛୋଟ ଛୋଟ ପାତିଆ କରି କାଟନ୍ତି । ତାପରେ ସେହି ବାଉଁଶ ପାତିଆରେ ଛୋଟ ବଡ଼ ଟୋପା (ଟୋକେଇ), ପରଲା, ଚୁରକି, କୁଲା ଏସବୁ ତିଆରି କରନ୍ତି ଏବଂ ବଜାରରେ ବିକ୍ରି କରନ୍ତି ।




ସୁନାଦୀ ଦେବୀଙ୍କ ମନ୍ଦିର



ଛିନ୍ ମୁଢି ଗ୍ରାମର ଗୀଚ୍‌କାରେନ ଓ ସାଥୀ ତାଙ୍କ ଲାଲ୍ ବଙ୍ଗଳା (ରୋଷେଇ ଘର) ପାଖରେ



ଭୁଂଇିଆ ମହିଳା ତାଙ୍କ ପିଲାଙ୍କ ସହିତ



ଭୁଂଇିଆ ଘର

# ଦ୍ୱିତୀୟ ଅଧ୍ୟାୟ
# ସାମାଜିକ ଚଳଣି

## ଜନ୍ମ ବିଧି

ଚୋକ୍‌ଟିଆ ଭୁଂଜିଆ ସଂପ୍ରଦାୟର ଲୋକମାନେ ତାଙ୍କ ପରିବାରର କୌଣସି ମହିଳା ଗର୍ଭବତୀ ହେଲେ ଏହା ଏକ ଶୁଭ ବୋଲି ଭାବନ୍ତି । ଗର୍ଭବତୀ ମହିଳାକୁ ଗ୍ରାମରେ ଥିବା ସଂପର୍କୀୟ ଲୋକମାନେ ଘରକୁ ଡାକି ପିଠାପଣା କରି ଖାଇବାକୁ ଦିଅନ୍ତି । ଗର୍ଭବତୀ ମହିଳା ଘରେ ଯାହା ଖାଇବାକୁ ଚାହେଁ ତାହା ତାକୁ ଦିଆଯାଇଥାଏ । ଗର୍ଭବତୀ ମହିଳାକୁ ଛଅ ମାସ ହେବା ପରେ ସେ ସେହି ଗ୍ରାମରୁ ଅନ୍ୟ ଗ୍ରାମକୁ ଯାଇପାରେ ନାହିଁ । ଗ୍ରାମର ମଶାଣିପଦା ସ୍ଥାନକୁ ଯିବା ଏମାନଙ୍କ ପାଇଁ ମନା । ଛୁଆ ଜନ୍ମ ହେବା ସମୟରେ ନିଜ ପରିବାରର ଜଣେ ଦୁଇ ଜଣ ସ୍ତ୍ରୀଲୋକ ଓ ଗାଁର ଜଣେ ସିଆନ ବୁଢ଼ୀ ଗର୍ଭବତୀ ମହିଳା ପାଖରେ ରହି ଛୁଆ ଜନ୍ମ କରାଇଥାନ୍ତି ।

ଛୁଆ ଜନ୍ମ ହେବା ପରେ ଉଭୟ ପୁରୁଷ ଏବଂ ସ୍ତ୍ରୀ ଛୁଆ ପାଖରେ ରହନ୍ତି । ସ୍ତ୍ରୀ ଘରୁ ବାହାରେ ନାହିଁ । ସେ ଗାଧିବା ପାଇଁ ପୋଖରୀ ବା ନଦୀକୁ ମଧ୍ୟ ଯାଇପାରେ ନାହିଁ । ଘରର ବାରିପଟେ ଅନ୍ୟ ଜଣେ ପାଣି ଆଣି ଦେଲେ ଗାଧେଇ ଥାଏ । ତାଙ୍କ ଘରର ଲାଲ୍ ବଙ୍ଗଲା (ରୋଷେଇ ଘର)କୁ ଉଭୟ ପୁରୁଷ ଓ ସ୍ତ୍ରୀ କେହି ଛୁଇଁ ପାରନ୍ତି ନାହିଁ । ସେ ଦୁଇଜଣ କୂଅରୁ ପାଣି ମଧ୍ୟ କାଢ଼ି ପାରନ୍ତି ନାହିଁ । ଗର୍ଭବତୀ ମହିଳାର ପୂର୍ବରୁ ଯଦି ପିଲା ଛୁଆ ଅଛନ୍ତି ତା ହେଲେ ସେମାନେ ମଧ୍ୟ ମାକୁ ଏବଂ ବାପାକୁ ସାତ ଦିନ ପାଇଁ ଛୁଇଁ ପାରିବେ ନାହିଁ । ସାତ ଦିନରେ ଘରର ସବୁଆଡ଼େ ଲିପା ପୋଛା କରାଯାଏ । ଲାଲ୍ ବଙ୍ଗଳାରେ ନୂଆ ଲାଲ୍ ରତା ମାଟି ପୋତା ଯାଏ । ପୁରୁଣା ଉଷୁନା ଚାଉଳ ଯଦି ଜନ୍ମ ପୂର୍ବରୁ ଲାଲ୍ ବଙ୍ଗଲାରେ ରଖାଯାଇ ଥାଏ ତାହେଲେ ତାହା ମଧ୍ୟ କେହି ଖାଆନ୍ତି ନାହିଁ ।

ଛଅ ଦିନ ପରେ ସାତ ଦିନରେ ବନ୍ଧୁ ଘରର ଲୋକମାନେ ଆସନ୍ତି । ଭୁଂଜିଆ ସଂପ୍ରଦାୟରେ ଛୁଆ ଜନ୍ମ ହୋଇ ସାତ ଦିନରେ ଷଠି କରନ୍ତି । ବନ୍ଧୁ ଘରୁ ଆସିଥିବା ଜଣେ ଲୋକ ଜନ୍ମିତ ଛୁଆକୁ ନିଜେ ଧରି ଲଣ୍ଡା କରେ । ଲଣ୍ଡା କରିବା ସମୟରେ ପାଖରେ ତିନିଟି ଦନା ରଖାଯାଇଥାଏ । ଗୋଟିଏ ଦନାରେ ଖିଅର କରିବା ପାଇଁ ପାଣି, ଆଉ ଗୋଟିଏ ଦନାରେ ଶିଶୁର ନାଭି ଓ ଅନ୍ୟ ଦନାରେ କଟାଯାଇ ଥିବା ଚୁଟି ରଖାଯାଏ । ଶିଶୁ ଯେଉଁ ଘରେ ଜନ୍ମ ହୋଇଥାଏ ସେହି ଘର ସାମ୍ନାରେ

ଦୁଇ ଫୁଟ ଗଭୀର ଓ ଏକ ଫୁଟ୍ ଓସାରର ଗୋଟିଏ ଗାତ ଖୋଳାଯାଏ । ସେହି ଗାତରେ ତିନୋଟି ଦନାକୁ ତଳ ଉପର ରଖି ସେହି ଗାତରେ ପୋତାଯାଏ । ତଳ ଦନାରେ ନାଭି, ମଝି ଦନାରେ ବାଳ ଓ ଉପର ଦନାରେ ପାଣି ରଖାଯାଏ । ଯଦି ଦନା ରଖିବା ଅଦଳ ବଦଳ ହୋଇଯାଏ ତାହେଲେ ଶିଶୁ ଯାହା ଖାଏ ତାହା ସାଙ୍ଗେ ସାଙ୍ଗେ ବାନ୍ତି ହୋଇଯାଏ । ଶିଶୁର ଚୁଟି କାଟି ସାରିବା ପରେ ଘରର ସମସ୍ତେ ତେଲ ହଳଦୀ ଲଗାଇ ଗାଧାନ୍ତି । ବନ୍ଧୁ ଘରୁ ଆସିଥିବା ଲୋକମାନେ ଏମାନଙ୍କୁ ଗୋରସ ଓ ପାଣି ଦିଅନ୍ତି । ସେହି ଗୋରସ ଓ ପାଣିକୁ ସେମାନେ ପିଅନ୍ତି ଓ ମୁଣ୍ଡରେ ଦେଇ ପବିତ୍ର ହୁଅନ୍ତି । ମାଁ, ଛୁଆକୁ ଗୋଧାନ୍ତି । ଘରର ସମସ୍ତେ କପଡ଼ା କଚାଯାଏ । ଗୋଟିଏ ମାଟି ହାଣ୍ଡିରେ କପଡ଼ାକୁ ଛାର ପାଣିରେ ଶିଝାଯାଏ ଓ ସେହି କପଡ଼ା କଚାଯାଏ । ଏହି ଯେଉଁ ଛାର ବସାଯାଏ ତାହା ଗାଁର ବାହାରେ ପୋଖରୀ ବା ନଦୀ ପାଖରେ ଚୁଲି ଗୋଟିଏ ତିଆରି କରି ସେହି ଚୁଲି(ଚୁଲି)ରେ ବସାଯାଏ । ପ୍ରସୂତୀ ସ୍ତ୍ରୀ ଛାର ବସାଇ ଥାଏ । ସେହି ଦିନ ପ୍ରସୂତୀ ସ୍ତ୍ରୀ ଗାଧୋଇ ସାରି ପୋଖରୀ ତୁଠରେ ଥିବା ଛାର ବସା ଚୁଲି ପାଖକୁ ଆସେ । ସେଠାରେ କପଡ଼ା ସିଝା ହୋଇଥିବା ମାଟି ହାଣ୍ଡିକୁ ଧରି ସେହି ଚୁଲିର ଚାରି ପଟେ ସାତ ଥର ଘୁରେ ଓ ସେହି ହାଣ୍ଡିକୁ ସେଠାରେ ଭଙ୍ଗାଇ ଦେଇ ଏକ ମୁହାଁ ହୋଇ ନିଜ ଘରକୁ ଆସେ । ଘରକୁ ଫେରି ସେ ବନ୍ଧୁ ଲୋକଙ୍କ ପାଖରୁ ଗୋରସ ଓ ପାଣି ନେଇ ପବିତ୍ର ହୁଏ ଏବଂ ନୂଆ ଲୁଗା ପିନ୍ଧେ । ବନ୍ଧୁ ଘରୁ ଆସିଥିବା ଜଣେ ଅବିବାହିତ ପୁରୁଷ ସେଠାରେ ଭାତ, ଡାଲି, ତରକାରୀ ରୋଷେଇ କରେ । ସେହି ଘରର ଜଣେ ବୁଢ଼ୀ ଭାତ ଏକ ଦନା, ତରକାରୀ ଏକଦନା ଓ ଡାଲି ଏକ ଦନା ପାଣି ଗୋଟିଏ ଗଡୁ ଧରି ଗ୍ରାମର ବାହାରକୁ ଛୋଟ ଛୋଟ ପିଲାମାନଙ୍କୁ ଧରି ଯାଏ ଏବଂ ସେଠାରେ ସେହି ଭାତ, ଡାଲି, ତରକାରୀକୁ ସେହି ଛୋଟ ଛୋଟ ପିଲାମାନଙ୍କୁ ଭୋଗ ଦେଇଥାଏ ।

ଘରେ ଗୋଟିଏ ଦନା ଧାନ ଉପରେ ଗୋଟିଏ ଦୀପ ଜଳାଯାଏ ଏବଂ ସେହିଠାରେ ସେହି ଶିଶୁକୁ ଧରି ପ୍ରସୂତୀ ସ୍ତ୍ରୀ ବସେ । ସଂପର୍କୀୟ ମହିଳାମାନେ ସେହି ଶିଶୁକୁ ସେଠାରେ ସେକନ୍ତି । ପୁଅ ହୋଇଥିଲେ ଗୋଟିଏ ନୂଆ ଧୋତିରେ ଏବଂ ଝିଅ ହୋଇଥିଲେ ଗୋଟିଏ ନୂଆ ଶାଢ଼ିରେ; ଶିଶୁର ପିଉସୀ (ନନା) ଧରି ଲାଇ ବଙ୍ଗଳାର ଦୁଆରେ ଧରି ବସେ । ବନ୍ଧୁ ଘରୁ ଆସିଥିବା ପୁରୁଷ ଲୋକମାନେ ଏବଂ ନିଜ ଘରର ପୁରୁଷ ଲୋକମାନେ ଗୋରସ ଓ ପାଣିରେ ସେହି ନବଜାତ ଶିଶୁର ଗୋଡ଼କୁ ଧୋଇ ତାକୁ ଆଶିର୍ବାଦ କରନ୍ତି । ସମସ୍ତେ ଆଶୀର୍ବାଦ ଦେଇ ସାରିବା ପରେ ଶିଶୁର ବାପା ସେହି ଶିଶୁକୁ ଧରି ଲାଇ ବଙ୍ଗଳା ଭିତରକୁ ଯାଏ ।

ସେଠାରେ ଶିଶୁକୁ ପୂର୍ବ ମୁଣ୍ଡ ଓ ପଶ୍ଚିମ ଗୋଡ଼ କରି କିଛି ସମୟ ଶୁଆଇ ଦିଏ ଏବଂ କହେ "ଦେଖ୍ ଇଟା ଖାଲି ଘର, ତୁଇ କେନ୍ ଡଙ୍ଗା ଆସିଛୁ, ଇ ଘର୍‌କେ ପୂରେଇ ଦେ, ଲାଖ୍ ଭରି ଜୀଉଁ, ଛେଚି କରି ଦାତୁନ କର୍, ମାଡ଼୍‌ଲା ଇଷା ଫୁଟୁ" ଏବଂ ଆଶୀର୍ବାଦ ଦିଏ । ଶିଶୁର ବାପା ଶିଶୁକୁ ଧରି ଲାଲ୍ ବଙ୍ଗଳାରୁ ପଦାକୁ ବାହାରେ ଏବଂ ସମସ୍ତ ଲୋକମାନଙ୍କୁ ପ୍ରଣାମ କରେ । ସମସ୍ତେ ଆଶୀର୍ବାଦ କରନ୍ତି ।

ଏହି ସପ୍ତମ ଦିନ ସଂଧ୍ୟାରେ ଜଣେ ଲୋକ ଗୋଟିଏ ଦନାରେ ଭାତ, ଡାଲି, ତରକାରୀ ଏବଂ ପୁଅ ହୋଇଥିଲେ ଗୋଟିଏ ଧନୁଶର ଓ ଝିଅ ହୋଇଥିଲେ ଗୋଟିଏ ଧାନ କୁଟା ପାହାରୁନ୍ ଏବଂ ଗୋଟିଏ ଖପ୍‌ରାରେ ନିଆଁ ଧରି ଗାଁ ଶେଷ ମୁଣ୍ଡକୁ ଯାଏ । (ଯେଉଁଠାରେ ପ୍ରଥମେ ଭାତ, ଡାଲି ତରକରୀ ପିଲାମାନଙ୍କୁ ଭୋଗ ଦିଆଯାଇଥିଲା) ଗାଁ ମୁଣ୍ଡକୁ ଯିବା ସମୟରେ ସେହି ନିଆଁ ଖପ୍‌ରାରେ ଲୁଣ, ଏବଂ କେନ୍ଦୁଛିଲ୍‌ପା ପକା ଯାଇଥାଏ ଏବଂ ତାହା ଫୁଟି ଫୁଟି ଯାଏ । ସେହି ଫୁଟିବା ସମୟରେ ସବୁ ଜିନିଷ ଧରିଥିବା ଲୋକ ନବଜାତ ଶିଶୁର ରୋଗ, ଦୁଃଖ ନାଶନ ପାଇଁ କହି କହି ଯାଏ । ଧରିଥିବା ସବୁ ଜିନିଷକୁ ଗ୍ରାମର ଶେଷ ମୁଣ୍ଡରେ ରଖି ଦିଆଯାଏ । ଏହିପରି ପୁଅ ହେଲେ ଧନୁର ଶର ଏବଂ ଝିଅହେଲେ ଧାନ ପାଛୁଡ଼ିବା କୁଲା ଓ ଧାନ କୁଟିବା ପାହାରୁନ୍ ଗ୍ରାମ ଶେଷ ମୁଣ୍ଡରେ ରଖାଯାଏ ।

**ବରେହୀ**

ଛୁଆ ଜନ୍ମ ହେବାର ବାର ଦିନରେ ବରେହୀ କରାଯାଏ । ଏହି ବାର ଦିନରେ ପ୍ରସୂତୀ ସ୍ତ୍ରୀ କେବଳ ଝାଡ଼ୁ କରି ପାରିଥାଏ । ବାର ଦିନ ପରେ ମଧ୍ୟ ପ୍ରସୂତୀ ସ୍ତ୍ରୀ ଘର ଲିପାପୋଛା କରିବା ମନା, ଗାଈ ଗୁହାଳରୁ ଗୋବର ଫିକିବା ମନା । ଯେଉଁ ଦିନ ବରେହୀ କାମ ସରେ ସେହି ଦିନ ସେ ଲାଲ୍ ବଙ୍ଗଳା ପଶି ପାରେ, ରନ୍ଧା ହାଣ୍ଡି ମଧ୍ୟ ଛୁଇଁ ପାରେ । ଯେଉଁ ଦିନ ବାର ଦିନ ହେଲା (ମନେ କର ରବିବାର) ସେହି ଦିନ ସେହି ପ୍ରସୂତୀ ସ୍ତ୍ରୀ ପୁଣି ଛାର ବସାଏ ଏବଂ ସମସ୍ତ କପଡ଼ା ସଫାକରେ । ଗାଁ ବାହାରେ ସଫା କରି ସାରିବା ପରେ ପୁଣି ସେହି ଚୁଲି ଚାରିପଟରେ ସଫା କରା ଯାଇଥିବା ହାଣ୍ଡିକୁ ଧରି ସାତ ଥର ବୁଲେ ଏବଂ ସଫା କରାଯାଇଥିବା ମାଟି ହାଣ୍ଡିକୁ ସେଠାରେ ଭାଙ୍ଗି ଦେଇ ଏକ ମୁହାଁ ହୋଇ ଘରକୁ ଫେରି ଆସେ । ଏହିପରି ଛଅ ସପ୍ତାହରେ ଛଅ ଥର ଠିକ୍ ସେଇବାର ଦିନ କପଡ଼ା କଚାଯାଏ ଏବଂ ପୂର୍ବ ପରି ଚୁଲି ଚାରିପଟେ ସାତ ଥର ଘୁରି ହାଣ୍ଡି ଭାଙ୍ଗି ପ୍ରସୂତୀ ସ୍ତ୍ରୀ ଘରକୁ ଫେରେ । ଏହିପରି ଛଅ ଥର କପଡ଼ା ବସା ସରିବା ପରେ ପ୍ରସବ ସ୍ତ୍ରୀ ନିଜ ଘରର ଲାଲ୍ ବଙ୍ଗଳା ଭିତରକୁ ଯାଏ । ସେହି ଦିନ ଲାଲ୍ ବଙ୍ଗଳାରେ ନୂଆ

ହାଣ୍ଡିରେ ଭାତ, ଡାଲି, ତରକରୀ ନିଜେ ରୋଷେଇ କରେ । ସେହି, ଭାତ, ଡାଲି, ତରକାରୀ ସେଦିନ ସମସ୍ତେ ଖାଆନ୍ତି । ଭୋଜି ହୋଇଥାଏ । ଏପରି ଭାବରେ ଭୁଂଜିଆ ସଂପ୍ରଦାୟରେ ଗୋଟିଏ ଶିଶୁ ଜନ୍ମ ହେଲେ ଦୁଇ ମାସ ପାଖାପାଖି ପ୍ରସୂତୀ ସ୍ତ୍ରୀ ଛୁଆଁରେ ଥାଏ । ପ୍ରସୂତୀ ସ୍ତ୍ରୀ ଲାଲ୍ ବଙ୍ଗଳା ପଶିପାରେ ନାହିଁ । କାରଣ ସେହି ଲାଲ୍ ବଙ୍ଗଳାରେ ଦେବା ଦେବୀ ରହନ୍ତି । ପ୍ରସୂତୀ ସ୍ତ୍ରୀ ଯଦି ବରେହୀ ନ ସରିବା ପୂର୍ବରୁ କୌଣସି କାରଣରୁ ଲାଲ୍ ବଙ୍ଗଳାକୁ ଛୁଇଁ ହୋଇଗଲା ତାହେଲେ ସେହି ଲାଲ୍ ବଙ୍ଗଳାକୁ ପୋଡ଼ି ଦିଆଯାଏ ଏବଂ ନୂଆ ଲାଲ ବଙ୍ଗଳା ତିଆରି କରାଯାଏ । ଏହି ସବୁ ନୀତି ନିୟମ କେବଳ ଚୋକଟିଆ ଭୁଂଜିଆ ସଂପ୍ରଦାୟରେ ଦେଖାଯାଏ । ଅନ୍ୟ ଭୁଂଜିଆ ସଂପ୍ରଦାୟରେ ଲାଲ ବଙ୍ଗଳା ନଥିାଏ । ଯେଉଁ ଘରେ ଶୁଅନ୍ତି ସେହି ଘରେ ଦେବାଦେବୀ ଥାନ୍ତି ଏବଂ ରୋଷେଇ ଘର ମଧ୍ୟ ଲାଗିଥାଏ ତେଣୁ ଏସବୁ ବାରଣ ନଥାଏ ।

**କଣାବରା**

ଭୁଂଜିଆ ସଂପ୍ରଦାୟରେ ଝିଅମାନଙ୍କୁ ଦଶରୁ ବାର/ତେର ବର୍ଷ ମଧ୍ୟରେ କଣାବରା କରାଯାଏ । କର୍ମ (ଯୌବନ ପ୍ରାପ୍ତି) ହେବା ପୂର୍ବରୁ କଣାବରା କରାଯାଏ । କର୍ମ ହେବା ପରେ ଝିଅକୁ କଣାବରା କରାଯାଏ ନାହିଁ । ସେହି ଝିଅ ଆଉ ବିବାହ ହୁଏ ନାହିଁ । ସେ ଜୀବନସାରା କୁଆଁରୀ ରହେ । ତେଣୁ ଭୁଂଜିଆ ସଂପ୍ରଦାୟରେ ଝିଅକୁ କଣାବରା କରାଯାଏ ।

କଣାବରା ପୂର୍ବରୁ ଝିଅର ବାପା ଯୋଗ ତିଥି ଦେଖାଇ କଣାବରା ପାଇଁ ସବୁ ଠିକ୍ କରେ । କଣାବରା ପୂର୍ବରୁ ନିଜର ସଂପର୍କୀୟ ଲୋକମାନଙ୍କୁ ଘରକୁ ଡାକନ୍ତି । କଣାବରାର ପୂର୍ବ ଦିନ ବା ଦୁଇ ଦିନ ପୂର୍ବରୁ ଝିଅର ବାପା ନିଜ ଲୋକଙ୍କୁ ଡକାଇ ବା ନିଜେ ମଧ୍ୟ ଯାଇ ଜଙ୍ଗଲରୁ ମୋଡ଼ୋ ତିଆରି ପାଇଁ ଡାଳ, ଆଣନ୍ତି ଏବଂ କଣାବରା ପାଇଁ ମୋଡ଼ୋ ତିଆରି କରନ୍ତି । ପ୍ରଥମ ଦିନ ରାତିରେ ଗୀତ ଗାଇ ଦେବାଦେବୀ ଆବାହନ କରନ୍ତି । ପ୍ରଥମ ଦିନ ଝିଅର ଭାଟୋ (ଭେଣେଇ) ସାତଟି ଅରୁଆ ଚାଉଳ ଏବଂ ଦୀପ ଧୂପ ଧରି ଜଙ୍ଗଲକୁ ଯାଏ । ଜଙ୍ଗଲରେ ଗୋଟିଏ ଅଫଳନ୍ତି ମହୁଲ ଗଛ ଖୋଜି ତାକୁ ପୂଜା କରି ସେହି ଗଛ ଉପରେ ଚାଉଳ ପକାନ୍ତି । ସେହି ମହୁଲ ଗଛର ଗୋଟିଏ କାନ୍ଧି ହାଣି ଧରି ଘରକୁ ଫେରନ୍ତି । ଘରେ ସେହି କାନ୍ଧିକୁ କାଟି ଗୋଟିଏ ଛୋଟ ପାହାରୁନ୍ (ଯେଉଁଥିରେ ଘରେ ଘରେ ଢିଙ୍କିରେ ଧାନ କୁଟାଯାଏ) ତିଆରି କରନ୍ତି । ମଝି ଦୁଆରରେ ଗୋଟିଏ ଗାତ ଖୋଳାଯାଏ ଏବଂ ସେହି ଗାତରେ ସେହି ପାହାରୁନ୍‌କୁ ପୂର୍ବ ପଶ୍ଚିମ କରି ପୋତାଯାଏ । କଣାବରା

ଦିନ ସକାଳେ ଝିଅର ମାଁ ଗାଧୋଇ ପାଣି ଧରି ଆସେ ସେ ଆଗରୁ କୁଟି ଗୁଣ୍ଡ କରାଯାଇ ଥିବା ହଳଦୀକୁ ସେହି ପାଣିରେ ମିଶାଯାଏ । ପ୍ରଥମେ ଝିଅର ମାଁ ଏବଂ ଅନ୍ୟ ଆଠ ଦଶ ଜଣ ସ୍ତ୍ରୀଲୋକ ମିଶି ବଜା ସହିତ ଗ୍ରାମର ଦେବତା ଗୁଡ଼ି ଯାନ୍ତି । ଦେବତା ଗୁଡ଼ିରେ ଝାଁକର ପ୍ରଥମେ ତେଲ ଓ ପରେ ହଳଦୀକୁ ଦେବୀଙ୍କ ପାଖରେ ଚଢ଼ାନ୍ତି ଓ ଦେବୀଙ୍କୁ ମଧ୍ୟ ଟିକେ ମଖାଇ ଦିଅନ୍ତି । ଦେବୀଙ୍କୁ ମଖା ଯାଇଥିବା ତେଲ ଓ ହଳଦୀରୁ ଟିକେ ଧରି ଝିଅର ମାଁ ଓ ଅନ୍ୟମାନେ ଘରକୁ ଫେରନ୍ତି । ଘରେ ଅଣାଯାଇଥିବା ତେଲ ହଳଦୀ ସହିତ ଘରେ ଥିବା ତେଲ ହଳଦୀ ମିଶାଇ ମଡୁଆ (ମୋଡ଼ୋ)ରେ ରଖାଯାଏ । ମଡୁଆର ମଝିରେ ଗୋଟିଏ ବଡ଼କେଡ଼ା (ମହୁଲ ଗଛର ଗୋଟିଏ କାଣ୍ଡି) ପୋତା ଯାଇଥାଏ । ମଡୁଆ ମଝିରେ ଇଗ୍‌ନିଆ ବସନ୍ତି । ଝିଅର ମାଁ ସେଠାରେ ଝିଅକୁ ନିଜେ କୋଳରେ ଧରି ବସନ୍ତି । କଣାବରା ହେଉଥିବା ଝିଅ ନୂଆ ଲୁଗା ପିନ୍ଧିଥାଏ । ଇଗ୍‌ନିଆ ଝିଅକୁ ଗୋଟିଏ ମୁକୁଟ ପିନ୍ଧାନ୍ତି । ସେହି ମୁକୁଟ ଆମ୍ବପତ୍ର ବା ତାଳପତ୍ରରେ ତିଆରି କରାଯାଇଥାଏ । ମୁକୁଟ ପିନ୍ଧାଇବା ପୂର୍ବରୁ ସେହି ମୁକୁଟକୁ ଝିଅର ମୁଣ୍ଡରୁ ପାଦ ଯାଏ ସାତ ଥର ଉତ୍‌ରା ଯାଏ । ଝିଅକୁ ବେଦୀରେ ଗ୍ରାମର ଆଠ ଦଶ ଜଣ ସ୍ତ୍ରୀ ଲୋକ ଜଣେ ପରେ ଜଣେ ମିଶି ଗୁନ୍‌ଜାରେନ୍ ଗନ୍‌ସନ୍) କରିଥାନ୍ତି । ଏହି ଗୁନ୍‌ଜାରେନ୍‌ରେ ଦୁଇଟି ଆମ୍ବପତ୍ର ଧରି ପାଖରେ ଥିବା ହଳଦୀ ଓ ତେଲରେ ବୁଡ଼ାଇ ଝିଅର ପାଦରେ, ଆଣ୍ଠୁରେ, ଏବଂ ମୁଣ୍ଡରେ ଦିଆଯାଏ । ଏହିପରି ଜଣେ ସ୍ତ୍ରୀଲୋକ ତିନିଥର ଝିଅକୁ ତେଲ ହଳଦୀ ଲଗାଇଥାନ୍ତି ।

ଗୁନ୍‌ଜାରେନ୍ ସରିବା ପରେ ପୁଣି ଥରେ ଝିଅକୁ ଗୋଧାଇ ଦିଆଯାଏ । ଝିଅର ମାଁ କେତେ ଜଣ ସ୍ତ୍ରୀ ଲୋକଙ୍କ ସହିତ ମିଶି ଗ୍ରାମର ପୋଖରୀ ବା ନଦୀରୁ ପାଣି ଗୋଟିଏ ଟାଣିରେ ଧରି ଫେରନ୍ତି । ଏହି ପାଣି ଆଣିବା ସମୟରେ ଝିଅର ମାଁକୁ ଡୁମା ମଧ୍ୟ ଆସିଥାଏ । ଡୁମା ଆସିଲେ ସ୍ତ୍ରୀଲୋକର ମୁଣ୍ଡ ଦେହ ସବୁ ଝୁଲିଯାଏ । ସେମାନଙ୍କ ସହିତ ଯାଇଥିବା ସ୍ତ୍ରୀଲୋକମାନେ ଧରାଧରି କରି ଝିଅର ମାଁକୁ ପାଣି ସହିତ ମଡୁଆକୁ ଅଣାଯାଏ । ମଡୁଆରେ ଇଗ୍‌ନିଆ, ଝାଙ୍କର ସେହି ଡୁମାକୁ ପୂଜା କରନ୍ତି ଏବଂ ତାଙ୍କର ଯାହା ଦରକାର ତାହା ଦେଇ ତାଙ୍କୁ ମନାଇ ବୁଝାଇ ନିଜ ସ୍ଥାନକୁ ଫେରାଇ ଦିଅନ୍ତି । ଯଦି କଣାବରା ହେଉଥିବା ଝିଅର ବାପା ଡୁମାକୁ ପୂର୍ବରୁ ଜଣାଇନଥାଏ ବା ପୂଜା କରିବା ସମୟରେ କୌଣସି ଜିନିଷର ଅଭାବ ହେଲେ ଡୁମା ଆସିଥାଏ । ଝିଅର ମାଁ ଆଣିଥିବା ପାଣିକୁ ଧରମ୍ ପାଣି କୁହାଯାଏ । ସେହି ପାଣିକୁ ମଡୁଆର ମଝିରେ ଗୋଟିଏ ଶିକାରେ ଝୁଲାଇ ରଖାଯାଏ ।

ମଡୁଆରେ ପୁଣି ଥରେ ଝିଅକୁ ଆଣି ତାର ମାଁର କୋଳରେ ବସାନ୍ତି । ମଡୁଆରେ ଲଗ୍ନିଆ ଏବଂ ଗ୍ରାମର ଝାଙ୍କର ଥାନ୍ତି । ପୁଣି ଥରେ ଝିଅକୁ ମଡୁଆରେ ଗୁନ୍ଜାରେନ୍ କରାଯାଏ । ଗୁନ୍ଜାରେନ୍ ଚାଲିଥିବା ସମୟରେ ଝିଅର ଭାଟୋ ଗୋଟିଏ ଧନୁର ଶର ଧରି ମଡୁଆରେ ଥାନ୍ତି । ଗୁନ୍ଜାରେନ୍ ସରିବା ପରେ ଗୋଟିଏ ପଟେ ଝିଅ ଏବଂ ଅନ୍ୟପଟେ ଝିଅର ଭାଟୋ ଧନୁଶର ଧରିଥାନ୍ତି । ଲଗ୍ନିଆ ଏବଂ ଅନ୍ୟ ଜଣେ ପୁରୁଷ ଲୋକ ମିଶି ଦୁହିଁଙ୍କ ମଝିରେ ଗୋଟିଏ କନା ଢାଙ୍କିଥାନ୍ତି । ଏହି ସମୟରେ ଲଗ୍ନିଆ ଝିଅର ଭାଟୋ ଧରିଥିବା ଶରକୁ ଆଣି ଝିଅର ହାତରେ ଧରାଇ ଦିଅନ୍ତି । ଅର୍ଥାତ୍ ଶର ବା କାଣ୍ଡ ସହିତ ଝିଅକୁ ବିବାହ କରାନ୍ତି । ତା ପରେ ତାଙ୍କ ବହଲେନ୍ କରାଯାଏ । ଘରର ଲୋକମାନେ ମିଶି ବଡ଼କେଡ଼ା (ମହୁଲ ଗଛର କାନ୍ଧି)କୁ ଧରି ବଜା ବାଇାଙ୍କ ସହ ଗ୍ରାମରେ ଥିବା ନଦୀ ବା ପୋଖରୀକୁ ନେଇ ଓହଲେଇ (ଭସେଇ) ଦିଅନ୍ତି । ସମସ୍ତେ ଗାଧୁଆ ସାରି ଘରକୁ ଫେରନ୍ତି । ପୁଣିଥରେ ମଡୁଆକୁ ଝିଅକୁ ଅଣାଯାଏ । ଝିଅର ବଡ଼ଭାଇ ମଡୁଆ ଉପରେ ରଖା ଯାଇଥିବା ଧରମ୍ପାଣିକୁ ଝିଅର ମୁଣ୍ଡ ଉପରେ ଢାଳି ଦିଅନ୍ତି । ତାପରେ ଝିଅ ଘରକୁ ଯାଏ । ହଳଦୀ କପଡ଼ାକୁ କାଟେ । ବନ୍ଧୁ ଘରୁ ଆସିଥିବା ଲୋକ ଜଣେ ଝିଅକୁ ଗୋରସ ଓ ପାଣି ଦିଅନ୍ତି । ସେହି ଗୋରସ ପାଣି ପିଇ ଝିଅ ଶୁଦ୍ଧ ହୁଏ ।

କଣାବାରା ବା କାଣ ବିହା ସରିବା ପରେ ଏହି ଝିଅ ନିଜ ଗ୍ରାମରୁ ଆଉ କୌଣସି ଗ୍ରାମକୁ ଯାଇପାରେ ନାହିଁ । ସେ ଅନ୍ୟ ସ୍ତ୍ରୀ ଲୋକର ହାତରୁ ରନ୍ଧା ଖାଏ ନାହିଁ । ନିଜେ ରୋଷେଇ କରି ଥିବା ଖାଦ୍ୟ ବା ନିଜ ମାଁ ରୋଷେଇ କରିଥିବା ଖାଦ୍ୟ ଖାଇଥାଏ । କଣାବରା ସରିବା ପରେ ଝିଅର ପାଠ ପଢ଼ିବା ମନା । ସେ ବିଦ୍ୟାଳୟକୁ ମଧ୍ୟ ଯାଇପାରେ ନାହିଁ । ଯଦି କଣାବରା ପରେ ଝିଅର ହାତକୁ କେହି ପୁରୁଷ ପିଲା ଧରିଦିଏ ବା ମୁଁ ତୋତେ ବାହା ହେବି ବୋଲି କହି ଦେଲେ ସେହି ଝିଅ ଜୀବନରେ କାହାକୁ ମଧ୍ୟ ଆଉ ବିବାହ କରିପାରିବ ନାହିଁ । ତେଣୁ କଣାବରା ପରେ ଝିଅମାନଙ୍କୁ ବାହାରକୁ ବାହାର କରାଯାଏ ନାହିଁ ବା କୌଣସି ଗ୍ରାମକୁ ମଧ ଯାଇପାରେ ନାହିଁ । ଗ୍ରାମରେ କେବଳ ସ୍ତ୍ରୀଲୋକମାନଙ୍କ ସହିତ ମିଶିଥାଏ ।

## ଭୁଂଜିଆ ସଂପ୍ରଦାୟରେ ବିବାହ ପ୍ରଥା

ଭୁଂଜିଆ ସଂପ୍ରଦାୟରେ କୌଣସି ପୁଅକୁ ସତର ଅଠର ବର୍ଷ ହୋଇଗଲେ ବିବାହଯୋଗ୍ୟ ହୋଇଯାଏ । ପୁଅର ବାପା, ପୁଅର ମାମୁଁ ବା ଅନ୍ୟ ଦୁଇଜଣ ଲୋକଙ୍କୁ ଧରି ଅନ୍ୟ ଗାଁମାନଙ୍କୁ ଯାନ୍ତି । ଅନ୍ୟ ଗ୍ରାମରେ ଯାହା ଘରେ ଝିଅ ଥିଲେ ତାଙ୍କ ଘରକୁ

ଯାନ୍ତି । ଝିଅ ଘରେ ଆସିଥିବା ଲୋକମାନଙ୍କୁ ଡାକି ବନ୍ଧୁ ଚର୍ଚ୍ଚା କରନ୍ତି । ସେମାନେ କହନ୍ତି "ତୁମର୍ ଘରେ ଫୁଲ୍ ଗୋଟେ ଫୁଟିଛେ ସେ ଫୁଲ୍‌ର ବାସନା ପାଇକରି ଆମେ ତମର୍ ଘରକେ ଆସିଛୁ ।" ତାପରେ ଝିଅର ବାପା ଝିଅକୁ ଆସିଥିବା ଲୋକମାନଙ୍କୁ ଦେଖାନ୍ତି । ଯଦି ଝିଅ ପସନ୍ଦ ହେଲା ତା ହେଲେ ପୁଅ ପକ୍ଷର ଲୋକମାନେ ଝିଅ ପକ୍ଷର ଲୋକଙ୍କ ସହିତ କଥାବାର୍ତ୍ତା କରି ଘରକୁ ଫେରନ୍ତି ।

## ଦୁଆର୍ କୁନ୍ଦେନ୍

ବର ଓ କନ୍ୟା ଉଭୟ ପକ୍ଷର ଲୋକ ରାଜି ହେଲେ ଉଭୟ ପିତା ମିଶି ଗୋଟିଏ ଦିନ ଧାର୍ଯ୍ୟ କରନ୍ତି । ସେହି ଦିନ ବର ପିତା ଚାରି ପାଞ୍ଚ ଜଣ ଲୋକଙ୍କୁ ଧରି ସାଙ୍ଗରେ ଲିଆ, ପିଠା, ଚିନି, ଚା ଏବଂ ବିଡ଼ି ତିନିଚାରି ପୁଡ଼ା ଧରି କନ୍ୟା ଘରକୁ ଆସନ୍ତି । କନ୍ୟା ପିତା ନିଜର ସଂପର୍କୀୟ ଲୋକମାନଙ୍କୁ ତଥା ପାଖ ଗ୍ରାମ ମାନଙ୍କର ମୁଖିଆ ଲୋକମାନଙ୍କୁ ନିଜ ଘରକୁ ଡାକନ୍ତି । ବର ପକ୍ଷରୁ ଆସିଥିବା ଜିନିଷ ସମସ୍ତଙ୍କ ଆଗରେ ବାହାର କରାଯାଏ ଏବଂ ବିବାହ କଥା ସମସ୍ତଙ୍କୁ ଶୁଣାନ୍ତି । ବର ପକ୍ଷରୁ ଆସିଥିବା ସବୁ ଜିନିଷ ସମସ୍ତଙ୍କୁ ଖାଇବାକୁ ଦିଅନ୍ତି । ଏହି ପ୍ରଥାକୁ "ଦୁଆର କୁନ୍ଦେନ୍" କୁହାଯାଏ । ଏହି ଦୁଆର କୁନ୍ଦେନ୍ ହେବା ଦ୍ୱାରା ସେହି ଗ୍ରାମର ତଥା ପାଖ ଆଖ ଗ୍ରାମର ଲୋକମାନେ ସେହି ଝିଅର କନ୍ୟା ମଗା ବିଷୟ ଜାଣି ପାରନ୍ତି ଏବଂ ଝିଅ ଘରକୁ ଆଉ କେହି ମଧ୍ୟ କନ୍ୟା ମଗା ପାଇଁ ଆସନ୍ତି ନାହିଁ । ଏହା ହେଲା ବିବାହର ପ୍ରଥମ ପର୍ଯ୍ୟାୟ ।

## ମାଗେନ୍

ମାଗେନ ପ୍ରଥା ହେଲା ବିବାହର ଦ୍ୱିତୀୟ ପର୍ଯ୍ୟାୟ । ବର ପିତା ଓ କନ୍ୟା ପିତା ମିଶି ଗୋଟିଏ ଦିନ ଧାର୍ଯ୍ୟ କରନ୍ତି । ସେହି ଦିନ ବରପିତା ୧୦ ମାଣ ଚାଉଳ, ୨ ମାଣ ଡାଲି, ଚିନି, ଚା, ବିଡ଼ି, ହଳଦୀ, ତେଲ ଓ ଟ.୨.୦୦ ଧରି କନ୍ୟା ଘରକୁ ଆସନ୍ତି । ବର ପିତାଙ୍କ ସହିତ ଦଶ ବାର ଜଣ ଲୋକ ଆସନ୍ତି । କନ୍ୟା ପିତା ତାଙ୍କର ସଂପର୍କୀୟ ଲୋକମାନଙ୍କୁ ତଥା ନିଜ ଜାତିର ଅନ୍ୟ ଗ୍ରାମର ଲୋକମାନଙ୍କୁ ତାଙ୍କ ଘରକୁ ଡାକନ୍ତି । ପୁଅର ଜଣେ ଲୋକ ଥାଏ । ସେ କନ୍ୟା ଘରକୁ ଅବାଧରେ ପ୍ରବେଶ କରି ପାରନ୍ତି ଏବଂ ଯାହାସବୁ କଥା କନ୍ୟା ଘରକୁ କହନ୍ତି । ତାଙ୍କୁ "ମାହାଲିଆ" କହନ୍ତି । ସେହିପରି କନ୍ୟା ପକ୍ଷର ଜଣେ ଲୋକ ଥାନ୍ତି ତାଙ୍କୁ "ଜଲଙ୍ଗିଆ" କହନ୍ତି । ବର ପକ୍ଷରୁ ଅଣାଯାଇଥିବା ସମସ୍ତ ଜିନିଷକୁ ସମସ୍ତଙ୍କ ଆଗରେ ରଖାଯାଏ । ସମସ୍ତେ ଗୋଟିଏ ଜାଗାରେ ବସନ୍ତି । କନ୍ୟା ଘରେ

କନ୍ୟାକୁ ନିଜର ଲାଲ୍ ବଙ୍ଗଳା ଭିତରେ ରଖାଯାଇଥାଏ । ମାହାଲିଆ ସେହି ଲାଲ ବଙ୍ଗଳା ପାଖକୁ ଯାଏ ଏବଂ ସେଠାରେ ଥିବା ସ୍ତ୍ରୀଲୋକମାନଙ୍କୁ କହେ "ମୋତେ ଶୋଷ ଲାଗୁଛେ ତମର ଘରେ ଥିବା ପେନ୍ ଦିଅ ମୁଇଁ ପିଇବି" କନ୍ୟା ପକ୍ଷର ସ୍ତ୍ରୀଲୋକମାନେ କହନ୍ତି "ଆମର୍ ମଠିଆ ନେଇଙ୍ଗେ, ମଠିଆ ଫୁଟି ଯାଇଛେ, ପେନ୍ ଆମର୍ ନେ ନେଇଙ୍ଗେ ଆମେ ପେନ୍ ନେଇ ଦି ପାରୁଁ" ଏହିପରି ଉଭୟ ପକ୍ଷ ଭିତରେ ଟାହି ଟାପରା ଚାଲେ । ଲାଲ୍ ବଙ୍ଗଳା ସାମ୍ନାରେ ବର ପକ୍ଷରୁ ମାହାଲିଆ ଓ କନ୍ୟା ପକ୍ଷରୁ ଜଲଙ୍ଗିଆ ବସିଥାନ୍ତି । ଲାଲ୍ ବଙ୍ଗଳାରେ ଥିବା ସ୍ତ୍ରୀଲୋକମାନେ ଆଗରୁ ଗୋଟିଏ ମାଠିଆ ପାଣିରେ ହଳଦୀ ଘାଣ୍ଟି ରଖିଥାନ୍ତି । ମାହାଲିଆ ଓ ଜଲଙ୍ଗିଆ ବସିଥିବା ଅବସ୍ଥାରେ ସେହି ସ୍ତ୍ରୀଲୋକମାନଙ୍କ ମଧ୍ୟରୁ ଜଣେ ରଖାଯାଇଥିବା ମାଠିଆର ପାଣି ଆଣି ମାହାଲିଆ ଓ ଜଲଙ୍ଗିଆର ମୁଣ୍ଡ ଉପରେ ଢାଳି ଦିଅନ୍ତି । ଏହାକୁ "ହଲ୍‌ଦୀପେନ୍" କହନ୍ତି । ହଳଦୀପେନ୍ ସରିବା ପରେ ଝିଅକୁ ଲାଲ୍ ବଙ୍ଗଳା ଭିତରୁ ବାହାର କରାଯାଏ ଏବଂ ସମସ୍ତଙ୍କ ଆଗରେ ବସାନ୍ତି । କନ୍ୟା ସମସ୍ତଙ୍କୁ ସେଠାରେ ପ୍ରଣାମ କରେ ଓ ସେଠାରେ ବସେ । ବର ପକ୍ଷରୁ ଯଦି କନ୍ୟା ପାଇଁ ମାଲି, ବା ଶାଢ଼ି ଅଣା ଯାଇଥାଏ ତାହେଲେ ସେହି ମାଲି ବା ଶାଢ଼ିକୁ ସେଠାରେ କନ୍ୟାକୁ ପିନ୍ଧାନ୍ତି । ଏହାକୁ "ମାଲି ପିନ୍ଧେନ୍" ମଧ୍ୟ କହନ୍ତି । ମାଲି ପିନ୍ଧେନ୍ ସରିବା ପରେ କନ୍ୟା ଉଠି ସମସ୍ତଙ୍କୁ ପ୍ରଣାମ କରେ ଏବଂ ଘରକୁ ଯାଏ । ବର ପକ୍ଷରୁ ଅଣା ଯାଇଥିବା ଚାଉଳ, ଡାଲି, ପନିପରିବା ରୋଷେଇ କରାଯାଏ । ତାହା ସେଠାରେ ଥିବା ସମସ୍ତ ଲୋକ ଖାଆନ୍ତି ଏବଂ ଫେରି ଆସନ୍ତି । ବରପକ୍ଷର ଯାଇଥିବା ଲୋକମାନେ ଯଦି ପାଖ ଗ୍ରାମ ହୋଇଥିଲେ ରାତିରେ ଖାଇସାରିବା ପରେ ଘରକୁ ଫେରି ଆସନ୍ତି, ଦୂର ଗ୍ରାମ ହୋଇଥିଲେ ରାତ୍ରୀ ରହି ତା ପରଦିନ ସକାଳୁ ଘରକୁ ଫେରନ୍ତି । ମାଗେନ୍ ସରିବା ପରେ ସେହି ଝିଅକୁ କନ୍ୟାପିତା ଆଉ କୌଣସି ଠାରେ ଝିଅ ପାଇଁ କଥାବାର୍ତ୍ତା ହୋଇ ପାରିବ ନାହିଁ । ଯଦି କୌଣସି କାରଣରୁ ଝିଅ ମାଗେନ୍ ସରିବା ପରେ ଅନ୍ୟ କେହି ପିଲା ସହିତ ଚାଲିଯାଏ ତା'ହେଲେ ସେହି ଝିଅ ଜୀବନ ଥିବାଯାଏଁ ଆଉ ଘରକୁ ଫେରିପାରେ ନାହିଁ । ନିଜ ଗ୍ରାମକୁ ମଧ୍ୟ ଆସିପାରେ ନାହିଁ । ବର୍ତ୍ତମାନ ଏପରି ଯଦି ଘଟେ ତାହେଲେ କନ୍ୟାପକ୍ଷ ଲୋକ ବରପକ୍ଷ ଲୋକଙ୍କୁ ଟ.୭୦୦୦.୦୦ (ସାତ ହଜାର ଟଙ୍କା) ଜୋରିମାନା ଦେବାକୁ ପଡ଼େ । ବରପିତା କନ୍ୟାପିତା ଗ୍ରାମକୁ ଆସି ନିଜ ସଂପ୍ରଦାୟର ମୁଖିଆ ଲୋକ କୋଡ଼ିଏ ପଚିଶି ଜଣଙ୍କୁ ନେଇ ସମାଜ କରନ୍ତି ଏବଂ ସେହି ସମାଜରେ କନ୍ୟାପିତା ବରପିତାଙ୍କୁ ଜୋରିମାନା ଦିଅନ୍ତି ।

## ବିହା

ଭୁଂଜିଆ ସଂପ୍ରଦାୟରେ ବିବାହ ସାଧାରଣତଃ ପାଞ୍ଚଦିନ ଧରି ଚାଲିଥାଏ । ପ୍ରଥମ ଦିନ ବିବାହ ହେବା ପୁଅର ନନା (ପିଉସୀ) ପୁଅ ଘରକୁ ଆସନ୍ତି । ସେ ଗାଧୋଇ ଆସି ହଳଦୀ ସିଝାନ୍ତି ଏବଂ ନିଜେ ଆଣିଥିବା ପାଣିରେ ବିରିକୁ ଫୁଲାଇ ବାଟନ୍ତି । ପ୍ରଥମ ଦିନ ସକାଳେ ପୁଅ ଗାଧୋଇ ଆସି ହାତରେ ସାତ ବିଚି ଚାଉଳ (୭ଟି ଚାଉଳ), ଦୀପ, ଧୂପ ଏବଂ ଗୋଟିଏ ଟାଙ୍ଗିଆ ଧରି ମାହାଲିଆ ସାଙ୍ଗରେ ଜଙ୍ଗଲକୁ ଯାଏ । ଜଙ୍ଗଲରେ ଗୋଟିଏ ଅଫଳନ୍ତି ବଡ଼ କେଡ଼ା ଗଛ (ମହୁଲ ଗଛ) ଖୋଜନ୍ତି । ଯେଉଁ ଗଛରେ ଆଦୌ ଫୁଲ୍ ଫୁଟି ନ ଥିବ ସେହି ଗଛକୁ ପୁଅ ଦୀପ ଧୂପ ଦେଇ ଚାଉଳ ପକାଇ ପ୍ରଥମେ ପୂଜା କରନ୍ତି । ପୂଜା ସରିବା ପରେ ପୁଅ ଟାଙ୍ଗିଆରେ ଗୋଟିଏ ବଡ଼କେଡ଼ା କାଣ୍ଡି ହାଣି ତାହା ଧରି ଘରକୁ ଫେରନ୍ତି । ଘରେ ପୁଅ ନିଜେ ସେହି ଆଣିଥିବା ବଡ଼କେଡ଼ା ଡାଳକୁ କାଟି ଗୋଟିଏ ପାହାରୁନ୍ ତିଆରି କରନ୍ତି । ସେହି ପାହାରୁନ୍‌କୁ ଘରର ସାମ୍ନାରେ ଗୋଟିଏ ଗାତ ଖୋଲି ପୋତା ଯାଏ । ପୂର୍ବ ପଶ୍ଚିମ କରି ପୋତାଯାଏ । ପହାରୁନ୍‌ର ଯେଉଁପଟେ ଧରାଯାଏ ତାହା ପୂର୍ବ ଦିଗରେ ଏବଂ ଯେଉଁପଟେ ଧାନ କୁଟାଯାଏ ସେହି ପଟକୁ ପଶ୍ଚିମ ଦିଗରେ ରଖାଯାଇ ତାକୁ ପୋତାଯାଏ । ପୁଅର ନନା ପୁଅକୁ ଗାଧୋଇବା ପାଇଁ ପାଣି ଆଣିଥାନ୍ତି । ସେହି ପାଣିକୁ ପୁଅର ନନା ଗରମ କରନ୍ତି ଏବଂ ତିଲ୍‌ସା (ହଳଦୀ ଓ ବଟା ଯାଇଥିବା ବିରି)କୁ ଗୋଡ଼ଠାରୁ ମୁଣ୍ଡ ଯାଏଁ ଘସି ପୁଅକୁ ଗାଧୋଇ ଦିଅନ୍ତି । ପୂର୍ବରୁ ଦିନେ ଆଗରୁ ବିବାହ ପାଇଁ ମଡୁଆ ତିଆରି କରାଯାଇଥାଏ ।

ଦ୍ୱିତୀୟ ଦିନ ସକାଳୁ ତିଲ୍‌ସା ମଖାଇ ବରପିଲାକୁ ଗରମ ପାଣିରେ ଗାଧୋନ୍ତି । ତାପରେ ବରପିଲାକୁ ଆଣି ମଡୁଆରେ ବସାଯାଏ । ମା କୋଳରେ ପୁଅ ବସେ । ସେଠାରେ ଧରମ୍ ଖୁଟା (ମହୁଲ ଗଛର କାଣ୍ଡିକୁ ମଡୁଆର ମଝିରେ ପୋତା ଯାଇଥାଏ) କୁ ପୂଜା କରନ୍ତି । ସେଦିନ ଗ୍ରାମରେଥିବା ଗୀତ୍‌କାରେନ୍ ବୁଢ଼ୀ ଉପବାସ ରହିଥାନ୍ତି ଏବଂ ସକାଳୁ ଦିନ ୧ଟା ୨ଟା ଯାଏଁ ଧରମ୍ ଖୁଟ୍‌ଲି ଗୀତ ଗାଆନ୍ତି । ଏହି ଧରମ୍ ଖୁଟ୍‌ଲି ଗୀତ ଗାଇସାରିବା ପାଇଁ ଆଠ ନଅ ଘଣ୍ଟା ଲାଗିଥାଏ । ଯେଉଁ ଗାଁରେ ଗୀତ୍‌କାରେନ୍ ନ ଥାନ୍ତି ତା ହେଲେ ଅନ୍ୟ ଗ୍ରାମରୁ ଗୀତ କାରେନ୍‌କୁ ଡକାଯାଏ । ଗୀତ୍‌କାରେନ୍ ଆସି ଗୀତ କହନ୍ତି ଏବଂ ବରପକ୍ଷ ଲୋକେ ତାଙ୍କୁ ନୂଆ ଶାଢ଼ି ଓ କିଛି ଟଙ୍କା ଦିଅନ୍ତି । କନ୍ୟା ଘରେ ମଧ୍ୟ ଏପରି କରାଯାଇଥାଏ । ତାପରେ ବରପିଲାକୁ ମଡୁଆରେ ବସାଯାଇ ତେଲ ହଳଦୀ ମଖାଇ ଗୁନ୍‌ଜାରେନ୍ (ଗନ୍‌ସନ୍) କରନ୍ତି । ଗ୍ରାମର ନିଜ ସଂପ୍ରଦାୟର ସ୍ତ୍ରୀଲୋକମାନେ

(ଯେଉଁମାନେ ବରପିଲାରୁ ବୟସରେ ବଡ଼ ହୋଇଥିବେ) ଦୁଇ ହାତରେ ଦୁଇଟି ଆମ୍ବପତ୍ର ଧରନ୍ତି । ମଡୁଆରେ ଗୋଟିଏ ମାଟି ପାତ୍ରରେ ରାଶି ତେଲ ଓ ଆଉ ଗୋଟିଏ ବଡ଼ ମାଟି ପାତ୍ରରେ ହଳଦୀ ପାଣିରେ ମିଶାଇ ରଖାଯାଇଥାଏ । ସ୍ତ୍ରୀଲୋକମାନେ ପ୍ରଥମେ ଦୁଇଟି ଆମ୍ବ ପତ୍ରରେ ରଖା ଯାଇଥିବା ତେଲ ଓ ହଳଦୀ ଲଗାନ୍ତି ଏବଂ ସେହି ତେଲ ହଳଦୀକୁ ପ୍ରଥମେ ମହୁଲ କାନ୍ଧିରେ ଦିଅନ୍ତି । ମହୁଲ ଡାଳରେ ତିନି ଥର ଦେଇ ସାରିବା ପରେ ବରପିଲାକୁ ତେଲ ହଳଦୀ ଦିଅନ୍ତି । ପ୍ରଥମେ ବରପିଲାର ପାଦରେ ପରେ ବରପିଲାର ଆଣ୍ଠୁରେ ଏବଂ ଶେଷରେ ବରପିଲାର ମୁଣ୍ଡରେ ଲଗାନ୍ତି । ବରପିଲାକୁ ତିନିଥର ତେଲ ହଳଦୀ ଲଗାଇ ସାରିବା ପରେ ବରପିଲା ଯାହା କୋଳରେ ବସିଥାଏ ତାକୁ ମଧ୍ୟ ହଳଦୀ ଲଗାନ୍ତି । ଏହିପରି ଆଠ ଦଶ ଜଣ ସ୍ତ୍ରୀ ଲୋକ ଗୁନ୍‌ଜାରେନ୍ କରନ୍ତି । ଏହି ଗୁନ୍‌ଜାରେନ୍ ସମୟରେ ଗୀତ୍‌କାରେନ୍ ବୁଢ଼ୀ ଗୁନ୍‌ଜାରେନ୍ ଗୀତ ଗାନ୍ତି । ଗୁନ୍‌ଜାରେନ୍ ପାଇଁ ସ୍ୱତନ୍ତ୍ର ବାଜା ବଜାଯାଏ । ଗୁନ୍‌ଜାରେନ୍ ସରିବା ପରେ ମହୁଲ ଗଛର ଡାଳ ଏବଂ ବରପିଲାକୁ ବାନି ଗୋଦାଯାଏ । ବାନି ଗୋଦାଯିବା ବେଳେ ବାନି ଗୋଦା ଗୀତ ଗାନ୍ତି । ତାପରେ ବରପିଲାକୁ ଗ୍ରାମ ଭିତରକୁ ନେଇ ଓଲ୍‌ଗାନ୍ତି (ଗ୍ରାମର ନିଜ ସଂପ୍ରଦାୟରେ ଥିବା ଲୋକ ମାନଙ୍କୁ ନେଇ ପ୍ରଣାମ କରାନ୍ତି) । ଓଲ୍‌ଗାଇବା ସମୟରେ ଓଲଗେନ୍ ଗୀତ ଗାଇଥାନ୍ତି । ତାପରେ ବରପିଲାକୁ ନେଇ ଗାଧୋଇଥାନ୍ତି । ବରପିଲାକୁ ନୂଆ ଧୋତି, ନୂଆ ସାର୍ଟ ପିନ୍ଧାନ୍ତି । ମୁଣ୍ଡରେ ନୂଆ ଧୋତିରେ ପଗଡ଼ି ବାନ୍ଧନ୍ତି । ଗଳାରେ ସୁନା ଅଳଙ୍କାର ପିନ୍ଧାନ୍ତି । ତା'ପରେ ବର ପକ୍ଷର ଜିନିଷସବୁ ଧରି ବରାତ୍ ଯାନ୍ତି କନ୍ୟାର ଗ୍ରାମକୁ । ବରାତ୍‌ରେ ଷାଠିଏ ସତୁରି ଜଣ ପୁରୁଷ ଓ ତିରିଶ ଚାଳିଶ ଜଣ ସ୍ତ୍ରୀ ଲୋକ ଯାନ୍ତି । ଏମାନେ ବରାତ୍ ଯିବାବେଳ କୌଣସି ଯାନ ବାହାନରେ ଯାନ୍ତି ନାହିଁ । ପାଦରେ ଚାଲି ଚାଲି ଯାନ୍ତି । ଯଦି ବେଶୀ ଦୂର ହୋଇଥାଏ ତାହେଲେ ଶଗଡ଼୍ ଗାଡ଼ି ଆଠ ଦଶଟିରେ କନ୍ୟା ଗ୍ରାମକୁ ଯାନ୍ତି ।

ଚୋକଟିଆ ଭୁଂଜିଆ ସଂପ୍ରଦାୟରେ କେବଳ ବରପିଲା କନ୍ୟା ଘରକୁ ଯାଇ ସେଠାରେ କନ୍ୟାକୁ ଲଗ୍ନ ଦେଇ ବିବାହ ହେବା ପ୍ରଥା ପ୍ରଚଳିତ । ଅନ୍ୟ ସଂପ୍ରଦାୟରେ ଯେପରି କନ୍ୟାକୁ ବରପିଲା ଘରକୁ ଆଣି ଦିଆଯାଏ ସେହି ପ୍ରଥା ଏହି ସଂପ୍ରଦାୟରେ କରାଯାଏ ନାହିଁ ।

କନ୍ୟା ଗ୍ରାମରେ ବରାତ୍ ଆସିଥିବା ଲୋକମାନେ ପହଞ୍ଚନ୍ତି । କନ୍ୟା ଗ୍ରାମରେ ବରପିଲା ରହିବା ପାଇଁ ବର ମଡୁଆ କରାଯାଇନଥାଏ । ବରପିଲାର ସଂପର୍କୀୟ ଘରେ ବରପକ୍ଷର ଲୋକମାନେ ରହନ୍ତି । ତେଣୁ ବିବାହର ସଂପର୍କ

ଆରମ୍ଭ ହେବାବେଳେ ଯେଉଁ ଗ୍ରାମରେ ନିଜର ସଂପର୍କୀୟ ଲୋକ ଥାନ୍ତି ସେହି ଗ୍ରାମର କନ୍ୟା ଦେଖାଯାଏ । କନ୍ୟା ପକ୍ଷର ସ୍ତ୍ରୀଲୋକମାନେ ଆସି ବରପିଲାକୁ ପରଘାନ୍ତି । କନ୍ୟା ପକ୍ଷ ଲୋକମାନେ ଗ୍ରାମର ଶେଷରେ ରହି ବରପକ୍ଷ ଆସିବା ବାଟକୁ ଦେଖୁଥାନ୍ତି । ଯେତେବେଳେ ବରପିଲା ସହ ବରପକ୍ଷ ଲୋକ ଆସି ଗ୍ରାମର ଶେଷ ମୁଣ୍ଡରେ ପହଞ୍ଚନ୍ତି ସେତେବେଳେ କନ୍ୟା ପକ୍ଷର ସ୍ତ୍ରୀଲୋକମାନେ ବାଜାବାଜାଙ୍କ ସହ ଆସନ୍ତି । ସେମାନେ ଗୋଟିଏ ଝୁଟିକଟା ଯାଇଥିବା ପିଢ଼ା, ପାଣି ଏକ ଗରିଆ, ପାଣି ଗରିଆ ଉପରେ ଆମ୍ବ ପତ୍ର ଦିଆଯାଇଥାଏ , ଏବଂ ଚାଉଳ ହଳଦୀ ଧରି ଆସନ୍ତି । ସେଠାରେ ପିଢ଼ା ଉପରେ ବରପିଲାକୁ ଠିଆ କରାଇ ପରଘାନ୍ତି । ତାପରେ ବରପିଲା ଓ ବରପକ୍ଷ ଲୋକମାନେ ଗ୍ରାମ ଭିତରକୁ ଆସନ୍ତି । ବରପକ୍ଷ ଲୋକ ନିଜ ସଂର୍ପକୀୟ ଘରେ ରହନ୍ତି । ବରପକ୍ଷ ତରଫରୁ କନ୍ୟା ପକ୍ଷ ପାଇଁ ଦୁଇ ମାଣ ଧାନର ଗୋଟିଏ ପୁରା ବନ୍ଧା ଯାଉଥାଏ, ରୋଷେଇ ପାଇଁ ଦୁଇଟି ମାଟି ହାଣ୍ଡି, ଚାଉଳ ପାଞ୍ଚ ମାଣ, ଡାଲି ଯଥା ଶକ୍ତି ଚିନି, ଚା, ବିଡ଼ି ଏବଂ ସାତଟି ପଇସା (ସାତଟି ଦଶ ପଇସା ବା ସାତଟି ପଚିଶ/ପଚାଶ ପଇସା), ତେଲ, ହଳଦୀ, ଗୁଲା ବିରି, ବାପ୍ ଧୋତି ୧ ଖଣ୍ଡ, ମରଶାଢ଼ି ଏକ ଖଣ୍ଡ ଧରି ଆସିଥାନ୍ତି । ଏହି ସବୁ ଜିନିଷ ବରପକ୍ଷର ମାହାଲିଆ ଏବଂ ଅନ୍ୟ କେତେକ ଲୋକ ମିଶି ଧରି କନ୍ୟା ଘରକୁ ଯାନ୍ତି । କନ୍ୟାପିତା ନିଜର ସଂପର୍କୀୟ ଆସିଥିବା ଲୋକମାନଙ୍କୁ ଡାକନ୍ତି ଏବଂ ବରପକ୍ଷରୁ ଆଣିଥିବା ସମସ୍ତ ଜିନିଷ ଦେଖାନ୍ତି । ଏହାକୁ ‘‘ମୋଇତେଲ’’ କହନ୍ତି । ବରପକ୍ଷର ଲୋକମାନେ ନିଜର ସଂପର୍କୀୟ ଲୋକଙ୍କ ଘରେ ଭୋଜି ଖାଇ ରାତ୍ରିରେ ରହନ୍ତି । ଏହି ଭୋଜିର ବ୍ୟବସ୍ଥା ବରପକ୍ଷରୁ କରାଯାଇଥାଏ ।

ତା ପରଦିନ ସକାଳୁ ବରପିଲାକୁ ଗୋଧାଇ ସାରି ଗୁନ୍‌ଜାରେନ୍ କରାଯାଏ । କନ୍ୟା ଘରେ ମଧ୍ୟ କନ୍ୟାକୁ ଗୁନ୍‌ଜାରେନ୍ କରାଯାଏ । ବରପକ୍ଷ ତରଫରୁ ମାହାଲିଆ ଏବଂ ବରପକ୍ଷର କେତେ ଜଣ ଲୋକ ମିଶି କନ୍ୟା ଘରକୁ ଯାନ୍ତି । କନ୍ୟା ଘରେ ‘‘ଦୁଲି ଦାଆରୁ’’ ବୋଲି କହନ୍ତି ଅର୍ଥାତ୍ କନ୍ୟା ମାଗନ୍ତି । ମାଗେନ୍ ସମୟରେ ଯେପରି ମାହାଲିଆ, ଜଲଙ୍ଗିଆ ମିଶି ଲାଲ୍ ବଙ୍ଗଲା ସାମ୍‌ନାରେ ବସି କନ୍ୟା ମାଗନ୍ତି ଠିକ୍ ସେହିପରି କରାଯାଏ । କନ୍ୟାର ଦଦା (ବଡ଼ଭାଇ) କନ୍ୟାକୁ ନିଜର ଲାଲ୍ ବଙ୍ଗଳା ଭିତରୁ ଆଣେ ଏବଂ ନିଜ ଘରେ ଥିବା ଶୋଇବା କୋଠରୀକୁ ନିଆଯାଏ । ତାପରେ ବରପକ୍ଷର ଲୋକମାନେ ନିଜ ସ୍ଥାନକୁ ଫେରନ୍ତି । ବରପକ୍ଷ ଘରେ ବରପିଲାକୁ ତେଲ, ହଳଦୀ ଲଗାଇ ଗୁନ୍‌ଜାରେନ୍ କରନ୍ତି । ଗୁନ୍‌ଜାରେନ୍

ପରେ ପିଲାକୁ ଖାଇବାକୁ ଦିଆଯାଏ । ପରେ ବିନ୍‌କୀ ଖେଳାଯାଏ । ଲଗନିଆ ଆମ୍ବ ପତ୍ରରେ ତିଆରି ମୁକୁଟ ବରପିଲାର ଗୋଡ଼ରେ ବାନ୍ଧନ୍ତି । ଠିକ୍ ସେହିପରି କନ୍ୟା ଘରେ କନ୍ୟାକୁ ଲଗ୍‌ନିଆ ଗୋଡ଼ରେ ଆମ୍ବ ପତ୍ରରେ ତିଆରି ମୁକୁଟ ବାନ୍ଧନ୍ତି । ପରେ କନ୍ୟାକୁ ଏବଂ ବରପିଲାକୁ ଗ୍ରାମର ଠିକ୍ ମଝାମଝି ଜାଗାକୁ ଆଣନ୍ତି । ସେଠାରେ ଗୋଟିଏ ପଟେ ବର ଏବଂ ଅନ୍ୟପଟେ କନ୍ୟାକୁ ରଖନ୍ତି । ମଝିରେ ଦୁଇଜଣ ଲୋକ ଗୋଟିଏ ବଡ଼ ଚାଦର ଢାଙ୍କି ଧରିଥାନ୍ତି । ଯେପରିକି ବର କନ୍ୟାର ମୁହଁକୁ ଏବଂ କନ୍ୟା ବରର ମୁହଁକୁ ଦେଖି ପାରିବ ନାହିଁ । ସେଠାରେ ସମସ୍ତ ସ୍ତ୍ରୀ ଲୋକମାନେ ଗୀତ ଗାଇ ନାଚି ନାଚି ବର ଓ କନ୍ୟାର ଚାରିପଟେ ସାତ ଥର ଘୁରନ୍ତି । ଏମାନେ ସାତ ଥର ଘୁରି ସାରିବା ପରେ ବରପିଲା ଗୋଟିଏ ମୁଠା ଧାନ ଧରି କନ୍ୟାକୁ ମାରେ, କନ୍ୟା ମଧ୍ୟ ଗୋଟିଏ ମୁଠା ଧାନ ଧରି ବରପିଲାକୁ ମାରେ । ଏହାକୁ ବିନ୍‌କୀ ଖେଳ କହନ୍ତି । ବିନ୍‌କୀ ଖେଳ ସରିବା ପରେ ବରପିଲାକୁ ନିଜର ସ୍ଥାନକୁ ଏବଂ କନ୍ୟାକୁ ନିଜ ଘରକୁ ନିଅନ୍ତି । ଏହାପରେ ବରପକ୍ଷର ଘରେ ସମ୍ଦୀଭେଟ ହୁଏ । ବରର ପିତା ଓ କନ୍ୟାପିତା ସେଠାରେ ସମୁଦୀ ଭେଟ ହୁଅନ୍ତି । ବର ପକ୍ଷରୁ ଶାଁସ ଖାଡୁ ଲୁଗା ଖଣ୍ଡେ ଏବଂ ଶୁସ୍ରାଖାଡ଼ା ଧୋତି ଦୁଇଖଣ୍ଡ ରଖାଯାଏ । ବର ତରଫରୁ ସାତ ଟଙ୍କା ଏବଂ କନ୍ୟା ତରଫରୁ ଦୁଇ ଟଙ୍କା ସେଠାରେ ରଖନ୍ତି । ଶୁସ୍ରାଖାଡ଼ା ଧୋତି ବରପିଲାର ଦେଢ଼ଶଳାକୁ ଦିଆଯାଏ । ଯେତେବେଳେ ବରପିଲା କନ୍ୟା ଘରକୁ ଆସେ ସେଠାରେ କନ୍ୟା ଘର ସ୍ତ୍ରୀଲୋକମାନେ ପରଘାନ୍ତି । ପରଘେଇ ସାରିବା ପରେ କନ୍ୟାର ବଡ଼ ଦଦା ବରପିଲାକୁ କାନ୍ଧରେ ବସାଇ ନଚାଇ ନଚାଇ ମଡୁଆକୁ ନିଅନ୍ତି ସେତେବେଳେ ଏହି ଶୁସ୍ରାଖାଡ଼ା ଧୋତି ତାଙ୍କୁ ଦିଅନ୍ତି । ବରପିଲାକୁ ମଡୁଆରେ ରଖାଯିବା ବେଳେ କନ୍ୟାର ବଡ଼ଭଉଣୀ ତେଲ ଚଘାଏ ସେତେବେଳେ ଏହି ଶାଁସ୍‌ଖାଡ଼ା ଶାଢ଼ି ତାଙ୍କୁ ଦିଅନ୍ତି । ସେ ସେହି ଶାଢ଼ି ପିନ୍ଧି ବର ପିଲାକୁ ତେଲ ଓ ହଳଦୀ ମଖାନ୍ତି ।

ବରପକ୍ଷ ଘରେ ସମ୍ଦୀ ଭେଟ ହେବା ପରି କନ୍ୟା ଘରେ ମଧ୍ୟ ସମ୍‌ଦେନ୍ ଭେଟ ହୁଏ । ସମ୍‌ଦେନ୍ ଭେଟ୍‌ରେ କିଛି ଜିନିଷ ପତ୍ର ଲାଗେ ନାହିଁ । କେବଳ ବରର ମାଁ ଏବଂ କନ୍ୟାର ମାଁ ଆଲିଙ୍ଗନ ହୋଇ, ତେଲ ହଳଦୀ ମଖାମଖି ହୋଇ ସମ୍‌ଦେନ୍ ଭେଟ ହୁଅନ୍ତି ।

ଏହା ସରିବା ପରେ ବରଘରେ ବର ପିଲାକୁ ଗୁନ୍‌ଜାରେନ୍ କରାଯାଏ । ତାପରେ ତେଲ ଚଘାଯାଏ । ତେଲ ଚଘା ସରିବା ପରେ ବର ଘରେ ସାତ ଜଣ ଲୋକ (କକା, ମାମୁଁ, ବଡୁ, ଭାଟୋ)କୁ ବସାନ୍ତି । ସେମାନେ ଗୋଟିଏ ଧାଡ଼ିରେ

କୋଳ ଲମ୍ବାଇ ବସନ୍ତି । ଏହାକୁ ''କେରେବସୁରା'' କୁହାଯାଏ । ବରପିଲାକୁ ସେହି ଜାଗାକୁ ଆଣନ୍ତି । ସେଠାରେ ଜଣକ ପରେ ଜଣଙ୍କ କୋଳରେ ବସାନ୍ତି । ଛଜଣ ଲୋକଙ୍କ କୋଳରେ ବସିବା ପରେ ସପ୍ତମ ଲୋକଙ୍କ କୋଳରେ ବରପିଲା ପୂରାପୂରି ଭାବରେ କିଛି ସମୟ ପାଇଁ ବସେ । ଏହି ସମୟରେ ଭାଟା ପୋଡ଼ା ହୁଏ । ଜଣେ ସ୍ତ୍ରୀ ଲୋକ ପଛଆଡୁ ଆସି ସେହି ସାତ ଜଣଙ୍କ ମଧ୍ୟରୁ ଜଣକୁ ଗୋଟିଏ ବିଧା ପିଟନ୍ତି । ସପ୍ତମ ଜଣଙ୍କ କୋଳରେ ବରପିଲା ମୁହଁକୁ ତଳ କରି ଦୁଇ ହାତକୁ ଆଞ୍ଜୁଳା କରି ବସିଥାଏ । ସେଠାରେ ଜଣେ ସ୍ତ୍ରୀ ଲୋକ ଆସି ବରପିଲାର ଆଞ୍ଜୁଳାରେ ହଳଦୀ ଓ ଚାଉଳ ଦିଅନ୍ତି । ବରପିଲା ସେହି ଚାଉଳ ହଳଦୀକୁ ନିଜର ମୁଣ୍ଡ ପଟ ଦେଇ ପଛଆଡ଼େ ପୋପାଡ଼େ । ଏହିପରି ତୃତୀୟ ଦିନର କାମ ସରେ । ଚତୁର୍ଥ ଦିନ ବର ପକ୍ଷର ଲୋକମାନେ ବରପିଲାକୁ ଧରି ଗ୍ରାମର ମଝିରେ ଥିବା ଦେବୀ ଗୁଡ଼ି ପାଖକୁ ଆସନ୍ତି । କନ୍ୟା ଘରଲୋକମାନେ କନ୍ୟାକୁ ସେହି ଜାଗାକୁ ଆଣନ୍ତି । କନ୍ୟାକୁ ଆଣିବା ପୂର୍ବରୁ କନ୍ୟାର ମୁହଁରେ ଗୋଟିଏ କପଡ଼ା ଢଙ୍କା ଯାଇଥାଏ । ଲଗ୍‌ନିଆ ଆସି ମନ୍ତ୍ର କହନ୍ତି ଏବଂ ଝିଅର ଓଢ଼ଣୀ ଖୋଲନ୍ତି । ଏହାକୁ ଟିଖଲ୍ ଉଠି କହନ୍ତି । ଏହା ସରିବା ପରେ ବର ଓ କନ୍ୟାକୁ ''ପର୍‌ରା ନଚା' ଯାଏ । ବାଉଁଶରେ ତିଆରି ଗୋଟିଏ ପର୍‌ଲାରେ ବରପିଲାକୁ ବସାନ୍ତି ଏବଂ ନଚାନ୍ତି । କନ୍ୟାକୁ ମଧ୍ୟ ସେହିପରି ପର୍‌ରା ନଚା ଯାଏ । ପର୍‌ରାନଚା ସରିବା ପରେ ପର୍‌ରା ଝଂଜା କରାଯାଏ । ବର ଓ କନ୍ୟାକୁ ବସାଇ ନଚା ଯାଇଥିବା ପର୍‌ଲାକୁ ଉଭୟଙ୍କ ମୁଣ୍ଡରେ ରଖାଯାଏ । ଗୀତ କହନ୍ତି । ଉଭୟଙ୍କୁ ରାଶି ତେଲ ଉତ୍‌ରା ଯାଏ ।

ଲଗ୍ନ ପୂର୍ବରୁ ଉଭୟ ପକ୍ଷର ଲଗ୍‌ନିଆ ବର ଓ କନ୍ୟାକୁ ନୂଆ ଲୁଗା, ନୂଆ ଧୋତି ପିନ୍ଧାନ୍ତି । ଗ୍ରାମର ମଝିରେ ଗୋଟିଏ ଜାଗାରେ ଉଭୟ ବର ଓ କନ୍ୟାକୁ ରଖାଯାଏ । ପୂର୍ବରେ କନ୍ୟା ଓ ପଶ୍ଚିମରେ ବରପିଲା ଥାଏ । ଲଗ୍‌ନିଆ ଉଭୟଙ୍କ କାନରେ ମନ୍ତ୍ର କହି କାନ ଫୁକନ୍ତି । ତାପରେ ବରପିଲାକୁ କନ୍ୟା ପାଖକୁ ନେଇ କନ୍ୟାର ଡାଣି ଆଙ୍ଗୁଠିକୁ ଧରେଇ ଦିଅନ୍ତି । ବର ଓ କନ୍ୟା ଉଭୟ ପୂର୍ବ ମୁହଁ କରି ଠିଆ ହୁଅନ୍ତି । ଲଗ୍‌ନିଆ ସାତ ବିଟି ଚାଉଳ ନେଇ କନ୍ୟାର ଶାଢ଼ିର କାନି ଏବଂ ବରପିଲା ଧରିଥିବା ଉତ୍ତରୀୟର କାନି ମିଶାଇ ସାତ ବିଟି ଚାଉଳ ବାନ୍ଧି ଦିଅନ୍ତି । ଏହାକୁ ''ଗଣ୍ଠିଲା ଯୋରା'' କୁହାଯାଏ । ଗଣ୍ଠିଲା ଯୋରା ସରିବା ପରେ ସମସ୍ତେ ପାଣିରେ ବର ଓ କନ୍ୟାର ଗୋଡ଼ ଧୁଅନ୍ତି । ସ୍ତ୍ରୀ ଲୋକମାନେ ଚାଉଳ ଗୁଣ୍ଡରେ ତିଆରି ପିଠାରେ ବର ଓ କନ୍ୟାର ଗାଲକୁ ଗୋଟିଏ ଦୀପରେ ଗରମ କରି ଶେକନ୍ତି । ଏଠାରେ ଲଗ୍ନ ସରେ । ଲଗ୍ନ ଦେଇ ସାରିବା ପରେ ଉଭୟଙ୍କୁ କନ୍ୟା

ଘରର ମଡୁଆକୁ ନିଅନ୍ତି । ମଡୁଆରେ ବର ଓ କନ୍ୟାକୁ ବସାନ୍ତି ଏବଂ ତାଙ୍କ ଚାରିପଟରେ ସାତ ଜଣ ଲୋକ ବସନ୍ତି । ସେହି ସାତ ଜଣ ଲୋକଙ୍କୁ ଗୋଟିଏ ବଡ଼ ଧୋତିରେ ସାତ ଜଣଙ୍କ ଚାରିପଟେ ଘୋଡ଼ାଇ ଦିଅନ୍ତି । ସେହି ଭିତରେ ସାତଟି କୁକୁଡ଼ା ବଳୀ ଦିଆଯାଏ । ସେଠାରେ ବର ଓ କନ୍ୟାକୁ ଗୁନ୍‌ଜାରେନ୍ କରାଯାଏ । ଗୁନ୍‌ଜାରେନ୍ ପରେ ବର ଓ କନ୍ୟାକୁ ଗ୍ରାମର ସମସ୍ତ ଲୋକଙ୍କ ଘରକୁ ନେଇ ଓଲ୍‌ଗେଇ ଥାନ୍ତି । ତାପରେ ସମସ୍ତେ ମିଶି ଘରକୁ ଆଣନ୍ତି । ବର ଓ କନ୍ୟା ଏବଂ ବରପକ୍ଷର ଲୋକମାନେ ଓ କନ୍ୟାପକ୍ଷର ଲୋକମାନେ ମିଶି ମହୁଲ ଡାଳ ଭସେଇବା ପାଇଁ ପାଖରେଥିବା ପୋଖରୀ ବା ନଦୀକୁ ଯାନ୍ତି । ନଦୀ ବା ପୋଖରୀରେ ମହୁଲ୍ ଡାଳକୁ ବହଲେଇ ଦେଇ ଘରକୁ ଫେରନ୍ତି । ଘରକୁ ଫେରିବା ସମୟରେ ରାସ୍ତାରେ ଚାରିଟି ମୂର୍ତ୍ତି ପୂର୍ବରୁ ତିଆରି କରାଯାଇଥାଏ । ସମ୍ବର, କୁଟ୍‌ରା, ଚିତା ଓ ବାରାହର ଚିତ୍ର କରାଯାଇଥାଏ । ଝିଅ ସେହି ରାସ୍ତାରେ ଧନୁରକାଣ(ଶର) ଗୋଟିଏ ଧରି ପ୍ରଣାମ କରେ ଏବଂ ତାର ସ୍ୱାମୀକୁ ପ୍ରଣାମ କରି ଧରାଇ ଦିଏ । ଚିତ୍ରର ଆଠ ଦଶ ଫୁଟ୍ ଦୂରରେ ରହି ବରପିଲା ପ୍ରଥମେ ଧନୁ ଶରରେ ପ୍ରଥମ ଚିତ୍ରକୁ ମାରେ । ସେଠାରେ ଶର ପଡ଼ିଗଲା ପରେ କନ୍ୟା ଯାଇ ଉଠାଇ ଆଣେ ଏବଂ ପୁଣିଥରେ ଶରକୁ ଏବଂ ନିଜ ସ୍ୱାମୀକୁ ଧରାଇ ଦିଏ । ଏହିପରି ଚାରିଟି ଚିତ୍ରକୁ ଚାରିଥର ବରପିଲା ମାରେ ଏବଂ କନ୍ୟା ପ୍ରତ୍ୟେକଥର ଉଠେଇ ଆଣି ନିଜର ସ୍ୱାମୀଙ୍କୁ ଧରାଇ ଦିଏ । ଏହାକୁ "କାଣ ବିନ୍ଧା" କହନ୍ତି । କାଣ ବିନ୍ଧା ସରିବା ପରେ ପୁଣି ବର, କନ୍ୟା ଓ ସମସ୍ତେ ମିଶି ଆଗକୁ ଯାନ୍ତି । ରାସ୍ତାରେ ପାହାରୁନ୍ ଓ ଲଙ୍ଗଳ ଜୁଆଡ଼ି ରଖାଯାଇଥାଏ । ପ୍ରଥମେ ବରପିଲା ଆସି ପାହାରୁନ୍‌କୁ ପ୍ରଣାମ କରେ, ପାହାରୁନ୍ ଧରେ ଏବଂ କନ୍ୟା (ନିଜର ସ୍ତ୍ରୀ) ପାଖକୁ ଯାଇ ତାକୁ ପ୍ରଣାମ କରି ପାହାରୁନ୍ ଧରାଇ ଦିଅନ୍ତି । ଠିକ୍ ସେହିପରି କନ୍ୟା ପାଖରେ ଥିବା ଲଙ୍ଗଳ ଜୁଆଡ଼ି ପାଖକୁ ଯାଇ ପ୍ରଣାମ କରନ୍ତି ଏବଂ ସେହି ଲଙ୍ଗଳ ଜୁଆଡ଼ି ଧରି ନିଜର ସ୍ୱାମୀଙ୍କୁ ପ୍ରଣାମ କରି ଧରାଇ ଦିଅନ୍ତି । "ଏହାର ଅର୍ଥ ହେଲା ସ୍ୱାମୀ ହଳ ଲଙ୍ଗଳ ଧରି ଚାଷ କରି ଘରକୁ ଆଣିଲେ ମୁଁ ପାହାରୁନ୍‌ରେ ଧାନ କୁଟି ଖାଇବାକୁ ଦେବି" । ତାପରେ ଦୁଇ ଜଣ ଦୌଡ଼ି ଦୌଡ଼ି କନ୍ୟାଘର ମଡୁଆକୁ ଯାନ୍ତି । ସେଠାରେ ମଡୁଆରେ ଗୋଟିଏ ମାଟିର ଟାଣିରେ ପାଣି ଆଣି ରଖିଥାନ୍ତି । ସେହି ପାଣିରେ ଗୋଟିଏ ମୁଦି ଓ ଗୋଟିଏ ସୁନାର ମାଳି ରଖା ଯାଇଥାଏ । ବର ଓ କନ୍ୟା ଉଭୟ ସେହି ଟାଣିରେ ହାତ ପୂରାନ୍ତି । ଟାଣି ଭିତରେ ଥିବା ସୁନାର ମାଳିକୁ ବରପିଲା ଆଣି କନ୍ୟା ବେକରେ ପିନ୍ଧାନ୍ତି ଏବଂ କନ୍ୟା ମୁଦି ଆଣି ବରପିଲା ହାତରେ ପିନ୍ଧାଇ ଦିଅନ୍ତି ।

ମଡୁଆରେ ଆଉ ଗୋଟିଏ ମାଟି ଟାଣିରେ ପାଣି ରଖାଯାଇଥାଏ ଏବଂ ସେହି ପାଣି ଭିତରେ ଗୋଟିଏ ହଲଦୀ ଓ ପଥରକୁ ଗୋଟିଏ କନାରେ ଗୁଡ଼ାଇ ରଖାଯାଇଥାଏ । ଏହାକୁ ''ବୋପୋ ଝୁଲା'' କହନ୍ତି । ସେହି ହଲ୍ଦୀ ଗଣ୍ଠିକୁ ବାହାର କରି ସେଠାରେ ଥିବା ଦୁଇ ଜଣ ଲୋକଙ୍କ ଗାଲରେ ଲଗାଇ ଦିଅନ୍ତି । ସେହି ହଲଦୀକୁ ନାତି, ନାତୁଣୀର ଗୁହବୋଲି ଭାବି ଲଗାନ୍ତି । ତାପରେ ସେଠାରେ ଗୋଟିଏ ପଟି ପକାଯାଏ । ସେହି ପଟିରେ ବର ଓ କନ୍ୟା ପୂର୍ବ ମୁହଁ କରି ବସନ୍ତି । ସେହି ପଟି ଉପରେ ସେମାନଙ୍କ ସାମ୍ନାରେ ଗୋଟିଏ ମାଣ ଧାନ ଆଣି ଧାନକୁ ମାଣ ସହିତ ରଖନ୍ତି । କନ୍ୟା କାଣି ଆଙ୍ଗୁଠିରେ ସେହି ଧାନ ମାଣକୁ ଠେଲି ଦିଏ । ସେଥିରୁ ଅଧାଧାନ ପଡ଼ିଯାଏ ଏବଂ ଅଧାଧାନ ମାଣ ଭିତରେ ଥାଏ । ତଳେ ପଡ଼ି ଯାଇଥିବା ଧାନକୁ ସମସ୍ତେ ଏକ ଏକ ମୁଠା ଧରି ସେହି ମାଣରେ ପୂରାନ୍ତି । ମାଣରେ ଧାନ ପୂରିଯାଏ । ବରପିଲା ସେହିପରି ଧାନ ମାଣକୁ ନିଜର କାଣି ଆଙ୍ଗୁଠିରେ ଠେଲି ପକାଇବା ପରେ ସମସ୍ତେ ମିଶି ଧାନକୁ ମାଣରେ ରଖନ୍ତି । ଯଦି ମାଣ ଧାନରେ ଭରପୁର ହୋଇଯାଏ ତାହେଲେ ଏମାନଙ୍କ ଘରେ ଧାନ ଭରପୁର ହୋଇଯିବ ବୋଲି ବିଶ୍ୱାସ କରନ୍ତି ଏବଂ ଯଦି ଧାନ ମାଣରେ ଭରପୁର ନହୁଏ ତାହା ହେଉଛି । ଏମାନଙ୍କୁ ଖାଦ୍ୟର ଅଭାବ ହେବ ବୋଲି ବିଶ୍ୱାସ କରନ୍ତି । ବର ଓ କନ୍ୟା ପଟିରେ ବସିଥିବା ସମୟରେ କନ୍ୟାପକ୍ଷ ଲୋକ ଓ ବରପକ୍ଷ ଲୋକମାନେ ବର ଓ କନ୍ୟାକୁ ହଳଦୀ ଚାଉଳ ମୁଣ୍ଡରେ ଦେଇ ଟୀକା କରନ୍ତି ଓ ଆଶୀର୍ବାଦ କରନ୍ତି । ଟୀକା ସରିବା ପରେ ଦୁଇଜଣଙ୍କୁ ମଡୁଆରୁ ଉଠାନ୍ତି ଏବଂ ଯେଉଁଠାରେ ଶିକାରେ ପାଣି ଝୁଲୁଥାଏ ସେହି ସ୍ଥାନକୁ ନିଅନ୍ତି । ସେଠାରେ ଦୁଇଜଣଙ୍କ ମୁଣ୍ଡରେ ଗୋଟିଏ ଗୋଟିଏ ବାଉଁଶର ପର୍‌ଲା ରଖନ୍ତି । ସେଠାରେ କନ୍ୟାର ବଡ଼ଭାଇ ଶିକାରେ ଝୁଲା ଯାଇଥିବା ପାଣିକୁ ଆଣି ଦୁଇଜଣଙ୍କ ମୁଣ୍ଡରେ ଢାଳି ଦିଅନ୍ତି । ଏହି ପାଣିକୁ ''ଧରମ୍‌ପେନ୍'' କହନ୍ତି । ଧରମ୍‌ପେନ୍ ଢଳା ଯିବା ପରେ ଉଭୟଙ୍କୁ ଘର ଭିତରକୁ ଆଣନ୍ତି । ଘର ଭିତରେ ବରପିଲା ପାଇଁ ଗୋଟିଏ ପତ୍ରର ଖଲିରେ ଭାତ ଓ ଦନାରେ ତରକାରୀ ବଢ଼ାଯାଏ । ସେହି ଭାତ, ଡାଲି ତରକାରୀକୁ ବରପିଲା ଖାଇ ଛାଡ଼ି ଦିଏ ଏବଂ ସେହି ଅଇଁଠା ଭାତକୁ କନ୍ୟା ଖାଇଥାଏ । ବର ଓ କନ୍ୟା ଖାଇ ସାରିବା ପରେ ସମସ୍ତ ଲୋକ ମିଶି କନ୍ୟାପକ୍ଷର ଭୋଜି ଖାନ୍ତି ଏବଂ ରାତ୍ରିରେ ବରପିଲା ଓ କନ୍ୟାକୁ ଧରି ନିଜ ଗ୍ରାମକୁ ଫେରନ୍ତି ।

ପଞ୍ଚମ ଦିନ ସକାଳେ ବର ପିଲା ଘରେ ହଳଦୀ ଗଇଦୀ କାଟନ୍ତି । ଉଭୟ ବର ଓ କନ୍ୟା ଏବଂ କେତେକ ପୁରୁଷ ଓ ସ୍ତ୍ରୀ ମିଶି ଗ୍ରାମ ପାଖରେ ଥିବା ଜଙ୍ଗଲକୁ

ଯାନ୍ତି । ଜଙ୍ଗଲରେ ଦୁଇଜଣ ମିଶି ଗୋଟିଏ କୁରଲୁ ଗଛକୁ ହାଣନ୍ତି । ସେଠାରେ ନିଆଁ ଧରାଇ ସେହି କୁରଲୁ ଗଛର ଡାଳକୁ ପୋଡ଼ାନ୍ତି । ତାର ଛାର (ପାଉଁଶ)କୁ ଆଣି କନ୍ୟା ଗୋଟିଏ ହାଣ୍ଡିରେ ନିଜର ଆଣିଥିବା କପଡ଼ାକୁ ଛାର କାଚେ । ନିଜର କପଡ଼ାକୁ ନେଇ ପୋଖରୀ ବା ନଦୀରେ ସଫା କରାଯାଏ । ତାପରେ ଛାର ବସାଇଥିବା ଚୁଲି ପାଖକୁ ଆସି, ଛାର ଓ କପଡ଼ା ସିଝା ଯାଇଥିବା ହାଣ୍ଡିକୁ ଧରି ସାତ ଥର ଚୁଲି ଚାରି ପଟରେ ଘୁରି ସେଠାରେ ସେହି ହାଣ୍ଡିକୁ ଭାଙ୍ଗି ଦେଇ ଘରକୁ ଏକମୁହାଁ ହୋଇ ଫେରନ୍ତି । ଛାର ବସେଇବା ଦ୍ୱାରା କନ୍ୟାର କପଡ଼ା ସବୁ ଶୁଦ୍ଧ ହୋଇଗଲା ଯାହାକି ତାର ବାପା ଘରେ ଛୁଆଁ ହୋଇଥିଲା । ଘରେ ବନ୍ଧୁଘରୁ ଆସିଥିବା ଲୋକ ଜଣେ ପାଣି, କଞ୍ଚା ଗୋରସ କୁକୁଡ଼ାର ରକ୍ତ ଓ ଗୋଟିଏ ବୋକା (ଖାସୀ)ର ରକ୍ତ ମିଶାଇ କନ୍ୟାକୁ ଦିଅନ୍ତି । ସେସବୁକୁ କନ୍ୟା ନିଜର ମୁଣ୍ଡରେ ମାଖିଥାଏ ଏବଂ ଏହାଦ୍ୱାରା ଶୁଦ୍ଧ ହୋଇଥାଏ । ତାପରେ ଦୁଇଜଣ ମିଶି ଲାଲ୍ ବଙ୍ଗଳା ଭିତରେ ପଶନ୍ତି । ଦୁଇଜଣ ଏକା ସଙ୍ଗେ ମିଶି ଚୁଲିରେ ନିଆଁ ଲଗାନ୍ତି । କନ୍ୟା ସେହି ଦିନ ଭାତ, ଡାଲି, ତରକାରୀ ରୋଷେଇ କରେ । ସେଦିନ ବରପକ୍ଷରୁ ଭୋଜି ହୁଏ । ଭୋଜି ଭାତରେ କନ୍ୟା ରାନ୍ଧିଥିବା ଭାତ, ଡାଲି, ତରକାରୀ ମିଶାନ୍ତି ଏବଂ ସମସ୍ତ ଲୋକଙ୍କୁ ଖାଇବାକୁ ଦିଅନ୍ତି । ବରପକ୍ଷର ସଂପର୍କୀୟ ଲୋକମାନେ ଦିନେ ଦୁଇଦିନ ରହି ନିଜ ନିଜ ଘରକୁ ଯାନ୍ତି ।

ସାତ ଆଠ ଦିନ ପରେ ଗୋଡ୍ ଲେହେଁଟେନ ହୁଏ । ଗୋଟିଏ ନୂଆ ବାଉଁଶ ପରଲିରେ ଧାନ, ଗୋଟିଏ କୁକୁଡ଼ା, ଗୋଟିଏ ଗଂଡା (ଅଣ୍ଡିରା କୁକୁଡ଼ା) ଧରି ମାହାଲିଆ ସାଙ୍ଗରେ ବର ଓ କନ୍ୟା ମିଶି, କନ୍ୟାର ବାପା ଘରକୁ ଯାନ୍ତି । ମାହାଲିଆ ଦୁଇଜଣଙ୍କୁ ଧରି ସମସ୍ତଙ୍କ ଘରକୁ ନେଇ ସମସ୍ତ ବଡ଼ ମାନଙ୍କୁ ନମସ୍କାର କରାନ୍ତି । ଦୁଇ ଜଣ ସେଠାରେ ମାତ୍ର ଗୋଟିଏ ରାତ୍ରି ରହନ୍ତି ଏବଂ ପରଦିନ ସକାଳେ ନିଜ ଘରକୁ ଫେରନ୍ତି ।

କେବଳ ଚୋକଟିଆ ଭୁଂଜିଆ ସଂପ୍ରଦାୟରେ ଏହି ପ୍ରଥା ପ୍ରଚଳିତ । ଚିନ୍ଦା ଭୁଂଜିଆ ଓ ଖୋଲାରଝିଆ ଭୁଂଜିଆ ସଂପ୍ରଦାୟରେ ଏହି ପ୍ରଥାସବୁ ମାନନ୍ତି ନାହିଁ । ଚୋକଟିଆ ଭୁଂଜିଆ ସଂପ୍ରଦାୟରେ କେବଳ ''ବିହା''କୁ ବିବାହ ପ୍ରଥାରୂପେ ଗ୍ରହଣ କରନ୍ତି । ବିହା ବ୍ୟତୀତ ଏହି ସଂପ୍ରଦାୟରେ ପଇସାମୁଡ଼ି, ଉଦ୍‌ଲିଆ ଏବଂ ଘିଚାକନିଆ ବିବାହ ପ୍ରଥା ମଧ୍ୟ ଦେଖାଯାଏ । କିନ୍ତୁ ଏହି ତିନୋଟି ବିବାହ ପ୍ରଥାରେ ଯିଏ ବିବାହ ହେଲା ତାକୁ ଘରୁ ବାସନ୍ଦ କରି ଦିଅନ୍ତି । ଏମାନଙ୍କ ସହିତ ଘରେ ଥିବା ଲୋକମାନେ ସଂପର୍କ ରଖନ୍ତି ନାହିଁ । ଏମାନଙ୍କୁ ନିଜ ଜାତିରୁ ମଧ୍ୟ ବାହାର କରି ଦିଅନ୍ତି । ତେଣୁ

ପଗସାମୁଡ଼ି, ଉଦ୍‌ଲିଆ ଓ ଘିଚାକନିଆ ବିବାହ ପ୍ରଥା କ୍ୱଚିତ୍ ଦେଖାଯାଏ । କିନ୍ତୁ ଚୋକଟିଆ ଭୁଂଜିଆ ସଂପ୍ରଦାୟରେ ''ଘର କୁଏଁ'' ବିବାହ ପ୍ରଥା ପ୍ରଚଳିତ ।

## ଘରକୁଏଁ

ଚୋକଟିଆ ଭୁଂଜିଆ ସଂପ୍ରଦାୟରେ କୌଣସି ଲୋକ ଘରେ କେବଳ ଗୋଟିଏ ଝିଅଥିଲେ, ଭବିଷ୍ୟତ୍‌ରେ ସେମାନଙ୍କୁ ସେବା ଶୁଶ୍ରୂଷା କରିବା ପାଇଁ କୌଣସି ଲୋକ ନଥିଲେ, ସେହିଲୋକ ନିଜ ଝିଅ ପାଇଁ ଘରକୁଏଁ ଖୋଜନ୍ତି । ସେ ଜଣେ ଦୁଇଜଣ ଲୋକଙ୍କୁ ଧରି ଅନ୍ୟ ଗ୍ରାମମାନଙ୍କୁ ନିଜ ସଂପ୍ରଦାୟର ଲୋକଙ୍କ ଘରକୁ ଯାଇ ଘରକୁଏଁ ପାଇଁ ପ୍ରସ୍ତାବ ଦିଅନ୍ତି । ଯଦି ପୁଅ ପିଲା ଘରେ ରାଜି ହୁଅନ୍ତି ତାହେଲେ ''ବିହା'' ପ୍ରଥାରେ ଯେଉଁସବୁ ନୀତି ନିୟମ ଥାଏ ସେହି ପରି ବିବାହ କରାଯାଏ । ପୁଅ ପିଲାକୁ ନିଜ ବାପା ମାଁ, ଏବଂ ଅନ୍ୟ ଲୋକମାନେ ମିଶି କନ୍ୟା ଗ୍ରାମକୁ ନେଇଯାନ୍ତି । କନ୍ୟା ଗ୍ରାମରେ ଯଥା ରୀତିରେ ବିବାହ ପ୍ରଥାରେ ବିବାହ କରାଯାଏ । ଶେଷରେ ବରପକ୍ଷର ଲୋକମାନେ ପୁଅପିଲାକୁ ସେଠାରେ କନ୍ୟା ଘରେ ସବୁଦିନ ପାଇଁ ଛାଡ଼ି ଦେଇ ଆସନ୍ତି । ସେ କନ୍ୟାପିତା ଘରେ ସବୁଦିନ ପାଇଁ ରହେ । ସେଠାରେ କନ୍ୟାପିତା ଓ ମାଁର ସେବା ଶୁଶ୍ରୂଷା କରେ । ତାର ଇଚ୍ଛା ଅନୁସାରେ ସେ ନିଜର ବାପା, ମାଁ ଗ୍ରାମକୁ ଆସିପାରେ ସେଥିପାଇଁ କୌଣସି ବାରଣ ନଥାଏ । ଯଦି କୌଣସି କାରଣରୁ ପୁଅର ଝିଅ ସହିତ ରହିବାକୁ ଇଚ୍ଛା ହୁଏ ନାହିଁ ତାହେଲେ ପୁଅ ସମାଜ ଡାକି ସେହି ସମାଜ ଉପରେ ସବୁକଥା କହି ସେହି ଝିଅକୁ ଛାଡ଼ିଦିଏ ଏବଂ ନିଜ ଘରକୁ ଚାଲିଯାଏ । ଘରର ଲୋକମାନେ ତାକୁ ଅନ୍ୟ ଝିଅକୁ ବିବାହ କରାଇ ଦିଅନ୍ତି ଏବଂ ଘରେ ରଖନ୍ତି ।

## ଘିଚା ବିବାହ

ଚୋକଟିଆ ଭୁଂଜିଆ ସଂପ୍ରଦାୟରେ ଏହି ପ୍ରଥା କ୍ୱଚିତ୍ ଦେଖାଯାଏ । ଯଦି ଗୋଟିଏ ପିଲାର କୌଣସି ଗୋଟିଏ ଝିଅକୁ ବିବାହ କରିବା ପାଇଁ ଇଚ୍ଛା ହୁଏ, ଏବଂ ଝିଅର ବାପା, ମାଁ ସେହି ଝିଅକୁ ସେହି ପିଲା ପାଇଁ ବିବାହ କରିବା ପାଇଁ ମନା କରନ୍ତି ତାହେଲେ ସେହି ପୁଅ ସମୟ ସୁବିଧା ଦେଖି ଝିଅ ଏକୁଟିଆ ଘରେ ଥିବା ସମୟରେ ବା ନଦୀ ପୋଖରୀକୁ ଗାଧୋଇ ଯିବା ସମୟରେ ପୁଅ ଝିଅର ହାତକୁ ଧରି ଘିଚି ଘିଚି (ଟାଣିଟାଣି) ନେଇଯାଏ । ଏହାକୁ ଘିଚା ବିବାହ କହନ୍ତି । ପିଲା ନିଜେ ରୋଜଗାର ସକ୍ଷମ ହୋଇଥାଏ ତା ହେଲେ ସେ ସେହି ଝିଅକୁ ନେଇ ଅନ୍ୟତ୍ର ଗୋଟିଏ ଘରେ ରଖେ । ଯଦି ରୋଜଗାର ସକ୍ଷମ ହୋଇନଥାଏ ତାହେଲେ ତାର ବାପା, ମାଁ ସେହି

ପିଲାକୁ କେତେ ଜମି ଦେଇ ତାର ଅନ୍ୟତ୍ର ବ୍ୟବସ୍ଥା କରି ଦିଅନ୍ତି । ଯଦି କୌଣସି କାରଣରୁ ଝିଅ ସେହି ପିଲାକୁ ଛାଡ଼ି ତାଙ୍କ ଘରକୁ ଚାଲି ଆସିଲା ତାହେଲେ ତାକୁ ଆଉ କେହି ବିବାହ କରନ୍ତି ନାହିଁ । ତେଣୁ ଗୋଟିଏ ଝିଅକୁ ଯଦି କୌଣସି ପୁଅ ଘିଚି ନେଇଯାଏ ତାହେଲେ ସେସବୁ ଦିନ ପାଇ ସେହି ପୁଅ ସାଙ୍ଗରେ ରହେ ।

## ପଇସା ମୁଡ଼ି

ଯଦି କୌଣସି ଝିଅର ମନ କୌଣସି ପୁଅ ପ୍ରତି ଆକୃଷ୍ଟ ହୁଏ ତାହେଲେ ସେହି ଝିଅ ନିଜର ବ୍ୟବହାର କରୁଥିବା କିଛି ଜିନିଷ ଏବଂ କିଛି ଟଙ୍କା ପଇସା ଧରି ସେ ସମୟ ସୁବିଧା ଦେଖି ପୁଅ ଘରକୁ ଚାଲିଯାଏ । ପୁଅର ଇଚ୍ଛା ନଥିଲେ ମଧ୍ୟ ସେ ସେହି ଝିଅକୁ ରଖେ । ସେ ଝିଅ ନିଜ ବାପା ଘରକୁ ଆଉ କେବେ ମଧ୍ୟ ଫେରେ ନାହିଁ । ପୁଅର ବାପା ନିଜ ପୁଅ ପାଇଁ ଅନ୍ୟତ୍ର ଘର ତିଆରି କରି ଦିଅନ୍ତି ଏବଂ ସେମାନଙ୍କର ସବୁ ସୁବିଧା କରି ଦିଅନ୍ତି ।

## ଉଦ୍‌ଲିଆ

ଯଦି ଗୋଟିଏ ପୁଅ ଏବଂ ଗୋଟିଏ ଝିଅର ବିବାହ କରିବା ପାଇଁ ମନ ଥାଏ ଏବଂ ଝିଅର ବାପା ମାଁ ବିବାହ ପାଇଁ ମନା କରନ୍ତି ତାହେଲେ ସମୟ ସୁବିଧା ଦେଖି ପୁଅ ଓ ଝିଅ କଥାବାର୍ତ୍ତା ହୋଇ ନିଜର ବ୍ୟବହାର ଜିନିଷ ସବୁ ଧରି ଦୁଇ ଜଣ ମିଶି ବର୍ଷେ ଦେଢ଼ ବର୍ଷ ପାଇଁ ନିଜ ଗ୍ରାମ ଛାଡ଼ି ଚାଲି ଯାନ୍ତି । ଏହାକୁ ଉଦ୍‌ଲିଆ ବିବାହ କହନ୍ତି । ବର୍ଷେ ଦେଢ଼ ବର୍ଷ ପରେ ଛୁଆ ହେବାପରେ ସେମାନେ ଘରକୁ ଫେରନ୍ତି । ଯଦି ପୁଅର ବାପାର ପୂର୍ବରୁ ସେହି ଝିଅକୁ ତାଙ୍କ ପୁଅ ପାଇଁ ବିବାହ କରିବା ପାଇଁ ଇଚ୍ଛା ଥିଲା, ତାହେଲେ ସେମାନେ (ପୁଅ ଓ ଝିଅ) ପୁଅର ବାପା ଘରକୁ ଆସନ୍ତି । ପୁଅର ବାପା ସେମାନଙ୍କୁ ଗୋଟିଏ ଅଲଗା ଘର ଦିଅନ୍ତି ଏବଂ ସେମାନଙ୍କୁ ସେଠାରେ ଚଳିବା ପାଇଁ ସବୁ ବ୍ୟବସ୍ଥା କରି ଦିଅନ୍ତି । ଯଦି ପୁଅର ବାପା ଇଚ୍ଛା ନଥାଏ ଏବଂ ଝିଅ ବାପାର ଇଚ୍ଛା ଥାଏ ତାହେଲେ ସେମାନେ ଝିଅର ବାପା ଘରକୁ ଆସନ୍ତି । ଝିଅର ବାପା ସେମାନଙ୍କ ରହିବା ପାଇଁ ସବୁ ବ୍ୟବସ୍ଥା କରି ଦିଅନ୍ତି । ସମାଜ ଡକାଇ ପୁଅର ବାପାଙ୍କୁ ଡକାନ୍ତି ଏବଂ ପୁଅ ଭାଗର ଜମି ବାଡ଼ି ସବୁ ପୁଅ ପାଇଁ ମଗାଇ ଦିଅନ୍ତି ।

## ମୃତ୍ୟୁ ସଂସ୍କାର

ଏହି ସଂପ୍ରଦାୟରେ କୌଣସି ବୃଦ୍ଧ ବା ବୃଦ୍ଧା କିମ୍ବା ଅପ୍ରାପ୍ତ ବୟସ୍କ ପୁରୁଷ ବା ମହିଳା ମରିଗଲେ ପରିବାରରେ ଥିବା ଅନ୍ୟ ଲୋକମାନେ ନିଜର ସମସ୍ତ ସଂପର୍କୀୟ ଲୋକମାନଙ୍କୁ ନିଜ ଘରକୁ ଡାକନ୍ତି । ସେମାନଙ୍କୁ ''କୁଟୁମ୍ବ ଲୋକ'' ବା ''ବନ୍ଧୁ ଲୋକ''

କହନ୍ତି । ଏହି ସଂପ୍ରଦାୟର ଲୋକମାନେ ଖଟ ବ୍ୟବହାର କରନ୍ତି ନାହିଁ ତେଣୁ ଶବକୁ ଗୋଟିଏ ବାଉଁଶ ପଟିରେ ତଳେ ଶୁଆନ୍ତି । ସାତଟି ବଡ଼ ବଡ଼ କାଠର ଖୁଣ୍ଟ ଆଣି ଗୋଟିଏ ଖଟ ତିଆରି କରନ୍ତି । ତାହାକୁ ''ମରଖଡ଼୍ରୀ'' କହନ୍ତି । ମରଖଡ଼୍ରୀରେ ଶବକୁ ଶୁଆନ୍ତି । ମରି ଯାଇଥିବା ଲୋକର ବଡ଼ ପୁଅ ଏବଂ ଅନ୍ୟ ତିନିଜଣ ମିଶି ସମସ୍ତ ବନ୍ଧୁଲୋକଙ୍କ ସହିତ ମିଶି ନଇ ଘାଟକୁ ଯାନ୍ତି । ନଇ କୂଳରେ ଯେଉଁଠାରେ ଶବ କବର ଦିଅନ୍ତି ସେଠାରେ ଉତ୍ତର ଓ ଦକ୍ଷିଣ ଦିଗ କରି ଛ/ସାତ ହାତ ଲମ୍ବ ଏବଂ ତିନିହାତ ଚଉଡ଼ା ଏବଂ ଦୁଇ/ତିନି ହାତ ଗଭୀରର ଗୋଟିଏ ଗାତ ଖୋଳନ୍ତି । ଯିଏ ଗାତ ଖୋଳେ ତାକୁ ଅନ୍ୟ ଜଣେ ଚାରି/ପାଞ୍ଚଟି ଜାମ ଗଛର ଡାଳ ଧରି ଧୁକନ୍ତି । ଯଦି ପୁରୁଷ ଲୋକ ମରିଯାଇଥାନ୍ତି ତାହେଲେ ଧାନ ଏବଂ ଟାଙ୍ଗିଆ ଧରି ଶବ ସହିତ ଯାଇଥାନ୍ତି । ଯଦି ସ୍ତ୍ରୀଲୋକ ମରି ଯାଇଥାନ୍ତି ତାହେଲେ ଖୁନ୍ତା (ଲଙ୍ଗଳର ଲୁହା) ଏବଂ ଧାନ ଧରି ଶବ ସହିତ ଯାନ୍ତି । ଗାତର ଗୋଟିଏ ପଟେ ବନ୍ଧୁଘରର ଜଣେ ଲୋକ ଧାନ ଓ ଟାଙ୍ଗିଆ ଧରି ଥାନ୍ତି ଅନ୍ୟପଟେ ମରି ଯାଇଥିବା ଲୋକଙ୍କ ଜଣେ ଲୋକ ଥାନ୍ତି । ଏହି ଦୁଇଜଣ ଗାତର ଚାରିପଟେ ଥରେ ଘୂରି ଧରିଥିବା ଟାଙ୍ଗିଆ ଏବଂ ଧାନକୁ ଗାତର ଅନ୍ୟ ପଟକୁ ଫିଙ୍ଗନ୍ତି । ଆର ପଟର ଲୋକ ଅନ୍ୟ ପଟକୁ ଟାଙ୍ଗିଆ ଏବଂ ଧାନ ଫିଙ୍ଗନ୍ତି । ଏହିପରି ସାତ ଥର ଗାତ ଚାରିପଟେ ଘୁରନ୍ତି ଏବଂ ସାତ ଥର ଟାଙ୍ଗିଆ ଓ ଧାନ ଫିଙ୍ଗନ୍ତି । ଶବକୁ ମରଖଡ଼୍ରୀରେ ରଖି ଗୋଟିଏ ଦୌଡ଼ିରେ ବାନ୍ଧିଥାନ୍ତି । ସେହି ଦୌଡ଼ିକୁ ବନ୍ଧୁଲୋକ ଜଣେ ଟାଙ୍ଗିଆରେ କାଟନ୍ତି ଏବଂ ଶବକୁ ମରଖଡ଼ରୀରୁ ବାହାର କରନ୍ତି । ଚାରିଜଣ ଲୋକ ଶବକୁ ଧରି ଗାତର ଚାରିପଟେ ସାତ ଥର ବୁଲାନ୍ତି । ମରି ଯାଇଥିବା ଲୋକ ବ୍ୟବହାର କରୁଥିବା ପୁରୁଣା କପଡ଼ା ସବୁ ଗାତର ତଳେ ଦିଅନ୍ତି ଏବଂ ତା ଉପରେ ନୂଆ କପଡ଼ା ସବୁ ଦିଅନ୍ତି । ଶବକୁ ଗାତରେ ରଖନ୍ତି । ଉତ୍ତର ଦିଗରେ ମୁଣ୍ଡ ଏବଂ ଦକ୍ଷିଣ ଦିଗରେ ଗୋଡ଼ ରଖନ୍ତି । ମରି ଯାଇଥିବା ଲୋକର ବଡ଼ ପୁଅ ଶବ ଉପରେ ମାଟି ଦିଅନ୍ତି । ପ୍ରଥମେ ମାଟି ଗୋଟିଏ ସ୍ତର ଦେବା ପରେ ତା ଉପରେ ପଥର ଦିଅନ୍ତି ତା ଉପରେ ମାଟି ପୁଣି ତା ଉପରେ ପଥର ଏପରି ସାତ ତେଙ୍ଗ୍ଡା (ସାତସ୍ତର) ମାଟି ଓ ପଥର ଦିଅନ୍ତି । ବନ୍ଧୁ ଘରର ଜଣେ ଲୋକ ଶବର କବର ପାଖରେ ଥରେ ମାତ୍ର ଶାବଳରେ ମାଟି କୁଡ଼ନ୍ତି । ସେହି ମାଟିକୁ ସେଠାରେ ଥିବା ସମସ୍ତେ ଟିକେଟିକେ ଧରି କବର ଉପରେ ପକାନ୍ତି । ତାପରେ ସମସ୍ତେ ମିଶି ନଇଘାଟକୁ ଗାଧୋଇବା ପାଇଁ ଯାନ୍ତି ।

ବନ୍ଧୁ ଘରର ଜଣେ ଲୋକ ପ୍ରଥମେ ଗାଧୋଇ ସାରି ଗୋଟିଏ ଲୁହା ଶାବଳ ଏବଂ ବିରୁନ୍ ଚେରକୁ ଧରି ପାଣି ବୁଡ଼ାଇ ରଖନ୍ତି । ଗାଧୋଇବା ସମୟରେ ସମସ୍ତେ

ମୁଣ୍ଡରେ ମାଟି ବୋଳି ଗାଧୋଇଥାନ୍ତି । ସମସ୍ତେ ଗାଧୋଇସାରି ଶାବଳ ଓ ବିରୁନ୍ ଚେର ଧରିଥିବା ବନ୍ଧୁ ଲୋକଙ୍କ ପାଖକୁ ଆସନ୍ତି । ବନ୍ଧୁଲୋକ ଶାବଳ ଓ ବିରୁନ୍ ଚେରକୁ ପାଣିରୁ ପଦାକୁ ଆଣନ୍ତି । ଶାବଳ ଏବଂ ବିରୁନ୍ ଚେରରୁ ଯେଉଁ ପାଣି ପଡ଼େ ତାହାକୁ ସମସ୍ତେ ହାତରେ ଆଣି ନିଜ ନିଜ ମୁଣ୍ଡରେ ଦିଅନ୍ତି । ଏହାଦ୍ୱାରା ସେମାନେ ଶୁଦ୍ଧ ହୋଇଥାନ୍ତି । ସମସ୍ତେ ଘରକୁ ଫେରନ୍ତି । ବନ୍ଧୁ ଘରର ଜଣେ ଲୋକ ଗୋଟିଏ ପାତ୍ରରେ ଗୋରସ ଧରିଥାନ୍ତି ଏବଂ ଗୋଟିଏ ହାତରେ ସୁନାରୀ ଗଛର ଡାଳ ଧରିଥାନ୍ତି । ଯେତେଲୋକ ଗାଧୋଇ ସାରି ଘରକୁ ଫେରନ୍ତି ସେମାନଙ୍କ ମୁଣ୍ଡରେ ବନ୍ଧୁଲୋକ ସୁନାରୀଡାଳ ଦ୍ୱାରା ଗୋରସ ଛିଞ୍ଚନ୍ତି ।

### ପାଏନ୍‌ମିଲା

ତିନି ଦିନରେ ଏହି ସଂପ୍ରଦାୟରେ ଦଶାକାମ ବା ବଡ଼କରମ୍ କରନ୍ତି । ଅନ୍ୟ ସଂପ୍ରଦାୟରେ ତିନି ଦିନରେ ତେଲକାମ ବା ଛୋଟ୍ କରମ୍ ଏବଂ ଦଶ ଦିନରେ ଦଶା କାମ ବା ବଡ଼ କରମ୍ ଯେପରି କରାଯାଏ ତାହା ଏହି ସଂପ୍ରଦାୟରେ କରାଯାଏ ନାହିଁ । ତିନି ଦିନରେ କରାଯାଉଥିବା ଦଶାକାମକୁ "ପାଏନ୍‌ମିଲା" କହନ୍ତି । ଏହି ଦିନ ମରି ଯାଇଥିବା ଲୋକର ବଡ଼ପୁଅ କେବଳ ଜଣେ ନିଜର ନିଶ, ଦାଢ଼ି ଏବଂ ମୁଣ୍ଡର ଚୁଟି କାଟି ଲଣ୍ଡା ହୁଅନ୍ତି । ଅନ୍ୟମାନେ ନିଜ ନିଜର ନିଶ ଓ ଦାଢ଼ି କାଟନ୍ତି । ଏହି ଦିନ ଘର ଦ୍ୱାର ସବୁ ଲିପା ପୋଛା କରାଯାଏ । ଲାଲ୍ ବଙ୍ଗଳାକୁ ଲିପାଲିପି କରି ନୂଆ ଲାଲ୍ ରଙ୍ଗ କରନ୍ତି । ଯେଉଁ ଲୋକ ଚାରିଜଣ ଶବ ବୋହିଥିଲେ ଏବଂ ଯେଉଁ ଦୁଇଜଣ ଧାନ ଓ ଟାଙ୍ଗିଆ ଧରିଥିଲେ ସେମାନଙ୍କ ଘର ମଧ୍ୟ ଲିପାପୋଛା କରନ୍ତି । ଏହି ଦିନ ଏମାନଙ୍କ ଘର ଏବଂ ଲାଲ୍ ବଙ୍ଗଳାକୁ ଗୋରସ ପାଣିରେ ଛିଞ୍ଚନ୍ତି । ଏହିଦିନ ଏମାନଙ୍କ ଘରର ବ୍ୟବହାର କପଡ଼ାକୁ ଛାର ବସାନ୍ତି । ଲାଲ ବଙ୍ଗଳାରେ ବନ୍ଧୁ ଘରର ଜଣେ ଲୋକ ଚୁଲିରେ ନିଆଁ ଲଗାନ୍ତି ଏବଂ କର୍ତ୍ତା (ମରି ଯାଇଥିବା ଲୋକଙ୍କ ବଡ଼ ପୁଅ) ରୋଷେଇ କରନ୍ତି । ମାଛ ତରକାରୀ ରୋଷେଇ କରିବା ନିତ୍ୟାନ୍ତ ଆବଶ୍ୟକ । କର୍ତ୍ତା ସବୁ ରୋଷେଇ କରି ଗୋଟିଏ ଦନାରେ ଭାତ, ଡାଲି, ମାଛ ତରକାରୀ ଧରି ଗ୍ରାମର ବାହାରକୁ ଯାନ୍ତି । କର୍ତ୍ତା ସହିତ ଅନ୍ୟମାନେ ମଧ୍ୟ ଯାନ୍ତି । କର୍ତ୍ତା ଭାତ, ଡାଲି, ମାଛ ତରକାରୀ ଏବଂ ପାଣି ଗ୍ରାମର ବାହାରେ ଗୋଟିଏ ସ୍ଥାନରେ ରଖନ୍ତି ଏବଂ ମରି ଯାଇଥିବା ଲୋକର ଆତ୍ମାକୁ ଡାକନ୍ତି । ଏହାଦ୍ୱାରା ମରିଯାଇଥିବା ଲୋକଙ୍କୁ ଆମିଷ ଭୋଜନ ଦିଅନ୍ତି ଏବଂ ସେହି ଦିନଠାରୁ ସେମାନେ ମଧ୍ୟ ଆମିଷ ଭୋଜନ ଖାଉଥାନ୍ତି । ଦନାରେ ରଖାଯାଇଥିବା ଖାଦ୍ୟକୁ କୌଣସି କୀଟ, ବା କୌଣସି ପକ୍ଷୀ ଆସି ଖାଇଲେ ସେମାନେ ସେହି କୀଟ ବା ପକ୍ଷୀକୁ

ମରି ଯାଇଥିବା ଲୋକର ଆତ୍ମା ଖାଇବାକୁ ଆସିଲା ବୋଲି ବିଶ୍ୱାସ କରନ୍ତି । ତାପରେ ସମସ୍ତେ ଘରକୁ ଆସନ୍ତି । ଭୋଜି ଖାଇଥାନ୍ତି । ଅନ୍ୟ ସଂପ୍ରଦାୟରେ କୁକୁଡ଼ା ବା ଖାସୀର ମାଂସକୁ ଦେଇ ଆମିଷ ଭୋଜନ କରାଇଥାନ୍ତି ହେଲେ ଏହି ସଂପ୍ରଦାୟରେ କେବଳ ମାଛକୁ ଆମିଷ ଭୋଜନ କରାଇଥାନ୍ତି ।

## ଡୁମା ଆଣିବା

ଯେଉଁ ଲୋକ ମରିଯାନ୍ତି ତାଙ୍କର ଆତ୍ମା ବା ଡୁମାକୁ ଘରକୁ ଆଣି ପୂଜାପାଠ କରନ୍ତି । ଏହି ସଂପ୍ରଦାୟରେ ଏହି ଡୁମା ଆଣିବା କାମ ତିନି ଦିନରେ ମଧ୍ୟ କରାଯାଏ । ଯେଉଁମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥାଏ ସେମାନେ ବର୍ଷେ ପରେ କିମ୍ବା ଦୁଇ ବର୍ଷ ପରେ ଡୁମାକୁ ଘରକୁ ଆଣନ୍ତି । ଡୁମା ଆଣିବାକୁ ''ବୁଡ୍'' କହନ୍ତି ।

ଯେଉଁଦିନ ଡୁମା ଆଣନ୍ତି ତାର ପୂର୍ବ ଦିନରୁ ଘରେ ଗୋଟିଏ ମୋଡ଼ୋ କରାଯାଇଥାଏ । ଡୁମା ଆଣିବା ଦିନ ନିଜର ସମସ୍ତ ବନ୍ଧୁ ଲୋକମାନଙ୍କୁ ଘରକୁ ଡାକନ୍ତି । ଘରେ ଗୋଟିଏ ନୂଆ ମାଟି ଟାଣି (ମାଟିର ଛୋଟ ମାଠିଆ) ନୂଆ ଧୋତି ରଖିଥାନ୍ତି । ସମସ୍ତେ ମିଶି ବାଜାବାଲାଙ୍କ ସହିତ କର୍ତ୍ତାକୁ ଧରି ନଈର ପାଣି ଘାଟକୁ ଯାନ୍ତି । ବନ୍ଧୁ ଘରର ଜଣେ ଲୋକ ସେଠାରେ ବଥାରେ (ନଈ କୂଳରେ ଜନ୍ମିଥିବା ମୋଟା ଘାସ ପରି ଉଦ୍ଭିଦ, ଯେଉଁଥିରେ ଝାଡୁ ତିଆରି କରାଯାଏ) ଗୋଟିଏ ଛୋଟ ମୋଡ଼ୋ ତିଆରି କରନ୍ତି । ସେହି ମୋଡ଼ୋରେ ନଡ଼ିଆ ଫଟା ଯାଇ ପୂଜା କରନ୍ତି । ମରିଯାଇଥିବା ଲୋକଙ୍କ ବଡ଼ପୁଅ ବା କର୍ତ୍ତା ସେଠାରେ ନଈରେ ଗାଧେଇ ନୂଆ ଧୋତି ପିନ୍ଧନ୍ତି । ନୂଆ ମାଟି ଟାଣିର ମୁଣ୍ଡରେ ସାତ ଥର ସୂତା ଗୁଡ଼ାଯାଏ ଏବଂ ସେହି ସୂତା ତଳଯାଏଁ ଲମ୍ବିଥାଏ । ସେହି ଟାଣିରେ କର୍ତ୍ତା ପାଣିଧରି ନିଜ ମୁଣ୍ଡରେ ବୋହି ଘରକୁ ଆଣନ୍ତି । ମରିଯାଇଥିବା ଲୋକର ଆତ୍ମା ବା ଡୁମା କର୍ତ୍ତା ଦେହରେ ପ୍ରବେଶ କରେ ଏବଂ କର୍ତ୍ତାର ମୁଣ୍ଡ ଦେହ ଗୋଡ଼ ହାତ ଝୁଲିଯାଏ । ସେହି ଡୁମାକୁ ସମସ୍ତଲୋକ ମିଶି ଘରକୁ ଆଣନ୍ତି । ଡୁମାକୁ ସେତେବେଳେ ସେଠାରେ ଥିବା ଲୋକମାନେ ବିଭିନ୍ନ ପ୍ରଶ୍ନ ପଚାରନ୍ତି । ଡୁମା ଯାହା କରିବାକୁ କହନ୍ତି ସେପରି ସେମାନେ କରନ୍ତି । ଡୁମା ଟାଣିର ପାଣିକୁ ବନ୍ଦାପନା କରି ମୋଡ଼ୋକୁ ଆଣି ସେଠାରେ ରଖନ୍ତି । ସେଠାରେ ବାଉଁଶର ଛୋଟ ଟୋକେଇରେ ଚାଉଳର ଗୁଣ୍ଡ ଆଣି ରଖନ୍ତି । ଡୁମାଠାରେ ଖାସି ଏବଂ କୁକୁଡ଼ା ବଳୀ ଦିଅନ୍ତି । ସେଠାରେ ଭୋଜି କରି ଆସିଥିବା ସମସ୍ତ ଲୋକ ଖାନ୍ତି । ସଂଧ୍ୟାରେ ସେହି ମୋଡ଼ୋରେ ଚାଉଳ ଗୁଣ୍ଡକୁ ତଳେ ରଖନ୍ତି ଏବଂ ତା ଉପରେ ବାଉଁଶର ଟୋକେଇ ଢାଙ୍କି ଦିଅନ୍ତି । ଡୁମା ଟାଣି ମୋଡ଼ୋ ଉପରେ ଝୁଲା ଯାଇଥାଏ ଏବଂ ସେହି ଟାଣିରୁ

ଲମ୍ୱିଥିବା ସୂତା ଟୋକେଇରେ ଲାଗିଥାଏ । ସେତେବେଳେ ମଧ୍ୟ ଖାସି ବଳୀ ଦିଅନ୍ତି । ସମସ୍ତେ ସେଠାରେ ଡୁମାକୁ ଆବାହନ କରନ୍ତି । ଡୁମା ରାତିରେ ଆସିଥାନ୍ତି । ତାଙ୍କର ଚିହ୍ନସ୍ୱରୂପ, ପାଦର ଚିହ୍ନ ବା ହାତର ଚିହ୍ନ ସେହି ଢଙ୍କା ଯାଇଥିବା ଚାଉଳ ଗୁଣ୍ଡରେ ଥାଏ । ତା ପରଦିନ ସକାଳୁ ସମସ୍ତେ ଢଙ୍କା ଯାଇଥିବା ଚାଉଳ ଗୁଣ୍ଡକୁ ଖୋଲି ଦେଖନ୍ତି । ସେହି ଗୁଣ୍ଡରେ ଯେଉଁ ଚିହ୍ନ ଥାଏ ତାହା ଦେଖି ସେମାନେ ଡୁମା ଆସିବା ବିଷୟ ବିଶ୍ୱାସ କରନ୍ତି । ସେଠାରେ ଡୁମା ପୂଜା କରାଯାଇ କୁକୁଡ଼ା ଏବଂ ଖାସି ବଳୀ ଦିଅନ୍ତି । ଭୋଜିଭାତ କରି ଖାନ୍ତି । ଡୁମା ଟାଣିକୁ ଲାଲ୍ ବଙ୍ଗଳାରେ ରଖନ୍ତି ଏବଂ ପୂଜା କରନ୍ତି ।

ଏହି ସଂପ୍ରଦାୟରେ ପୁରୁଷ ଲୋକ ଡୁମା ଟାଣି ଆଣନ୍ତି । ହେଲେ ଅନ୍ୟ ସଂପ୍ରଦାୟରେ ସ୍ତ୍ରୀଲୋକ ଡୁମା ଟାଣି ଆଣନ୍ତି । ଡୁମା ଅଣାଯିବା ବେଳେ ତିନିଥର ଖାସି ଏବଂ କୁକୁଡ଼ା ବଳୀ ଦିଆଯାଏ । ତେଣୁ ଯେଉଁମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥାଏ ସେମାନେ ତିନି ଦିନରେ ନ କରି ବର୍ଷେ ଦୁଇ ବର୍ଷ ପରେ ଆର୍ଥିକ ଅବସ୍ଥା ଠିକ୍ ହେଲେ ଡୁମା ଆଣନ୍ତି ।

⁂ ⁂

# ତୃତୀୟ ଅଧ୍ୟାୟ
# ପର୍ବପର୍ବାଣି

## ଦେବାଦେବୀଙ୍କ ଅବସ୍ଥିତି

ଚୋକଟିଆ ଭୁଂଜିଆମାନେ ଅନେକ ଦେବାଦେବୀଙ୍କୁ ପୂଜା କରନ୍ତି । ଏମାନଙ୍କ ମତ ଅନୁସାରେ ସୁନାବେଡ଼ା ଉପତ୍ୟକା ହେଲା ଦେବାଦେବୀମାନଙ୍କର ଗୋଟିଏ ଗଡ଼ ଏମାନେ ପୂର୍ବ ପୁରୁଷରୁ ଭିନ୍ନ ଭିନ୍ନ ଭାଗ ବଣ୍ଟାକରି ଦେବାଦେବୀଙ୍କୁ ପୂଜା କରି ଆସୁଛନ୍ତି । ସାତ ଭାଗଙ୍କ ବଂଶଧରମାନେ ଯଥା କଟରିଆ, ଝାଁକର, ପୂଜାରୀ, ଭୋଏ, ବାରିକ୍, ଧରୁଆ, ଚାନ୍ଦୁଆ, ଛତ୍ରିଆ — ଏପରି ଭାବରେ ବିଭକ୍ତ ହୋଇଛନ୍ତି ଏବଂ ପ୍ରତ୍ୟେକ ଗୋଷ୍ଠୀ ପାଇଁ କେତୋଟି ଦେବାଦେବୀ ଅଛନ୍ତି । ସେହି ଦେବାଦେବୀଙ୍କୁ ସେମାନେ ପୂଜା କରି ଆସୁଛନ୍ତି । ସମସ୍ତଙ୍କର ଅଧିଷ୍ଠାତ୍ରୀ ଦେବୀ ହେଲେ ସୁନାଦୀ (ସୁନାଦେଈ) ଦେବୀ । ସୁନାଦୀ ଦେବୀଙ୍କ ପ୍ରତି ଏମାନଙ୍କର ଅଗାଢ଼ ବିଶ୍ୱାସ । ସୁନାବେଡ଼ା ଉପତ୍ୟକାର କେଉଁ ଦିଗରେ କେଉଁ ଦେବାଦେବୀ ଅଛନ୍ତି ଏବଂ ସେହି ଦେବାଦେବୀଙ୍କୁ ଚୋକଟିଆ ଭୁଞ୍ଜିଆ ସଂପ୍ରଦାୟର କେଉଁ ଗୋଷ୍ଠୀ ପୂଜା କରନ୍ତି ତାହା ନିମ୍ନରେ ଦିଆଗଲା ।

ସୁନାବେଡ଼ା ଉପତ୍ୟକାର ଠିକ୍ ମଝିରେ ସୁନାବେଡ଼ା ଗ୍ରାମରେ "ସୁନାଦୀ ଦେବୀ" ଅବ୍‌ସ୍ଥିତ । "ପୂଜାରୀ" ସୁନାଦୀ ଦେବୀଙ୍କୁ ପ୍ରଚୁର ବୃଷ୍ଟି ପାଇଁ ଏବ୍ଂ ଏହି ସଂପ୍ରଦାୟର ଲୋକମାନଙ୍କୁ କୁଶଳରେ ରଖିବା ପାଇଁ ପୂଜା କରନ୍ତି ।

ପୂର୍ବ ଦିଗରେ ମାନିଆ ବୁଢ଼ା ଦେବତା, ବଡ଼ ମାଣ୍ଡି ଦେବୀ, ପାଟଗୁରୁ ଦେବତା, କନାଭଏଁରା ଦେବତା ଅଛନ୍ତି । ମାନିଅ ବୁଢ଼ା ଦେବତାଙ୍କୁ ପାଟ ମାଝୀ ପୂଜା କରନ୍ତି । ବୁଢ଼ି ମାଣ୍ଡି ଦେବୀଙ୍କୁ ଝାଁକର ପୂଜା କରନ୍ତି । ପାଟଗୁରୁ ଦେବତାଙ୍କୁ ମଧ୍ୟ ଝାଁକର ପୂଜା କରନ୍ତି । ଏହି ଦେବାଦେବୀଙ୍କୁ, ସମସ୍ତଙ୍କୁ କୁଶଳରେ ରଖିବା ପାଇଁ ଏବଂ ସମସ୍ତଙ୍କୁ ରୋଗ ଦୁଃଖରୁ ରକ୍ଷା କରିବା ପାଇଁ ପୂଜା କରନ୍ତି । କନାଭଏଁରା ଦେବତାଙ୍କୁ ବାରିକ୍‌ମାନେ ପୂଜା କରନ୍ତି ।

ପଶ୍ଚିମ ଦିଗରେ ଧରନୀ ଦେବୀ, ଗଡ଼ମାଣ୍ଡି ଦେବୀ, ମଣ୍ଡଳ ଦେବତା ଅଛନ୍ତି । ଧରନୀ ଦେବୀ ଓ ଗଡ଼ମାଣ୍ଡି ଦେବୀଙ୍କୁ ବଡ଼ମାଝୀ ପୂଜା କରନ୍ତି । ମଣ୍ଡଳ ଦେବତାଙ୍କୁ ଭମର ଗଡ଼ିଆମାନେ ପୂଜା କରନ୍ତି ।

ଉତ୍ତର ଦିଗରେ ବୁଢ଼ାରାଜା ଦେବତା, କେଛ ଦେବତା, ବୀରକାଛେନ୍ ଦେବୀ ଠାକୁର ଦେବତା ଅବସ୍ଥିତ । ବୁଢ଼ାରାଜା ଦେବତାଙ୍କୁ ସୋସେଙ୍ଗିଆମାନେ ପୂଜା କରନ୍ତି । ବୀରକାଛେନ୍ ଦେବୀଙ୍କୁ କୁଅଁରକାରୀ ମାଝୀମାନେ ପୂଜାକରନ୍ତି । କେଛ ଦେବତାଙ୍କୁ ଦଣ୍ଡସେନାମାନେ ପୂଜା କରନ୍ତି । ଠାକୁର୍ ଦେବତାଙ୍କୁ ଶାଳେ ପଡ଼ାର ବଡ଼ ମାଝୀମାନେ ପୂଜା କରନ୍ତି । ଦକ୍ଷିଣ ଦିଗରେ ପାଟପ୍ରଧାନ ଦେବତା ଅଛନ୍ତି । ଏହି ଦେବତାଙ୍କୁ ଛତ୍ରିଆମାନେ ପୂଜା କରନ୍ତି ।

ମାଟି ଦେବତାଙ୍କୁ ବର୍ଗେମାନେ ପୂଜା କରନ୍ତି । ଭୀମ ଦେବତାଙ୍କୁ ସମସ୍ତେ ପୂଜା କରନ୍ତି । ମହୁଲ ଫୁଲ ଭଲଭାବରେ ଫୁଟିବା ପାଇଁ ଭୀମ ଦେବତାଙ୍କୁ ପୂଜା କରନ୍ତି ।

ଏହିସବୁ ଦେବାଦେବୀ ବ୍ୟତୀତ ଚୋକଟିଆ ଭୁଂଜିଆ ସଂପ୍ରଦାୟର ଲୋକମାନେ ପୂର୍ବପୁରୁଷଙ୍କୁ ପୂଜା କରନ୍ତି । ଏହି ସଂପ୍ରଦାୟର କୌଣସି ବିବାହିତ ଲୋକ ମରିଗଲା ପରେ ତାଙ୍କର ଆତ୍ମାକୁ ଆଣି ଘରେ ରଖନ୍ତି । ଏହି ଆତ୍ମାକୁ "ଡୁମା" ବୋଲି କହନ୍ତି । ଅବିବାହିତ ଲୋକର ଆତ୍ମାକୁ "ମିର୍ଚୁକା" ବୋଲି କହନ୍ତି । ଘରେ କୌଣସି ବିପଦ ପଡ଼ିଲେ, ଘର କେହି ଲୋକଙ୍କୁ ରୋଗ ଦୁଃଖ ହେଲେ ଡୁମା ଆବାହନ କରନ୍ତି ଏବଂ ଡୁମାକୁ ପୂଜା କରି ଗୁହାରୀ କରନ୍ତି ।

## ହରୁଆଁଳି ଉଆଁସ୍

ଶ୍ରାବଣ ମାସର ଅମାବାସ୍ୟା ତିଥିରେ ଏହି ପର୍ବପାଳନ କରନ୍ତି । ଏହା ଏକ କୃଷିଭିତ୍ତିକ ପର୍ବ ଅଟେ । ଏହି ପର୍ବରେ ଜମି ଏବଂ ହଳ, ଲଙ୍ଗଳକୁ ପୂଜା କରନ୍ତି । ଏହି ଦିନ କେହି ମଧ୍ୟ ନିଜ ଜମିମାନଙ୍କରେ କାମ କରନ୍ତି ନାହିଁ । ସମସ୍ତ ଘରର ମୁଖିଆମାନେ ସକାଳୁ ଉଠି ଗାଧେଇସାରି ଘରକୁ ଫେରନ୍ତି । ଘରେ ନିଜ ନିଜର, ହଳ, ଲଙ୍ଗଳ, ଜୁଆଡ଼ି, ରଫାକୁ ଭଲ ଭାବରେ ପାଣିରେ ସଫା କରନ୍ତି । ତାପରେ ଲଙ୍ଗଳ, ଜୁଆଡ଼ି ଓ ରଫା ଉପରେ ଗୋରସ ଢାଳନ୍ତି, ଦୀପ, ଧୂପ ଜଳାଇ ପୂଜା କରନ୍ତି । କାରଣ ଏହି ଲଙ୍ଗଳ ଜୁଆଡ଼ି, ରଫା ଯୋଗୁଁ ସେମାନେ ଚାଷ କରି ଫସଲ ପାଆନ୍ତି ଏବଂ ସମସ୍ତଙ୍କୁ ଖାଇବାକୁ ମିଳିଥାଏ । ସେମାନଙ୍କର ଚାଷ କରାଯାଇଥିବା ଜମିକୁ ଯାନ୍ତି । ଜମିରେ ଗୋରସ ଢାଳନ୍ତି ଏବଂ ଦୀପ, ଧୂପ ଦେଇ ଜମି ପୂଜା କରନ୍ତି । ତାପରେ ସମସ୍ତେ ଦେବୀ ମନ୍ଦିରକୁ ଯାନ୍ତି । ସେଠାରେ ସମସ୍ତେ ଠୁଳ ହେବା ପରେ ପୂଜାରୀ ଦେବୀ ପୂଜା କରନ୍ତି । ସେଠାରେ ଭେଲୁଆ ଗଛର ଡାଳ, ଛତାବରୀ ଗଛର ଡାଳ ଏବଂ ଦିହିନା ଗଛର ଡାଳ ଆଣି ଦେବୀଙ୍କ ଠାରେ ପୂଜା କରନ୍ତି ଏବଂ ସବୁ ଡାଳରୁ ଖଣ୍ଡେ ଲେଖାଏଁ ଦେବୀ ମନ୍ଦିର ଦ୍ୱାରରେ ଖୋସି ଦିଅନ୍ତି ।

ତାପରେ ସମସ୍ତଙ୍କ ଘରର ଦ୍ୱାର ବନ୍ଧରେ ସବୁ ଡାଳରୁ ଖଣ୍ଡେ ଲେଖାଏଁ ଖୋଚାଯାଏ । କାରଣ ଏହିସବୁ ଡାଳ ଦ୍ୱାରରେ ଖୋସିବା ଦ୍ୱାରା ଘରକୁ କୌଣସି ରୋଗ, ଦୁଃଖ ପ୍ରବେଶ କରିପାରିବ ନାହିଁ । ଏହି ଦିନ ସମସ୍ତେ ଘରେ ରହନ୍ତି । କେହି ମଧ୍ୟ ହଳ ଲଙ୍ଗଳ ଧରନ୍ତି ନାହିଁ ବା ଜମିରେ ଲଙ୍ଗଳ କରନ୍ତି ନାହିଁ ।

## ପୋରାଉଆଁସ୍ ବା ଦେ୍ବତା ନୂଆ

ଭାଦ୍ରବ ମାସର ଅମାବାସ୍ୟା ତିଥିରେ ଏହି ପର୍ବ ପାଳନ କରନ୍ତି । ଏହି ପର୍ବରେ ସୁନାଦୀ ଦେବୀଙ୍କୁ ନୂଆ ଖୁଆନ୍ତି । ଏହାର ପୂର୍ବ ଦିନ ପୂଜାରୀ ଜମିରୁ ନୂଆ ଧାନ ଆଣନ୍ତି । ସେହି ଧାନକୁ କୁଟି ଚାଉଳ ଏବଂ ଚୂଡ଼ା ତିଆରି କରନ୍ତି । ତା'ପରଦିନ ଅର୍ଥାତ୍ ଅମାବାସ୍ୟା ଦିନ ସକାଳୁ ଗାଧୋଇ ସାରି ପୂଜାରୀ ସବୁ – ଜିନିଷ ଧରି ସୁନାଦୀ ଦେବୀଙ୍କ ମନ୍ଦିରକୁ ଆସନ୍ତି । ଏହିଦିନ ସମସ୍ତ ଗ୍ରାମର ମୁଖିଆମାନେ ସୁନାଦୀ ଦେବୀଙ୍କ ମନ୍ଦିରକୁ ଆସନ୍ତି । ପୂଜାରୀ ମନ୍ଦିରରେ ପୂଜା କରନ୍ତି । ପୂଜାରୀ ନୂଆ ଧାନର ଚାଉଳକୁ ଦେବୀଙ୍କ ଠାରେ ପୁଞ୍ଜି କରନ୍ତି । ନୂଆ ଧାନର ଚୂଡ଼ାକୁ ଦେବୀଙ୍କୁ ଭୋଗ ଦିଅନ୍ତି । ଏହି ପର୍ବକୁ ''ଦେବ୍‌ତା ନୂଆ'' ମଧ୍ୟ କହନ୍ତି । ଦେବୀଙ୍କ ଠାରେ ନୂଆଭୋଗ ଦେଇ ସମସ୍ତେ ଦେବୀଙ୍କୁ ସ୍ମରଣା କରି ପ୍ରାର୍ଥନା କରନ୍ତି ଏବଂ କହନ୍ତି ''ମାଁ ତୋତେ ଆମେ ପ୍ରଥମେ ନୂଆଫଳ ଖାଇବାକୁ ଦେଉଛୁଁ । ତୁ ଶ୍ରଦ୍ଧା ମନରେ ନୂଆ ଫଳ ଖା ଏବଂ ଆମ ସମସ୍ତଙ୍କୁ ବିପଦରୁ ରକ୍ଷା କର । ନୂଆ ଖାଇ ଆସୁଛି, ନୂଆ ଖାଇ ପର୍ବ ଯେପରି ସୁରୁଖୁରୁରେ ହେଇଯାଉ ।'' ଏହିଦିନ ଦେବୀଙ୍କଠାରେ ଗୋଟିଏ ବୋଦା (ମେଣ୍ଢା) ବଳୀ ଦିଅନ୍ତି । ସୁନାବେଡ଼ା ଅଞ୍ଚଳରେ ଥିବା ସମସ୍ତ ଭୁଂଜିଆ ଗ୍ରାମର ମୁଖିଆମାନେ ତଥା ଅନ୍ୟ ସଂପ୍ରଦାୟର ମୁଖିଆମାନେ ସେଠାରେ ରହନ୍ତି । ଦେବୀଙ୍କ ମନ୍ଦିରରେ ବଳୀ ଦିଆଯାଇଥିବା ବୋଦାର ମାଂସ, ଭାତ, ଡାଲି ରୋଷେଇ କରି ସମସ୍ତେ ସେଠାରେ ଖାଆନ୍ତି । ଏହି ଦେବ୍‌ତା ନୂଆ କେବଳ ଚୋକଟିଆ ଭୁଂଜିଆ ସଂପ୍ରଦାୟରେ ପାଳନ କରନ୍ତି । ଅନ୍ୟ ଭୁଂଜିଆମାନେ ତଥା ନୂଆପଡ଼ା ଜିଲ୍ଲାର ଅନ୍ୟ ଆଦିବାସୀ ସଂପ୍ରଦାୟରେ ଏହି ପର୍ବ ପାଳନ କରନ୍ତି ନାହିଁ ।

## ନୂଆଖାଇ

ଦେବତା ନୂଆ ସରିବା ପରେ ଏହି ଅଞ୍ଚଳରେ ଏହି ସଂପ୍ରଦାୟରେ ନୂଆଖାଇ ପର୍ବ ପାଳନ କରନ୍ତି । ନୂଆଖାଇ ପର୍ବ ପଶ୍ଚିମ ଓଡ଼ିଶାର ଏକ ବଡ଼ପର୍ବ । ଏହା କୃଷିଭିତ୍ତିକ ପର୍ବ । ଚୋକଟିଆ ଭୁଂଜିଆ ସଂପ୍ରଦାୟର ଲୋକମାନେ ଥିବା ଗ୍ରାମର

ମୁଖିଆମାନେ ସମସ୍ତେ ସୁନାବେଡ଼ାରେ ମିଳିତ ହୁଅନ୍ତି । ସମସ୍ତେ ଏକାଠି ବସି ନୂଆଖାଇ ପାଇଁ ଯୋଗ (ତିଥି) ବାହାର କରନ୍ତି । ବିଶେଷ କରି ଭାଦ୍ରବମାସ ଶୁକ୍ଳପକ୍ଷ ପଞ୍ଚମୀରେ ନଚେତ ଦଶମୀ ତିଥିରେ ଏହିପର୍ବ ପାଳନ କରନ୍ତି । ତିଥି ଠିକ୍ କରି ସାରିବା ପରେ ନୂଆଖାଇ ତିଥି ସମସ୍ତ ଗ୍ରାମର ଲୋକମାନଙ୍କୁ ଜଣାଇ ଦିଅନ୍ତି । ନୂଆଖାଇ ପର୍ବର ଚାରି ପାଞ୍ଚ ଦିନ ପୂର୍ବରୁ ଘରର ସ୍ତ୍ରୀଲୋକମାନେ ନିଜ ନିଜର ଘରମାନଙ୍କୁ ପ୍ରଥମେ ମାଟିରେ ଲିପନ୍ତି । ଘରେ ମାଟି ଶୁଖିଗଲା ପରେ ତା ଉପରେ ଧଳା ରଙ୍ଗର ରଡା ମାଟି ଲିପନ୍ତି । ଘରକୁ ଧଳା ରଙ୍ଗ ଉପରେ ଘରର କୋଣମାନଙ୍କରେ କଳା ରଙ୍ଗ ଦେଇ ଘରକୁ ସୁନ୍ଦର କରନ୍ତି । ଲାଲ୍ ବଙ୍ଗଳାକୁ ମାଟିରେ ଲିପନ୍ତି ଏବଂ ମାଟି ଶୁଖି ଯିବା ପରେ ତା ଉପରେ ଲାଲ୍ ରଡା ମାଟି ଦିଅନ୍ତି । ଘରର ବ୍ୟବହାର କରୁଥିବା ସମସ୍ତ କପଡ଼ାକୁ ସଫା କରନ୍ତି । ନୂଆଖାଇର ପୂର୍ବଦିନ ମୁଖିଆ ଉପବାସ ରହନ୍ତି । ଲାଲ୍ ବଙ୍ଗଳା ଭିତରେ ସେ ଚାଉଳର ପୁଞ୍ଜି ଦେଇ ତା ଉପରେ ଦୀପ ରଖି ଦୀପ ଜଳାନ୍ତି । ଲାଲ୍ ବଙ୍ଗଳା ଭିତରେ ନଡ଼ିଆ ଫୁଟାଇ ପୂଜା କରନ୍ତି । ସେଦିନ ଲାଲ୍ ବଙ୍ଗଳାରେ ରୋଷେଇ କରନ୍ତି ନାହିଁ । ତା ପରଦିନ ଅର୍ଥାତ୍ ନୂଆଖାଇ ଦିନ ସକାଳୁ ସମସ୍ତେ ଗାଧେଇ ଆସନ୍ତି । ଘରର ମୁଖିଆ ଜମିକୁ ଯାଇ ନୂଆଧାନ ଆଣନ୍ତି । ପାଖ ଜଙ୍ଗଲରୁ କୁରେଇ ପତ୍ର ଆଣନ୍ତି । ନୂଆଧାନକୁ ଘରେ ନୂଆ ହାଣ୍ଡିରେ ଭାଜି ସେହି ଧାନକୁ ଚୂଡ଼ା କରନ୍ତି । ନୂଆ ଖାଇ ଦିନ ଲାଲ୍ ବଙ୍ଗଳାରେ ରୋଷେଇ କରନ୍ତି । ରୋଷେଇ ସରିବା ପରେ ଘରର ମୁଖିଆ ଲାଲ୍ ବଙ୍ଗଳାରେ ନୂଆ ଭୋଗ ତିଆରି କରନ୍ତି । ନୂଆ ଧାନର ଚୂଡ଼ାରେ, କ୍ଷୀର ଏବଂ ଚିନି ପକାଇ ନୂଆ ଭୋଗ କରାଯାଏ । ସମସ୍ତ କୁରେଇ ପତ୍ରକୁ ପାଣିରେ ଭଲ ଭାବରେ ସଫା କରନ୍ତି । ଲାଲ୍ ବଙ୍ଗଳା ଭିତରେ ଘରର ମୁଖିଆ କୁରେଇ ପତ୍ରରେ ନୂଆଭୋଗ ବାଢ଼ନ୍ତି । ଘରର ଯେତେ ଜଣ ଲୋକ ଥାନ୍ତି ସେତେ ଜଣଙ୍କ ପାଇଁ ସେତିକିଟି କୁରେଇ ପତ୍ରରେ ନୂଆଭୋଗ ବାଢ଼ନ୍ତି ଏବଂ ନିଜର ଡୁମା (ପୂର୍ବ ପୁରୁଷ)ଙ୍କୁ ମଧ୍ୟ କୁରେଇ ପତ୍ରରେ ନୂଆଭୋଗ ଦେଇ ଡୁମାକୁ ଆବାହନ କରି ପ୍ରଥମେ ଡୁମାକୁ ନୂଆ ଭୋଗ ଖାଇବାକୁ ଦିଅନ୍ତି । ତାପରେ ଘରେ ଥିବା ସମସ୍ତେ ଲାଲ୍ ବଙ୍ଗଳାରେ ଏକାଠି ବସି ନୂଆଭୋଗ ଖାଆନ୍ତି । ଏହିଦିନ ସମସ୍ତଙ୍କ ଘରେ ନାନା ପ୍ରକାର ପିଠାପଣା କରି ଖାଆନ୍ତି । ଘରର ପିଠାପଣା ଅନ୍ୟମାନଙ୍କ ଘରକୁ ମଧ୍ୟ ଦିଅନ୍ତି । ନୂଆ ଭୋଗ ଖାଇ ସାରିବା ପରେ ଗ୍ରାମର ସମସ୍ତ ଲୋକମାନେ ଗ୍ରାମରେ ଥିବା ଦେବୀ ମନ୍ଦିରକୁ ଯାଇ ଦେବୀଙ୍କୁ ପ୍ରଣାମ କରନ୍ତି । ତାପରେ ସମସ୍ତେ ସମସ୍ତ ଲୋକମାନଙ୍କୁ ପ୍ରଣାମ କରିବା ପାଇଁ ଗ୍ରାମରେ ବୁଲନ୍ତି । ନୂଆ ଖାଇ ହେଲା

ସମସ୍ତଙ୍କ ପାଇଁ ଗୋଟିଏ ଖୁସିର ଦିନ । ଏହି ଦିନକୁ ସମସ୍ତେ ଅପେକ୍ଷା କରି ରହିଥାନ୍ତି ।

ନୂଆଖାଇର ପରଦିନ ନୂଆଖାଇବାସି ପାଳନ କରନ୍ତି । ନୂଆଖାଇବାସୀ ଦିନ ସମସ୍ତ ଗ୍ରାମରେ ଛେଳି, ମେଣ୍ଢା, କୁକୁଡ଼ା କାଟନ୍ତି । ସମସ୍ତ ଘରେ ମାଂସ ନେଇ ମାଂସ ରୋଷେଇ କରି ଖାଆନ୍ତି । ଏହି ସଂପ୍ରଦାୟର ସମସ୍ତ ଲୋକମାନେ ମଦ ପିଇ ମାତାଲ ହୋଇଯାନ୍ତି । ନୂଆଖାଇବାସି ପରଦିନ ମଧ୍ୟ ଛେଳି ମେଣ୍ଢା କାଟି ବାସି ପାଳନ କରନ୍ତି । ଏହି ସଂପ୍ରଦାୟରେ କୌଣସି ଲୋକ ଘରେ ନୂଆଖାଇ ସମୟରେ କୌଣସି ଛୁଆଁ (କେହି ମରିଯାଇଥିଲେ ବା ଛୁଆ ଜନ୍ମ ହୋଇଥିଲେ) ହୋଇଥିଲେ ନୂଆ ଖାଆନ୍ତି ନାହିଁ । ଘରର ଛୁଆଁ ସରିବା ପରେ ସମସ୍ତେ ଶୁଦ୍ଧ ହୋଇ ସେହି ପରିବାରର ଲୋକମାନେ ଗୋଟିଏ ତିଥି ବାହାର କରି ନୂଆ ଖାଇଥାନ୍ତି । ସେହି ପରିବାରର ଛୁଆଁ ନ ସରିବା ଯାଏ ସେମାନେ ଅନ୍ୟ ପରିବାର (ଗ୍ରାମର ଯେଉଁ ପରିବାର ମାନେ ପୂର୍ବରୁ ନୂଆ ଖାଇଥାନ୍ତି) ର ଘରେ ପାଣି ମଧ୍ୟ ପିଅନ୍ତି ନାହିଁ । ଯଦି ସେମାନେ ନୂଆଖାଇ ସାରିଥିବା ପରିବାରରୁ ପାଣି ପିଅନ୍ତି ବା କିଛି ଖାନ୍ତି ତାହେଲେ ସେମାନଙ୍କ ଘରର ଲୋକଙ୍କୁ କୌଣସି ନା କୌଣସି ବିପଦ ପଡ଼ିଥାଏ ।

## ସୁନାଦୀ ଯାତ୍ରା

ଅଶ୍ୱିନ୍ ମାସ ଶୁକ୍ଳପକ୍ଷ ଦଶମୀ ଦିନ ଏହି ସୁନାଦୀ ଯାତ୍ରା ପାଳନ କରନ୍ତି । ଏହି ଯାତ୍ରାରେ ଚୋକଟିଆ ଭୁଂଜିଆ ସଂପ୍ରଦାୟର ଅଧିଷ୍ଠାତ୍ରୀ ଦେବୀ ସୁନାଦୀ ଦେବୀଙ୍କୁ ପୂଜା କରାଯାଏ । ଅଷ୍ଟମୀ ଦିନଠୁଁ ଏହି ପୂଜା ଆରମ୍ଭ ହୁଏ । ଅଷ୍ଟମୀ ଦିନ ସୁନାଦୀ ଦେବୀଙ୍କ ଖଣ୍ଡା, ବିଭିନ୍ନ ଅସ୍ତ୍ରଶସ୍ତ୍ରସବୁ ସଫା କରନ୍ତି । ଦେବୀଙ୍କ ବ୍ୟବହାରରେ ଆସୁଥିବା ସବୁ ଜିନିଷପତ୍ର ଯଥା- ତାଙ୍କର ବସ୍ତ୍ର, ତାଙ୍କର ଝାଁପି, ସବୁ ସଫାସଫି କରି ଏକାଠି ରଖନ୍ତି । ଦେବୀ ମନ୍ଦିରକୁ ଲିପାପୋଛା କରନ୍ତି । ଏହିଦିନ ଠାରୁ ଦଶମୀ ଦିନ ପର୍ଯ୍ୟନ୍ତ ପୂଜା କରନ୍ତି । ଦଶମୀ ଦିନ ଦେବୀଙ୍କ ଛତର ଦେବୀଙ୍କ ଖଣ୍ଡା ଏବଂ ଦେବୀଙ୍କ ସମସ୍ତ ବ୍ୟବହାର ଜିନିଷପତ୍ରକୁ ପୂଜା କରି ବଳୀ ଦିଅନ୍ତି । ଦିନର ଉପରଓଳି ପୂଜାରୀ ଦେହରେ ସୁନାଦୀ ଦେବୀଙ୍କ ଶିରା ପ୍ରବେଶ କରନ୍ତି । ପୂଜାରୀଙ୍କୁ ଦେବତା ଖେଳେ । ଦେବତା ଖେଳିଲେ ପୂଜାରୀର ଦେହ ଗୋଡ଼, ହାତ, ମୁଣ୍ଡ ସବୁ ହଲିଯାଏ । ଏହି ସମୟରେ ସୁନାଦୀ ଦେବୀଙ୍କ ବ୍ୟବହାର ଜିନିଷମାନ ଯଥା ସାୟା, ବ୍ଲାଉଜ୍ ସବୁ ପିନ୍ଧାଇ ଦିଅନ୍ତି । ଦେବୀଙ୍କ ହାତରେ ତାଙ୍କର ଖଣ୍ଡା ଧରାଇ ଦିଅନ୍ତି । ସ୍ୱତନ୍ତ୍ର ବାଜାବାଲାମାନେ ଥାଆନ୍ତି । ବାଜାବାଲାମାନେ ଦେବୀଙ୍କ ବାଜା ବଜାନ୍ତି । ତାପରେ ଦେବୀ ସମସ୍ତଙ୍କ ଘରକୁ ପରିଭ୍ରମଣ କରିବା

ପାଇଁ ଯାନ୍ତି । ଦେବୀଙ୍କ ଛତର, ଛତ୍ରିଆ ଧରନ୍ତି, ବାରିକ୍ ଦେବୀଙ୍କ ଝାଁପି ଧରନ୍ତି, ଧରୁଆ ଚାନ୍ଦୁଆ ଧରନ୍ତି ଏପରି ଯିଏ ଯେଉଁ ଜିନିଷ ଧରିବା କଥା ତାହା ଧରି ଦେବୀଙ୍କ ସାଙ୍ଗରେ ଗ୍ରାମ ପରିଭ୍ରମଣ କରନ୍ତି । ଗ୍ରାମରେ ସମସ୍ତଙ୍କ ଘର ଆଗରେ ଗୋବର ପାଣିରେ ଲିପାଯାଇ କାଠର ପିଢ଼ାରେ ଝୋଟି ଦେଇ ଥୁଆ ଯାଇଥାଏ । ଦେବୀ ଯାହା ଘରକୁ ଯାନ୍ତି ତାଙ୍କ ଘରେ ଝୋଟି ଦେଇଥିବା କାଠର ପିଢ଼ାରେ ଛିଡ଼ା ହୁଅନ୍ତି । ଦେବୀଙ୍କ ସହିତ ଅନ୍ୟମାନେ ଯେଉଁମାନେ ଛତର, ଝାଁପି, ଚାନ୍ଦୁଆ, ପାଇ, ଧରିଥାନ୍ତି ସେମାନେ ମଧ୍ୟ ସେଠାରେ ଛିଡ଼ା ହୁଅନ୍ତି । ଘରର ସ୍ତ୍ରୀଲୋକମାନେ ଦେବୀଙ୍କ ଗୋଡ଼ ପାଣିରେ ଧୁଅନ୍ତି । ଦେବୀଙ୍କୁ ଦୀପ, ଧୂପ, ଫୁଲମାଳ ଦେଇ ପୂଜା କରନ୍ତି । ଦେବୀଙ୍କ ପୂଜା ସରିବା ପରେ, ଛତରକୁ, ପୂଜା କରନ୍ତି । ଯେଉଁମାନେ ଦେବୀଙ୍କ ଠାରେ କୌଣସି ଜୀବ ବଳୀ ଦେବା ପାଇଁ ମନସ୍କାମନା କରିଥାନ୍ତି ସେମାନେ ସେଠାରେ ଦେବୀଙ୍କ ଠାରେ ବଳୀ ଦିଅନ୍ତି । ଏହି ସମୟରେ କଟରୀଆ ଦେବୀଙ୍କ କରରୀ ବା ଖଣ୍ଡାରେ ବୋକାକୁ ବଳୀ ଦିଅନ୍ତି । ତାପରେ ବଳୀ ଦିଆଯାଇଥିବା ବୋକାର ମୁଣ୍ଡକୁ ଧରନ୍ତି ଏବଂ ଅନ୍ୟ ଘରକୁ ଯାନ୍ତି । ଦେବୀଙ୍କୁ ନଡ଼ିଆ ମଧ୍ୟ ଦିଅନ୍ତି । ଯାହାର ଯେଉଁ ଯେଉଁ ସମସ୍ୟା ଥାଏ, ବା ଯାହାର ଯେଉଁ ଦୁଃଖ ଥାଏ ଯେଉଁ ବିପଦ ଥାଏ ତାହା ସେମାନେ ଦେବୀଙ୍କୁ କହନ୍ତି ଏବଂ ଦେବୀ ସେସବୁର ସମାଧାନର ଉପାୟ କହନ୍ତି । ଏହିପରି ଦେବୀ ଗ୍ରାମର ସମସ୍ତଙ୍କ ଘରକୁ ଯାଇଥାନ୍ତି ଏବଂ ସମସ୍ତଙ୍କ ଘରେ ଦେବୀଙ୍କୁ ପୂଜା ଅର୍ଚ୍ଚନା କରିଥାନ୍ତି । ଦେବୀ ସମସ୍ତଙ୍କ ଘରୁ ସନ୍ତୁଷ୍ଟ ହୋଇ ମନ୍ଦିରକୁ ଫେରନ୍ତି । ମନ୍ଦିରରେ ଦେବୀ ଆସିବା ପରେ ପୂଜାରୀ ଦେହରୁ ଶିରା ଚାଲିଯାନ୍ତି । ପୂଜାରୀ, ଛତ୍ରିଆ; କଟ୍‌ରିଆ, ବାରିକ୍, ଭୋଏ ଅନ୍ୟମାନେ ସମସ୍ତେ ସେଠାରେ ରାତ୍ରୀରେ ରହନ୍ତି । ମନ୍ଦିରରେ ରୋଷେଇବାସ କରନ୍ତି । ସମସ୍ତେ ଖାଇ ଘରକୁ ଫେରନ୍ତି । ଏହି ସୁନାଦୀ ଯାତ୍‌ରାରୁ ଜଣାପଡ଼େ ଏହି ସଂପ୍ରଦାୟରେ ସମସ୍ତେ ଦେବୀଙ୍କୁ କିପରି ବିଶ୍ୱାସ କରନ୍ତି ।

## ଠାକୁର ଯାତ୍‌ରା

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଏହି ଯାତ୍‌ରା ପାଳନ କରନ୍ତି । ଏହି ଯାତ୍‌ରାରେ ଠାକୁର୍ ଦେବତାଙ୍କୁ ପୂଜା କରନ୍ତି । ଶାଳେପଡ଼ା ଗ୍ରାମର ପୂର୍ବରେ ଏକ କିଲୋମିଟର ଦୂରରେ ଥିବା ଗୋଟିଏ ସ୍ଥାନରେ ଠାକୁର ଯାତ୍‌ରା କରନ୍ତି । ଠାକୁର ଯାତ୍‌ରାର ଦୁଇ ତିନି ଦିନ ପୂର୍ବରୁ ସେହି ସ୍ଥାନକୁ ସଫା କରାଯାଏ । ଠାକୁର୍ ଯାତ୍‌ରାର ପୂର୍ବ ଦିନ ବଡ଼ ମାଝୀ (ସାତ ଭାଇଙ୍କ ମଧ୍ୟରୁ ଯିଏ ବଡ଼ ତାଙ୍କ ବଂଶଧରଙ୍କୁ ବଡ଼ ମାଝୀ କହନ୍ତି । ବଡ଼ମାଝୀର ବଂଶଧର ପୂର୍ବତନ ସୁନାବେଡ଼ା

ଗ୍ରା.ପ.ର ସରପଞ୍ଚ ଶ୍ରୀ ଅଗ୍ରାମ ସିଂ ମାଝୀ ଅଟନ୍ତି) ସକାଳୁ ଉପବାସ ରହନ୍ତି ଏବଂ ଚାଉଳ, ଧୂପ, ଦୀପ, ନଡ଼ିଆ ନେଇ ସେହି ସ୍ଥାନକୁ ଯାନ୍ତି । ସେଠାରେ ସେ ପୂଜା କରନ୍ତି ଏବଂ ଘରକୁ ଫେରନ୍ତି । ଏହି ଯାତ୍ରା ପାଖକୁ କେବଳ ପୁରୁଷମାନେ ଯାନ୍ତି । ସ୍ତ୍ରୀଲୋକମାନେ ସେହି ସ୍ଥାନକୁ ଯାନ୍ତି ନାହିଁ । ଯାତ୍ରା ପୂର୍ବଦିନ ରାତ୍ରୀରେ ତିନି ଚାରି ଜଣ ଭୁଂଜିଆ ଲୋକମାନେ ସେହି ସ୍ଥାନକୁ ଯାନ୍ତି । ସେମାନେ ଦୁଇ ତିନି ମାଣ ଚାଉଳ ନେଇ ସେହି ସ୍ଥାନକୁ ଯାନ୍ତି । ପୂର୍ବରୁ କାଠରେ ଗୋଟିଏ କୁଟେନ୍ ଏବଂ ଗୋଟିଏ ପାହାରୁନ୍ (କୁଟେନ୍ ଭିତରେ ଧାନ ରଖି ପାହାରୁନ୍ ଦ୍ୱାରା ଧାନକୁ କୁଟି ଚାଉଳ କରାଯାଏ) ତିଆରି କରାଯାଇଥାଏ । ସେହି କୁଟେନ୍ ଓ ପାହାରୁନ୍ ଦ୍ୱାରା ନେଇଥିବା ଧାନକୁ କୁଟି ରାତି ସାରା ଚାଉଳ କରନ୍ତି । ସେମାନେ ରାତିରେ ସେଠାରେ ଶୁଅନ୍ତି । ତା ପରଦିନ ସକାଳୁ ଠାକୁର ଯାତ୍ରା ଆରମ୍ଭ ହୁଏ । ବଡ଼ମାଝୀ ଏବଂ ଅନ୍ୟମାନେ ସେହି ସ୍ଥାନକୁ ଆସନ୍ତି । ଏହି ଯାତ୍ରା ପାଇଁ ସ୍ୱତନ୍ତ୍ର ବାଜାବାଲାମାନେ, ମହୁରୀ, ନିଶାନ୍, ଢୋଲ୍, ନେଇ ସେହି ସ୍ଥାନକୁ ଆସନ୍ତି । ପ୍ରତ୍ୟେକ ଗ୍ରାମରୁ ସମସ୍ତ ଭୁଂଜିଆ ଲୋକମାନେ ସେହି ସ୍ଥାନକୁ ଆସନ୍ତି । ପ୍ରତ୍ୟେକ ଗ୍ରାମରେ ସମସ୍ତ ଭୁଂଜିଆ ଲୋକଙ୍କଠାରୁ ଚାନ୍ଦା ଆଦାୟ କରି ବୋକା, ଚାଉଳ, ନଡ଼ିଆ କିଣନ୍ତି ଏବଂ ବୋକା, ଚାଉଳ, ନଡ଼ିଆ ଧରି ଠାକୁର ଯାତ୍ରା ପାଖକୁ ଆସନ୍ତି । ଯେତେଟି ଭୁଂଜିଆ ଗ୍ରାମ ଥାଏ ସେତେଟି ଗ୍ରାମରୁ ସେତେଟି ବୋକା ଯାତ୍ରା ପାଖକୁ ଆସେ । ଯାତ୍ରା ଦିନ ସେହି ସ୍ଥାନରେ ପୂର୍ବଦିନ କୁଟିଥିବା ଚାଉଳକୁ ପୁଞ୍ଜି ଦିଅନ୍ତି । ପୁଞ୍ଜି ଉପରେ ବେଲପତ୍ର ଦିଅନ୍ତି । ସେହି ଚାଉଳରୁ ଅଧା ଚାଉଳରେ ପିଠୋଉ ତିଆରି କରନ୍ତି ଏବଂ ପୂଜା କରାଯାଉଥିବା ସ୍ଥାନରେ ଝୁଟି ଦିଆଯାଏ । ବଡ଼ ମାଝୀ ଠାକୁର ଦେବତାଙ୍କ ପଥରର ଲିଙ୍ଗକୁ ପାଣିରେ ଗୋଧାଇ ଆନ୍ତି । ତାପରେ ସେ ସେହି ଲିଙ୍ଗକୁ ନିଜର ହାତରେ ଛାତି ପାଖରେ ଧରି (ଛୁଆ ଧରିବା ପରି ଧରି) ସେଠାରେ ଥିବା ସମସ୍ତ ଲୋକଙ୍କୁ ଦେଖାନ୍ତି । ତାପରେ ସେହି ଲିଙ୍ଗକୁ ଚାଉଳ ପୁଞ୍ଜି ଉପରେ ରଖି ବେଲପତ୍ରରେ ଘୋଡ଼ାଇ ଦିଅନ୍ତି । ତାପରେ ସେଠାରେ ଦୀପ, ଧୂପ, ନଡ଼ିଆ ଦେଇ ପୂଜା କରନ୍ତି । ଯେତେଟି ବୋକା ସେହି ସ୍ଥାନକୁ ଅଣାଯାଇଥାଏ, ସେହି ବୋକାମାନଙ୍କୁ ସେଠାରେ ବଳୀ ଦିଆଯାଏ । ବଡ଼ମାଝୀଙ୍କ ଦେହରେ ଠାକୁର ଦେବତାଙ୍କ ଶିରା ପ୍ରବେଶ କରନ୍ତି ଏବଂ ବଡ଼ମାଝୀଙ୍କୁ ଦେବତା ଖେଳେ । ସେଠାରେ ଥିବା ସମସ୍ତ ଲୋକମାନେ ଠାକୁର ଦେବତା ଖେଳୁଥିବା ବଡ଼ମାଝୀଙ୍କୁ ପ୍ରଣାମ କରି ନିଜ ନିଜର ଦୁଃଖ, ବିପଦର କାରଣମାନ ପଚାରନ୍ତି । ସମସ୍ତଙ୍କ ସୁବିଧା ଅସୁବିଧା ଶୁଣି ସାରିବା ପରେ ଠାକୁର ଦେବତାଙ୍କ

ଶିରା ବଡ଼ମାଝୀଙ୍କ ଦେହରୁ ବାହାରି ଯାନ୍ତି । ତାପରେ ବଡ଼ ମାଝୀଙ୍କ ଦେବତା ଖେଳିବା ବନ୍ଦ ହୋଇଯାଏ । ଦେବତାଙ୍କ ଠାରେ ବଳୀ ଦିଆଯାଇ ଥିବା ସମସ୍ତ ବୋକାର ମାଂସକୁ ସେଠାରେ କଟାଯାଏ ଏବଂ ସମସ୍ତେ ଆଣିଥିବା ଚାଉଳକୁ ସେଠାରେ ରୋଷେଇ କରାଯାଏ । ଯେତେଲୋକ ସେଠାକୁ ଯାଇଥାନ୍ତି ସମସ୍ତେ ସେଠାରେ ଖାଇ ସଂଧ୍ୟାରେ ଘରକୁ ଫେରନ୍ତି । ସେହି ସ୍ଥାନର ମାଂସକୁ ଗ୍ରାମ ଭିତରକୁ ନିଅନ୍ତି ନାହିଁ କିମ୍ବା କୌଣସି ସ୍ତ୍ରୀଲୋକଙ୍କୁ ଖାଇବା ପାଇଁ ଦିଅନ୍ତି ନାହିଁ । ଯେଉଁ ଲୋକ ଲୁଚେଇ କରି ସେହି ମାଂସକୁ ଗ୍ରାମ ଭିତରକୁ ନେଇଯାଏ ବା କୌଣସି ସ୍ତ୍ରୀଲୋକକୁ ଖାଇବାକୁ ଦିଏ ତାହେଲେ ତାର ଅନିଷ୍ଟ ହୁଏ ।

## ପୁଷ୍‌ପୁନି

ପୌଷ ମାସର ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରନ୍ତି । ନୂଆପଡ଼ା ଜିଲ୍ଲାରେ ଅନ୍ୟ ସଂପ୍ରଦାୟ ଯଥା – ଗୋଁଡ୍, କନ୍ଧ ପହରିଆ, ଗଉଡ୍, ମାଲି, ହରିଜନ, ବିଂଝାଲ, ତଥା ଅନ୍ୟାନ୍ୟ ସଂଖ୍ୟାଲଘୁ ସଂପ୍ରଦାୟରେ ମଧ୍ୟ ପୁଷ୍‌ପୁନି ପର୍ବ ପାଳନ କରନ୍ତି । ଚୋକଟିଆ ଭୁଂଜିଆମାନେ ଏହି ପର୍ବକୁ ମୁଖ୍ୟ ପର୍ବ ରୂପେ ପାଳନ କରନ୍ତି । ଏହି ପର୍ବଦିନ ଏହି ସଂପ୍ରଦାୟର ପ୍ରତ୍ୟେକ ଲୋକଙ୍କ ଘରେ ଘରେ ଚାଉଳକୁ ଗୁଣ୍ଡକରି, ସେହି ଗୁଣ୍ଡରେ ପାଣି ଏବଂ ଗୁଡ଼ ଦେଇ ଗୋଲ୍‌ଗୋଲ୍ ମଡ଼ାଁପିଠା ତିଆରି କରନ୍ତି । ମଡ଼ାଁପିଠା ଭିତରେ ଗୁଡ଼ ଏବଂ ରାଶିର ମିଶ୍ରଣ ଦେଇଥାନ୍ତି । ଘରର ସ୍ତ୍ରୀଲୋକମାନେ ସକାଳୁ ଗାଧୋଇ ଆସି ସଫା ଶାଢ଼ି ପିନ୍ଧି ଘରେ ମଡ଼ାଁପିଠା ଓ ରାଶିର ଲଡୁ ତିଆରି କରନ୍ତି । ଘରର ବୟୋଜ୍ୟେଷ୍ଠ ପୁରୁଷ ସେହି ମଡ଼ାଁପିଠା ଓ ରାଶିର ଲଡୁକୁ ଦେବୀଙ୍କ ଠାରେ ଭୋଗ ଲଗେଇ ପୂଜା କରନ୍ତି । ତାପରେ ସମସ୍ତେ ମିଳିମିଶି ଖାନ୍ତି । ନିଜ ନିଜର ସଂପର୍କୀୟ ଲୋକଙ୍କ ଘରକୁ ମଡ଼ାଁପିଠା ଓ ରାଶିଲଡୁ ପଠାନ୍ତି । ଏହି ଦିନ ଗ୍ରାମର ଛୋଟ ଛୋଟ ପୁଅଝିଅମାନେ ଗୋଟିଏ ଗୋଟିଏ ପର୍‌ଲି (ବାଉଁଶର ତିଆରି ଛୋଟ ଟୋକେଇ) ଧରି ଗ୍ରାମର ସମସ୍ତଙ୍କ ଘରକୁ ଧାନ, ଚାଉଳ ମାଗିବା ପାଇଁ ଯାନ୍ତି । ଗ୍ରାମର ସମସ୍ତ ଲୋକଙ୍କ ଘରେ ଏମାନଙ୍କୁ ଧାନ, ବା ଚାଉଳ ମୁଠାଏ ମୁଠାଏ ଦିଅନ୍ତି । ଏହାକୁ "ଛେର୍‌ଛେଡ଼ା" କହନ୍ତି । ବଡ଼ବଡ଼ ଲୋକମାନେ ମଧ ଅନ୍ୟଲୋକମାନଙ୍କୁ ଦେଖିଲେ "ଛେ ଛେର୍‌ଛେଡ଼ା" ବୋଲି କହନ୍ତି । ସେହି ଲୋକ ଟଙ୍କା ପଇସା ଯାହା କିଛି ଦେଲେ ଏମାନେ ଗ୍ରହଣ କରନ୍ତି । ଗ୍ରାମରେ ଏହି ଦିନ୍ ଖାସି ମାରନ୍ତି । ଚୋକଟିଆ ଭୁଂଜିଆ ସଂପ୍ରଦାୟର ସମସ୍ତ ଲୋକମାନେ ନିଜ ନିଜ ଘରକୁ ମାଂସ ନେଇ ରୋଷେଇ କରି ଖାନ୍ତି । ଅଧିକାଂଶ ଲୋକ ଏହି ଦିନ ମଦ ପିଇଥାନ୍ତି । ଏହିଦିନ

ଏମାନଙ୍କ ପାଇଁ ଏକ ଆନନ୍ଦର ଦିନ ଅଟେ । ସମସ୍ତେ ଖୁସିରେ ଛେଡ଼୍ଛେଡ଼ା ମାଗି ଯାହା ପାଇଥାନ୍ତି ସେହି ଟଙ୍କାରେ ଖୁସିରେ ମଦ୍ୟପାନ କରନ୍ତି ଏବଂ ଘରେ ମାଂସ ଖାନ୍ତି । ଯେଉଁ ଲୋକମାନେ ନିଜ ନିଜ ଘରେ ଚାଷ କାମରେ ବା ଘରର ଅନ୍ୟାନ୍ୟ କାମରେ ସାହାଯ୍ୟ ପାଇଁ ହଲିଆ ରଖିଥାନ୍ତି, ଏହି ଦିନ ଏମାନଙ୍କର ଏକବର୍ଷ ପୂରିଯାଏ । ଏହି ଦିନ ଏହି ହଲିଆ ମାନେ ନିଜର ମାଲିକ ମାନଙ୍କ ଘରୁ, ଚାଉଳ, ଡାଲି, ପନିପରିବା, ମାଂସ ପାଇଥାନ୍ତି । ଏହାକୁ ଭାତିଆ ବୋଲି କହନ୍ତି ।

## ମହୁଲ୍ ଯାତ୍ରା

ଚୋକ୍ଟିଆ ଭୁଂଜିଆ ସଂପ୍ରଦାୟରେ ମହୁଲ ଯାତ୍ରା ପାଳନ କରନ୍ତି । ଏହି ପର୍ବ ଫାଲ୍ଗୁନ ମାସରେ କରନ୍ତି । ଫାଲ୍ଗୁନ ମାସରେ ମହୁଲ ହୁଏ । ମହୁଲ ସଂଗ୍ରହ କରିବା ପୂର୍ବରୁ ଏହି ଯାତ୍ରା ପାଳନ କରନ୍ତି । ପ୍ରତ୍ୟେକ ଭୁଂଜିଆ ଗ୍ରାମରୁ ଦୁଇ ତିନି ଜଣ ମୁଖିଆ ମୁଖିଆଲୋକମାନେ କୁକୁଡ଼ା ନେଇ ସୋସେଙ୍ଗ ଗ୍ରାମକୁ ଯାଆନ୍ତି । ଗ୍ରାମର ବାହାରେ ଥିବା ମହୁଲ୍ ଗଛ ପାଖରେ ସମସ୍ତେ ଜମା ହୁଅନ୍ତି । ସାତଟି କୁକୁଡ଼ା ସେହି ପାଖକୁ ନିଅନ୍ତି । ସାତଟି କୁକୁଡ଼ାରୁ ଚାରିଟି କୁକୁଡ଼ାକୁ ସେଠାରେ ଛାଡ଼ି ଦିଅନ୍ତି । ଏହାକୁ "କୁକୁଡ଼ା ଡିଲା" କହନ୍ତି । ଅନ୍ୟ ତିନୋଟି କୁକୁଡ଼ାକୁ ମହୁଲ ଗଛତଳେ ବଳୀ ଦିଅନ୍ତି । ଏହା ସରିବା ପରେ ତା ପରଦିନ ସମସ୍ତ ଭୁଂଜିଆ ପରିବାରର ଲୋକମାନେ ମହୁଲ ଗଛ ପାଖକୁ ଯାନ୍ତି । ସେମାନେ ନିଜ ନିଜର ରୋଷେଇବାସ ଜିନିଷମାନ ଧରି ଯାନ୍ତି । ସେଠାରେ ରହିବା ପାଇଁ ଗୋଟିଏ ଗୋଟିଏ ଗୁପା (ରହିବା ପାଇଁ ନଡ଼ା ଛପରର ଅସ୍ଥାୟୀ ଘର) ତିଆରି କରନ୍ତି । ସେଠାରେ ସେମାନେ ସମସ୍ତେ ରୋଷେଇ ବାସ କରି ଖାଇ ସେଠାରେ ମାସକ ପାଇଁ ରହନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସେଠାରେ ପଳସା ଫୁଲର ଗୋଟିଏ ମୋଡ଼ୋ (ମଣ୍ଡପ) ତିଆରି କରନ୍ତି । ସେହି ମୋଡ଼ୋ ପାଖରେ ସମସ୍ତ ସ୍ତ୍ରୀଲୋକମାନେ ରାତିସାରା ବସି ମହୁଲ ଯାତ୍ରା ଗୀତ କହନ୍ତି । ଦିନବେଳେ ମହୁଲ ସଂଗ୍ରହ କରନ୍ତି । ସେଠାରେ ଗୋଟିଏ ନୂଆ ଭଣା (ମାଟିର ବଡ଼ ମାଠିଆ) ଉପରେ ଗୋଟିଏ କୁଲାକୁ ଢାଙ୍କି ଦିଅନ୍ତି । ତା ଉପରେ ଧନୁର ଦୋଡ଼ିକୁ ଟାଣି ଟାଣି ବାଦ୍ୟ ବଜାନ୍ତି । ମହୁଲ ଯାତ୍ରା ଗୀତ ଗାଇବା ସମୟରେ ଏହି ବାଦ୍ୟ ବଜାନ୍ତି । ପଲସା ଫୁଲରେ ତିଆରି ମୋଡ଼ୋକୁ ଓଷା ମୋଡ଼ୋ କହନ୍ତି । ଏହିପରି ଏମାନେ ଏକ ମାସ ପାଇଁ ମହୁଲ୍ ଗଛ ତଳେ ରହନ୍ତି ଏବଂ ମହୁଲ ସଂଗ୍ରହ କରନ୍ତି । ସବୁ ମହୁଲ୍‌କୁ ସେଠାରେ ଶୁଖାନ୍ତି । ମହୁଲ ଯାତ୍ରା ସରିଗଲେ ସେମାନେ ସମସ୍ତେ ନିଜ ନିଜର ଜିନିଷପତ୍ର ଏବଂ ମହୁଲ୍ ଧରି ନିଜ ନିଜ ଘରକୁ ଆସନ୍ତି ।

## ଚଇତ୍ ଯାତ୍ରା

ଚୈତ୍ର ମାସ ପୂର୍ଣ୍ଣମା ତିଥିରେ ଚୋକ୍ଟିଆ ଭୁଂଜିଆମାନେ ଚଇତ ଯାତ୍ରା ପାଳନ କରନ୍ତି । ଏହି ଯାତ୍ରାରେ କେବଳ ସୁନାଦୀ ଦେବୀଙ୍କୁ ପୂଜା କରନ୍ତି । ତେଣୁ ଏହି ଯାତ୍ରାରେ ସମସ୍ତେ ଚୋକ୍ଟିଆ ଭୁଂଜିଆମାନେ ଯୋଗ ଦିଅନ୍ତି । ସମସ୍ତେ ମିଶି ମାଟିରେ କୁମ୍ଭ, ଖପର ତିଆରି କରନ୍ତି । ଏହିଦିନ ଛତ୍ରିଆ (ଯିଏ ସୁନାଦୀ ଦେବୀଙ୍କ ଛତର ଧରନ୍ତି) ଧାନ ଚଉଦ/ପନ୍ଦର ମାଣ ଧରି ସୁନାଦୀ ଦେବୀଙ୍କ ଲିଙ୍ଗ ପାଖକୁ ଯାନ୍ତି । ସମସ୍ତ ଲୋକମାନେ ଯଥାଶକ୍ତି, ପରୁଆ, ବୋକା ଧରି ଦେବୀଙ୍କ ଲିଙ୍ଗ ପାଖକୁ ଯାନ୍ତି । ଏହି ଦିନ ଦେବୀଙ୍କ ପାଖକୁ କେହି ମଧ୍ୟ କୁକୁଡ଼ା, ମଦ ନିଅନ୍ତି ନାହିଁ । ଦେବୀଙ୍କ ଲିଙ୍ଗ ପାଖକୁ କୁମ୍ଭ, ଖପର ଧରି ଯାନ୍ତି । ଦେବୀଙ୍କ ଲିଙ୍ଗ ପାଖରେ ଚାଉଳର ପୁଞ୍ଜି ଦେଇ ତା ଉପରେ ବେଲପତ୍ର ଦିଅନ୍ତି । ଦୀପ ଜଳାଇ ପୂଜା କରନ୍ତି । ପୂଜା ପରେ ଲୋକମାନେ ଆଣିଥିବା ବୋକା, ପରୁଆକୁ ଚାଉଳ ଠୁକାନ୍ତି ଅର୍ଥାତ୍ ଦେବୀଙ୍କ ଠାରେ ଯେଉଁ ବେଲପତ୍ର ଓ ଚାଉଳ ଥାଏ ତାକୁ ଲୋକମାନେ ଆଣିଥିବା ବୋକା ଓ ପରୁଆକୁ ଦେବୀଙ୍କ ଚାଉଳ ପାଖକୁ ଆଣି ଖୁଆନ୍ତି । ଯଦି ବୋକା ବା ପରୁଆ ସେହି ଚାଉଳକୁ ନିଜ ଇଚ୍ଛା ଅନୁସାରେ ଖାଏ ତାହେଲେ ଦେବୀ ଖୁସୀ ଅଛନ୍ତି ବୋଲି ଭାବନ୍ତି । ଯଦି ବୋକା ବା ପରୁଆ ସେହି ଚାଉଳକୁ ଖାଏ ନାହିଁ ତାହେଲେ ଦେବୀଙ୍କୁ ପ୍ରାର୍ଥନା କରି ଯେକୌଣସି ପ୍ରକାରେ ମଧ୍ୟ ଚାଉଳ ଖୁଆନ୍ତି । ତାପରେ ବୋକା, ପରୁଆକୁ ଦେବୀଙ୍କ ଠାରେ ବଳୀ ଦେଇ ସାରିବା ପରେ ତାର ରକ୍ତକୁ ଦେବୀଙ୍କ ଲିଙ୍ଗ ଉପରେ ଦିଅନ୍ତି । ଯେଉଁ ବୋଦା ବା ପରୁଆ ଦେବୀଙ୍କ ଚାଉଳ ଖାଏ ନାହିଁ ତାକୁ ଦେବୀଙ୍କ ଠାରେ ବଳୀ ଦିଅନ୍ତି ନାହିଁ । ଦେବୀଙ୍କ ପାଖରେ ଯେଉଁ ଧାନ ରଖାଯାଇଥାଏ ସେହି ଧାନକୁ ପୂଜା କରନ୍ତି । ଏବଂ ଆସିଥିବା ସମସ୍ତ ଲୋକମାନଙ୍କୁ ମୁଠାଏ ମୁଠାଏ ଦିଅନ୍ତି । ସେହି ମୁଠାଏ ଧାନକୁ ଆଣି ଲୋକମାନେ ନିଜ ନିଜର ଧାନ ସହିତ ମିଶାଇ ନିଜ ନିଜର ଜମିମାନଙ୍କରେ ବୁଣନ୍ତି । ଏହି ଧାନ ନେଇ ବୁଣିବା ଦ୍ୱାରା ସମସ୍ତଙ୍କର ଭଲ ଫସଲ ହୁଏ ବୋଲି ବିଶ୍ୱାସ କରନ୍ତି । ସେଠାରେ ବଳୀ ଦିଆ ଯାଇଥିବା ବୋଦା ବା ପରୁଆର ମୁଣ୍ଡକୁ ଦେବୀଙ୍କ ଠାରେ ଛାଡ଼ି ଦିଅନ୍ତି ଏବଂ ଗଣ୍ଡିକୁ ସେଠାରେ ରୋଷେଇ କରି ସମସ୍ତେ ମିଶି ଖାନ୍ତି ଏବଂ ରାତିରେ ଘରକୁ ଫେରନ୍ତି ।

ଅନ୍ୟ ଆଦିବାସୀ ସଂପ୍ରଦାୟରେ ଏହି ପର୍ବକୁ ‘‘ବିହନ୍ ଛିନା’’ କହନ୍ତି । ବିହନ୍ ଛିନା ଯାତ୍ରା ବୈଶାଖ ମାସର ଶୁକ୍ଳପକ୍ଷ ତିଥିରେ କୌଣସି ଗୋଟିଏ ଦିନ ପାଳନ କରନ୍ତି; ହେଲେ ଚୋକ୍ଟିଆ ଭୁଂଜିଆମାନେ ଚୈତ୍ର ମାସ ପୂର୍ଣ୍ଣମା ତିଥିରେ ଏହି ପର୍ବ ପାଳନ କରନ୍ତି ।

ଏହିସବୁ ପର୍ବ ପର୍ବାଣୀ କେବଳ ଚୋକଟିଆ ଭୁଂଜିଆ ସଂପ୍ରଦାୟରେ ପାଳନ କରନ୍ତି । ଏହିସବୁ ପର୍ବ ପର୍ବାଣୀ ବ୍ୟତୀତ ଅନ୍ୟ କୌଣସି ପର୍ବ ପର୍ବାଣୀ ପାଳନ କରନ୍ତି ନାହିଁ । ଏହି ଅଞ୍ଚଳର କମ୍ ଲୋକ ରଥଯାତ୍ରା ବିଷୟରେ ଜାଣିଛନ୍ତି ମାତ୍ର ରଥଯାତ୍ରା ଦିନ ରଥ ଟଣାଯାଏ ନାହିଁ । ଏହି ଅଞ୍ଚଳର ଲୋକମାନେ ବର୍ଷା ଦିନରେ ନିଜ ନିଜ ଜମିରେ ଚାଷ କାର୍ଯ୍ୟରେ ବ୍ୟସ୍ତ ରହନ୍ତି; ତେଣୁ ରଥ ଯାତ୍ରା ଦେଖିବା ପାଇଁ ପାଖ ଅଞ୍ଚଳକୁ ଯାଇ ପାରନ୍ତି ନାହିଁ । ବହୁତ୍ କମ୍ ଲୋକ ରଥଯାତ୍ରା ଦେଖିବା ପାଇଁ ଯାନ୍ତି । ଦଶହରା ସମୟରେ ଦେବୀଙ୍କ ପୂଜା କରନ୍ତି; କିନ୍ତୁ ଏହି ଅଞ୍ଚଳରେ କୌଣସିଠାରେ ମଧ୍ୟ ଦୁର୍ଗା ମେଢ଼ ସ୍ଥାପନ କରି ପୂଜା କରନ୍ତି ନାହିଁ । ଏମାନେ ସୁନାବେଡ଼ା ଉପତ୍ୟକାରେ ଥିବା ସମସ୍ତ ଦେବାଦେବୀଙ୍କୁ ପୂଜା କରନ୍ତି ।

# ଚତୁର୍ଥ ଅଧ୍ୟାୟ

# ଲୋକଗୀତ

## ଧରମ୍ ଖୁଟ୍‌ଲି ଗୀତ ॥ ୧ ॥

ଚୋକଟିଆ ଭୁଂଜିଆ ସଂପ୍ରଦାୟରେ ବିବାହର ପ୍ରଥମ ଦିନ ସକାଳୁ ସନ୍ଧ୍ୟା ଯାଏଁ ଏହି ଗୀତ ଗାଇଥାନ୍ତି । ଗୀତ୍ କାରେନ୍ ବୁଢ଼ୀ ତା ନିଜ ପାଖରେ ବସାଇ ଏହି ଗୀତ ଗାଇଥାନ୍ତି ।

ମାଟିରି ଚରିଚନି ମାହାଲା ବନାୟେ ହୋ
ମୋରେ ପଥର ଚୁନିକେ ଦରୱାଜା
ଦରୱାଜେ କୋନ୍ ରାଲି ।

ନାଦାଇ ସୁରୁତା ନା ବୋବା ସୁରୁତା ହୋ
ମରେ ଦରବାଜା ଲିପ୍‌ୟାଁ କହେଁ
ଦାଇକେ ଦାଇ କାହିଁ ଆମ ତୋଲା ହୋ
ମରେ ସୁନିଲେ ମୋର ବାଟେ ।

କାହାଁକେ ବାଟ ବଲସି ବେଟୀ ହୋ
ମରେ ଏଇସନ ବଲନା ଲାଜ ।
ଆହା ହାଓ୍ୱେରେ ଦାଇ
ବୋବାନା କାହାଁ ହାଓ୍ୱେରେ ଦାଇ
ମରେ ଏଇସନ ବଲନା ଲାଜ ।

ଉଚେଁ ଯ ଗୁଡ଼ି ହୋ ନିଚେ ଯ ଭାଡ଼ି
ମରେ ତୋରେ ଯ ବୋବା ହେ ବୋ
ଲାଜେ ଯ କକଡ଼ ହୋ ଶୀତେ ଯ କକଡ଼
ମରେ ଯାଓ୍ୱାନା ଲଜ ।

ଲଗ୍‌ନା ଯାଇକେ ମଜୁରାନା କରାଇ
ମରେ ଥୁରିଆନା ଯାଇକେ ବଇସ ।

କାଏଁ ଗୁନ ବେଟି ଶିରି ଯାଉ ତାରହୋ
ମରେ ଏଇସନ ବଲନା ଲାଯ ।

ତୋରେ ଯ ପାଠିମେ ବେହନି ଓ୍ୱେକି ନେହିଁ
ମରେ ଏଇସନ ବଇନା ଲାଜ ।

ସନେକେ ପରରା ହୋ ରୂପେକେ ତୋ ବିଛନା
ମରେ କନ ଉଚା ହୋଇ ।

ହାଓ୍ୱେଜ ବେଟୀ ତୋରେଁ ଜ ମାମୀ ହୋ
ମରେ ହରଦୀ ଯ ଡଙ୍ଗର ମେ ରହିସେ ।

ଦାଉଁରତ ଦାଉଁରତ ଢାମନ ଲାଗେ ହୋ
ମରେ ଏଇସନ ବଇନା ଲାଜ
ଏକ ତ କୋଷ ବାଇଶ କୋଶ ହୋ
ଏକତ କୋଷ ବାଇଶ କୋଶ
ମରେ ରେଙ୍ଗନା ଯ ରେଙ୍ଗନା ଲାଜ ।
ଯାମାରାନା ଲାଗେ ହରଦୀ ଯେ ଡଙ୍ଗର ହୋ
ମରେ ଏଇସନ ବଇନା ଲାଜ ।

ଗଦାଯ ସାଗର ଯାମାରାନା ଲାଗେହୋ
ମରେ ଏଇସନ ବଇନା ଲାଜ ।

ଲାଠେନେ ଘଇଲି ବୁଢ଼ା ତାର ହେଇ ହୋ

ମରେ ଲାଠେନ ଘଇଲି ଲାଜ ।

ଦିଦିକି ଦିଦି ପନିହାରୀ ଦିଦି ହୋ
ମରେ ଏଇସନ ବଇନା ଲାଜ ।

କାହେଁକେ ବାତ ବଇସ ବହନି ହୋ
ମରେ ଏଇସନ ବଇନା ଲାଜ ।

ରାଜା ଚ ବେଡ଼ା ଗାଚେ ଚ ହାରା ହୋ
ମରେ ଏଇସନ ବଇନା ଲାଜ ।

ଗୋରୀ ନାହିଁ ଯାବେ ଉଚା ଉଚା ନାହିଁ ଯାବେ
ମରେ ମଜତ ଗଲି ଯାବେ ।

ୟାମାରାନା ଲାଗେ ମାମୀକେ ପାଶ୍ ହୋ
ମରେ ଏଇସନ ବଲନା ଲାଜ ।

କାଏଁ ଗୁନା ଭାଡି ଖିରି ଯାଉ ତାର ହୋ
ମରେ ଏଇସନ ବଲନା ଲାଜ ।

ମାମୀଲା ମମା ଦେବେରେ ମମା
ମରେ ଏଡ଼େ ଦିନ ବାରକାହ ।

ତୋରେ ଯ ମାମୀ କେଲି ଯେ କହି
ମରେ ଏଇସନ ବଲନା ଲାଜ ।

ମଇଁ ଦୁନା ଶିଖାଇ ଦଇଁଓ ରେ ମାମା
ମଇଁ ମଇଁ ଘରେ ପତେ ଦେଇଁଅ ।

ମୁଡ଼ାଁ ମେଁ ତୋ ତେଲା ନାଇଁଏରେ ଭାଚିଁହୋ
ଦେହମେଁ ତୋ ଲୁଗାରା ନାଇଁ ଏ ।

ମରେ ମୁଡ଼ାମେଁ ତୋ ତେଲ ଦେଇଁଅରେ ମାମା
ମରେ ଏଇସନ ବଲନା ଲାଜ ।

ମାମୀଲା ମମା ଦେବେରେ ମମା
ମରେ ଏଡ଼େ ଦିନ ବାରକାହା
ତୋରେ ଯଁ ମାମୀ କେଲି ଯେ କହି
ମରେ ଏଇସନ ବଲନା ଲାଜ ।

ମଇଁ ଦୁନା ଶିଖାଇ ଦଇଁଓରେ ମାମା
ମଇଁ ମଇଁ ଘରେ ପଡ଼େ ଦେଇଁଅ ।

ମୁଡ଼ାଁ ମେଁ ତୋ ତେଲା ନାଇଁ ଏରେ ଭାଚିଁହୋ
ଦେହ ମେଁ ତୋ ଲୁଗାରା ନାଇଁ ଏ ।

ମରେ ମୁଡ଼ାମେଁ ତୋ ତେଲ ଦେଇଁଅରେ ମାମା
ମରେ ଏଇସନ ବଲନା ଲାଜ ।

ପାଏଁଜ ମାମୀ ତୋରେଜ ଭାଚିଁହୋ
ମରେ ଏଇସନ ବଲନା ଲାଜ ।

ମାମୀନା ଭାଁଚି ରେଙ୍ଗନା ଯ ରେଙ୍ଗେଇ ହୋ
ମରେ ରାଇଜ ଗଡ଼ ୟାମାରା ।

ଦେଖନା ପାଏଁ ଭଉଜାଇ ବିତିହୋ
ମରେ ଚଉକା ଚନ୍ଦନ ପୁର ।

ଗଂବୁରା ବଇଠା ଦିଆଇ ଯ ବାଲେ ହୋ
ମରେ ଗରେ ଘୁଘୁରକେ ୟାତି ।
ୟାହାଡ଼୍ ତାହାଡ଼୍ ତୋରେ ଯ ପାନି ହୋ
ମରେ ମାମୀନା ବିତି ଯେ ।

ନାହାଇ ଖରାଇ ଭାଏ ଯେ ତିଆରି
ମରେ ମାମୀନା ବିତି ।
ଟିକେସେ ନାମି କେସ ଘସନା ଲାଗେ ହୋ
ମାରେ ମାମୀନାବିତି ।

ସନେଇକେ ତୋ ସରାଟି ବିସାମନ ଲାଗେ ହୋ
ମର ବାନିକୋ ବାନା ଗୋଦ ।
ଚିରି ଚିଯ  ପଇଠା ବାନାଙ୍କ ଗୋଦାଇ
ମରେ ମାମୀନା ବଙ୍କେଁ ।

ନାପତ ନାପଚ ଅଧମା ହଇଲା
ନାପତ ନାପତ ଅଧମା ହଇଲା
କେଲେଁ କୁଷାର୍ ବଡ଼ି ଭରେଁକେଁ ନାହିଁ
ୟେନେର ବେଲ୍କ ୟେନେକେ ଗଲା ।

ତୁଇ ହୋ ବନ୍ଧୁ ହାରିକେଁ ଗଲୁ
ମୁଇଁ ହୋ ବନ୍ଧୁ ଜିତିକେଁ ଗଲି ।

ଚନ୍ଦର୍ ସୂର୍ଯ୍ୟକେ ସାକ୍ଷୀ ଦଇଲା
ଯେହେଁ ଦେହୁରୀଆକେ ନାଇକେଁ ଖିରାଇଲେ
ତାରି ଦୟାଁଓ୍ୱ ଛାଲାକେଁ ଓଡାଓ୍ୱୋ
କାହେଁ ବଲି ଗଲାକେ ହାନ୍ଦେ ।

କୁଷାର ବଡ଼ିକେ ନନୀ କୁଷାଇ ଖୋସିଲା
ଖର୍କାରୁନ୍ ରାନୀ ଘରକେ ଗଲା
ନୁନୀରେ ବଲଇଁ ବହକେ ବେଟୀ

ବାହାର ନନୀ ରନ୍ଧାକେଁ ଦୁଆର ।
କୁଷାର ବଡ଼ିକେ ଓଲଦି ଦେଲା ।

ତାବା ତେଲୁଣି ଧରିକେଁ ଗଲା ।
ଖଡ଼ି ପାଂଜି ଶୁଝେଇ ଗଲା ।

କୁଟୁମ୍ ବାଟୁମ୍ ମାନ୍ ଡାକେ ଗଲା
ମାହାଲିଆ କେ ଡାକ ଦେଲା
ଜଲଙ୍ଗିଆକେ ଡାକ ଦେଲା
ଗ୍ରାମର ଲୋକକେ ଡାକ ଦେଲା
ମଡୁଆ ସବୁ ଗାଡ଼ି ଦେଲା
ବିହାଘର ହୋ କରିଦେଲା ।

॥ ୭ ॥

ଦେଖରେ ଜାଲ୍ ମକ୍ରା ସୁତା ଟାନ
ଦେଖରେ ଜାଲ୍ ମକ୍ରା ସୁତା ଟାନ ।

ସର ସର ଟାନି ନେଲା
ସରଗ ଉପର ଟାନି ନେଲା
ଦେଖି ପାଏଲେ ସରଗ ଉପର
ଦେଖି ପାଏଲେ ସରଗର ଲୋକ ।

କାଏଁ କାଯେ ଆସିଛ ବଲିଲେ ।
ମେଂଜା କାୟେ ହୋ ହେଲି ହଉଛ
ଏଛା ହେଲା ବଲି କହେଲେ
ଚର ଚର ହୋ ଉତରି ଆସିଲେ
ପେଙ୍ଗ ଗଛ ତଳେ ଖେଡ଼ା ହଇଲେ
ମାହା ହେଲେ ହୋ ଗର୍ଭବାସ
ପେଙ୍ଗ ଗଛତଳେ ଜନମ କରିଲେ

ଅଁଟା କନିଆ ରହିଗଲା
ଲୋକ ବାକ ହୋ ଆସିଗଲେ
ମାକୁ ଦେଲେ ହୋ ଜନମ କରାଲେ
ପହ ଜନମ ହଇଗଲା
ନହୁ ଘର ହୋ ଛୁରା ଆନିଲେ
ଧୋବା ଘରହୋ କପଡ଼ା ଆନିଲେ ।
କମାର ଘରହୋ ଖିପ୍ରୀ ଆନିଲେ ।

ନାଇ ଦହଁଲି କାଟି ଗଲେ
ପାନି ପାନି ଗୋଧେଇ ଗଲେ
କଞ୍ଚା ପାନି ହୋ ତତ୍ଲା ପାନି ।

ମେଷ କରି କରି ଛୁଆ ଗୋଧାଲେ ।
ଗୋଧ୍ ପାଧ୍ କରି ଆନନ୍ଦ ହଇଲା ।
ଭାତ ଶାଗ ହୋ ରାନ୍ଧିଗଲେ ।

କଷା ସିଝାହୋ ମାହାକେ ଦେଲେ ।
ମାହାକୁ ଦେଲେ ହୋ କଷା ସିଝା
ପୁଅକୁ ଦେଲେ ହୋ ଦୁଏକର ଘିଅ
ଭାତ ଶାଗହୋ ମାହାକୁ ଦେଲେ ।
ଖାଇ ପିଇ ଆନନ୍ଦ ହଇଲୋ
ରଜା ବେଡ଼ ହୋ ଦେବ୍ତା ବେଡ଼ା
ବଢ଼ିଗଲା ହୋ ଆଠମାସ
ଆଠ ମାସ ହୋ ନହ ମାସ
ନହ ମାସ ହୋ ଦଶ ମାସ
ଦଶ ମାସ ହୋ ଏଗାର ମାସ
ଏଗାର ମାସହୋ ବାର ମାସ ।
ପିଲା ହେଲେ ହୋ ପୁଟଲି ଗଲା
ପୁଟଲିର ଡୁଡମି ଚାଲିଗଲା
ଚାଲିବୁଲି କରି ଧଙ୍ଗରା ହଇଲା
ମାହା ମାହା ମାହା ବଲିଲା

ମୋର କଥା ମାହା ଶୁନ ବଲିଲା ।
ମହର ମେହେଲେନ୍ ମାଁ ଅଛେକି ନେଇ ।
ଜାନିଲେ ଜାନିବା ତୋହର ବାପା ।
ଝାରେଙ୍କର ପଶା ହୋ ବନ୍ଧେକର୍ ପାନି ।
ଦଶ ମାସ ମାଁ ଗର୍ଭେ ଧରିଲା ।
ତାହାର ବାପା ପାଖେ ଚାଲିଗଲା ।
ରଜା ରଜାହୋ ବଲ୍‌ମି ତୁମକେ ।
ପୁଅ ବଢ଼ିରେ ରଜା ଈଷଦ୍ ନାହିଁ ।
ମୋହର ବଚନ ଶୁନ ବଲିଲା ।
ମୋହର ମହ୍‌ଲେନ୍ ଆଛେ କି ନେଇ ।
ଆଛେ ଆଛେ ରାନୀ ବଲି କହିଲା ।
କେଉ ଫୁଲ ଦେଖ୍ ଭାତ ରାନ୍ଧିଲା ।
ଜହ୍ନିଫୁଲ ଦେଖି ଶାଗ ରାନ୍ଧିଲା ।
ଗୁଡ଼୍ ପାନି ଧରି ଚାଲିଗଲା ।
ଆସ ଆସ ରଜା ଖାଇ ବଲିଲା ।
ହାତ ଗୋଡ଼ ଧୋଇ ଖାଇ ବସିଲା ।
ଭାତ ଶାଗ ମୋର ଅଢ଼େ ଗରସା ।
ଅଢ଼େ ଗରସା ଖାଇଗଲା ।
ଉଠିହେଲେ ରଜା ପାନି ଧରିଲା ।
ରଜା ହେଲେ ହୋ ଆରାମେ ବସିଲା ।
କେନ୍‌ତା ବିଚାର ରାନୀ କରିମୁ ବଲିଲା ।
ହାଡ଼୍ ମହଲେନ୍ ଘର ଯାହା ବଲିଲା ।
ଲିଆ ପିଠା ଝୁଲାନେ ଭରିଲା ।
ରଜା ହେଲେ ହୋ ଚାଲିଗଲା ।
ଦେଖି ପାଏଲା ତାହାର ବହେନ ।
କେନ୍ ଗାଁର ଲୋକ ଆସିଛତ୍ ବଏଲା ।
ଆମର ଦଦା ହୋ ଅଉଛତ୍ ବଏଲା ।
ଗଡୁ ପାନିବାହାର କଲା ।

ଗୋଡ଼ ପିଁଅର ଧୋଇ ଦେଲା
ପଲଙ୍କ ପାରିହୋ ଦିହିଗଲା
ଆମର କୁଏଁ ହୋ କେନ୍‌କେ ଗଲେ
ତମ଼ର କୁଏଁ ଦଦା ଖେତ୍‌କେ ଗଲେ
ଭାତ ଶାଗ ଖାଇ ଗଲେ
ରାତି ଚାରି ପହର ହୋଇଗଲା ।

କେଁ କାଯେ ଦଦା ଆସିଛ ବଲିଲା ।
ତମର ଘରେ ବହେନ ଫୁଲ ଫୁଟିଲା ।
ଫୁଲର୍ ବସ୍‌ନେ ବେଇ ଏଇଛେ ମୁଇଁ ।
କେତେ ଫୁଲ ଦଦା ନେବ ବଲିଲା ।
ଏକ ଚଙ୍ଗ୍‌ରି ଫୁଲ ନିଅ ବଲିଲା ।
ଇ ଫୁଲ ନନୀ କେଁଟା କରିମି
ଚଟୁ ନେଇଏ ମୋର ଘରେ ।
ବେଲା ନେଇଏ ମୋର ଘରେ ।
କେତେ ଚଟୁ ଦଦା ନେବ ବଲିଲା ।

କେତେ ବେଲା ଦଦା ନେବ ବଲିଲା ।
ଚଟୁ ବେଲା ନନୀ କେଁଟା କରମି ।
ଭାନ୍‌ଜୀ କାଯେ ହୋ ଏଇଛେ ମୁହିଁ ।
ଆମର୍ ଘରକୁ ବନ୍ଧୁ ଏଇଛଉ୍ ।
ବନ୍ଧୁକୁ ନେଇ ଦେଲେ କାହାକେ ଦେମା ।

ନାହା ଗାହା ହୋ ଦିହି ଗଲେ ।
ଖଡ଼ି ପାଂଜି ହୋ ଶୁଝେଇ ଗଲେ ।
ଶୁଭଦ୍ଧି ଅଶୁଭ ପଚାରି ଗଲା ।
ଭଲେ ଭଲେ ରାନୀ ହେଲା ବଲିଲା ।
ଇହି କନିଆହୋ ହେବା ବଲିଲା ।
ରଜା ରଜା ହୋ କେନ୍‌ତା କରମୁ ।
ଘରେ ହେଲେ ରଜା ଅତିଆ ନେଇ ।
ତାହାର ମହଲେନ୍ ଘର୍‌କେ ଯାହା ।

ରନି ହେଲେ ରଜା ମାଗି ଯାହା ।
ଚାଲିଗଲା ରଜା କୁବେର ଘର ।
ଦେଖି ପାଏଲା କୁବେରିଏନ ବୁଢ଼ୀ ।
ଚନ୍ଦନର ଛେରା ହୋ ଝିଟି ଗଲା ।
ରକତ୍‌ର ଛେରା ହୋ ଝିଟି ଗଲା ।
ଦେଖି ପାଏଲା ରଜା ବଲିଲା ।
ରକତର୍ ଛେରା ମାଡ଼ି କେନ୍‌ତା ଯିବି ।
ଚନ୍ଦନ୍‌ର ଛେରା ହେଲେ ଯେତି ମୁଇ ।
ଏନ୍ତା ବଲି ରଜା ଘରକେ ଫିରିଲା ।
ଛିରେ ଛିରେ ବିନ୍ ବୁଧିଆ ରଜା ।
ଚାଲିଗଲା ରାନୀ ବଲିଲା ।
କିଏ ଆଏଲା ବଲି ଦେଖିଲା ।
ତଣି ଝାଟି ହୋ ଦେଖି ଗଲା ।
ରକତର ଛେରା ହୋ ଝିଟିଗଲେ ।
ଚନ୍ଦନର ଛେରା ହୋ ଝିଟି ଗଲେ ।
ଭାଲି ମାଡ଼ତ ମାଡ଼ତ ଚାଲିଲା ।
ଦଦା ଦଦା ହୋ ବଲିଗଲା ।
ମୋର ବଚନ ଦଦା ଶୁନ ବଲିଲା ।
ଗେଲ ବେଳେ ବହୁ ଗେଲ କରିବ ।
ଖିଆଲର୍ ବେଳେ ବହୁ ଖିଆଲ କରିବ ।
ତମର ଦଦା ନନୀ ତବା ଘରେ ।
ଧାଇଁ ଧାଇଁ ଗଲା ତବାକୁ ।
ଦଦା ଦଦା ହୋ ଦଦା ବଲିଲା
ଧାନ ପାଞ୍ଚ ପୁଟି ଦିଅ ବଲିଲା
ତମର ଭନ୍‌ଜାକେ ବିହା କରିମି
ଗୁଟେ ତବାହୋ ଫାଡ଼ିଗଲା ।
ଗୁଟେ କଷାତୁଆ ନାପି ଦେଲା
ପାଞ୍ଚ ତବା ହୋ ଫାଡ଼ିଗଲା
ପାଞ୍ଚ କୁଷାଧାନ ନାପି ଦେଲା

ପାଞ୍ଚ ପୁଟିଧାନ ହୋଇଗଲା
ଧରିକରି ରାନୀ ଘରକେ ଆସିଲା
ଚଲଙ୍ଗିଆ ହୋ ଚଲଙ୍ଗିଆ
ମାହାଲା କରିଆ ହୋ ମାହାଲା କରିଆ
କୁଟୁମ୍ ବାଟୁମ୍ ହୋ ଡାକି ଯାହା
କଟା ପିଷା ହୋ ଦିହି ଯାହା
ପାଞ୍ଚଟା ଲୋକକୁ ଡାକି ଦେଲା
ଦଶଟା ଲୋକକୁ ଡାକି ଦେଲା
ଗାଁର ସବୁ ଲୋକ ଡାକିଦେଲା
ମୋଡ଼ୋ ମୁଡ଼ି ଗାଡ଼ି ଦେଲା
ବିହା ଘରହୋ କରି ଦେଲା ।

ଚୋକଟିଆ ଭୁଂଜିଆମାନେ ଏହି ଗୀତକୁ ଧରମ ଖୁଟ୍‌ଲି ଗୀତ କହନ୍ତି । ଖୋଲାରଝିଆ ଭୁଂଜିଆମାନେ ଧରମ୍ କୁଟା ଗୀତ କହନ୍ତି । ଏହି ଗୀତରେ ବର ପକ୍ଷରୁ କନ୍ୟାପିତା ଘରକୁ କୁଷାବୋଡ଼ା (କୁଷା କୀଡ଼ା ଯେଉଁ କୀଡ଼ା ସୁତା ବାହାରେ)ରେ ଧାନ ଋଣ ପାଇଁ ଯାନ୍ତି ଏବଂ ସେଠାରୁ ପାଞ୍ଚ କୁଷା ବୋଡ଼ା ଧାନ ଆଣି ପାଞ୍ଚ ପୁଟି (ଏକ୍ ପୁଟିକୁ କୋଡ଼ିଏ ମାଣ) ଧାନ କରନ୍ତି ଏହି ବିଷୟ ଅଛି ।

## ଧରମ୍ ଡାକ୍‌ରା ଗୀତ

ଚୋକଟିଆ ଭୁଂଜିଆ ସଂପ୍ରଦାୟରେ ବାହାଘର ପୂର୍ବରୁ ଏହି ଗୀତ ଗାଇ ତାଙ୍କର ଦେବାଦେବୀଙ୍କୁ ନିମନ୍ତ୍ରଣ କରନ୍ତି । ଏହି ଗୀତ କେବଳ ସ୍ତ୍ରୀଲୋକମାନେ କହନ୍ତି ।

ଜୁହାର୍ ଜୁହାର୍ ଠାକୁର ଦେଓ
ଜୁହାର୍ ଜୁହାର୍ ଠାକୁର ଦେଓ
ଧରମେ ଦିନେ ତୁମ୍‌ରେ ନମୁନା
ଦୁଇ ମତିଆ ତୁମ୍‌ରେ ଲାଗୁ ।

ଜୁହାର୍ ଜୁହାର୍ ସୁନାଦୀ ଦେଓ
ଜୁହାର୍ ଜୁହାର୍ ସୁନାଦୀ ଦେଓ
ଧରମେ ଦିନେ ତୁମ୍‌ରେ ନମୁନା
ଦୁଇ ମତିଆ ତୁମ୍‌ରେ ଲାଗୁ ।

ଜୁହାର୍ ଜୁହାର୍ ବୁଢ଼ାରାଜା ଦେଓ
ଜୁହାର୍ ଜୁହାର୍ ବୁଢ଼ାରାଜା ଦେଓ
ଧରମେ ଦିନେ ତୁମ୍‌ରେ ନମୁନା
ଦୁଇହୋ ମତିଆ ତୁମ୍‌ରେ ଲାଗୁ ।

ଜୁହାର୍ ଜୁହାର୍ ଛୋଟି ବୁଢ଼ୀ
ଜୁହାର୍ ଜୁହାର୍ ଛୋଟି ବୁଢ଼ୀ
ଧରମେ ଦିନେ ତୁମ୍‌ରେ ନମୁନା
ଦୁଇ ହୋ ମତିଆ ତୁମ୍‌ରେ ଲାଗୁ ।
ଜୁହାର୍ ଜୁହାର୍ ପାଟ୍ ପରଧାନ କେ
ଧରମେ ଦିନେ ତୁମ୍‌ରେ ନମୁନା
ଦୁଇ ହୋ ମତିଆ ତୁମ୍‌ରେ ଲାଗୁ ।
ଜୁହାର୍ ଜୁହାର ଖର୍‌ତାଲି ଗୁରୁ
ଧରମେ ଦିନେ ତୁମ୍‌ରେ ନମୁନା
ଦୁଇ ହୋ ମତିଆ ତୁମ୍‌ରେ ଲାଗୁ ।

ଜୁହାର୍ ଜୁହାର୍ ଠାକୁର ଦେଓ
ଧରମେ ଦିନେ ତୁମ୍‌ରେ ନମୁନା
ଦୁଇ୍ ହୋ ମତିଆ ତୁମ୍‌ରେ ଲାଗୁ ।
ଜୁହାର୍ ଜୁହାର୍ ମାନିଆ ବୁଢ଼ା
ଧରମେ ଦିନେ୍ ତୁମ୍‌ରେ ନମୁନା
ଦୁଇ ହୋ ମତିଆ ତୁମ୍‌ରେ ଲାଗୁ ।

ଜୁହାର୍ ଜୁହାର୍ ସରଗ ପୁରିଏନ୍‌କେ ।
ଜୁହାର୍ ଜୁହାର୍ ମାଟି ମଟିଏନ୍‌କେ ।
ଜୁହାର୍ ଜୁହାର୍ ଗୁରୁନେ ବୁଢ଼ାକେ
ଜୁହାର୍ ଜୁହାର୍ ସମଲେଇ ମାଁକେ ।
ଜୁହାର୍ ଜୁହାର୍ ପାଟ୍‌ନା ଗଡ଼ିଏନ୍‌କେ ।

ଏହିପରି ସମସ୍ତ ଦେବାଦେବୀମାନଙ୍କୁ ନାମଧରି ବାହା ହେଉଥିବା ପିଲାର ବାହା ପାଇଁ ନିମନ୍ତ୍ରଣ କରନ୍ତି । ନୂଆପଡ଼ା ଜିଲ୍ଲାର ଅନେକ ସ୍ଥାନରେ ଭୁଂଜିଆମାନେ

ଅଛନ୍ତି । ସେମାନେ ହେଲେ ଖୋଲାରଝିଆ ଭୁଂଜିଆ । ଖୋଲାରଝିଆ ଭୁଂଜିଆମାନେ ନିମ୍ନ ପ୍ରକାରେ ଏହି ଗୀତ କହନ୍ତି ।

ଜୁହାର୍ ଜୁହର ଦୁଆର୍ଶନୀ ମାଁକେ
ଜୁହାର୍ ଜୁହାର୍ ଦୁଆର୍ଶନୀ ମାଁକେ
ଦୁଇ ହୋ ମତିଆ ତମ୍‌କେ ଲାଗୁ
ସରଗର୍ ରକତ୍ ଘଷି ସରଗେ ଯାଉ
ପାତାଲର୍ ରକତ୍ ଘଷି ପାତାଲେ ଯାଉ
କୁଆଁରୀ ବାବୁର ଧରମ ଉତର ।
ଜୁହାର୍ ଜୁହାର ପାଟ୍ ପରଧାନ୍‌କେ
ଜୁହାର ଜୁହାର୍ ପାଟ୍ ପରଧାନ୍‌କେ
ଦୁଇ ହୋ ମତିଆ ତମ୍‌କେ ଲାଗୁ
ସରଗର ରକତ୍ ଘଷି ସରଗେ ଯାଉ
ପାତାଲର୍ ରକତ୍ ଘଷି ପାତାଲେ ଯାଉ ।

ପ୍ରତିପଦ ସରିବା ପରେ ସ୍ତ୍ରୀଲୋକମାନେ ହୁଳହୁଳି ଦେଇଥାନ୍ତି ।

## ଗୁଣାବୁଲା ଗୀତ

ଏହି ଗୀତ ବିବାହ ସମୟରେ ନିଜ ଅଞ୍ଚଳର ସମସ୍ତ ଦେବାଦେବୀମାନଙ୍କୁ ଗୁଣା (ନିମନ୍ତ୍ରଣ) ଦେବା ପାଇଁ ଗାଇଥାନ୍ତି । ଯେଉଁ ଯେଉଁ ଅଞ୍ଚଳରେ ଯେଉଁ ଦେବାଦେବୀ ଅଛନ୍ତି, ସେହି ଦେବାଦେବୀଙ୍କ ପାଇଁ ଏହି ଗୀତ ଗାଇ ନିମନ୍ତ୍ରଣ କରନ୍ତି ।

ବାରିକ୍ ବାବୁ ହୋ ବାରିକ୍ ବାବୁ
ଗୁଣା ଭାର୍ ହୋ ଧରି ଯାହା
କେନ୍ ଗାଁହାଁ ହୋ ଯିମୁ ବଲିଲା
ଚାଲି ଗଲା ହୋ ଗୁଣାର ଭାର
ଅମରି ଗଲେ ହୋ ବଇଜଲ ପୁର
ଦେଖି ପାଏଲେ ମାଟି ମଟିଏନ୍ କେ
ବିହା ଘରହୋ ଯିବ ବଲିଲେ
ଏନୁ ଗୁଣା ହୋ ଢାଁହାଁ ଘରକେ
ଏନୁ ଗୁଣାହେ ସୁନାବେଢ଼ା ପୂଜାରୀ ଘର୍‌କେ ।।

ହାତୀର ଲୋଗ ହାତୀ ସାଝିଲେ
ଘୋଡ଼ାର ଲୋଗ ଘୋଡ଼ା ସାଝିଲେ
ବୁଢ଼ୀ ଦାଇ ହୋ ଦୁଏଇ୍ ସାଝିଲେ
ଚାଟିକେ ଧାରହେ ଲମି ଗେଲେ
ଗୁଣାକେ ଭାର୍ ହୋ ବହିଗେଲେ ।।

ଚାଲି ଗଲା ହୋ ଗୁଣାର ଭାର
ଅମରି ଗଲେ ହୋ ଦେଦର
ଦେଖି ପାଏଲେ ଦୁଆର୍ଶନୀ ମାଁକେ
ବିହା ଘରହୋ ଯିବ ବଲିଲେ
ଏନୁ ଗୁଣା ହୋ କାହାର ଘର
ଏନୁ ଗୁଣା ହୋ ଗୁଡ଼ା ପୂଜାରୀ ଘର୍କେ ।

ହାତୀର ଲୋଗ ହାତୀ ସାଝିଲେ
ଘୋଡ଼ାର ଲୋଗ ଘୋଡ଼ା ସାଝିଲେ
ଚାଟିର ଧାର ହୋ ଲମି ଗଲେ
ଗୁଣାର ଭାର ହୋ ବହି ଗଲେ ।

## ହରଦୀ ଗର୍ଦୀ ଗୀତ

ହଲଦୀ ପାଇଁ ହଲଦୀ ଆଣି ଯିବା ସମୟରେ ଏହି ଗୀତ ଗାଉଥାନ୍ତି ।
ସ୍ୱାମୀ ହୋ ସ୍ୱାମୀ ଶବର ରାଜା
କହିଁ ସ୍ୱାମୀ ହରଦୀ ଖାନୁକେ ।
ଶୀରେ ଶାବଲ ଧରିକେଁ ଗଲା ।
ଶୀରେ ଶାବଲ ଧରିକେଁ ଗଲା
ବାରଧାନିଆ ଟୋପାକେ ଧରିଲା
ଚଲି ଗଲା କଦଲୀ କଛାର୍କେ ।

ମସିହୋ ମସି ହିରେ ଦୋଦାଇ
ଦେହୋ ମସି ହରଦୀ ବେଲେତେଁ
ଦୁଇ ବରନ୍ ନନୀ ହରଦୀ ଆଚେ
ଏକ ବୋରାକେ ନନୀ ଖାନାକେ ବଲେଁ

ସବାକର୍‌ଆଚେ ହୋ ନନୀ କେଁ ବାବୁ ।
ସବାକେ ପୂରାଇ ଯିବିକେ ବଲେଁ
ସହରର ଲରିକେଁ ମରକେଁ ଅସରା
ହରଦୀ ହାନ୍ଦେ ହୋ ଖାନିକେ ଗଲା ।
ବାରଧାନିଆ ଟୋପାକେ ବହି .
ଶୀରେ ଶାବଳ ଧରିକେଁ ଗଲା ।
କାହେଁ ଆସିଲା ଘରକେ ହାନ୍ଦେ
ବାବୁରେ ବଲେ ମାହାଲିଆ ଛଲ୍‌ଙ୍ଗିଆ
ନପାରେ ବଲେଁ କୋଟାକେ ବଲେଁଇ ।

## ହଲଦୀ କୁଟା ଗୀତ ॥୧॥

ହଇଦୀ କୁଟିବା (ଗୁଣ୍ଡ କରିବା) ସମୟରେ ସ୍ତ୍ରୀଲୋକମାନେ ଏହି ଗୀତ ଗାଇଥାନ୍ତି ।

ଖଇରର ମୁସେଲ ପିତଲ ସାମ୍
ଖଇରର ମୁସେଲ ପିତେଲ ସାମ୍
କୁଟାରେ ନନୀମାନେ ହରଦୀ ଗୁଣି
କୁଟାରେ ନନୀ ମାନେ ହରଦୀ ଗୁଣି ।

॥ ୨ ॥

ଚୋକଟିଆ ଭୁଂଜିଆ ଜାତି ବ୍ୟତୀତ ଅନ୍ୟ ଭୁଂଜିଆ ମାନେ ଏହିଗୀତ ଗାଇଥାନ୍ତି । ଚୋକଟିଆ ଭୁଂଜିଆମାନେ ଏହି ଗୀତକୁ ହର୍‌ଦୀ ଗର୍‌ଦୀ ଗୀତ କହନ୍ତି ।

ବହୁ ବହୁ ବଇମି ତମକେ
ବହୁ ବହୁ ବଇମି ତମକେ
ହଇଦୀ କୁଡ଼ି ବହୁ ଯଉଁ ବଲିଲା ।
ଶିରି ଶାବଳ ଧରିଗଲା
ସୁନାର ଟୋପନି ଧରିଗଲା
ରୂପାର ଗୁରରୀ ଧରିଗଲା ।
ଚାଲିଗଲେ ହୋ ଦିଅର
ଲେଡ଼ି ମଡ଼ା ମଡ଼ି ଚାଲିଗଲେ
ଠୋଡ଼ି ଚୁମା ଚୁମି ଚାଲିଗଲେ ॥

ଚାଲିଗଲେ ହୋ କଦଳୀ କଛାରକେ
ଯାଦେ ହୋ ବାବୁ ହଳଦୀର୍ ବାସନା
ଏକ ଶାବଳ ମାରି ଦେଲା
ଦୁଇ ଶାବଳ ମାରି ଦେଲା
ତିନି ଶାବଳ ମାରି ଦେଲା
ହଳଦୀ ହେଲେ ହୋ ଚେଟନା ପୂରିଲା
ହଳଦୀ ଧରିହୋ ଘରକେ ଗଲେ
ପହଞ୍ଚ୍ ଗଲେ ହୋ ଟୋଟାଁ ଘାଟକେ
ଧଇଁ ରହି ହୋ ଯୋଗାରି ଦେଲେ
ହଳଦୀ ଆନି କୁଟେନ୍‌ନେ ରଖିଲେ
ହଳଦୀ ହେଲେ ହୋ କୁଟିଗଲେ ।

## ତେଲଚଘା ଗୀତ

ବିବାହ ସମୟରେ ବରପିଲାକୁ ତେଲ ପାଦରୁ ମୁଣ୍ଡ ଯାଏଁ ମଖାନ୍ତି । ସେତେବେଳେ ଏହି ଗୀତ ଖାଇଥାନ୍ତି ।

ଖରିତ୍ ଖରିତ୍ ଫୁଟେଇ ଖରି
ଖରିତ୍ ଖରିତ୍ ଫୁଟେଇ ଖରି
ତେଲ୍ ଚଘାଲି ବିଜେଲି ଘଡ଼ି ॥୧॥

ଲାରିକେ ଲାରି ବିନ୍ ଛାଏଲା ଲାରି
ଲାରିକେ ଲାରି ବିନ୍ ଛାଏଲା ଲାରି
ମୁରିତ୍ ମୁରି ଲହ ସୁନା ମୁରି
ତେଲ୍ ଚଘାଲି ଅପ୍‌କା ଅପ୍‌କା ବୁଢ଼ୀ ॥ ୨॥

ଛାଲିତ ଛାଲି ସାହାଜ ଛାଲି
ଛାଲିତ ଛାଲି ସାହାଜ ଛାଲି
ତେଲ୍ ଚଘାଲି ଟେମ୍‌ଟି ଟାମ୍‌ଟି ଗାଲି ॥ ୩ ॥

ଚୁଲ ପାଟେ ଥୋଇଦେଲୁଁ ଯାଙ୍ଗାରା
ବୁଲାର୍ ମାଁକେ ଧରିନେଲା ବେନ୍ଦରା ॥ ୪ ॥

ଏକ୍ ଦୁଆ ଦୁଇ ଦୁଆ ତିଲକ୍ ତେଲ୍
ଏକ୍ ଦୁଆ ଦୁଇ ଦୁଆ ତିଲକ୍ ତେଲ୍ ।
ପରଧାନ୍ ଦେଓ ତେଲ୍ ଚଘାବେ ବଡ଼ ମୟାଁ ପେବେ ॥ ୫ ॥

ଏକ୍ ଦୁଆ ଦୁଇ ଦୁଆ ତିଲକ୍ ତେଲ୍
ଏକ୍ ଦୁଆ ଦୁଇ ଦୁଆ ତିଲକ୍ ତେଲ୍
ସୁନାଦୀ ଦେଓ ତେଲ୍ ଚଘାବେ ବଡ଼ ମୟା ପେବେ ॥ ୬ ॥

ଏକ୍ ଦୁଆ ଦୁଇ ଦୁଆ ତିଲକ୍ ତେଲ
ଏକ୍ ଦୁଆ ଦୁଇ ଦୁଆ ତିଲକ୍ ତେଲ
ମାନିଆ ବୁଢ଼ା ତେଲ ଚଘାବେ ବଡ଼ମୟା ପେବେ ॥ ୭ ॥

ଏକ୍ ଦୁଆ ଦୁଇ ଦୁଆ ତିଲକ୍ ତେଲ୍
ଏକ୍ ଦୁଆ ଦୁଇ ଦୁଆ ତିଲକ୍ ତେଲ୍
ଝୁଟା ହରଦୀ ଯେନ୍ ଚଘାବେ ବଡ଼୍ ପାପୀ ହେବେ ।
ଝୁଟା ତେଲ ଯେନ୍ ଚଘାବେ ବଡ଼୍ ପାପୀ ହେବେ ॥ ୮ ॥

## ଓଡ଼ିଆ ଅନୁବାଦ

ବିବାହ ସମୟରେ ବରପିଲାକୁ ବେଦୀରେ ବସାଇ ରାଶିତେଲକୁ ଗୋଡ଼ରୁ ମୁଣ୍ଡ ଯାଏଁ ମଖାନ୍ତି ଏହାକୁ ତେଲଚଘା କହନ୍ତି ।

କେରା କେରା (ଗୋଛାଗୋଛା) ହୋଇ ଖର୍ ★ ବଢ଼େ
ତେଲ ଚଢ଼ାଇଲି ଶୀଘ୍ର ଶୀଘ୍ର ॥ ୧ ॥
ଲାରି ★ ଉପରେ ଛାତ କରାଯାଇ ନାହିଁ
ଛାତ ନଥିବା ଲାରି ଅଟେ
ତେଲ୍ ଚଢ଼ାଇଲେ ଖାଲି ବୁଢ଼ିଲୋକ ମାନେ ॥ ୨ ॥

ଛାଲି ସାହାଢ଼ ଗଛର ଛାଲି ଅଟେ
ତେଲ ଚଢ଼ାଇଲେ ଚେମଟି ଚାମ୍‌ଟି ଗାଲି ମାନେ ॥ ୩ ॥
(ସ୍ତ୍ରୀଲୋକମାନେ ଯେଉଁମାନଙ୍କର ଗାଲ ଲୋଚା ଖୋଚା ହୋଇ ଯାଇଛି ।

ଚୁଲିର ଆର ପଟେ ନିଆଁକୁ ଥୋଇ ଦେଲୁ
ବର ପିଲାର ମାଁକୁ ମାଙ୍କଡ଼ ନେଇଗଲା ॥ ୪ ॥

---

★ ଖର୍ - ଘାସ ପରି ଗୋଟିଏ ନଡ଼ା ଯେଉଁଥିରେ ଝାଡୁ ତିଆରି କରନ୍ତି ।
★ ଲାରି - ଫସଲ ଅମଳ ସମୟରେ ଫସଲକୁ ଜଗିବା ପାଇଁ ଚାରୋଟି ଖୁଣ୍ଟରେ ଛୋଟ ଘର ତିଆରି କରନ୍ତି । ତାକୁ ଲାରି କହନ୍ତି ।

ଏକ ଚାମଚ, ଦୁଇ ଚାମଚ ରାଶିତେଲ୍
ପ୍ରଧାନ ଦେବତା ତେଲ ଚଢ଼ାଇଲେ ବଡ଼ ଦେବୀ ପାଇବେ ॥ ୫ ॥
ଏକ ଚାମଚ, ଦୁଇ ଚାମଚ ରାଶି ତେଲ୍
ସୁନାଦୀ ଦେବୀ ତେଲ ଚଢ଼ାଇଲେ ବଡ଼ ଦେବୀ ପାଇବେ ॥ ୬ ॥
ଏକ ଚାମଚ, ଦୁଇ ଚାମଚ ରାଶିତେଲ୍
ମାନିଆ ବୁଢ଼ା ଦେବତା ତେଲ ଚଢ଼ାଇଲେ ବଡ଼ଦେବୀ ପାଇବେ ॥ ୭ ॥
ଏକ ଚାମଚ, ଦୁଇ ଚାମଚ ରାଶିତେଲ୍
ଅଇଁଠା ହଳଦୀ ଯିଏ ଚଢ଼େଇବ ସେ ବଡ଼ ପାପୀ ହେବ
ଅଇଁଠା ତେଲ୍ ଯିଏ ଚଢ଼େଇବ ସେ ବଡ଼ ପାପୀ ହେବ ॥ ୮ ॥

## ଗୁନ୍‌ଜାରେନ୍ ଗୀତ

ବିବାହ ସମୟରେ ବରପିଲାକୁ ହଳଦୀ ତେଲ ଲଗାଇ ଗନ୍‌ସନ୍ କରିବା ସମୟରେ ଏହି ଗୀତ ସ୍ତ୍ରୀଲୋକମାନେ ଗାଇଥାନ୍ତି । ଏହିଗୀତ ଗାଇ ସାରିବା ପରେ ବାଜାବାଲାମାନେ ତାଙ୍କର ଢ଼ୋଲ, ମହୁରୀ, ନିଶାନ୍ ବଜାନ୍ତି ।

ପହଲି ମୁନ୍ଦ୍‌ଲି ବାଜିଲା ଦେବତା ହୋ ଦୁଆରେ
ଦୁସ୍‌ରି ମୁନ୍ଦଲି ବାଜିଲା ଦେବତା ହୋ ଦୁଆରେ
ତିସ୍‌ରି ମୁନ୍ଦଲି ବାଜିଲା ଧରମ ହୋ ଦୁଆରେ
ଖୋରି ବାଜେ ରାଇଁ ରାଇଁ ବଟକି ବାଜେ ଝାଁଇଁ
ବଜାରେ ମହରୀଆ ଗୁନ୍‌ଜାରେନ୍ ପାଡ଼ ॥

କାଏଁ ବୋବା ବଜାତି ଶସି ଶୋଷାଇଁ ଶୁଖିଲା
ମହରୀଆ ପଡ଼ିଅଛେ କଦମ୍ ଗଛର୍ ଛେୟାଁ
ନିସ୍‌ନିଆ ପଡ଼ିଅଛେ କଦମ୍ ଗଛର୍ ଛେୟାଁ
ହଇରେ ଦୟାଭାଇ ବଲୁନା ହୟାଁଛ ।

ଯଙ୍ଗତ୍ ଆଇଓ୍ୱେ ଢଲ୍‌ଙ୍ଗତ୍ ଆଇଓ୍ୱେ
କେନ ରାଜିର ଲୋଗ
ଧତି ମାରା ପାଇବନ୍ଧା ଗୁଡ଼ା ଗୁଡ଼ା ରଜିଆ ଲୋଗ ।

ଯଙ୍ଗତ୍ ଆଇଓ୍ୱେ ଝଲଙ୍ଗତ୍ ଆଇଓ୍ୱେ
କେନ ରାଜିର ଲୋଗ

ଧଡି ମାରା ଫୁଲ୍‌ଖୋଚା ନଆ ଗଡ଼ିଆ ଲୋଗ ।
ହଇରେ ଦୟାଭାଇ ବଲୁନା ହୟାଛ ।

ମଲ୍‌ଗଁତିଆଁ ଭାଇ ଢଲ୍‌ଗଁତିଆ ଭାଇ
କେନ ରାଜିର ଲୋଗ
ଧଡିମାରା ପାଗବନ୍ଧା ଗୁଡ଼ାରଝିଆ ଲୋଗ ।

ମଲ୍‌ଗଁତିଆ ଭାଇ ଢଲ୍‌ଗଁତିଆ ଭାଇ
କେନ ରାଜିର ଲୋଗ
ଧଡିମାରା ପାଗବନ୍ଧା ସୁନାବେଡ଼ିଆ ଲୋଗ ॥

॥ ୨ ॥

ପ୍ରଥମେ ମାଦଲ୍ ବାଜିଲା ଦେବତାଙ୍କ ଦ୍ୱାରେ
ଦ୍ୱିତୀୟ ମାଦଲ ବାଜିଲା ଦେବତାଙ୍କ ଦ୍ୱାରେ
ତୃତୀୟ ମାଦଲ ବାଜିଲା ଧର୍ମର ଦ୍ୱାରେ
ଖୋରିଂ[1]କୁ ବଜାଇଲେ ରାଇଁ ରାଇଁ ଶବ୍ଦ କରେ
ଭଣା(ମାଟିର ବଡ଼ ହାଣ୍ଡି)କୁ ବଜାଇଲେ ଝାଇଁ ଝାଇଁ ଶବ୍ଦ କରେ
ମହରୀଆ ତୁ ଗନସନ୍ ବାଜା ବଜା ॥

କଣ ବୋବା[2] ବଜାଇବି ମୋର ତଣ୍ଡି ଶୁଖି ଯାଉଛି
ମହରୀଆ କଦମ୍ ଗଛର ଛାଇଁରେ ବସିଛି
ନିସ୍‌ନିଆ କଦମ୍ ଗଛର ଛାଇଁରେ ବସିଛି ॥

ଯିଏ ଏପଟ ସେପଟ ହେଉଛି
ସେ କେଉଁ ରାଜ୍ୟର ଲୋକ ଅଟେ
ଧୋତି ପିନ୍ଧି ଯିଏ, ପାଗ ବାନ୍ଧିଛି
ସେ ଗୁଡ଼ାଗଡ଼ ରାଜାଙ୍କ ଲୋକ ।

ମହାଲିଆ ଭାଇ, ଢଲଗିଆ ଭାଇ
ସେ କେଉଁ ରାଜ୍ୟର ଲୋକ ।

---

୧ ॥ ଖୋରି - କଂସାର ବାସନ ଯେଉଁଥିରେ ପଖାଳ ଖାଆନ୍ତି ।
୨ ॥ ବୋବା - ବାପାଙ୍କ ବଡ଼ଭାଇ ।

ଯିଏ ଧୋତି ପିନ୍ଧି କାନରେ ଫୁଲ ଖୋଚିଛି .
ସେ ନୂଆ ଗଡ଼ର ଲୋକ ଅଟେ ।

ଯିଏ ଧୋତି ପିନ୍ଧି ପାଗ ବାନ୍ଧିଛି
ସେ ଗୁଡ଼ାଗଡ଼ ରାଜାଙ୍କ ଲୋକ ଅଟେ ।
ସେ ସୁନାବେଡ଼ାର ଲୋକ ଅଟେ ।

## ଧାନ ନପା ଗୀତ

ଏହି ସଂପ୍ରଦାୟରେ ବାହାଘର ସରିବା ପରେ ଲଗ୍ନ ଦେଇ ସାରିବା ପରେ ଧାନ ଯେତେବେଳେ ମପାଯାଏ ସେତେବେଳେ ଏହି ଗୀତ ଗାଇଥାନ୍ତି । ବର ଓ କନ୍ୟା ଉଭୟ ଧାନ ମାପନ୍ତି ଏବଂ ଧାନକୁ ସେହି ମାଣରେ ମାପନ୍ତି ।

ସପୁର୍ ସପୁର୍ ଧାନ ମାହାଲିଆ
ସପୁର୍ ସପୁର୍ ଧାନ ମାହାଲିଆ
ରୋଟା ବର୍‌ଡ଼ା ଧାନ ମାହାଲିଆ
କୋଟା ନାପି ଯା ମାହାଲିଆ ॥

## ଓଲ୍‌ଗୋନା ଗୀତ

ବାହା ଶେଷ ହେବା ପରେ ଉଭୟ ବର ଓ କନ୍ୟାକୁ ଗ୍ରାମ ଭିତରକୁ ନିଅନ୍ତି । ଗ୍ରାମରେ ଥିବା ନିଜ ସଂପ୍ରଦାୟର ଲୋକମାନଙ୍କୁ ବର ଓ କନ୍ୟାକୁ ପ୍ରଣାମ କରାନ୍ତି । ସେତେବେଳେ ଏହି ଓଲ୍‌ଗୋନା ଗୀତ୍ ଗାଇଥାନ୍ତି ।

ମୁଡ଼େ ଓଢ଼ନୀରେ ଦୁଲି
ଆମାର୍ ଦୁଲି ବାଲତ୍ ଲୋଗ ପାୟାଁ ପଡ଼ିତ୍ ନା ଯାନେ ।
କନିଏ ଗୁନା ଖିରେ ଦୁଲି
ଆମାର୍ ଦୁଲି ବାଲତ୍ ଲୋଗ୍ ପାୟାଁ ପଡ଼ିତ୍ ନା ଯାନେ ।
ହାତେ ବିଚନିରେ ଦୁଲା
ହାତେ ବିଚନିରେ ଦୁଲା
ଆମାର୍ ଦୁଲା ବାଲତ୍ ଲୋଗ୍ ପାୟାଁ ପଡ଼ିତ୍ ନା ଯାନେ ॥

## ଓଡ଼ିଆ ଅର୍ଥ

ଆମର ବରକନ୍ୟା ମୁଣ୍ଡରେ ଓଢ଼ଣୀ ଢାଙ୍କିଛି
ସେ ବାଲୁତ ଅଟେ, ସେ ପାଦ ଧରି ପ୍ରଣାମ କରି ଜାଣେ ନାହିଁ
ଆମର ବର ପିଲା ହାତରେ ବିଞ୍ଚଣା ଧରିଛି

ସେ ବାଲୁତ୍ ଅଟେ
ସେ ପାଦ ଧରି ପ୍ରଣାମ କରି ଜାଣେ ନାହିଁ ॥

## ବିହା ନାଚ ଗୀତ

ବାହା ସମୟରେ ସାଧାରଣତଃ ଏହି ଗୀତ ସ୍ତ୍ରୀଲୋକ ଓ ପୁରୁଷଲୋକମାନେ ଗାଇ ଥାନ୍ତି । ଏହି ଗୀତରେ ଟାହି ଟାପରା, ପ୍ରଶ୍ନ ଉତ୍ତରମୂଳକ ଗୀତ ଥାଏ । ଗୋଟିଏ ପଦ ଗୀତ ଗାଇ ସାରିବା ପରେ ନିଶାନ, ଢୋଲ୍, ମହୁରୀ, ମାଦଲ୍ ବାଜା ବଜାନ୍ତି । ବାଜାର ତାଳେ ତାଳେ ସ୍ତ୍ରୀଲୋକମାନେ ନାଚନ୍ତି । ଭୋଜି ଭାତ ଖାଇସାରିବା ପରେ ନାଚଗୀତ ଆରମ୍ଭ ହୁଏ ଏବଂ ସକାଳ ଯାଏଁ ନାଚ ଗୀତ ଚାଲେ । ବିହାନାଚ ଗୀତରେ ବିଶେଷ କରି ଚିନା ଗୀତ ଗାଇଥାନ୍ତି । ଅନ୍ୟ ସଂପ୍ରଦାୟରେ ଯେପରି ଡାଲ୍‌ଖାଇ, ରସର୍‌କେଲି, ନିଆଲିମଲି, ଗୁଆନଡ଼ିଆ, ଅନ୍ୟାନ୍ୟ ଗୀତସବୁ ବାହାସମୟରେ ଗାଇଥାନ୍ତି ହେଲେ ଚୋକଟିଆ ଭୁଂଜିଆ ସଂପ୍ରଦାୟରେ ବିହାନାଚ ଗୀତରେ ଏହି ଗୀତସବୁ ଗାନ୍ତି ନାହିଁ ।

ଇଆୟାର କାଯେର୍ କାଯେର୍ ନାଯେ
ହାଲାରି ହାଲାରି ବାନିର୍, ଇଆୟା
କଯେର୍ କାଯେର୍ ନାଯେ
ସେ ବାନି ଘେନି ଦେଲେ ଉତ୍‌ରେ କୁଆଁରୀ ଧରମ୍
ସେ ବାନି ଘେନି ଦେଲେ ଉତ୍‌ରେ କୁଆଁରୀ ଧରମ୍
ଚେରେ ଚଟନିଆରେ ମହରୀଆ ଚେରେ ଚଟନିଆ
ଆଏଜ୍‌ନୁ ବିହା ନନୀ ମୁଇତ ନଚ୍‌ନିଆ ॥
ମୋଲ୍ ଇଆୟା କେତେ କେତେ ମୋଲ୍
ମାନି ଜାନି ଜାନି ବେଟା ଶହେ ଟଙ୍କା ମୋଲ୍
ସେବାନି ଘେନିଦେଲେ ଉତ୍‌ରେ କୁଆଁରୀ ଧରମ୍
ସେ ବାନି ଘେନି ଦେଲେ ଉତ୍‌ରେ କୁଆଁରୀ ଧରମ୍
ହାଲାରି ହାଲାରି ବାନିର ଇଆୟା
କାଯେର୍ କାଯେର୍ ନାଯେ ॥

## ଚିନା ଗୀତ

ଡଙ୍ଗର ଜରଇ ଗା ବାବି ଦୁନିଆ ଜାନି
ଲାଲିମ୍‌ରେ ପଇସା ମୁଡ଼ି ।

ମନେ ମନେ ଗରଭ୍ ଚୁଡ଼େ କନେଇବା ଜାନି
ଲାଲିମ୍‌ରେ ପଇସା ମୁଡ଼ି ॥ ୧ ॥

ଏଣୁ ଚ ମହୁ ବାବି ପରୁଚ ଟୋଲା
ସୁନା ପରୁଚ ଟୋଲା

ଲାଲିମ୍‌ରେ ପଇସା ମୁଡ଼ି ।
ଯାବେରଥା ଯାଇବେ ଭଗବାନ ଦୁଇଦିନ୍ ତ ଚଲା
ସୁନା ଦୁଇ ଦିନ୍ ତ ଚଲା

ଲାଲିମ୍‌ରେ ପଇସା ମୁଡ଼ି ॥ ୨ ॥
ସରଗେ ଉଦଇଗା ବାବି ତାରା ଚ ନାଗର
ସୁନା ତାରା ଚ ନାଗର

ଲାଲିମ୍‌ରେ ପଇସା ମୁଡ଼ି
ଯାଛେ କେଁ ଯାଛେ ଭଗବାନ ଚାରି ଚ ଛାଙ୍ଗର୍
ସୁନା ଚାରିଚ ଛାଙ୍ଗର୍
ଲାଲିମ୍‌ରେ ପଇସା ମୁଡ଼ି ॥ ୩ ॥
ମହୁ ଭାଛେନୁ ଯାଙ୍ଗା ମୁହି ବୁଟି ଟୁଣି ଯାସଲ୍ ଚ ଚେପ୍‌ନା
ସୁନା ଯାସଲ୍ ଚ ଚେପ୍‌ନା
ଲାଲିମ୍‌ରେ ପଇସା ମୁଡ଼ି
ଯାଙ୍ଗେ ଯାଙ୍ଗେ ଭାଲୁନ୍‌କାଯେ ବଲଡ୍‌ରେ ହେଁ ଯାଙ୍ଗା ମୁହି ରାତେଚ ସପ୍‌ନା
ସୁନା ରାତେ ଚ ସପ୍‌ନା
ଲାଲିମ୍‌ରେ ପଇସା ମୁଡ଼ି ॥ ୪ ॥
ବଟ୍‌କି ଚ ବାରାଭାଗ ଖଂଜନି ତାରା
ସୁନା ଖଂଜନି ତାରା
କିନ୍ଦ୍ରୁନ୍ ବୁଲୁନ୍ ଯାଓ୍ୱେରେ ଛେଦେ ଚ ପାରା
ସୁନା ଛେଦେ ଚ ପାରା
ଲାଲିମ୍‌ରେ ପଇସା ମୁଡ଼ି ॥ ୫ ॥
ମାଝା ଚ ପାଦେ ବାଇ ମହି ଯୋ ଭେଦ୍‌ନା
ସୁନା ମହି ଯୋ ଭେଦ୍‌ନା
ବିଲେ ପାଶେ ପିଲା ମାମାଚ ବେଟେଶ୍ ମୋକେ ଛାତି ଚ ଗୋଦ୍‌ନା
ସୁନା ଛାତି ଚ ଗୋଦ୍‌ନା
ଲାଲିମ୍‌ରେ ପଇସା ମୁଡ଼ି ॥ ୬ ॥

## ଓଡ଼ିଆ ଅନୁବାଦ

ଡଙ୍ଗର ବା ପାହାଡ଼ ଜଳିଲେ ସବୁ ଲୋକ ଜାଣି ପାରନ୍ତି
ମନ ଜଳିଲେ (ମନର ବେଦନା) କେହି ମଧ୍ୟ ଜାଣି ପାରନ୍ତି ନାହିଁ ॥ ୧ ॥

ଏ ବର୍ଷର ମହୁଲ ଆସନ୍ତା ବର୍ଷରେ ଟୋଲାଯାଏ
ଆଜିର ଜୀବନ କେବଳ ଦୁଇ ଦିନର ଜୀବନ ଅଟେ ॥ ୨ ॥
(ଅର୍ଥାତ୍ ଆଜିର ମଣିଷ କାଲିକି ନାହିଁ)

ସ୍ୱର୍ଗରେ/ଆକାଶରେ ତାରା ଉଦୟ ହୁଏ
ଭଗବାନ ଆମକୁ ଦୁଇଟି ଗୋଡ଼ ଓ ଦୁଇଟି ହାତ ଦେଇଛନ୍ତି
ଆମେ କାମ କରିବା ପାଇଁ ॥ ୩ ॥

ମହୁଲକୁ ଭାଜି ମହୁଲର ଚେପ୍‌ନା ତିଆରି କଲୁଁ
ରାତିରେ ଶୋଇଥିବା ସମୟରେ ମୁଁ ତୁମକୁ ସ୍ୱପ୍ନ ଦେଖେଁ ॥ ୪ ॥

ମାଟିର ବଡ଼ ହାଣ୍ଡିରେ ବାର ଭାଇ ମିଶି ତାରା ଖଂଜିଲେ
(ମାଟି ହାଣ୍ଡିକୁ ଚାରିଆଡ଼େ ଛୋଟ ଛୋଟ କଣା କରି ତା ଭିତରେ ଦୀପ ଜଳେଇଲେ ତାରାମାନଙ୍କ ପରି ଦିଶେ)
ଗ୍ରାମରେ ଶେଷ ମୁଣ୍ଡରେ ଯେଉଁ ପଡ଼ା ଅଛି ସେହି ପଡ଼ାକୁ
ବୁଲିବା ପାଇଁ ଯିବା ॥ ୫ ॥

## ଅନ୍ୟାନ୍ୟ ଗୀତ

ବାହାଘର ସମୟରେ ଏହି ସଂପ୍ରଦାୟରେ ସାଧାରଣତଃ ଚୀନା ଗୀତ ଗାଇଥାନ୍ତି । ହେଲେ ଅନ୍ୟମାନଙ୍କଠାରୁ ଶୁଣି ଶୁଣି ଅନ୍ୟ ଗୀତମାନ ଟାହି ଟାପରା କରି ଉଭୟ ପୁରୁଷ ଓ ସ୍ତ୍ରୀଲୋକମାନେ ଗାଇଥାନ୍ତି । ଗୋଟିଏ ପଦ ଗୀତ ଗାଇ ସାରିବା ପରେ ବାଜା ବାଜେ । ବାଜାର ତାଳେ ତାଳେ ଉଭୟ ପୁରୁଷ ଓ ସ୍ତ୍ରୀଲୋକ ମାନେ ନାଚନ୍ତି । ବାଜା ବନ୍ଦ ହେଲେ ନାଚିବା ବନ୍ଦ ହୁଏ । ତାପରେ ପୁଣି ଗୀତ ଚାଲେ, ପୁଣି ଢୋଲ, ମହୁରୀ, ମାଦଳ, ନିଶାନ୍‌ର ତାଳେ ତାଳେ ସମସ୍ତେ ନାଚନ୍ତି ।

ଡଙ୍ଗରେ ବଜା ବାଜିଲା
କେନ୍ ପିଲାର୍ ବଜା ବାଜିଲା
କୋନ୍ ଗାଁର୍ ମହରୀଆ ପିଲା ।

ବୁନି ମାଛ ରାନ୍ଧିଥିଲି
ମହରୀଆ ବାବୁଙ୍କେ ଖବର ଦେଲି
ମଁତ୍ନା ଚାଟିବା ବୋଲି ।

ସିପୋ ଗଛେ ଉରୁମାଳ
ଆମର୍ ବାବୁର୍ କୁର୍କୁଚିଆ ବାଲ
ଛାଏଁ ଦେଖେ ତିଲମ୍ ତେଲ ।

କେନ୍ଦୁ ଗଛ ଖର ଖସା
ଆମେ ଟୁକିଲ୍‌ମାନେ ପାରିଛୁ ଖୋସା
ମଲି ଫୁଲ ଦୁଇଟା ମିଶା ।

ଆହାରେ ମାଟି ଗିଲାସ
କାହାଁ କାଯେ ନନୀ ମୁହୁଁ ଫୁଲାସ
ପିଇବ ନଡ଼ିଆ ରସ ।

ଘରକୁ ଛ ଖଣ୍ ପାଟି
ଘର ବନାଇଲ କାନ୍ଦୁଲ୍ ଝାଟିଁ
ନିଦ ନ ପଡ଼େ ରାତି ।
ବାରିର ଲାଲ୍ ଭାଜି
ତୋକେ ନେଇଁ ମିଲ୍‌ଲା କୁଆଁରୀ ମେହେଜ୍ଜି
ବୁଢ଼ୀ ସଙ୍ଗେ ହେଲୁ ସାଜି ।

ସିଲ୍ ତଳେ ମାଛ କାଟି
ଆମେ ନେଇଁ ନାଚୁ ଅନ୍ଧାର ରାତି
ଆନି ଦେବ ଲାଇନ୍‌ବତୀ ।

ସାଇକେଲ୍ ବାଇଁ ବାଇଁ
ଶାଢ଼ି ଘିନି ଦେଲୁ ବିଲାଉଜ ନେଇ
ଦେହିକେ ସଜାବି କାହିଁ ।

କାଥିଁ ଘରେ ଦେଲୁଁ ଓରା
ଆମେ ଟୁକିଲ୍‌ମାନେ ବହୁତ ଗୋରା
ପିଲାମାନେ ତରାତରା ।

ଗରିଆ ଉପରେ ଗଡୁ
କାଏଁଯେରେ ଗଡୁ ଘଡ୍‌ଘଡ଼ି ଗଲୁ
ମୋକେ କଥା ଶୁନା କଲୁ ।

ଧାନ ଫଲେ କେରା କେରା
ଦିନେ ଦେଖି ଥିଲି ତୋର ଚେହେରା
ରାତି ନେଇପଡ଼େ ଝୁମୁରା ।

ପ୍ରତ୍ୟେକ ପଦର ପ୍ରଥମ ଧାଡ଼ି, ଦ୍ୱିତୀୟ ଧାଡ଼ି ଓ ତୃତୀୟ ଧାଡ଼ିର ଶେଷ ଅକ୍ଷର ସମାନ ହୁଏ । ପ୍ରତ୍ୟେକ ପଦ ତିନି ଧାଡ଼ି ଥାଏ । ଏହି ଗୀତମାନଙ୍କରେ ପୁରୁଷମାନେ ସ୍ତ୍ରୀକୁ ଟାହିଟାପରା କରି ଏବଂ ସ୍ତ୍ରୀମାନେ ପୁରୁଷକୁ ଟାହିଟାପରା କରି ଗାଇଥାନ୍ତି । ଏହି ଗୀତମାନଙ୍କରେ ପ୍ରେମମୂଳକ ଗୀତ ଦେଖାଯାଏ ।

## ମହୁଲ୍ ଯାତ୍‌ରା ଗୀତ

ସୁନାବେଡ଼ା ଅଞ୍ଚଳର ଭୁଂଜିଆ ସଂପ୍ରଦାୟର ସ୍ତ୍ରୀଲୋକମାନେ ଏହି ଗୀତ ଗାଇଥାନ୍ତି । ସେମାନେ ମହୁଲ ଗଛତଳେ ସେମାନେ ରହି ରାତ୍ରି ସମୟରେ ଏହି ଗୀତ ଗାଇଥାନ୍ତି । ଏହି ଗୀତକୁ ଓଷାଗୀତ ମଧ୍ୟ କହନ୍ତି ।

ରାତିନ୍ ପାହିଁ ଯାଇଁ ବଲେନ୍
ରାତିନ୍ ପାହିଁ ଯାଇଁ ।
ଏହିର୍ ମଂଜୁର ବାସେ ବଲେନ୍
ଏହିର୍ ମଂଜୁର୍ ବାସେ ।
ସୁନର୍ କୁକୁଡ଼ା ଡାକେ ବଲେନ୍
ସୁନର କୁକୁଡ଼ା ଡାକେ ।
ଭାରରେ ପର୍‌ୱା ଗଟେରେ
ପଞ୍ଜରେ ଶୁଆଁ ପଢ଼େଁ ବଲେନ୍
ଝଞ୍ଜରେ ମୈନା ବଲେଁ ବଲେନ୍
ରାମ କୁତା ଭୁକେଁ ବଲେନ୍
ଛଡ଼ ପଡ଼ା ଯାଚେ ଅରାମ ହୋ
ଦେହର୍ ଲୁଗା ସମ୍ବରେଡ୍ ବଲେନ୍
ଆପନା ମହିମା ସମ୍ବରେଡ୍ ବଲେନ୍
ଆପନା ମହିମା ସମରେଚ୍ ।

ବାଇ ଝାଁଟି ଝାଁଟିନେ ହୋ
ବାଇ ଝାଟି ଝାଟି ।
ମୁଇଁ ଲଦେ ଲୁଡ଼ା ପାଇତ୍ ବଲେନ୍
ମୁଇଁ ଲଦେ ଲୁଡ଼ା ପାଇତ୍ ।
ମେଙ୍ଗ ତାବେର୍ ଖୁସା ବଲେଁତ୍
ମେଙ୍ଗ ତାବେର୍ ଖୁସା ।
ଖୋଁସେଲୁ ରାଇଜା ବଲେନ୍
ଖୋଁସେଲୁ ରାଇଜା ।
ଖୋସେଲୁ ରେଙ୍ଗଲା ବଲତ୍ କେଁ
ଖେସେଲୁ ରେଙ୍ଗଲା ବଲତ୍ ।
ଝାରିନ୍ ମାଂଝି ଗଲା ବଲେନ୍
ଝାରିନ୍ ମାଂଝି ଗଲା ।
ଇହାଁ ତିହାଁ ଝାରିନ ମାଂଜା ହୋ
ଇହା ତିହାଁ ଝାରିନ୍ ମାଜା
ଗଙ୍ଗା ଜଳର ପାଏନ ବଲେନ୍
ଗଙ୍ଗା ଜଳର୍ ପାଏନ୍ ।
ଗୋଦନ୍ ସୁଆଁରି ଯାଏତ୍ ବଲେନ୍
ଗୋଦନ୍ ସୁଆଁରି ଯାଏତ୍ ।
ଝାରିନ୍ ମାଡ଼ିତ୍ ଗଲା ବଲେଁନ୍
ଝାରିନ୍ ମାଡ଼ିତ୍ ଥରା ହୋ ।
ଆପନ୍ ମଇମାଁ ମଡ଼ାଓ୍ୱତ୍ ବଲେନ୍
ଆପନ୍ ମଇମା ମଡ଼ା ଓ୍ୱାତ୍ ।
ଥୁଟି ବାରି ଧରତ୍ ବଲେନ୍
ଥୁଟି ବାରି ଧରତ୍ ।
ଯାତ୍ ଭୋଟି ହୋ ଯାତ୍ ଭୋଟି ତଣ୍ଡା ଭୋଟି
ଭୁଟି ବାରି ଗଲା ବଲେନ୍
ଭୁଟି ବାରି ଗଲା ।
ଧନ୍ଦା ବାରି ଗଲା ବଲେନ୍
ଧନ୍ଦା ବାରି ଗଲା ।

ଏକ୍‌ବାର୍ ପିଛ୍‌ବାର ବାଡ଼ତ୍ ବଲେନ୍
ଏକ୍‌ବାର୍ ପିଛବାର ବାଡ଼ତ୍ ।
ଦେବ୍ ରାଉଲା ରନ୍ଧା ରାଉଲା ହୋ
ଦେବ୍ ରାଉଲା ରନ୍ଧା ରାଉଲା ।
ମାହାଲ୍ ଦେଓର୍ ବାରାତ୍ ବଲେନ୍
ମାହାଲ୍ ଦେଓର ବାରାତ୍ ।
କାଥ୍ କାଙ୍ଗ୍‌ରା ବାରାତ୍ ବଲେନ୍
କାଥ୍ କାଙ୍ଗ୍‌ରା ବାରାତ୍
ପରଣ୍ଡା ବାରି ବାରାତ୍ ବଲେନ୍
ପରଣ୍ଡା ବାରି ବାରାତ୍ ।
ମୁଣ୍ଡା ମାଲ୍ ବାରାତ୍ ବଲେନ୍
ମୁଣ୍ଡା ମାଲ୍ ବାରାତ୍ ।
ଝଂଜ୍‌ରୀ ମାହାର୍ ବାରାତ୍ ବଲେନ୍
ଝଂଜ୍‌ରୀ ମାହାର୍ ବାରାତ୍ ।
ତୁଲ୍‌ସା ଚଉଁରା ଦଉନା ଚଉଁରା ହୋ
ତୁଲ୍‌ସା ଚଉଁରା ଦଉନା ଚଉଁରା ।
ଧାରି ଗୁଡ଼ି ବାରାତ୍ ବଲେନ୍
ଧାରି ଗୁଡ଼ି ବାରାତ୍ ।
ଗଦର ଗୁଡ଼ି ବାରାତ୍ ବଲେନ୍
ଗଦର୍ ଗୁଡ଼ି ବାରାତ୍ ।
ଖୋଲ୍ ବାଖୁଲ୍ ବାରାତ୍ ବଲେନ୍
ଖୋଲ୍ ବାଖୁଲ୍ ବାରାତ୍ ।
ଥୁଟି ବାରି ଛାଡ଼ି ଛାଡ଼ି ହୋ
ଥୁଟି ବାରି ଛାଡ଼ି ଛାଡ଼ି ।
ହାତ୍ ପୟାଁ ଧବତ୍ ବଲେନ୍
ହାତ୍ ପୟା ଧବତ୍ ।
କପିଲାଗୟାର୍ ହରିଆ ଗୋବର୍ ହୋ
କପିଲା ଗୟାର୍ ହରିଆ ଗୋବର ।
ଗୋବର ଘରି ଗଲାତ୍ ବଲେନ୍

ଗୋବର ଘରି ଗଲା ।
ଚନ୍ଦନ୍ ଘରି ଗଲା ବଲେନ୍
ଚନ୍ଦନ୍ ଘରି ଗଲା ।
ଆଗ୍ ଦୁଆରେ ଚନ୍ଦ୍ନା ଛେରା ହୋ
ଆଗ୍ ଦୁଆରେ ଚନ୍ଦ୍ନା ଛେରା ।
ମୁଖେ ଗୋବର୍ ଛଡ଼ା ବଲେନ୍
ମୁଖେ ଗୋବର୍ ଛଡ଼ା ।
ଛଡ଼ା ହାଣି ମଡ଼ାଓ୍ବତ୍ ବଲେନ୍
ଛଡ଼ା ହାଣି ମଡ଼ାଓ୍ବତ୍ ।
ହାତ୍ ପୟାଁର, ଧବତ୍ ବେଲିଁନ୍
ହାତ୍ ପୟାର ଧବତ୍ ।
କଲା ଘରେ ଚନ୍ଦନ୍ ଘରାଇ ହୋ
କଲା ଘରେ ଚନ୍ଦନ୍ ଘରାଇ ।
ଲାଲ୍ ଘରେ ଚନ୍ଦନ୍ ଘରାଇ ହୋ
ଲାଲ୍ ଘରେ ଚନ୍ଦନ୍ ଘରାଇ ।
ଲାଲ୍ ଦ୍ୱାରା ଘରତ୍ ବଲେଁନ୍
ଲାଲ୍ ଦ୍ୱାରା ଘରତ୍
ଶେତ୍ ମାଟି ଘରତ୍ ବଲେନ୍
ଶେତ୍ ମାଟି ଘରତ୍
କଲା ମାଟି ଘରତ୍ ବଲେନ୍
କଲା ମାଟି ଘରତ୍ ।
ଛୁଇଁ ମାଟି ଘରତ୍ ବଲେନ୍
ଛୁଇଁ ମାଟି ଘରତ୍ ।
ବାନିକେ ବାନି ଘୋରେନ୍ ବଲେନ୍
ବାନିକେ ବାନି ଘୋରେନ୍ ।
ସୁନେର କୁଟେର୍ ଘୋରତ୍ ବଲେନ୍
ସୁନେର୍ କୁଟେର୍ ଘୋରତ୍ ।
ରାଜିର ଥୋରା ତୟାଁଇ ବଲେନ୍
ରାଜିର୍ ଥୋର ତୟାଁ ।

ଝୋଡ଼ା ଝୋଡ଼ା ସନ୍‌ଦର୍ ଖେକା ହୋ
ଝୋଡ଼ା ଝୋଡ଼ା ସନ୍‌ଦର୍ ଖେକା ।
ରେଦେ ଗୁନେ ବନେ ବାଂଜାଇଁ ହୋ
ରେଦେ ଗୁନେ ବନେ ବାଂଜାଇଁ ।
କାଉନ୍ ବାନା ଲିଖତ୍ ବଲେନ୍
କାଉନ୍ ବାନା ଲିଖତ୍ ।
ଆଗେ ଲିଖେ ସୁରୁଜ୍ ଫୁଲ ହୋ
ଆଗେ ଲିଖେ ସୁରୁଜ୍ ଫୁଲ ।
ମୁହ୍ ମନ୍ଦଲ ଲିଖତ୍ ବଲେନ୍
ମୁହ୍ ମନ୍ଦଲ୍ ଲିଖତ୍ ।
ମହା ମନ୍ଦଲ୍ ଲିଖତ୍ ବଲେଁନ୍ ହୋ
ମହା ମନ୍ଦଲ୍ ଲିଖତ୍ ।
ସର୍‌ଗର୍ ତାରା ଲିଖତ୍ ବଲେନ୍
ସର୍‌ଗର୍ ତାରା ଲିଖତ୍ ।
ଜନ୍ ଲିଖେ ଗଲା ବଲେନ୍
ଜନ୍ ଲିଖେ ଗଲା ।
ଆଠ୍ ଖଣ୍ଡା ଧର୍‌ତି ବଲେନ୍
ଆଠ୍ ଖଣ୍ଡା ଧର୍‌ତି ।
ନ ଖଣ୍ଡା ଧରତି ବଲେନ୍
ନ ଖଣ୍ଡା ଧର୍‌ତି ।
ବାର ଗଡ଼ ଅଠର ଜିଲା ହୋ
ବାର ଗଡ଼ ଅଠର ଜିଲା ।
ତଉନେ ଲିଖେ ଗଲା ବଲେନ୍
ତଉନେ ଲିଖେ ଗଲା ।
ଆଠ୍ ଗୁନେ ରାଜା ବଲେନ୍ ହୋ
ନ ଗୁନେ ମନ୍ତ୍ରୀ ।
ଆପ୍‌ନା ମହିମା ଲିଖତ୍ ବଲେନ୍
ଆପ୍‌ନା ମହିମା ଲିଖତ୍ ।
କୋପ୍‌ରା ସହର ଲିଖତ୍ ବଲେନ୍

କେପ୍ରା ସହର ଲିଖତ୍ ।
ଗୁଡ଼ା ସାରା ଲିଖତ୍ ବଲେନ୍
ଗୁଡ଼ା ସାରା ଲିଖତ୍ ।
ରାଜିର୍ ଥୋରା ତୟାଁ ବଲେନ୍ ହୋ
ସେନ୍‌ପୁରୀ ଗାଁଓ୍ବାଁ ତୟାଁ ।
ଦଶ୍ ଭାଏ ତୟାଁ ବଲେନ୍
ଦଶ୍ ଭାଏ ଲିଖତ୍ ।
ସାତ୍ ଭାଏ ସନ୍ତାନ୍ ବଲେନ୍
ସାତ୍ ଭାଏ ସନ୍ତାନ ।
ଆପ୍‌ନା ମହିମା ଲିଖତ୍ ବଲେନ୍
ଆପ୍‌ନା ମହିମା ଲିଖତ୍ ।
ବାର ଗ୍ରାମେ ଅଠର ଚେଲାନା ହୋ
ବାର ଗ୍ରାମେ ଅଠର ଚେଲାନା ।
କେକ୍‌ତର୍ ବାତ୍ ଲିଖତ୍ ବଲେନ୍
କେକ୍‌ତର୍ ବାତ୍ ଲିଖତ୍ ।
ଗଡ୍‌ଗଡ୍ ଦମ୍ ଲିଖତ୍ ବଲେନ୍
ଗଡ୍‌ଗଡ୍ ଦମ୍ ଲିଖତ୍ ।
ରାଜା ପାଟ୍ ଲିଖତ୍ ବଲେନ୍
ରାଜା ପାଟ୍ ଲିଖତ୍ ।
ଗୁଡ଼ା ଉପର ଲିଖତ୍ ବଲେନ୍
ଗୁଡ଼ା ଉପର୍ ଲିଖତ୍ ।
ମହାଲ୍ ଦେଓର୍ କଥ୍ କଙ୍ଗାରୁ ହୋ
ମାହାଲ୍ ଦେଓର୍ କଥ୍ କଙ୍ଗାରୁ
ତଉନେ ଲିଖତ୍ ଗଲା ବଲେନ୍
ତଉନେ ଲିଖତ୍ ଗଲା ।
ଛେଇ ଛେଇ ପୁରୁତ୍ ବାର୍ ପୁରୁତ୍ ହୋ
ଛେଇ ଛେଇ ପୁରୁତ୍ ବାର୍ ପୁରୁତ୍ ।
ଜୁନା ଧରତୀ ତୟା ବଲେନ୍
ଜୁନା ଧରତୀ ତୟାଁ ।

ଗନେ ନୁନାରିୟାଁ ବଲେନ୍
ଗନେ ନୁନାରିୟାଁ ।
ବୁଢ଼ା ରଜାର ଭଉଁରା ନନ୍ଦା ହୋ
ବୁଢ଼ା ରଜାର୍ ଭଉଁରା ନନ୍ଦା ।
ସୁନାଦୀ ଦେଓ ଲିଖତ୍ ବଲେନ୍
ସୁନାଦୀ ଦେଓ ଲିଖତ୍ ।
ଠାକୁର୍ ଦେଓର୍ ପନ୍‌ରା ଗଡ଼ା ହୋ
ଠାକୁର୍ ଦେଓର୍ ପନ୍‌ରା ଗଡ଼ା
ଦେବ୍ ମନିଅର୍ ଲିଖତ୍ ବଲେନ୍
ଦେବ୍ ମନିଅର୍ ଲିଖତ୍ ।
ବାଲକ୍ ସାନି ଲିଖତ୍ ବଲେନ୍
ବାଲକ୍ ସାନି ଲିଖତ୍ ।
ବାରାତ୍ କାଥା ଲିଖତ୍ ବଲେନ୍
ବାରତ୍ କଥା ଲିଖତ୍
ସୁନାଦୀ ମହିମା ଲିଖତ୍ ବଲେନ୍
ସୁନାଦୀ ମହିମା ଲିଖତ୍
ଛେଇ ଛେଇ ପୁରୁତ୍ ବାର୍ ପୁରୁତ୍ ହୋ
ଛେଇ ଛେଇ ପୁରୁତ୍ ବାର୍ ପୁରୁତ୍
ସବ୍ କାଥା ଲିଖତ୍ ବଲେନ୍
ସବ୍ କାଥା ଲିଖତ୍ ।

ଏହି ମହୁଲ୍ ଯାତ୍‌ରା ଗୀତ, ବା ଓଷା ଗୀତ ବା ବରତ୍ ଗୀତ ଏକ ମାସ ଧରି ଗାଇଥାନ୍ତି । କେବଳ ଚୋକ୍‌ଟିଆ ଭୁଂଜିଆ ସଂପ୍ରଦାୟରେ ଏହି ମହୁଲ୍ ଯାତ୍‌ରା କରନ୍ତି ଏବଂ ଗୀତ ଗାଇଥାନ୍ତି । ଅନ୍ୟ ଭୁଂଜିଆ ସଂପ୍ରଦାୟରେ ଏହି ଗୀତ ଗାନ୍ତି ନାହିଁ ।

ମହୁଲ ଯାତ୍‌ରା ଗୀତର ଓଡ଼ିଆ ଅନୁବାଦ :
ରାତି ପାହିଗଲା ସକାଳ ହେଲା
ସକାଳ ହେବାରୁ ମୟୂର ରାବିଲା
ସୁନାର କୁକୁଡ଼ା ରାବିଲା
ପାରା ମଧ୍ୟ ରାବିଲା

ପିଞ୍ଜରା ଭିତରେ ଥିବା ଶୁଆ ରାବିଲା

ଝଞ୍ଜରା (କାଠରେ ତିଆରି ଛୋଟ ପିଞ୍ଜରା) ଭିତରେ ଥାଇ ମଇନା ରାବିଲା

ରାମ କୁକୁର ଭୁକିଲା

ଦେବୀ ଧଡ଼ପଡ଼ ହୋଇ ନିଦରୁ ଉଠିଲେ

ଦେହର ଅସଜଡ଼ା ଲୁଗା ସଜାଡ଼ିଲେ

ନିଜର କାମ ମାନ ମନେ ପକାଇଲେ

ମୁଣ୍ଡର ଚୁଟି ଅଲଗା ହୋଇଥିଲା

ମୁଣ୍ଡର ଚୁଟିକୁ ସଜାଡ଼ିଲେ

ମଣ୍ଡର ଚୁଟିକୁ ସଜାଡ଼ି ଜୋଡା(ଦୁଇଟି) ଖୋସା କଲେ

ମୁଣ୍ଡର ଚୁଟିକୁ ସଜାଡ଼ି ମେଙ୍ଗ ଡାବର ଖୋସ କଲେ

ମୁଣ୍ଡର ଖୋସା ଭଲ ହୋଇଛି ନା ଖରାପ ହୋଇଛି ତାହା ଦେଖିଲେ ।

ନିଜର ବ୍ୟବହାର ବାସନ ସଫା କରିବା ପାଇଁ ନଦୀକୁ ଗଲେ

ଏପଟ ସେପଟ (ଶୀଘ୍ର ଶୀଘ୍ର) ବାସନ ସଫାକଲେ

ଗଙ୍ଗାନଦୀର ପାଣିରେ ସଫା କଲେ ।

ଗଙ୍ଗା ନଦୀର ପାଣି ଧରିଲେ

ଘରକୁ ଯିବା ପାଇଁ ବାହାରିଲେ

ବାସନ ଯେଉଁଠି ରଖିବା କଥା ଘରେ ସେଠାରେ ବାସନ ରଖିଲେ ।।

ଝାଡୁ ଧରିଲେ

ଘରର ଚାରିଆଡ଼େ ଗୋବର ପାଣି ଛେରା [୧] ଦେଲେ

ଘରଦ୍ୱାରସବୁ ଝାଡୁ କଲେ

ଦେବତା ଘର, ରୋଷେଇ ଘର ଝାଡୁ କଲେ

ଶୋଇବା ଘର ଝାଡୁ କଲେ

ଘରର କାନ୍ଥକୁ ସଫା କଲେ

ପାରାଭାଡ଼ି [୨]କୁ ସଫା କଲେ ।

ବସିବା ଉଠିବା ସ୍ଥାନ ସଫା କଲେ

ତୁଳସୀ ଚଉଁରାକୁ ଝାଡୁ କଲେ

---

୧ ।। ଛେରା - ଗୋବର ପାଣିକୁ ଘରର ଚାରିପଟେ ଛିଞ୍ଚିବା ।

୨ ।। ପାରା ଭାଡ଼ି - ଯେଉଁ ଘରେ ପାରା ରଖନ୍ତି ।

ଘରକୁ ଯିବା ଆସିବା ରାସ୍ତା ଝାଡୁ କଲେ
ଝାଡୁକୁ ରଖିଦେଲେ ।।
କପିଳା ଗାଈ ତୁରନ୍ତ ଝାଡ଼ା କରିଥିବା ଗୋବର ଆଣିଲେ
ଗୋଟିଏ ହାଣ୍ଡିରେ ପାଣି ସହିତ ଗୋବର ମିଶେଇଲେ
ପାଳକୁ ପୋଡ଼ାଇ କଳା ରଙ୍ଗ କଲେ
ଲାଲ୍ ରଡା ମାଟିକୁ ପାଣିରେ ଗୋଳିଲେ
ଧଳା ରଡା ମାଟିକୁ ପାଣିରେ ଗୋଳିଲେ
ଛୁଇଁ ମାଟିକୁ ପାଣିରେ ଗୋଳିଲେ
କଳା ମାଟି ସହିତ ପାଣି ମିଶାଇ କଳାରଙ୍ଗ ତିଆରି କଲେ
ଲାଲ୍ ମାଟି ସହିତ ପାଣି ମିଶାଇ ଲାଲ୍ ରଙ୍ଗ ତିଆରି କଲେ
ଧଳା ମାଟି ସହିତ ପାଣି ମିଶାଇ ଧଳା ରଙ୍ଗ ତିଆରି କଲେ
କଳା ରଙ୍ଗର ପାଣିରେ ଘରକୁ ଲିପିଲେ
ଘରର ଚଟାଣରେ କଳା ରଙ୍ଗର ପାଣି ଲିପିଲେ
ଘରର କାନ୍ଥରେ ଧଳା ରଙ୍ଗର ପାଣି ଲିପିଲେ
ଲାଲ ବଙ୍ଗଳା/ଦେବତା ଘରକୁ ଲାଲରଙ୍ଗର ମାଟିରେ ଲିପିଲେ
ହାତରେ ଜୋଡ଼ା(ଦୁଇଟି) ମାଠିଆ ଧରିଲେ
ନଦୀରୁ ପାଣି ଆଣିଲେ
ଗୋଡ଼ ହାତ ଧୋଇଲେ ।।
ସବୁ ରଙ୍ଗକୁ ଧରି ଝୋଟି ଲେଖିଲେ
ପ୍ରଥମେ ସୂର୍ଯ୍ୟ ଫୁଲ ଝୁଟି ଲେଖିଲେ
ମୁହ୍ମଣ୍ଡଳ୍ ସାପର ଝୁଟି ଲେଖିଲେ
ମହାମଣ୍ଡଳ ସାପର ଝୁଟି ଲେଖିଲେ
ସ୍ୱର୍ଗର ତାରାମାନଙ୍କୁ ଝୁଟି ଲେଖିଲେ
ସ୍ୱର୍ଗର ଜହ୍ନର ଝୁଟି ଲେଖିଲେ
ପୃଥିବୀର ଝୁଟି କଲେ
ବାର ଗଡ଼ ଅଠର ଜିଲ୍ଲାକୁ ଝୁଟି ଲେଖିଲେ
ଆଠ ଗୁଣର ରାଜା ବିଷୟ ଲେଖିଲେ
ନଅ ଗୁଣର ମନ୍ତ୍ରୀ ବିଷୟ ଲେଖିଲେ
ନିଜର ଗୁଣ/ମହିମା ସବୁ ଲେଖିଲେ

କୋପ୍‌ରା ସହର ସବୁ ଲେଖିଲେ
ଗୁଡ଼ାଗଡ଼ ସବୁ ଲେଖିଲେ
ସୋନ୍‌ପୁର୍ ଗ୍ରାମ ଲେଖିଲେ
ସାତ ଭାଇ ଥିବା କଥା ଲେଖିଲେ
ସାତ ଭାଇଙ୍କ ସନ୍ତାନମାନଙ୍କ କଥା ଲେଖିଲେ
ରାଜ୍ୟର ସବୁ ଦେବାଦେବୀଙ୍କ ବିଷୟ ଲେଖିଲେ
ବାରଜଣ ଗୁରୁ ମାଁ ବିଷୟ ଲେଖିଲେ
ବା ଗୁରୁମାଁଙ୍କର ଅଠର ଜଣ ଚେଲା ବିଷୟ ଲେଖିଲେ
ରାଜପାଟ ବିଷୟ ଲେଖିଲେ
ଘର ଦ୍ୱାର କଥାସବୁ ଲେଖିଲେ
ଛ ମାସ ଛାଡ଼ି ଛ ମାସ ବାର ମାସରେ ହେଉଥିବା ଦେବାଦେବୀଙ୍କ
ବ୍ରତ କଥାସବୁ ଲେଖିଲେ ।
ପୁରୁଣା ଧରତି କଥାସବୁ ଲେଖିଲେ
ବଢ଼ୁରାଜା ଦେବତାଙ୍କ ବାହନ ଭଉଁରାନନ୍ଦା ହାତୀ ବିଷୟ ଲେଖିଲେ
ଠାକୁର ଦେବତାଙ୍କ ବାହାନ ଧଳାଘୋଡ଼ା ବିଷୟ ଲେଖିଲେ
ମାନିଆ ବୁଢ଼ା ଦେବତାଙ୍କ ବିଷୟ ଲେଖିଲେ
ମାନିଆ ବୁଢ଼ା ଦେବତାଙ୍କ ବାହାନ ଲାଲ୍ ଘୋଡ଼ା ବିଷୟ ଲେଖିଲେ
ବାଲକ୍ ସାନି ଦେବତା ବିଷୟ ଲେଖିଲେ
ରାଜ୍ୟର ବାରିକ୍‌କୁ ଲେଖିଲେ
ରାଜ୍ୟର ବାରିକେନ୍‌କୁ ଲେଖିଲେ
ଦେବାଦେବୀଙ୍କ ଦରବାର ବିଷୟ ଲେଖିଲେ ।।

ଏହି ମହୁଲ୍ ଯାତ୍‌ରା ଗୀତ ଏକ ମାସ ଯାଏଁ ଗା'ନ୍ତି । ଏକ ମାସ ଗାଇ ସାରିବା ପରେ ଏହି ଗୀତ ସରେ । ଏହି ଗୀତରେ ସବୁ ଦେବାଦେବୀଙ୍କ ବିଷୟ ଗୋଟିଏ ପରେ ଗୋଟିଏ ଗୀତରେ କହନ୍ତି । ଏହି ଗୀତ କେବଳ ମହୁଲ୍ ଯାତ୍‌ରା ସମୟରେ ଗାଇଥାନ୍ତି ।

# ପଞ୍ଚମ ଅଧ୍ୟାୟ

# ଲୋକକଥା

## ସୁନାଦୀ ଦେବୀଙ୍କ ଜନ୍ମ କାହାଣୀ

ବାର୍‌ଭାଏ ଲୋଧା ରେହେଲୋ । ବାର୍ ଭାଏ ଲୋଧାଚ ଗଟେକ ବହ୍‌ନି ରେହେଲୋ । ବହନିସ୍ ଚ ନାମ୍ ଦୁଶିଲା ଦେଈ । ବାର୍ ଭାଏ ଚ ଜୀବ୍‌କା କେଁ ହୁନ୍ । ବାର୍ ଭାଏ ମାନ୍‌ଲା ସବ୍ ଦିନ୍ ମାଁସ୍ ମାରେ । ମାଁସ୍ ମାନ୍‌ଲା ଘରେ ଘରେ ଶୁଖାଁତେ ରେଖେଁଡ୍ ରେହେଲୋ । ସବ୍‌ଦିନ୍ ଭାଏ ମାନ୍‌ଲା ଡଙ୍ଗର୍‌କେ ମାଁସ୍ ମାରେ ଯେହତ୍ । ବହ୍‌ନିଲା ଘରେ ରେହେଁତା । ଘରେ ବହନୀ ରାନ୍ଧାବାଡ଼ା କରେରେ ହେଲୋ । ଦିନୁକ୍ ଭାଏ ମାନ୍‌ଲା କୁଇସ୍ ବହ୍‌ନି ସବ୍ କୁରିଆ ନିଙ୍ଗ୍‌ତିସ୍, ଗୁଟେକ୍ କୁରିଆକେ ନେହିଁ ନିଙ୍ଗ୍‌ତିସ୍ । ଭାଏ ମାନ୍‌ଲା ସବ୍‌ଦିନ୍ ସକାଳେ ମାଁସ୍ ମାରେ ଡଙ୍ଗର୍‌ଲା ଯେଁତେଁ । ବେଲ୍ ବସ୍‌ନେ ଘର୍‌କେ ସବ୍ ଭାଏ ମାନ୍‌ଲା ଏରେହେଲୋ । ସବ୍‌ଦିନ୍ ବାର୍‌ଭାଏଲା ଯୁନ୍ ଘଡ଼ି ଡଙ୍ଗର୍‌ଲା ମାଁସ୍ ମାରେ ଯେ ରେହେଲୋ ହୁନ୍ ଘଡ଼ି ହୁନ୍ କୁରିଆଲା ନିଙ୍ଗ୍‌ତିସ୍ ମାନା କରେ ରେହେଲୋ । ବାର୍‌ଭାଏ ବହ୍‌ନି ଦୁଶିଲା ଦେଈ ଦିନୁକ୍ ଦିଖ୍‌ଲୋ, ଦୁଇଦିନ୍ ଦିଖ୍‌ଲୋ ଦିନୁକ୍ ହୁନ୍ କୁରିଆଲା ନିଙ୍ଗ୍‌ତିସ୍ । ଭାଏ ମାନ୍‌ଲା ହୁନ୍ କୁରିଆଲା ବାରାମାଁସ୍ ରେଖେରେହେଲୋ । ଭାଏମାନ୍‌ଲା କାହେଁ ହୁନ୍ କୁରିଆଲା, ବହ୍‌ନିଲା ନେହିଁ ନିଙ୍ଗ୍‌ତିସ୍ ବଲିଁତେଁ କାରନ୍ ହୁନ୍ କୁରିଆଲା ବାରା ମାଁସ୍ ରେଖେ ରେହେଲୋ । ବାରା ମାଁସ୍‌ନେ ବସିଲ୍ ରେହେ । ବାରା ମାଁସ୍‌ଲା ଆଏଗ୍‌ନା ଆଙ୍କେଁତ ମାଁସ୍‌ଲା ଗରମ୍ ହେହି ଆର୍ ଟଗଲ୍‌ଜିସ, ଆଏଗ୍ ଲିଭେଯିସ୍ । ହୁନ୍ କାଯେ ବହନିକେ ହୁନ୍ କୁରିଆଲା ନେହିଁ ନିଙ୍ଗ୍‌ତିସ୍ ବଇତେଁ । ବହ୍‌ନି ହୁ. କୁରିଆଲା ନିଙ୍ଗ୍‌ତିସ୍ ଦିଖେ ବାରା ମାଁସ୍ ରେହେ । ବହ୍‌ନି ସବ୍ ମାଁସ୍ ଖରିସ୍ । ବାରା ମାଁସ୍ ନେହିଁ ଖେରିସ୍ । ବାରା ମାଁସ୍‌ଲା ଦିଖେ, ବାରା ମାଁସ୍ ଖେବାଲା ବହ୍‌ନିସ ଚ ମନ୍ ରୁଖ୍‌ତୁକେ ଯିସ୍ । ବାରାମାଁସ୍ ଆନେ ଦୁଶିଲା ଦେଈ ଆଏଗ୍‌ନା ଆଙ୍କେଁ । ଆଏଗ୍‌ନା ଆଙ୍କେ ତ ବାରା ମାଁସ୍‌କେ ବସିଲ୍ ଗରମ୍ ହେଲୋ, ତେଲ୍ ନିକଲ୍‌ଲୋ ଆର୍ ଆଏଗ୍ ଭୁତେ ଗେଲୋ । ହୁନ୍ କାଳେ ଆଏଗ୍ ନେହିଁ ମିଳେ ରେହେଲୋ ତ ସବ୍‌ଲୋଗ୍ ଆଏଗ୍ ଥରେକ୍ ଧରେକେ ସବ୍‌ଦିନ୍ ଜଳେ ରେହେଲୋ ଆଏଗ୍ ଭୁତେ ଗେଲୋ, ଦୁଶିଲା ଦେଈଲା ଡାଲେଣି ପଡ଼୍‌ଲୋ । କିସ୍ କର୍‌ବେ । କାଁହାଁକେ ଆଏଗ୍ ଆନ୍‌ବେ । ଦୁଶିଲା ଦେଈକେ ବଡ଼ା ମସ୍‌କିଲ୍ ହେଲୋ ।

ଦୁଶିଲା ଦେଈ ଗଟେକ୍ ବାଡ଼ା ଗୁଖିକେ ଟେଘ୍‌ଲୋ ଆର୍ ସବ୍ ବାଟ୍‌ଲା ଠହିଁକାଲୋ । ଦିଖ୍‌ଲି ଗଟେକ୍ ଡଙ୍ଗର୍‌ଲା କୁହୁଲା ନିକଲ୍‌ରିସ୍ । ଦୁଶିଲା ଦେଈ ବାଡ଼ା ଗୁଖ୍ ସେ ଉତ୍‌ରେଲୋ । କୁହୁଲା ଦିଖତ୍ ଦିଖତ୍ ଆଏଗ୍ ଡଗ୍‌ରାତେ ଗେଲୋ । ଡଙ୍ଗର୍‌କେ ପହଞ୍ଚ୍‌ଲୋ ଦିଖ୍‌ଲି ଗଟେକ୍ ବ୍ରାହ୍ମନ୍ ହୁଥାନ୍ ତପସ୍ୟା କରେରେଲୋ । ବ୍ରାହ୍ମନ୍ ଧୁନି ଜାଲେ ଆଏଗ୍ ଲଗେ ରେହେଲୋ । ହୁନ୍ ଆଏଗ୍‌ଲା କୁହୁଲା ନିକଲ୍‌ରେ ହେଲୋ । ହୁନ୍ ବ୍ରାହ୍ମନ୍ ତ ନାମ ଗିରିବ୍ରାହ୍ମନ୍ । ହୁଥାନ୍ ହୁନ୍ ଡଙ୍ଗର୍‌ଲା ଗିରିବ୍ରାହ୍ମଣ ଡଙ୍ଗର୍ ବଲ୍‌ତେଁ । ଗିରି ବ୍ରାହ୍ମଣ ତପସ୍ୟା କରେ ରେହେଲୋ । ଯୁନ୍ ଘଡ଼ି ଦୁଶିଲା ଦେଈ ଗିରି ବ୍ରାହ୍ମଣ୍ ପାଶ୍‌ଲା ପହଞ୍ଚ୍‌ଲୋ ତ ଗିରି ବ୍ରାହ୍ମଣ୍ ଦୁଶିଲା ଦେଈକେ ଦିଖେ ଦେଲୋ । ଦୁଶିଲା ଦେଈକେ ଗିରି ବ୍ରାହ୍ମନ୍ ଦିଖେ ଦିସ୍ ତ ହୁନ୍ ମନ୍ ଦୁଶିଲା ଦେଈ ପାଶ୍‌ଲା ଲଗେଯିସ୍, ହୁନ୍ ତପସ୍ୟା ଭଙ୍ଗେ ହିଗେଲୋ । ଗିରି ବ୍ରାହ୍ମଣ୍ ଦୁଶିଲା ଦେଈକେ ଗୁମ୍ଫା ଭିତ୍‌ରେ ଭରୁନ୍ ଦିଲୋ । ଗୁମ୍ଫା ଆଗେ ଗଟେକ୍ ବଡ଼ ପଖାନା ରଖେନ୍ ଦିଲୋ । ଦୁଇ ଚାର୍ ଦିନ୍ ରଖେନ୍ ଦିଲୋ ତ ଦୁଶିଲା ଦେଈ ସନେ ପ୍ରିୟା ପ୍ରୀତି ହିଗେଲୋ । ସବ୍‌ଦିନ୍ ଗିରିବ୍ରାହ୍ମଣ୍ ଗୁମ୍ଫାକେ ଆଗେ ଆଗର୍ ପରା ତପସ୍ୟା କରେ ରେହେଲୋ ।

ବାର୍‌ଭାଏ ଲୋଧା ବେଲ୍‌ବସ୍‌ନେ ଘର୍‌ଲା ଏ । ଦିଖେ ଘର୍ ଦୁଆର୍ ସବ୍ ମେଲା ରେହେ । ଦୁଶିଲା ଦେଈ ଘରେ ନେହିଁ ରେହେ । ସବ୍ ଭାଏ ମାନ୍‌ଲା ଦିଖିସ୍ ଆଏଗ୍ ଭୁତେ ଯେରେ ହେଲୋ ଆର୍ ବାରା ମାଁସ୍ ରେବାର୍ କୁରିଆ ମେଲା ରେହେଲୋ । ସବ୍ ଭାଏ ମାନ୍‌ଲା ଜେନ୍‌ଲୋ ଦୁଶିଲା ଦେଈ ବାରାମାଁସ୍ ଆଏଗ୍‌ନା ଆଙ୍କେଁ ରେଲୋ ତ ବାରା ମାଁସ୍‌କେ ବସିଲ୍ ଟଗଲ୍‌ଗେଲୋ ଆଏଗ୍ ଭୁତେ ଗେଲୋ । ସବ୍ ଭାଏ ମାନ୍‌ଲା ଜେନ୍‌ଲୋ ଦୁଶିଲା ଦେଈ ଆଏଗ୍ ଡଗ୍‌ରାତେ କାହାଁଲାଁ ଯେରେହେବା । ବାର୍ ଭାଏ ଦିନୁକ୍ ଦିଖ୍‌ଲୋ, ଦୁଇଦିନ୍ ଦିଖ୍‌ଲୋ ସବ୍‌ଲା ଖେବାକେ ମସ୍‌କିଲ୍ ହି ଗେଲୋ । ସବ୍ ରାନ୍ଧାବାଡ଼ା ନେହିଁ ଜାନେରେହେଁ । ବାର ଭାଏ ମାନ୍‌ଲା ବସ୍‌କେ ବିଚାର୍‌ଲେ କିସ୍ କର୍‌ବେ । ସବ୍ ଭାଏ ମାନ୍‌ଲା ଜାନେରେହେଁ ପାଶ୍‌ଲା କେନ୍ ଲୋଗ୍ ନେହିଁରେହେଁ ।

ପାଶ୍‌ଲା ଡଙ୍ଗ୍‌ରେ ଗିରିବ୍ରାହ୍ମଣ୍ ତପସ୍ୟା କରେ ରେହେ । ସବ୍‌ଭାଏ ମାନ୍‌ଲା ଧନୁ କାଣ୍ ଧରେଁ ଡଗ୍‌ରେ ନିକ୍‌ଲେଁ । ସବ୍ ଡଙ୍ଗର୍‌ଲା, ସବ୍‌ବାଟ୍‌ଲା ଡଗର୍‌ତେ ଡଗର୍‌ତେ, ଦେଖତ୍ ଦେଖତ୍ ଗେଲେ ହୁନ୍ ଡଙ୍ଗର୍‌ଲା ଯୁନ୍ ଡଙ୍ଗ୍‌ରେ ଗିରି ବ୍ରାହ୍ମଣ ତପସ୍ୟା କରେ ରେହେଲୋ । ସବ୍ ଭାଏ ମାନ୍‌ଲା ଦିଖ୍‌ଲୋ ଗିରି ବ୍ରାହ୍ମଣ୍ ଗୁମ୍ଫା ତ ଆଗେ ତପସ୍ୟା କରେ ରେହେଲୋ । ବାର ଭାଏ ଗିରି ବ୍ରାହ୍ମଣକେ ପର୍‌ରେଲୋ

ତୁମି ଆମାର ବହନି ଦୁଶିଲା ଦେଈଲା ଦିଖ୍‌ସ୍ କାଏଁ ? ଗିରିବ୍ରାହ୍ମଣ କୁଇସ୍ ନାଇଁହୋ ।
ଆମି ନାହିଁ ଯାନେ, ଆମି ତପସ୍ୟା କରେ ରେହେଁତ୍, ଆମି କେନ୍‌ଲା ଯାନି । ମଲା
ମାଲୁମ୍ ନେହିଁ । ଭାଏ ମାନ୍‌ଲା ବଲାଁ ଏଥା କେହୁନ୍ ଆଚେ ଆନ୍ ଡଗ୍‌ରେ କର
ଦିଖ୍‌ସୁଁ । ଗିରି ବ୍ରାହ୍ମଣ୍ ଜାନା ଜାନା ନା ଜାନା ବଲ୍‌ତାଛେଁ । ଆମା ମାନ୍‌ଲା ଠାକତ୍
ଆଚେ । ଗିରି ବ୍ରାହ୍ମଣ୍ ଗୁମ୍ଫାର ବାଟେ ପାଖ୍‌ନା ଗାଟେକ ଦେହୁନ୍‌ରେଲୋ । ବାର୍
ଭାଏ ଦିଖ୍‌ସ୍ ହୁନା ପାଖ୍‌ନାକେ ଗଟେକ୍ ଲାତ୍ ଦିସ୍ ତୋ ପାଖ୍‌ନା ଦୁଇଫାଲ୍
ହୁନ୍‌ଗାଲା । ହୁଥାନ୍ ସାତ୍‌ଟା ଖାମା ରେହେଲୋ । ହୁନ୍ ଖାମାଲା ଗଟେକେ ଭାଏ
ମାରା ଗଟେକ୍ ଲାତ୍ ତୋ ଦୁଇଟା ଖାମା ଗିରୋଲୋ ଆର୍ ପାଞ୍ଚଟା ଖାମା ଏଭେବି
ଆଚେ । ଗୁମ୍ଫା ଭିତର୍‌ଲା ବାର୍ ଭାଏ ସମ୍‌ଲୋ ଦୁଶିଲା ଦେଈ ଲା ଦିଖ୍‌ଲୋ ଆର୍
ଆନ୍‌ଲୋ । ସବ୍ ଭାଏ ମାନ୍‌ଲା ଗିରି ବ୍ରାହ୍ମଣଲା ଦେହର ମାଁସ୍ ମାନ୍‌ଲା କାଣ୍ଣା
ଉତାର ଦେଲୋ, ହୁଥାନ୍ କଙ୍କାଲଲା ମଡ଼ାଉନ୍ ଦିଲୋ ।

ଆପ୍‌ନେ ମାନ୍ ଚ ଘରକେ ଦୁଶିଲା ଦେଈଲା ଏନ୍‌ଲୋ । ହୁଥାନ୍ ଗିରିବ୍ରାହ୍ମଣ
ସନେ ଦୁଶିଲା ଦେଇ ପ୍ରିୟାପ୍ରୀତି ହିରେ ହେଲୋ । ଦୁଶ୍‌ଲା ଦେଇ ଗିରି ବ୍ରାହ୍ମଣ
ତ ବାଁଗଁ ଗାଗ୍‌ରେ ଧର୍‌ରେ ହେଲି । କିଛୁ ମାସ୍ ଯେଁତେଁ, ଦୁଶିଲା ଦେଇ ଜାଆଁଲା
ଦୁଆ ଜନମ୍ କେର୍‌ଲି । ଗଟେକ୍ ବେଟା ଆର୍ ଗଟେକ୍ ବେଟୀ । ବେଟା ହେଲୋ
ବୁଢ଼ାରାଜା ଦେଓ ଆର୍ ବେଟୀ ହେଲୋ ସୁନାଦୀ ଦେଓ । ବାର୍‌ଭାଏ ଲୋଧା କିସ୍
କର୍‌ବେ । ସବ୍ ବୁଢ଼ାରାଜା ଆର୍ ସୁନାଦୀଲା ପାଲ୍‌ଲେ ପୋଷ୍‌ଲେ ଆର୍ ରଖ୍‌ଲେ ।

## ଓଡ଼ିଆ ଅନୁବାଦ

ବାର ଭାଇ ଲୋଧା ଥିଲେ । ସେମାନଙ୍କର ଗୋଟିଏ ଭଉଣୀ ଥିଲା ।
ଭଉଣୀର ନାମ ଦୁଶିଲା ଦେଈ । ଭାଇମାନେ ସବୁଦିନ ଜଙ୍ଗଲ ଯାଇ ଶିକାର କରି
ଜୀବିକା ନିର୍ବାହ କରୁଥିଲେ । ଭଉଣୀ ଘରେ ରହୁଥିଲା ଏବଂ ଘରଦ୍ୱାର ସଫା କରି,
ଘରେ ରୋଷେଇ କରୁଥିଲା । ଭାଇମାନେ ସନ୍ଧ୍ୟାରେ ଜଙ୍ଗଲରୁ ଶିକାର କରି ଘରକୁ
ଆସୁଥିଲେ ଏବଂ ଭଉଣୀ ରାନ୍ଧିଥିବା ଖାଦ୍ୟ ଖାଇ ଘରେ ରହୁଥିଲେ । ଦିନେ ବାର
ଭାଇ ଦୁଶିଲା ଦେଇକୁ କହିଲେ ଘରେ ଯେତୋଟି କୋଠରୀ ଅଛି ସବୁ କୋଠରୀକୁ
ଖୋଲିବୁ କିନ୍ତୁ ଗୋଟିଏ କୋଠରୀକୁ ଖୋଲିବୁ ନାହିଁ । ତାପରେ ଭାଇମାନେ ଶିକାର
କରିବା ପାଇଁ ଜଙ୍ଗଲକୁ ଗଲେ । ଜଙ୍ଗଲରେ ବଣ୍ୟଜନ୍ତୁ ଶିକାର କରି, ମାଂସ ଧରି
ସନ୍ଧ୍ୟାରେ ଘରକୁ ଆସିଲେ । ତା'ପରଦିନ ସକାଳେ ଭାଇମାନେ ଶିକାରକୁ ଯିବା
ପୂର୍ବରୁ ପୁଣି ଦୁଶିଲା ଦେଇକୁ ସେହି ନିର୍ଦ୍ଦିଷ୍ଟ କୋଠରୀକୁ ନ ଖୋଲିବା ପାଇଁ

କହିଲେ । ପ୍ରତିଦିନ ଭାଇମାନେ ଶିକାରକୁ ଯିବା ପୂର୍ବରୁ ଭଉଣୀକୁ ସେହି କୋଠରୀକୁ ଖୋଲିବା ପାଇଁ ମନା କରନ୍ତି । କାରଣ, ସେମାନେ ଶିକାର କରିଥିବା ବଣ୍ୟଜନ୍ତୁର ମାଂସମାନଙ୍କୁ ଶୁଖାଇ ସେହି କୋଠରୀମାନଙ୍କରେ ରଖିଥିଲେ । କେଉଁ କୋଠରୀରେ ଠେକୁଆ ମାଂସ, କେଉଁ କୋଠରୀରେ ସମ୍ବର ମାଂସ, କେଉଁ କେଠରୀରେ ହରିଣ ମାଂସ ତ କେଉଁ କୋଠରୀରେ କୁଟ୍ରା ମାଂସ ରଖିଥାନ୍ତି । ଯେଉଁ କୋଠରୀକୁ ଖୋଲିବା ପାଇଁ ମନା କରୁଥିଲେ ସେହି କୋଠରୀରେ ବାରାହ ମାଂସ ରଖିଥିଲେ । ବାରାହ ମାଂସରେ ବେଶୀ ଚର୍ବି ଅଂଶ ଥାଏ । ଯଦି ତାଙ୍କ ଭଉଣୀ ବାରାହ ମାଂସକୁ ନିଆଁରେ ପୋଡ଼ିବ ତାହେଲେ ବାରାହ ମାଂସରେ ଥିବା ଚର୍ବି ଅଂଶ ତରଳି ଯାଇ ନିଆ ଲିଭିଯିବ । ନିଆଁ ଲିଭିଗଲେ ପୁଣି ନିଆଁ ମିଳିବ ନାହିଁ ।

ଦିନେ ବାର ଭାଇ ଶିକାର ପାଇଁ ଜଙ୍ଗଲକୁ ଗଲେ । ଦୁଶିଲା ଦେଈ ଭାବିଲା କାହିଁକି ତାର ଭାଇମାନେ ସେହି କୋଠରୀକୁ ଖୋଲିବା ପାଇଁ ମନା କରନ୍ତି ? ସେହି କୋଠରୀରେ କଣ ଅଛି ? ଦୁଶିଲା ଦେଈ ମନା କରିଥିବା କୋଠରୀକୁ ଖୋଲିଦେଲା ଦେଖିଲା, ସେହି କୋଠରୀରେ କେବଳ ଶୁଖିଲା ବାରାହ ମାଂସ ଥାଏ । ଦୁଶିଲା ଦେଈ ପୂର୍ବରୁ ସବୁ ମାଂସ ଖାଇଥିଲା ହେଲେ ସେ ବାରାହ ମାଂସ ଖାଇ ନଥିଲା । ବାରାହ ମାଂସକୁ ଦେଖି, ମାଂସକୁ ପୋଡ଼ି ଖାଇବା ପାଇଁ ଦୁଶିଲା ଦେଈ ମନ କଲା । ଦୁଶିଲା ଦେଈ ବାରାହ ମାଂସରୁ ଖଣ୍ଡେ ଆଣି ନିଆଁରେ ପୋଡ଼ିଲା । ବାରାହ ମାଂସକୁ ନିଆଁରେ ପୋଡ଼ିବା ଦ୍ୱାରା, ବାରାହ ମାଂସରେ ଥିବା ଚର୍ବି ଅଂଶ ଗରମ ହୋଇ ତରଳିଗଲା ଏବଂ ନିଆଁ ଲିଭିଗଲା । ସେତେବେଳେ ନିଆଁ ମିଳୁନଥିଲା ଥରେ ନିଆଁ ଧରାଇଲେ ସବୁଦିନ ପାଇଁ ନିଆଁକୁ ରଖୁଥିଲେ । ନିଆଁ ଲିଭିଯିବା ଦେଖି ଦୁଶିଲା ଦେଈ ମନରେ ଭାଲେଣି ପଡ଼ିଲା । ସେ କଣ କରିବ ? କେଉଁଠୁ ନିଆଁ ଆଣିବ ବୋଲି ସେ ଭାବିବାକୁ ଲାଗିଲା ।

ଦୁଶିଲା ଦେଈ ଗୋଟିଏ ବଡ଼ ଗଛରେ ଚଢ଼ିଲା ଏବଂ ସବୁ ଦିଗ ଦେଖି ନିଆଁ ଖୋଜିଲା । ସେ ଦେଖିଲା ଗୋଟିଏ ପାହାଡ଼ରୁ ଧୂଆଁ ବାହାରୁଥାଏ । ଦୁଶିଲା ଦେଈ ଗଛରୁ ଓହ୍ଲେଇ ଧୂଆଁକୁ ଦେଖି ଦେଖି ସେହି ପାହାଡ଼କୁ ଗଲା । ପାହାଡ଼ ପାଖକୁ ଯାଇ ଦେଖିଲା ସେଠାରେ ଜଣେ ବ୍ରାହ୍ମଣ ବସି ତପସ୍ୟା କରୁଥିଲେ । ବାରଭାଇ ଲୋଧା ସନ୍ଧ୍ୟାରେ ଘରକୁ ଆସିଲେ, ଦେଖିଲେ ଘରର ଦ୍ୱାର ସବୁ ଖୋଲା ହୋଇଥାଏ । ବାରାହ ମାଂସ ଥିବା କୋଠରୀ ମଧ୍ୟ ଖୋଲା ହୋଇଥାଏ । ସେମାନେ ଭଉଣୀ ଦୁଶିଲା ଦେଈକୁ ଡାକ ପକାଇଲେ । ସେ ମଧ୍ୟ ଘରେ ନଥିଲା ଏବଂ ନିଆଁ ମଧ୍ୟ ଲିଭି ଯାଇଥିଲା । ଭାଇମାନେ ଜାଣି ପାରିଲେ ଯେ ଦୁଶିଲା ଦେଈ ବାରାହ

ମାଂସକୁ ନିଆଁରେ ପୋଡ଼ିଛି । ବାରାହ ମାଂସର ଚର୍ବି ଅଂଶ ତରଳି ଯାଇ ନିଆଁ ଲିଭିଯାଇଛି । ସେମାନେ ଭାବିଲେ ଦୁଶିଲା ଦେଈ ନିଆଁର ସନ୍ଧାନରେ ଯାଇଛି । ଭାଇମାନେ ଦିନେ, ଦୁଇଦିନ ଦେଖିଲେ କିନ୍ତୁ ଦୁଶିଲା ଦେଈ ଘରକୁ ଆସିଲା ନାହିଁ । ଭାଇମାନେ ବଡ଼ ଅସୁବିଧାରେ ପଡ଼ିଲେ । ସେମାନେ କେହି ମଧ୍ୟ ରୋଷେଇ କରି ଜାଣି ନଥିଲେ ତେଣୁ ସେମାନଙ୍କୁ ଦିନେ ଦୁଇଦିନ ଭୋକରେ ରହିବାକୁ ପଡ଼ିଲା । ସମସ୍ତେ ଏକାଠି ବସି ବିଚାର କଲେ ଏବଂ ଦୁଶିଲା ଦେଈକୁ ଖୋଜିବା ପାଇଁ ବାହାରିଲେ ।

ଭାଇମାନେ ଜାଣିଥିଲେ ସେହି ଅଞ୍ଚଳରେ ସେମାନଙ୍କ ବ୍ୟତୀତ କେହି ମଧ୍ୟ ରହୁ ନାହାନ୍ତି । ସେହି ଅଞ୍ଚଳର ଗୋଟିଏ ପାହାଡ଼ରେ ଗିରି ବ୍ରାହ୍ମଣ ତପସ୍ୟା କରି ରହିଛନ୍ତି । ଭାଇମାନେ ଧନୁଶର ଧରି ଦୁଶିଲା ଦେଈକୁ ଖୋଜିବା ପାଇଁ ବାହାରିଲେ । ସବୁ ପଟେ ଖୋଜିଲେ କିନ୍ତୁ ଦୁଶିଲା ଦେଈଙ୍କୁ ଖୋଜି ପାରଲେ ନାହିଁ । ଶେଷରେ ସେମାନେ ଗିରି ପାହାଡ଼ରେ ପହଞ୍ଚିଲେ । ସେମାନେ ଦେଖିଲେ ଗିରି ବ୍ରାହ୍ମଣ ଗୋଟିଏ ଗୁମ୍ଫା ଆଗରେ ବସି ତପସ୍ୟା କରୁଛନ୍ତି, କିନ୍ତୁ ଗୁମ୍ଫାର ଦ୍ୱାର ମୁହଁରେ ଗୋଟିଏ ବଡ଼ ପଥର ଦ୍ୱାରା ଗୁମ୍ଫାର ମୁହଁକୁ ବନ୍ଦ କରାଯାଇଥାଏ । ଭାଇମାନେ ଗିରି ବ୍ରାହ୍ମଣଙ୍କୁ ଦୁଶିଲା ଦେଈ ବିଷୟ ପଚାରିଲେ । ଗିରି ବ୍ରାହ୍ମଣ କହିଲେ ମୁଁ ଏଠାରେ ତପସ୍ୟା କରୁଛି ଏବଂ କାହାକୁ ମଧ୍ୟ ଦେଖି ନାହିଁ । ଭାଇମାନେ ସନ୍ଦେହ କଲେ । ଭାଇମାନେ କଥା ହେଲେ ଏବଂ ଗୁମ୍ଫା ଆଗରେ ଥିବା ବଡ଼ ପଥରକୁ ଲାତ ମାରି ଫଟାଇ ଦେଲେ । ଗୁମ୍ଫା ଆଗରେ ବଡ଼ ବଡ଼ ପଥର ଖମ୍ବମାନ ଥିଲା । ଭାଇମାନେ ପଥର ଖମ୍ବକୁ ଭାଙ୍ଗିଦେଲେ । ଗୁମ୍ଫା ଭିତରକୁ ପଶିଲେ । ଭିତରେ ଦୁଶିଲା ଦେଈ ମନ ଦୁଃଖରେ ବସିଥାଏ । ଭାଇମାନଙ୍କୁ ଦେଖି ଦୁଶିଲା ଦେଈ କାନ୍ଦି ପକାଇଲା ଏବଂ ଗିରି ବ୍ରାହ୍ମଣ କିପରି ତାକୁ ଯୋର୍ ଜବରଦସ୍ତିରେ ଆଣି ଗୁମ୍ଫା ଭିତରେ ପୂରେଇ ଦେଇଥିବା କଥା କହିଲା । ଭାଇମାନେ ରାଗିଗଲେ । ଗୁମ୍ଫା ଭିତରୁ ବାହାରକୁ ଆସି ଗିରି ବ୍ରାହ୍ମଣକୁ ଧରିଲେ ଏବଂ ଗିରି ବ୍ରାହ୍ମଣ ମିଛ କହିଥିବାରୁ, ତାକୁ ସମସ୍ତେ ମିଶି ମାରି ଦେଲେ । ଗିରି ବ୍ରାହ୍ମଣର ଦେହର ମାଂସ ସବୁ ଶର ଦ୍ୱାରା କାଟି ପକାଇଲେ ଓ ତାର କଙ୍କାଳକୁ ସେଠାରେ ଗୋଟିଏ ଗଛରେ ଝୁଲେଇ ଦେଲେ । ସେହି ପାହାଡ଼ରେ ଗିରି ବ୍ରାହ୍ମଣ ତପସ୍ୟା କରୁଥିବାରୁ ସେହି ପାହାଡ଼କୁ ଗିରି ପାହାଡ଼ (ଗିରି ଡଙ୍ଗର) କହନ୍ତି ।

ଭାଇମାନେ ଦୁଶିଲା ଦେଈକୁ ଘରକୁ ଆଣିଲେ ଏବଂ ସେମାନଙ୍କ ସହିତ ଘରେ ରଖିଲେ । ଦୁଶିଲା ଦେଈ ଗିରି ବ୍ରାହ୍ମଣ ସହିତ ରହିବା ସମୟରେ ଗିରି ବ୍ରାହ୍ମଣ

ସହିତ ସହବାସ ହୋଇଥିଲା । ଦୁଶିଳା ଦେଈ ଗର୍ଭବାସ ହେଲା । ଦୁଶିଳା ଦେଈ ଦଶ ମାସରେ ଛାଆଁଳା ଛୁଆ ଜନ୍ମ କଲା । ପ୍ରଥମେ ପୁଅ ହେଲା ଏବଂ ପରେ ଝିଅ ହେଲା । ସେହି ପୁଅ ହେଲେ ବୁଢ଼ାରାଜା ଦେବତା ଓ ଝିଅ ହେଲେ ସୁନାଦୀ ଦେବୀ । ବାର ଭାଇ ଲୋଧା ବୁଢ଼ା ରାଜା ଓ ସୁନାଦୀଙ୍କୁ ନିଜ ପାଖରେ ରଖିଲେ ଏବଂ ସେମାନଙ୍କର ଲାଳନ ପାଳନ କଲେ ।

## ସୁନାଦୀ ଦେବୀଙ୍କ ଲିଙ୍ଗ ଉତ୍ପତ୍ତି

ବୁଢ଼ାରାଜା ଡଙ୍ଗ୍‌ରେ ବୁଢ଼ାରାଜା ଦେଓ ରେଉଲୋ । ହୁଥାନ୍ ବୁଢ଼ାରାଜା ଡଙ୍ଗର୍ ଉପରେ ମହାଦେଓ (ବୁଢ଼ାରାଜା) ଚ ମନ୍ଦିର୍ ଆଚେ । ହୁଥାନ୍ ବୁଢ଼ାରାଜାଗଡ୍ ବଲତେଁ । ବୁଢ଼ାରାଜା ଦେଓ ସନେ ସୁନାଦୀ ଦେଓ ରହେଁତ୍ । ଥର୍ ଗଟେକ୍ ସୁନାଦୀ ଦେଓ ଖଲାରୀ ମାତା ଯାତ୍‌ରା ଦେଖିନ୍ ପିଲା ଯେଁହୁନ୍‌ରେ । ବୁଢ଼ାରାଜାଲା ମାଲୁମ୍ ନେହିଁ ସୁନାଦୀ କାଁହାଁଲା ଯେଁରେହେଁ । ଖଲାରୀ ମାତା ଯାତ୍‌ରାନା ସୁନାଦୀ ଦେଓ ସନେ କମାର ଦେଓ ଦିଖେହିସ୍ । କମାର୍ ଦେଓ ସୁନାଦୀ ଦେଓ ସନେ ଫୁସୁନ୍ ଗେଲୋ । ହୁଁସେ ହୁଁସେ କମାର୍ ଦେଓ ଲାଲ୍‌ଚି ହେହୁନ୍‌ଗେଲି । ଭାବ୍ ପୀରତି ହେହୁନ୍ ଗେଲି । ସୁନାଦୀ ଦେଓ କମାର୍ ଦେଓ ସନେଲା କିଛୁ ମାସ୍ ରେହେଲି ତୋ ସୁନାଦୀ ଦେଓ ଗରଭ୍‌ବାସ ହେଲି । କିଛୁ ମାସ୍ ଯେତେ ସୁନାଦୀ ଦେଓ ଗଟେକ୍ ବେଟା ଜନମ୍ କେର୍‌ଲି । ସୁନାଦୀ ଦେଓ ବେଟା ଜନମ୍ କେର୍‌ଲି ତୋ ଖଲାରୀ ମାତାଭି ଜେନ୍‌ଲୋ । ଖଲାରୀ ମାତା ସୁନାଦୀଲା କୁଇସ୍ ତୁମି ଆମାର୍  ଦେଶ୍‌ନା ଆତେ ଆମି ବଦ୍‌ନାମ୍ କରେଁନ୍ ଦିଲୋ । ତୁମି ଆମାର୍ ଦେଶ୍ ଛାଡ଼େ ଚଲେନ୍ ଯେଁ । ତୁମାର୍ ବେଟା ଧରୁନ୍‌କେଲା ତୁମି ଚାଲେ ଯାଁ । ସୁନାଦୀ ଭି ଲାଜ୍ ଲଜ୍‌ନା ହିଗେଲୋ । ସୁନାଦୀ ବେଟାଲା ଧରୁନ୍‌କଲା ଏଲିସ୍ । ବାଟେଲା ବେଟାକେ ଭୁକେ ଲାଗେଁ ତ ପତୋରା ଲା ସୁନାଦୀ ହୁନ୍ ବେଟାଲା ପନା ପିଆଅତ୍ ରେହେଲୋ । ହୁନ୍ ଘଡ଼ି କମାର୍ ଦେଓ ଜେନ୍‌ଲୋ ସୁନାଦୀ ହୁଥାନ୍ ନା ବଣକେ ପଲେ ଗେଲୋ । ସୁନାଦୀ ଦେଓ ବେଟା ଧରେଁ ସୁନାବେଡ଼ାଲା ଏଲୋ । ବୁଢ଼ାଦେଓ ହୁନ୍ ଘଡ଼ି ଯେନ୍ ପେର୍‌ଲୋ ଯେ ସୁନାଦୀ ଗଟେକ୍ ବେଟା ଜନମ୍ କରେଁ ଏହସ୍ । ବୁଢ଼ା ଦେଓ ସୁନାଦୀକେ କୁଇସ୍ ତୁଇ ଆମାର୍ ଲାଜ୍ ଲଜ୍‌ନା କେର୍‌ଲୋ । ତୁମି ଆମାର୍ କେଭେଭି ତୁମାର୍ ସକଲ୍ ନା ଦିଖାବେ । ତୁମି ରାଜା ଚ ବହ୍‌ନି ହିକରି ଭି କାହାଁଲା ବେଟା ଘୁଟେ ଧରେ କର ଏଇସ୍ ଆଚୁ । ତୁମି ହାମାର ମୁହୁଁଲା କାଲା ବୋଲାଦେଲୋ । ତୁମି ବଦ୍‌ନାମ୍ ସୁନେଲି । ତୁମି ଯୁନ୍ ଘଡ଼ି ହୁନ୍ ଏରିଆନେ ସୁନା ଫଲାତିସ୍, ସୁନାଚାଷ୍ କର୍‌ତିସ୍ ହେଲେ ଆମାର୍ ବହେନ୍ ବଲୁଁ ଜାନ୍‌ତିସ୍ ଆର୍

ତୁମିର୍-ପାପ୍ କଇଟ୍‌ଲୋ ବଲେଁ ଯାନ୍‌ତିସ୍ । ହୁନ୍ ଏରିଆନା ସୁନା ସୁନା ଫସଲ୍ ଚାଷ୍ ନା କର୍‌ଲେ ହାମାର୍ ତୁମି ବହ୍‌ନିସ୍ ନା ମାନୁତ୍ । ଆଏଜ୍ ଦିନୁ ଆମି ତୁମିର ମୁହୁଁ ନେହିଁ ଦିଖେତ୍ । ଯୁନ୍ ଘଡ଼ି ସୁନା ଚାଷ୍ ଫଳାବେ ହୁନ୍ ଘଡ଼ି ତୁମିର୍ ପାପ୍ ମୋଚନ୍ ହେଲୋ ବଲେଁ ଯେନ୍‌ତି ଆର ଆମିର୍ ମୁହୁଁ ଚାହେଁବେ । ହୁନ୍ ଦିନୁ ସୁନାଦୀ ଦେଓ ବାଲୁତ୍ କୁଅଁରଲା ପାଖ୍‌ନା ଗଟେକ୍‌ନା ବାସା ଦେଲି ଆର୍ ଗଟେକ୍ ଧୋବ୍ ଶାଢ଼ି ଗୁଡ଼େହି ପାତାଲେ ତପସ୍ୟା କେର୍‌ଲି ।

ବୁଢ଼ାରାଜା ଦେଓ ଦିଖିସ୍ ହୁଥାନ୍ ସୁନାଦୀ ଚ ବେଟା ଗଟେକ୍ ପାଖ୍‌ନା ନା ବସାଛେ । ବୁଢ଼ା ଦେଓ ଭାବିସ୍ ସୁନାଦୀ ଦୋଷ୍ କର୍‌ଲି ଆଚେ ହେଲେ ଇ ଭାଁ ଚାଁ କାଁହାଁ ଦୋଷ୍ କର୍‌ଲୋ । ବୁଢ଼ା ଦେଓ ସୁନାଦୀ ଚ ବେଟାଲା ଘରଲା ଆନେ ଆର, ପାଲେ ପୋଷେ ବଢ଼େ କେର୍‌ଲୋ । ବୁଢ଼ା ଦେଓ ଚ ଗଟେକ୍ ବେଟୀ ରେହେଲୋ । ହୁଥାନ୍ ଚ ନାମ୍ କନ୍ଧେନ୍ କନ୍ୟା । ସୁନାଦୀ ଚ ବେଟା ଭୀମସେନ୍ ବୁଢ଼ାଦେଓକେ ଘରେ ପାଲେ ପୋଷେ ଯବାନ୍ ହେଲୋ । ବୁଢ଼ାଦେଓ ଚ ବେଟୀ କନ୍ଧେନ୍ କନ୍ୟା ଭି ଯବାନ୍ ହେଲୋ । ବୁଢ଼ା ଦେଓ ଦିନୁକ୍ ପାଟ୍‌ରାନୀଲା କୁଇସ୍ "ଆମାର୍ ଗଟେକ୍ ବେଟୀ ଆଚେ । ଆମାର୍ କାଁହାଁର୍ ବେଟା ଗଟେକ୍ ଲାତିସ୍ ଆର୍ ଘରଜିଁଆ କରତିସ୍ । ଭୀମ୍‌ସେନ୍‌ଲା ଘରଜିଁଆଁ କରତିସ୍ ତୋ ହାମାର୍ ବେଟୀ ଭି ହାମାର୍ ଘରେ ରେହେତିସ୍" । ଦୁଇଜନ୍ ବିଚାର୍‌ଲୋ ଆର୍ ଭୀମ୍ ସେନ୍‌କେ ଘର୍ ଜିଁଆଁ ଠିକ୍ କେର୍‌ଲୋ । ଭୀମ୍‌ସେନ୍ ବୁଢ଼ାରାଜା ଚ ଘରେ ରେହେଲୋ । ବୁଢ଼ାରାଜା ଚ ଘରେ ରେହେଲେ ତୋ ଘର୍‌କେ ବେଟା ଭଲେ ସବ୍‌କାମ୍ କରରେହେଲୋ, ସବ୍ କଥା ମାନ୍‌ଲା ମାନେ ରେଲୋ । ଦିନୁକ୍ ବୁଢ଼ାରାଜା, ଭୀମସେନ୍‌ଲା କୁଇସ୍ ଭାଁଚାଁ ହାମାର୍ ଡଙ୍ଗରେ ପାଏନ୍ ନେଇଙ୍ଗେ, ସବ୍ ଲୋଗ୍ ମାନ୍‌ଲା ପାଏନ୍ ନେହିଁ ମିଲ୍‌ତେ । ତୁମି ହାମାର୍ ଡଙ୍ଗ୍‌ରେ ଗଟେକ୍ ବନ୍ଧ୍ କୁଡ଼େ । ଭୀମ୍‌ସେନ୍ ହୁନ୍ ଦିନୁ ସବ୍‌ଦିନ୍ ଡଙ୍ଗରଲା ଯେରେଲୋ ଆର୍ ବନ୍ଧ୍ ଗଟେକ୍ କୁଡ଼ାତ୍ ରେହେଲୋ । ସବ୍ ଦିନ୍ ମଇଧାନେ ବୁଢ଼ାରଜା ଚ ବେଟୀ କନ୍ଧେନ୍ କନ୍ୟା ଭୀମ୍‌ସେନ୍‌ଲା ଡଙ୍ଗରଲା ପେଜ୍ ଖେବାକେ ଆନେ ରେହେଲୋ । କନ୍ଧେନ୍ କନ୍ୟା ଭୀମ୍‌ସେନ୍ ସନେ କାଥାବାରତା ନେହିଁ କରତ୍ ରେହେଲୋ ଆର୍ ହସାଖେଳା ନେହିଁ କରତ୍‌ରିସ୍ । କନ୍ଧେନ୍ କନ୍ୟାଲା ହସାତେଁ, ଭୀମ୍‌ସେନ୍ କନ୍ଧେନ୍ କନ୍ୟାଲା ଅବ୍‌ଦୁରୁନ୍ ଦେଖେନ୍ ଦେହେଁ ତୋ କପଡ଼ା ଲତା ଖୁଲେଁ ନାଚତ୍ ରେହେଁ । ସବ୍ ଦିନ୍ କନ୍ଧେନ୍ କନ୍ୟା ଭୀମ୍‌ସେନ୍ ଚ ନଙ୍ଗ୍‌ଲା ବୁଡ୍‌ଲା ନାଚତ୍ ଦେଖେଁ ହସେଁ । ଭୀମ୍‌ସେନ୍‌ଲା ଖେବାକେ ପେଜ ଦେହୁନ୍ ଜଲା କନ୍ଧେନ୍ କନ୍ୟା ଘରଲା ଏରେଲିସ୍ । ଭୀମ୍‌ସେନ୍

ସକାଲୁ ବେଲ୍ ବସ୍‌ନେ ଯେ ଡଙ୍ଗର୍‌ନେ ବନ୍ଧ୍ କୁଢ଼େରେହେଲୋ ରାଏତ୍‌ନା ଘର୍‌ଲା ଫିରୁନ୍. ରେହେଲୋ । ଦିନୁକ୍ କନ୍ଧେନ୍ କନ୍ୟାଲା ଢର୍‌ଆନି ତୋ କନ୍ଧେନ୍ କନ୍ୟା ଚ ମାଁ ଭୀମ୍‌ସେନ୍‌ଲା ପେଇ ନେହୁନ୍ ଦିଲୋ । ଭୀମ୍‌ସେନ୍ ଅବ୍‌ଦୁର୍‌ନୁ ଦିଖ୍‌ଲୋ ଆର୍ ଭାବିସ୍ କନ୍ଧେନ୍ କନ୍ୟା ଆମିଲାପେଇ ଆନେ ଦିହିସ୍ ଆର୍ ଭୀମ୍‌ସେନ୍ ଗାଗର୍‌ଲା କପଡ଼ା ଲତା ଉତ୍‌ରେନ୍ ଦିଲୋ ଆର୍ ନାଚତ୍ ରେହେଲୋ । ଯୁନ୍ ଘଡ଼ି ପାଖ୍‌ଲା ପେଇ ଆନେ ଏଲୋ ତୋ ଭୀମ୍‌ସେନ୍ ଦେଖ୍ ପେର୍‌ଲେ ଯେ ହୁନ୍ କନ୍ଧେନ୍ କନ୍ୟା ନେହିଁରେହେଁ ହୁନ୍ ଭୀମ୍‌ସେନ୍‌ଲା ମାମୀ ରେହେଁ । ଭୀମ୍‌ସେନ୍‌ଲା ମାମୀ ଭି ଭୀମ୍‌ସେନ୍‌ଲା ଦିଖ୍‌ଲୋ ଆର୍ ମନ୍‌କେ ମନ୍ ବଲ୍‌ତେଁ ଭାଚାଁ କାହେଁ ନଙ୍ଗ୍‌ଲା ବୁତ୍‌ଲା ହେଁତେଁ ଆର୍ ନାଚତେଁ । ଭୀମ୍‌ସେନ୍‌ଭି ମାମୀଲା ଦିଖେ ପେର୍‌ଲୋ । ଭୀମ୍‌ସେନ୍ ଚ ମାମୀ ହୁଥାନ୍ ପେଇ ମଡ଼ା ଦିଲୋ ଆର୍ ଲାଯେ ସର୍‌ମେ ଘର୍‌କେ ପଲେଲୋ । ଭୀମ୍‌ସେନ ଲାଜ୍ ଲଜ୍‌ନା ହି ଗୋଲୋ । ମାମୀର ମୁହୁଁ ଦିଖେ ଲାଜ ଲାଗେ ହୁନ୍ ଦିନ୍ ଚ ଭୀମ୍‌ସେନ୍ ହୁନ୍ ଡଙ୍ଗର୍‌ଲା ଛାଡ଼୍‌କେ ଭେଗ୍‌ଗୋଲୋ ।

ହୁଥାନ୍ ଭୀମ୍‌ସେନ୍ ଚଲେଗୋଲୋ ଗଟେକ୍ ଡଙ୍ଗର୍‌କୋ ଡଙ୍ଗର୍‌ଲା ଭୀମ୍‌ସେନ୍ କାଠ୍ ମାନ୍‌ଲା ଠୁଲେଁ ଆର୍ ଗଟେକ୍ ବଡ଼ା କପର୍ ବନାରେହେଲୋ । ହୁନ୍ କପର୍ ନା ସବ୍ ଡଙ୍ଗର୍ ମାନ୍‌ଲା ସମାନ କରେ ରେହେଲୋ । ଡଙ୍ଗର୍‌ଲା ସମାନ୍ ହେ ତୋ ହୁଥାନ୍ ଚାଷ୍ କରେଁ ବଲ୍‌ତେଁ । ହୁନ୍ ଯାଗା ଏବେ ଗଟେକ୍ ସହର୍ ଆଚେ । ହୁନ୍ ସହରଲା କୋପ୍‌ରା ସହର୍ ବଲତେଁ । ଭୀମ୍‌ସେନ୍ ଚ କନିଆଁ କନ୍ଧେନ କନ୍ୟା ବୁଢ଼ାରାଜା ସନେ ରେହେଲୋ । ଗଟେକ୍ ରାଖସ୍ କନ୍ଧେନ୍ କନ୍ୟା ଚ ଅପ୍‌ସରା ସୁନ୍ଦରୀ ବେଶ୍ ଦିଖତ୍ ତୋ କନ୍ଧେନ୍ କନ୍ୟାଲା ହରୁନ୍ ନିହୁନ୍ ଗେଲୋ । ହୁନ୍ ଘଡ଼ି ଭୀମ୍‌ସେନ୍ ସେଠାନ୍ କପର୍ ଫାନ୍ଦା ରେହେଲୋ ତୋ ହୁଥାନ୍ କପର୍ ଫଡ଼ାସ୍‌ନେ ଫୁଟୁନ୍ ଗଲୋ । ଭୀମ୍‌ସେନ୍ ଭେବ୍‌ଲୋ ଆଏଜ ନେହିଁ, କେଇ ନେହିଁ କାହାଁକାଯେ କପର୍ ଫୁଟୁନ୍ ଗଲୋ । କିସ୍ ଦୁର୍ଘଟନା ହେଲୋ ଆଚେ । ହୁନ୍ ଘଡ଼ି ଭୀମ୍‌ସେନ୍ କପର୍ ଢିଲେ ଦେଲୋ ଆର୍ ବୁଢ଼ା ରାଜା ଡଙ୍ଗର୍‌ଲା ଚଲେ ଗୋଲୋ । ମାମା ଘରେ ମାମା, ମାମୀ ସବ୍ କାନ୍ଦତ୍ ବୋବତ୍ ରେହେ । ଭୀମ୍‌ସେନ୍‌ଲା ଦିଖ୍‌ଲୋ ତୋ ବୁଢ଼ାରାଜା ମାମା କୁଇସ୍ କନ୍ଧେନ୍ କନ୍ୟାଲା ଗଟେକ୍ ରାଖସ୍ ହରୁନ୍ କରେନେଲୋ କେଁନେ ନା କେଁନେ । ବୁଢ଼ାରାଜା କୁଇସ୍ ଭାଁଚାଁ ବେଟୀଲା ଡଗ୍‌ରେ ଯେଁ । ଭୀମ୍‌ସେନ୍ କନ୍ଧେନ୍ କନ୍ୟାକେ ଡଗ୍‌ରେ ଗୋଲୋ । ରୁନ୍‌ଝୋଲା ଡଙ୍ଗର୍ ତୋଟିତୁଆ ଡଙ୍ଗର୍, କଣେଲ୍ ଦୋଲ୍ ଡଙ୍ଗର୍, ହାଲ୍‌କା ପଗାର ଡଙ୍ଗର୍ ସବ୍ ଡଙ୍ଗର୍ ମାନ୍‌ଲା ଡଗ୍‌ରେ ଦିଖ୍‌ଲୋ । ଡଗ୍‌ରେ ଡଗ୍‌ରେ ହୁନ୍ ଚ ରାନୀ

ମୁହାଁସ୍ ଡଙ୍ଗର୍‌ଲା ଗୋଲୋ । ରାଖସ୍‌ଲା କନ୍ଧେନ୍ କନ୍ୟାଲା ନିଏ ଆର ହୁନ୍ ଡଙ୍ଗରେ ଲୁକେ ଦିଲୋ ତୋ ହୁନ୍ ଡଙ୍ଗର୍‌ଲା "ରାନୀ ମୁହାଁସ୍" ଡଙ୍ଗର୍ ବଲ୍‌ତେଁ । ହୁନ୍ ଡଙ୍‌ରେ କର୍‌ପନ୍ ମାନ୍‌ଲା ରେହେଁ । ଭୀମ୍‌ସେନ ଯେନ୍‌ପେରଲୋ ସେଠାନ୍ ରାଖସ୍ କନ୍ଧେନ୍ କନ୍ୟାଲା ରଖେରେହେ । ଭୀମ୍‌ସେନ୍ ଗଟେକ୍ କର୍‌ପନ୍‌ଲା କୁହୁଲା ଧୁକା ଦିଲୋ ତୋ ରାଖସ୍ କୁହୁଲାନା ଉକୁବୁକୁ ହେହୁନ୍‌ଗୋଲୋ ଆର୍ କର୍‌ପନ୍ ଭିତର୍‌ଲା ନିକଲ୍‌ଲୋ । ଭୀମ୍‌ସେନ୍ ରାଖସ୍‌ଲା ଧର୍‌ଲୋ ଆର୍ ମାରାଦେଲୋ । ଭୀମ୍‌ସେନ୍ ରାଖସ୍‌ଲା ମାର୍‌ଲା ଠାନ୍ ଏଭେ ଗଟେକ୍ ଘାଟି ରୋଡ୍ ଆଚେ । ହୁନ୍ କାଯେଲା ହୁନ୍ ଘାଟିଲା ରଖ୍‌ସା ଘାଟି ବଲ୍‌ତେଁ । ଭୀମ୍‌ସେନ୍ କନ୍ଧେନ୍ କନ୍ୟାଲା ନିକ୍‌ଲିସ୍ । ହୁନା ଡଙ୍ଗର୍‌ନା ଗଟେକ୍ ପାଏନ୍ ଧାର୍‌ଆଚେ । ଭୀମ୍‌ସେନ୍ କନ୍ଧେନ୍ କନ୍ୟାଲା ସତୀ, ଅସତୀ ପରୀକ୍ଷା କେର୍‌ଲୋ । ଭୀମ୍‌ସେନ୍ ପାଏନ୍ ଧାର୍ ପାଶ୍‌ଲା କନ୍ଧେନ୍ କନ୍ୟାଲା ନିଲୋ । ସେଠାନ୍ ପାଏନ୍ ନା ଗୋଧାଲୋ ଆର୍ ସେଠାନ୍ ଗଟେକ୍ ପଖ୍‌ନାନା ଛେଡ୍‌କା ଆଚେ ହୁନ୍ ଛେଡ୍‌କାଲା ସାତ୍ ଥର୍ ସମାଲୋ ଆର୍ ସାତ୍ ଥର ନିକ୍‌ଲାଲୋ । ସେଥିର୍ କାଯେଲା ରାନୀ ମୁହାଁସ୍ ଡଙ୍ଗର୍‌ଲା ହୁନ୍ ପାଏନ୍ ଧାର୍‌ଲା ଭୀମ୍‌ଧାର୍ ବଲ୍‌ତେଁ । ଭୀମ୍‌ସେନ୍ କନ୍ଧେନ୍ କନ୍ୟାଲା ଧରଁତେଁ ବୁଡ଼ାରାଜା ଡଙ୍ଗର୍‌ଲା ଏହୁନ୍‌କଲା । ବୁଡ଼ାରାଜା କନ୍ଧେନ୍ କନ୍ୟାଲା ଦିଖେଁ ତୋ ଖୁସି ହେଲୋ । ସବ୍ ଗଟେକ୍ ଜାଗାନେ ବସେଁ କାଥା ବାର୍‌ତା ହେଲୋ ଆର୍ କନ୍ଧେନ୍ କନ୍ୟା ସନେ ଭୀମ୍‌ସେନ୍‌ଲା ବିହା କର୍‌ଲୋ । ହୁନ୍ ଦିନ୍‌ଚ ଭୀମ୍‌ସେନ୍ ବୁଡ଼ାରାଜା ଘରେ ଘର୍‌ଜିଆଁ ରେହଲୋ ।

ବୁଡ଼ାରାଜା ଭୀମ୍‌ସେନ୍‌ଲା, ସୁନାବେଡ଼ା, କୁଟ୍‌ରାବେଡ଼ା ଗାଡିବେଡ଼ା, ସାହାରସ୍‌ବେଡ଼ା, ଘୁଷ୍‌ରୀବେଡ଼ା, ମାଙ୍ଗୁରବେଡ଼ା, ଚାଙ୍ଗୁର ବେଡ଼ା, କୋଦୋବେଡ଼ା, ଭିଲାବେଡ଼ା, କେଲ୍‌ବେଡ଼ା, ତୋହେଲ୍ ବେଡ଼ା, କୋରଡ଼ି ବେଡ଼ା, ଏନ୍ତା ବାରଟା ବେଡ଼ା ଦେଖାନ୍ ଦିଲୋ ଆର୍ ଭୀମ୍‌ସେନ୍‌ଲା କୁଇସ୍ ଭାଚାଁ ତୁମି ଇ ବାରାବେଡ଼ାଲା ଚାଷ୍ କର୍‌ବେ । ଚାଷ ବନେ ହେହିସ୍ ତୋ ଛପନ୍‌କେଟି ଦେବାଦେବୀ ମାନ୍‌ଲା ପୋଷ୍‌ମା । ହୁନ୍ ଦିନ୍ ଚ ଭୀମ୍‌ସେନ୍ ସବ୍ ବେଡ଼ା ମାନ୍‌ଲା ଚାଷ କର୍‌ଲୋ ।

ସବ୍‌ଦିନ ସକାଳେ ଉଠେଁ ଭୀମ୍‌ସେନ୍ ହଲ୍ ନାଙ୍ଗଲ୍ ଧରେଁ ବାର ବେଡ଼ାଲା ହଲ୍ କର୍‌ରେହେଁ । ଦିନୁକ୍ ଭୀମ୍‌ସେନ୍ ହଲ୍ କର୍‌ତେଁ କର୍‌ତେଁ ହୁନେ ଯାହାଁ ସୁନାଦୀ ଦେଓ ତପସ୍ୟା କର୍‌ଲେ ଆଚେ ସେ ଠାନ୍‌ଲା ଭୀମ୍‌ସେନ୍‌କେ ନାଙ୍ଗଲ୍ ଏଲୋ । ହୁନେ ଭୀମ୍‌ସେନ୍‌କେ ନାଙ୍ଗଲ୍ ଫସ୍‌ନା ସୁନାଦୀ ଦେଓସ୍ ମୁଡ଼େ ପାଏଲୋ । ଲହୁ ହୁହେଥାଲ୍ ଲିହ୍‌ଲୋ । ଭୀମ୍‌ସେନ୍ ଦିଖ୍‌ଲି ଚମକ୍ ଗେଲି । ସୁନାଦୀ ଦେଓ ଏକ୍

ମନ୍ ତନ୍‌ଲା ତପସ୍ୟା କରେ ରେହେଲୋ । ଭୀମ୍‌ସେନ୍‌କେ ନାଙ୍ଗଲ୍ ଫାସ୍‌ନା ପେଲୋତ୍‌ତୋ ସୁନାଦୀ ଦେଓ ଚମ୍‌କି ଗେଲି । ଭୀମ୍‌ସେନ୍ ଭାବ୍‌ଲି ମାଟି ଭିତରେ ଇହୁ କିସ୍ ଆଚେ । ଭୀମ୍‌ସେନ୍ ଜାନି ଆର୍ ସୁନାଦୀ ଦେଓଲା କୁଇସ୍ ଆମି ମାପ୍ କର୍‌ବେ ଆମି ନାଜାନି ପାର୍‌ଲୋ । ତୁମାର୍ ମୁଡ଼େ ନାଙ୍ଗଲ୍ ଫାସ୍‌ନା ବାଜା ଦେଲୋ । ସୁନାଦୀ ଦେଓ କୁଇସ୍ ନା ବେଟା ତୁମାର ଦୋଷ୍ ନେହିଁ । ତୁମି ନା ଜାନ୍‌କର୍ ଆମିର ମୁଡ଼େ ନାଙ୍ଗଲ୍ ଫାସ୍‌ନା ବାଜା ଦେଲୋ । ଭୀମ୍‌ସେନ୍ ସୁନାଦୀ ଦେଓଲା କୁଇସ୍ ଆମି ତୁମାର କାଯେଲା ଗଟେକ୍ ମନ୍ଦିର ବନା ଦେବେ । ଭୀମ୍‌ସେନ୍ ବଡ଼୍ ଘୁମର୍ ସାନଘୁମର୍ ଡଙ୍ଗର୍ ଦେକେ ଥୁନିପାଟି ଡଙ୍ଗର୍‌କେ ଯେଇସ୍ । ହୁନା ଗଟେକ୍ ମନ୍ଦିର୍ ବନାରେହେଲୋ । ସୁନାଦୀ ଦେଓ ବଇଲୋ ନାହିଁ ବେଟା ହାମାର ମନ୍ଦିର୍ ନା ଦର୍‌କାର । ଆମି ଯେନ୍‌ଠାନ୍ ତପସ୍ୟା କର୍‌ରେହେଲେ, ସେଠାନ୍ ଆମିର୍ ଲିଙ୍ଗ୍ ନିକିଲିଛେ, ସେଠାନ୍ ଗଟେକ୍ ବର୍‌ରୁଖ୍ ହକ୍‌ରାନ୍‌ଦେ । ଭୀମ୍‌ସେନ୍ ସୁନାଦୀ ଦେଓଲା ଲିଙ୍ଗ୍ ଠାନ୍‌ଲା ଗଟେକ୍ ବର୍‌ରୁଖ୍ ହକ୍‌ରାନ୍ ଦିଲୋ । ହୁନ୍ ଦିନ୍‌ଲା ହୁନ୍ ବରରୁଖ୍ ତଳେ ସୁନାଦୀ ଦେଓଲା ଲିଙ୍ଗ୍ ଆଚେ । ହୁନ୍ ଦିନୁ ସବ୍ ଲୋଗ୍ ସେଠାନ୍ ସୁନାଦୀ ଦେଓଲା ପୂଜା କର୍‌ତେ ଗୋଲୋ ।

## ଓଡ଼ିଆ ଅନୁବାଦ

ବୁଢ଼ାରାଜା ପାହାଡ଼ରେ ବୁଢ଼ାରାଜା ଦେବତା ରହୁଥିଲେ । ସେଠାରେ ସେହି ପାହାଡ଼ ଉପରେ ମହାଦେଓ (ବୁଢ଼ାରାଜା)ଙ୍କ ମନ୍ଦିର ଅଛି । ସେହି ଗଡ଼କୁ ବୁଢ଼ାରାଜାଙ୍କ ଗଡ଼ କହନ୍ତି । ବୁଢ଼ାରାଜା ଦେବ ସଙ୍ଗେ ସୁନାଦୀ ଦେବୀ ରହୁ ଥିଲେ । ଥରେ ସୁନାଦୀ ଦେବୀ ଖଲାରୀ ଦେବୀଙ୍କ ଯାତ୍ରା ଦେଖିବା ପାଇଁ ଗଲେ । ବୁଢ଼ାରାଜା ଦେବଙ୍କୁ ସୁନାଦୀ ଦେବୀଙ୍କ ଖଲାରୀ ଯାତ୍ରା ଦେଖି ଯିବା କଥା ଜଣାନଥିଲା । ଖଲାରୀ ଯାତ୍ରାରେ ସୁନାଦୀ ଦେବୀ ଏବଂ କମାର୍ ଦେବଙ୍କ ସାକ୍ଷାତ ହେଲା । ସୁନାଦୀ ଦେବୀ କମାର୍ ଦେବଙ୍କ ପ୍ରେମରେ ପଡ଼ିଗଲେ । ପ୍ରେମ କରିବା ସଙ୍ଗେ ସଙ୍ଗେ କମାର ଦେବ ଓ ସୁନାଦୀ ଦେବୀଙ୍କ ମଧ୍ୟରେ ସହବାସ ହେଇଗଲା । କିଛି ମାସ ଯିବା ପରେ ସୁନାଦୀ ଦେବୀ କମାର୍ ଦେବଙ୍କ ଔରସରୁ ଗୋଟିଏ ପୁଅ ଜନ୍ମ କଲେ । ସେଠାରେ ରହିଲେ । ସୁନାଦୀ ଦେବୀ ପୁଅଜନ୍ମ କରିବା ବିଷୟ ଖଲାରୀ ଦେବୀ ଜାଣି ପାରିଲେ । ଖଲାରୀ ଦେବୀ ସୁନାଦୀ ଦେବୀଙ୍କୁ ଆସି କହିଲେ ତୁମେ ଆମ ଅଞ୍ଚଳକୁ ଆସି ମୋତେ ବଦ୍‌ନାମ୍ କରିଦେଲ । ତୁମେ ମୋର ଅଞ୍ଚଳ ଛାଡ଼ି ଚାଲିଯାଅ । ସାଙ୍ଗରେ ତୁମର ପୁଅକୁ ମଧ୍ୟ ନେଇ ଯାଅ । ସୁନାଦୀ ଦେବୀଙ୍କୁ ଖଲାରୀ ଦେବୀଙ୍କ କଥା ସବୁ ଲାଜ ଲାଗିଲା । ସୁନାଦୀ ଦେବୀ ନିଜର

ପୁଅକୁ ଧରି ସେଠାରୁ ଚାଲି ଆସିଲେ ରାସ୍ତାରେ ଆସିବା ସମୟରେ ସୁନାଦୀ ଦେବୀଙ୍କ ପୁଅକୁ ଭୋକ ଲାଗିଲା । ସୁନାଦୀ ଦେବୀ ପତୋରାରେ ନିଜର ପୁଅକୁ କ୍ଷୀର ଖୁଆଇଲେ । ସେତେବେଳେ କମାର୍ ଦେବ୍ ଜାଣି ପାରିଲେ ଯେ ସୁନାଦୀ ଦେବୀ ନିଜ ପୁଅକୁ ଧରି ତାଙ୍କୁ ଛାଡ଼ି ଚାଲି ଯାଉଛି । ସୁନାଦୀ ଦେବୀ ପତୋରାରୁ ପୁଣି ଚାଲି ଆସିଲେ ସୁନାବେଡ଼ାକୁ । ସୁନାଦୀ ଦେବୀ ସୁନାବେଡ଼ାକୁ ଆସିବାରୁ ବୁଢ଼ାରାଜା ଦେବ ଜାଣି ପାରିଲେ ଯେ ସୁନାଦୀ ଦେବୀ କୁଆଡ଼େ ଯାଇ ସେଠାରେ ଗୋଟିଏ ପୁଅ ଜନ୍ମ କରି ଆସିଛି । ବୁଢ଼ାରାଜା ଦେବ ସୁନାଦୀ ଦେବୀଙ୍କୁ କହିଲେ ତୁ ମୋତେ ଲାଜ ସରମରେ ପକାଇଦେଲୁ । ତୁ ମୋତେ କେବେ ମଧ୍ୟ ତୋର ମୁହଁ ଦେଖାଇବୁ ନାହିଁ । ତୁ ମୋ ମୁହଁରେ କଳା ବୋଳିଦେଲୁ । ମୋତେ ବଦନାମ୍ କରିଦେଲୁ । ତୁ ଯେତେବେଳେ ଏହି ଅଞ୍ଚଳରେ ସୁନା ଫଳେଇବୁ, ସୁନାର ଫସଲ ଅମଳ କରିବୁ ସେତେବେଳେ ମୁଁ ଜାଣିବି ତୁ ମୋର ଭଉଣୀ ବୋଲି ଏବଂ ସେତେବେଳେ ତୋର ପାପ କଟିବ । ଏହି ଅଞ୍ଚଳରେ ସୁନା ଫସଲ ଜାତ ନ କଲେ ତୁ ମୋର ଭଉଣୀ ନୁହେଁ । ଆଜିଠାରୁ ତୁ ତୋର ମୁହଁ ମୋତେ ଦେଖାଇବୁ ନାହିଁ । ସେହିଦିନୁ ସୁନାଦୀ ଦେବୀ ନିଜର ପୁଅକୁ ସେଠାରେ ବସାଇ ଦେଇ, ନିଜେ ଗୋଟିଏ ଧଳା ଶାଢ଼ି ପିନ୍ଧି ପାତାଳରେ ପଶିଗଲେ ଏବଂ ତପସ୍ୟା କଲେ ।

ବୁଢ଼ାରାଜା ଦେବ ଦେଖିଲେ ସୁନାଦୀର ପୁଅ ସେଠାରେ ଗୋଟିଏ ପଥରରେ ବସିଛି । ବୁଢ଼ାରାଜା ଦେବ ଭାବିଲେ ସୁନାଦୀ ଦୋଷ କଲା ହେଲେ ତା'ର ପୁଅ କିଛି ଦୋଷ କରିନାହିଁ । ସେଠାରୁ ସେ ସୁନାଦୀର ପୁଅକୁ ଧରି ଘରକୁ ଆଣି ରଖିଲେ । ବୁଢ଼ାରାଜା ଦେବଙ୍କ ଗୋଟିଏ ଝିଅ ଥିଲା । ତାର ନାମ କନ୍ଧେନ୍ କନ୍ୟା । ସୁନାଦୀ ଦେବୀଙ୍କ ପୁଅ ଭୀମସେନ୍ ବୁଢ଼ାରାଜା ଦେବ ଘରେ ରହି ବଡ଼ହେଲା । ବୁଢ଼ାଦେଓଙ୍କ କନ୍ୟା କନ୍ଧେନ୍ କନ୍ୟା ମଧ୍ୟ ଯବାନ୍ ହେଲା । ବୁଢ଼ା ଦେଓ ଦିନେ ତାଙ୍କର ରାଣୀଙ୍କୁ କହିଲେ ଆମର ଗୋଟିଏ ମାତ୍ର ଝିଅ ଅଛି । ଆମେ କେଉଁଠୁଁ ଗୋଟିଏ ପୁଅ ଆଣି ଘର ଜୋଇଁ କରିବା । ଦୁଇଜଣ ବସି ବିଚାର କଲେ ଏବଂ ଭୀମସେନ୍‌କୁ ତାଙ୍କର ଘର ଜୋଇଁ କରିବା ପାଇଁ ସ୍ଥିର କଲେ । ଭୀମସେନ୍ ବୁଢ଼ାଦେଓଙ୍କ ଘରେ ରହୁଥିଲେ ତେଣୁ ସେ ତାଙ୍କ ଘରର ସମସ୍ତ କାମ ସବୁ କରୁଥିଲେ । ବୁଢ଼ାଦେଓ ଯାହା କହିଲେ ସେହି କଥା ମାନୁଥିଲେ ଏବଂ ସେହି ହିସାବରେ କାମ କରୁଥିଲେ । ଦିନଟେ ବୁଢ଼ାରାଜା ଭୀମସେନ୍‌କୁ କହିଲେ ଭଣଜା ଆମ ପାହାଡ଼ରେ ପାଣି ମିଳୁ ନାହିଁ, ସମସ୍ତେ ପାଣି ପାଇଁ ହଇରାଣ ହେଇ ଯାଉଛନ୍ତି । ତେଣୁ ତୁମେ ଯାଇ ସେହି ପାହାଡ଼ରେ ଗୋଟିଏ ପୋଖରୀ ଖୋଳ ।

ଭୀମସେନ୍ ସେହି ଦିନୁ ସେହି ପାହାଡ଼ରେ ପୋଖରୀ ଖୋଳିବା ଆରମ୍ଭ କଲେ । ଭୀମସେନ୍ ସବୁଦିନ ଯାଇ ସକାଳୁ ସଞ୍ଜଯାଏଁ ପୋଖରୀ ଖୋଳିବା କାମ କରୁଥିଲେ । ମଧ୍ୟାହ୍ନରେ ବୁଢ଼ା ଦେଓଙ୍କ ଝିଅ କନ୍ଧେନ୍ କନ୍ୟା ସବୁଦିନ ଭୀମସେନ୍ ପାଇଁ ଖାଇବା ଦ୍ରବ୍ୟ ଧରି ସେହି ପାହାଡ଼କୁ ଯାଉଥିଲା । କନ୍ଧେନ୍ କନ୍ୟା ଭୀମସେନ୍ ସହିତ କଥାବାର୍ତ୍ତା କରୁନଥିଲା ବା ଭୀମ୍‌ସେନ୍‌ଙ୍କୁ ଦେଖିଲେ ମୋଟେ ହସୁ ମଧ୍ୟ ନଥିଲା । ତେଣୁ ଭୀମସେନ୍ ଦୂରରୁ କନ୍ଧେନ୍ କନ୍ୟାକୁ ଦେଖିଲେ, ସେ ନିଜର ଦେହର ବସ୍ତ୍ରସବୁ ଖୋଲି ଦେଇ ପାଗଳ ମାନଙ୍କ ପରି ନାଚୁଥିଲେ । ସବୁଦିନ ଭୀମସେନ୍ ଦୂରରୁ କନ୍ଧେନ୍ କନ୍ୟାକୁ ଦେଖିଲେ ପାଗଳଙ୍କ ପରି ବ୍ୟବହାର କରି ନାଚୁଥିଲେ । କନ୍ଧେନ୍ କନ୍ୟା ଭୀମସେନ୍‌ର ଏପରି ନାଚିବା ଦେଖି ହସୁଥିଲା । ଏହିପରି ସବୁଦିନ କନ୍ଧେନ୍ କନ୍ୟା ଭୀମସେନ୍ ପାଇଁ ଖାଇବା ଜିନିଷ ଧରି ଯାଉଥିଲା । ଭୀମସେନ୍ ସେହି ପାହାଡ଼ ଉପରେ ନିଜର ଖାଦ୍ୟ ଖାଇ ସନ୍ଧ୍ୟାରେ ଘରକୁ ଫେରୁଥିଲେ । ଦିନଟେ କନ୍ଧେନ୍ କନ୍ୟାକୁ ଜ୍ୱର ହେଉଥିବାରୁ ସେ ଭୀମସେନ୍ ପାଇଁ ଖାଦ୍ୟ ନେଇ ପାହାଡ଼କୁ ଯାଇ ପାରିଲା ନାହିଁ । ତେଣୁ କନ୍ଧେନ୍ କନ୍ୟାର ମାଁ ଖାଦ୍ୟ ନେଇ ଭୀମସେନ୍ ପାଖକୁ ଗଲେ । ଭୀମ୍‌ସେନ ଦୂରରୁ ଦେଖିଲେ ଏବଂ କନ୍ଧେନ୍ କନ୍ୟା ତାଙ୍କ ପାଇଁ ଖାଦ୍ୟ ନେଇ ଆସୁଛି ଭାବି ନିଜର ବସ୍ତ୍ର ସବୁ ଖୋଲି ଦେଇ ପାଗଳଙ୍କ ଭଳି ନାଚିଲେ । କନ୍ଧେନ୍ କନ୍ୟାଙ୍କ ମାଁ ଦୂରରୁ ଦେଖିଲେ ଏବଂ ଭାବିଲେ କଣ ପାଇଁ ଭୀମ୍‌ସେନ୍ ଏପରି ନାଚୁଛି । ସେ ଯେତେବେଳେ ଭୀମ୍‌ସେନ୍ ପାଖକୁ ଆସିଲେ, ଭୀମ୍‌ସେନ୍ କନ୍ଧେନ୍ କନ୍ୟାଙ୍କ ମାଁଙ୍କୁ ଦେଖିଦେଲେ । ଭୀମ୍‌ସେନ୍‌ଙ୍କୁ ବେଶୀ ଲାଜ ଲାଗିଲା । ଭୀମସେନ୍ ନିଜର ମାଇଁ (କନ୍ଧେନ୍ କନ୍ୟାଙ୍କ ମାଁ) ଙ୍କୁ ଦେଖିଦେଇ ଲାଜ ସରମରେ ସେହି ପାହାଡ଼ ଛାଡ଼ି ପଳେଇ ଗଲେ । ସେହି ଦିନୁ ବୁଢ଼ାରାଜା ପାହାଡ଼ରେ ପୋଖରୀ ଖୋଳିବା କାମ ବନ୍ଦ୍ ହୋଇଗଲା । ସେହି ଅଧାଖୋଳା ପୋଖରୀ ବର୍ତ୍ତମାନ ମଧ୍ୟ ବୁଢ଼ାରାଜା ପାହାଡ଼ରେ ଅଛି ।

ଭୀମସେନ୍ ସେହି ପାହାଡ଼ ଛାଡ଼ି ଅନ୍ୟତ୍ର ଚାଲିଗଲେ । ସେ ଯାଇ ଗୋଟିଏ ପାହାଡ଼ରେ ରହିଲେ । ସେଠାରେ ସେ ଚାଷ କରିବା ପାଇଁ ମନ କଲେ । ବଡ଼ ବଡ଼ କାଠ ସବୁ ଆଣି, କାଟି, କାଠ ପଟାରେ ଗୋଟିଏ ବଡ଼ କୋପର୍ ★ ତିଆରି କଲେ । ସେଠାରେ ବର୍ତ୍ତମାନ୍ କୋପ୍‌ରା ଗ୍ରାମ ଅଛି । ଭୀମସେନ୍‌ଙ୍କ ସ୍ତ୍ରୀ କନ୍ଧେନ୍

---

କୋପର୍ - ଜମିକୁ ସମତଳ କରିବା ପାଇଁ କାଠ ପଟାରେ ତିଆରି କରାଯାଏ ଏବଂ ତାକୁ ଲଙ୍ଗଳରେ ଯୋଡ଼ି ଜମିର ମାଟିକୁ ସମତଳ କରାଯାଏ ।

କୋପରା ଗ୍ରାମ - ଛତିଶଗଡ଼ ଅଞ୍ଚଳର ଗୋଟିଏ ଗ୍ରାମ ।

କନ୍ୟା ବୁଢ଼ା ଦେଓ ସଙ୍ଗେ ବୁଢ଼ାରାଜା ପାହାଡ଼ରେ ଥିଲେ । କନ୍ଧେନ୍ କନ୍ୟା ଦେଖିବାରେ ବହୁତ ସୁନ୍ଦର ଥିଲା । ଦିନେ ଗୋଟିଏ ରାକ୍ଷସ ଆସି କନ୍ଧେନ୍ କନ୍ୟାକୁ ସୁନ୍ଦର ଥିବାର ଦେଖିତା ରାକ୍ଷାସ ମନରେ ପାପ ଜାତ ହେଲା । ସେ କନ୍ଧେନ୍ କନ୍ୟାକୁ ସେଠାରୁ ଚୋରୀ କରିନେଇଗଲା । ଠିକ୍ ସେହି ସମୟରେ ଭୀମ୍‌ସେନ୍ ରହୁଥିବା ପାହାଡ଼ ତଳେ ସମସ୍ତ ସ୍ଥାନକୁ ଭୀମସେନ୍ କୋପର୍‌ରେ ସମତଳ କରୁଥିଲା । ହଠାତ୍ ତାର କୋପର୍ ଦୁଇଫାଳ ହୋଇଗଲା । ଭୀମ୍‌ସେନ୍ ଭାବି କେତେ ମଜବୁତ୍‌ରେ ତିଆରି କୋପର୍ କେମିତି ଭାଙ୍ଗିଗଲା ? ସେ ଭାବିଲେ ନିଶ୍ଚୟ ନିଜର ମାମୁଁଙ୍କ ଘରେ କିଛି ଅଘଟଣ ଘଟିଛି । ଭୀମ୍‌ସେନ୍ ସେଠାରେ କୋପର୍ ଥୋଇଦେଇ ବୁଢ଼ାରାଜା ପାହାଡ଼କୁ ପଳେଇ ଆସିଲେ । ସେ ଆସି ଦେଖିଲେ ତାଙ୍କର ମାମୁଁ, ମାଇଁ ବସି କାନ୍ଦୁଛନ୍ତି । ଭୀମସେନ୍‌କୁ ଦେଖି ବୁଢ଼ାଦେଓ କହିଲେ କନ୍ଧେନ୍ କନ୍ୟାକୁ ଗୋଟିଏ ରାକ୍ଷସ ହରଣ କରି ନେଇଗଲା, ଏବଂ ଭୀମସେନ୍‌କୁ ଖୋଜି ଯିବା ପାଇଁ କହିଲେ । ଭୀମ୍‌ସେନ୍ କନ୍ଧେନ୍ କନ୍ୟାର ସନ୍ଧାନରେ ବାହାରିଲେ । ରୁନ୍‌ଝୋଲା ପାହାଡ଼, ତୋଟିଡୁଆ ପାହାଡ଼, କଣେଇଦୋଲ୍ ପାହାଡ଼, ହାଲ୍‌କା ପଘାର୍ ପାହାଡ଼ – ଏପରି ସବୁ ପାହାଡ଼ମାନଙ୍କୁ ଖୋଜିଲେ । କେଉଁଠି ହେଲେ କନ୍ଧେନ୍ କନ୍ୟାର ସନ୍ଧାନ ପାଇଲେ ନାହିଁ । ଶେଷରେ ରାନୀ ମୁହାଁସ୍ ପାହାଡ଼କୁ ଗଲେ । ରାକ୍ଷସ କନ୍ଧେନ୍ କନ୍ୟାକୁ ଆଣି ସେହି ପାହାଡ଼ରେ ଲୁଚାଇ ରଖିଥିଲେ । ସେ କନ୍ଧେନ୍ କନ୍ୟାକୁ ନିଜର ରାଣୀ କରିଥାନ୍ତା । ତେଣୁ ସେହି ପାହାଡ଼କୁ "ରାନୀ ମୁହାଁସ୍" ପାହାଡ଼ କହନ୍ତି । ରାନୀ ମୁହାଁସ ପାହାଡ଼ ଚେରେଁ ଦୁଆଁ ଗ୍ରାମର ଉତ୍ତର ଦିଗରେ ଅବସ୍ଥିତ । ସେହି ପାହାଡ଼ରେ ସୁଡ଼ଙ୍ଗମାନ ଥାଏ । ଭୀମସେନ୍ ଜାଣି ପାରିଲେ ଯେ ରାକ୍ଷସ ସେହି ପାହାଡ଼ରେ କନ୍ଧେନ୍ କନ୍ୟାକୁ ଲୁଚେଇ ରଖିଛି । ଭୀମ୍‌ସେନ୍ ସେଠାରେ ଗୋଟିଏ ସୁଡ଼ଙ୍ଗରେ ଧୂଆଁ ପଶେଇ ଦେଲେ । ଧୂଆଁରେ ରାକ୍ଷସ ରହିନ ପାରି ସୁଡ଼ଙ୍ଗରୁ ବାହାରକୁ ପଳେଇ ଆସିଲା । ଧୂଆଁରେ ରାକ୍ଷସ ଅଣନିଃଶ୍ୱାସୀ ହୋଇଗଲା । ଭୀମ୍‌ସେନ୍ ସେହି ରାକ୍ଷସକୁ ଧରିଲେ ଏବଂ ମାରିଦେଲେ । ଭୀମ୍‌ସେନ୍ ଯେଉଁଠାରେ ରାକ୍ଷସକୁ ମାରିଥିଲେ ତାହା ମଧ୍ୟ ଦେଇ ବର୍ତ୍ତମାନ୍ ଗୋଟିଏ ଘାଟି ରାସ୍ତା ଯାଇଛି ଏବଂ ସେହି ଘାଟିକୁ ରଖିସା ଘାଟି କହନ୍ତି । ଭୀମ୍‌ସେନ୍ କନ୍ଧେନ୍ କନ୍ୟାକୁ ପାହାଡ଼ ଭିତରୁ ଖୋଜି ବାହାର କଲେ । ସେଠାରେ ସେହି ପାହାଡ଼ରୁ ପାଣିର ଗୋଟିଏ ଧାର ବାହାରିଛି ଏବଂ ସେଠାରେ ଗୋଟିଏ ବଡ଼ ପଥରରେ ଗୋଟିଏ କଣା ଅଛି ତାହା ଏମୁଣ୍ଡରେ ପଶିଲେ ଆର ପଟେ ବାହାରେ । ଭୀମସେନ୍ କନ୍ଧେନ୍ କନ୍ୟାର ସତୀତ୍ୱ ପରୀକ୍ଷା କରିବା ପାଇଁ

ସେହି ଧାର ପାଖକୁ କନ୍ଧେନ୍ କନ୍ୟାକୁ ନେଲେ । ସେ ସେହି ପାଣି ଧାର ପାଖର ପଥରର କଣାରେ କନ୍ଧେନ କନ୍ୟାକୁ ସାତଥର ପଶି ସାତ ଥର ସେହି ପଥରରୁ ବାହାରିବା ପାଇଁ କହିଲେ । ଭୀମ୍‌ସେନ୍ କହିଲେ ତୁ ଯଦି ଏଇ ପଥରର କଣାରେ ସାତଥର ପଶି ସାତ ଥର ବାହାରିବୁ ତା ହେଲେ ତୁ ସତୀ ବୋଲି ଜାଣିବି । କନ୍ଧେନ୍ କନ୍ୟା ସେହି ପାଣି ଧାର ପାଖର ପଥର କଣାରେ ସାତ ଥର ପଶି ସାତ ଥର ବାହାରିଲା ଏବଂ ନିଜ ସତୀତ୍ୱର ପରୀକ୍ଷା ଦେଲା । ତେଣୁ ରାନୀ ମୁହାଁସ୍ ପାହାଡ଼ର ସେହି ଧାରକୁ ଭୀମ୍‌ଧାର ବୋଲି କହନ୍ତି । ଭୀମ୍‌ସେନ୍ ଜାଣିଲେ କନ୍ଧେନ୍ କନ୍ୟାର ସତୀତ୍ୱ ନଷ୍ଟ ହୋଇନାହିଁ । ସେ କନ୍ଧେନ୍ କନ୍ୟାକୁ ଧରି ବୁଢ଼ାରାଜା ପାହାଡ଼କୁ ଫେରିଲେ । ବୁଢ଼ାଦେଓ ଏବଂ ତାଙ୍କ ସ୍ତ୍ରୀ କନ୍ଧେନ୍ କନ୍ୟାକୁ ଦେଖି ଖୁସି ହୋଇଗଲେ । ସମସ୍ତେ ବସି କଥାବାର୍ତ୍ତା ହେଲେ ଏବଂ ଭୀମ୍‌ସେନ୍ ସହିତ କନ୍ଧେନ୍ କନ୍ୟାର ବାହା କରିଦେଲେ । ଭୀମସେନ୍ ସେହି ଦିନଠାରୁ ବୁଢ଼ାରାଜା ପାହାଡ଼ରେ ବୁଢ଼ାଦେଓଙ୍କ ଘରେ ଘରଜୋଇଁ ରହିଲେ ।

ବୁଢ଼ାରାଜା ଭୀମସେନ୍‌ଙ୍କୁ, ସୁନାବେଡ଼ା, କୁଟ୍‌ରାବେଡ଼ା, ଗାତିବେଡ଼ା, ସାହାରସ୍ ବେଡ଼ା, ଘୁଷ୍‌ରୀ ବେଡ଼ା, ମାଙ୍ଗୁର୍ ବେଡ଼ା, ଟାଙ୍ଗୁର୍ ବେଡ଼ା, କୋଦୋ ବେଡ଼ା, ଭିଲାବେଡ଼ା, କେଲ୍‌ବେଡ଼ା, ଡୋହେଲ୍ ବେଡ଼ା, କୋରଡ଼ି ବେଡ଼ା ଏହି ବାରଟି ବେଡ଼ା (ଜମି) ଦେଖେଇ ଦେଲେ ଏବଂ ଚାଷ କରିବା ପାଇଁ କହିଲେ । ସେ କହିଲେ ଚାଷ ଭଲ ହେଲେ ଛପନ୍‌କୋଟୀ ଦେବାଦେବୀମାନଙ୍କୁ ପୋଷିବା । ସେହି ଦିନୁ ଭିମ୍‌ସେନ ସେହି ବେଡ଼ାମାନଙ୍କୁ ଚାଷ କଲେ ।

ଭୀମ୍‌ସେନ୍ ସବୁ ଦିନ ସକାଳୁ ଉଠି ହଳ ନଙ୍ଗଳ ଧରି ବାର ବେଡ଼ାକୁ ଯୋତିବା ପାଇଁ ଯାଉଥିଲେ । ଦିନେ ଭୀମସେନ୍ ହଳ କରୁଥିଲେ । ସୁନାଦୀ ଦେବୀ ଯେଉଁଠାରେ ମାଟିତଳେ ବସି ତପସ୍ୟା କରୁଥିଲେ ସେହି ସ୍ଥାନକୁ ଭୀମ୍‌ସେନଙ୍କ ନଙ୍ଗଳ ଆସିଲା । ଭୀମସେନ୍‌ଙ୍କ ନଙ୍ଗଳର କଣ୍ଠନା ସୁନାଦୀ ଦେବୀଙ୍କ ମୁଣ୍ଡରେ ବାଜିଲା । ଭୀମ୍‌ସେନ୍ ତଳକୁ ଦେଖିଲେ ସେଠାରେ ରକ୍ତ ବାହାରୁଥିଲା । ଏହା ଦେଖି ଭୀମ୍‌ସେନ୍ ଆଶ୍ଚର୍ଯ୍ୟ ହୋଇଗଲେ । ସୁନାଦୀ ଦେବୀଙ୍କ ମୁଣ୍ଡରେ ବାଜିବାରୁ ସୁନାଦୀ ଦେବୀ ମଧ୍ୟ ଚମକି ଗଲେ । ଭୀମସେନ୍ ମାଟି ଭିତରେ ରକ୍ତ ବାହାରିବା ଜାଣି ସେ ଜାଣିଲେ ନିଶ୍ଚୟ ମାଟି ଭିତରେ କିଏ ଅଛି । ଭୀମ୍‌ସେନ୍ ଜାଣି ପାରିଲେ ସେଠାରେ ସୁନାଦୀ ଦେବୀ ତପସ୍ୟା କରୁଥିଲେ । ସେହି ସ୍ଥାନର ନାମ ଜାମ୍‌ଲା । *

* ଜାମ୍‌ଲା - ସୁନାବେଡ଼ାରୁ ଦେଢ଼ କିଲୋମିଟର ଦକ୍ଷିଣ ଦିଗରେ ଅବସ୍ଥିତ ।

ଭୀମ୍‌ସେନ୍ ସୁନାଦୀ ଦେବୀଙ୍କୁ କ୍ଷମା ମାଗିଲେ । ସୁନାଦୀ ଦେବୀ ଭୀମ୍‌ସେନ୍‌କୁ କହିଲେ ତୁ ଜାଣି ନପାରି ଏମିତି କଲୁ । ତେଣୁ ମୁଁ ତୋତେ କ୍ଷମା କରିଦେଲି । ଭୀମ୍‌ସେନ୍ ସୁନାଦୀ ମାଁଙ୍କ ପାଇଁ ଗୋଟିଏ ମନ୍ଦିର ତିଆରି କରିବା ପାଇଁ ବାହାରିଲେ । ସେ ବଡ଼୍ ଗୁମର୍, ସାନ୍ ଗୁମର ପାହାଡ଼୍ ଆରପଟେ ଥିବା ଥୁନିପାଟି ପାହାଡ଼୍‌କୁ ଗଲେ ଏବଂ ସେଠାରେ ପଥରରେ ଗୋଟିଏ ମନ୍ଦିର ତିଆରି କରୁଥିଲେ । ସେହି ସମୟରେ ସୁନାଦୀ ଭୀମସେନ୍‌କୁ କହିଲେ ମୋତେ ମନ୍ଦିର ଦରକାର ନାହିଁ । ଜାମ୍‌ଲା ଠାରେ ମୋର ଲିଙ୍ଗ ବାହାରିଛି ସେଠାରେ ଗୋଟିଏ ବରଗଛ ରୋପିଦେବୁ । ମୁଁ ସେହି ବରଗଛ ତଳେ ରହିବି । ଭୀମସେନ୍ ଥୁନି ପାଟିରୁ ଆସିଲେ ଜାମ୍‌ଲା ପାଖକୁ ଏବଂ ସେଠାରେ ଗୋଟିଏ ବରଗଛ ରୋପି ଦେଲେ । ସୁନାଦୀ ଦେବୀ ସେଠାରେ ସେହି ଗଛତଳେ ରହିଲେ ଏବଂ ପୂଜା ପାଇଲେ । ସେହି ଦିନଠାରୁ ସୁନାବେଡ଼ା ଅଞ୍ଚଳର ସମସ୍ତ ଭୁଞ୍ଜିଆଲୋକମାନେ ଜାମ୍‌ଲା ନାଲ ପାଖରେ ଥିବା ସୁନାଦୀ ଦେବୀଙ୍କ ଲିଙ୍ଗକୁ ବର୍ତ୍ତମାନ ଯାଏଁ ପୂଜା କରି ଆସୁଛନ୍ତି । ସୁନାଦୀ ଦେବୀ ସେଠାରେ ସବୁଦିନ ପାଇଁ ରହିଛନ୍ତି ।

## ଧାନର ଉତ୍ପତ୍ତି

ଭୀମ୍‌ସେନ୍ ବୁଢ଼ାରାଜା ଚ ଘରେ ଘରଜିଆଁ ରେହେଲୋ । ବୁଢ଼ାରାଜା ଦେଓ ଭୀମ୍‌ସେନ୍‌ନା ବାରାବେଡ଼ା ଦେଉନ୍‌ରେହେଲୋ । ଦିନୁକ୍ ବୁଢ଼ାରାଜା ଦେଓ ଭୀମ୍‌ସେନ୍‌ନା କୁଇସ୍ ଭାଁଚାଁ ତୁମି ଆମାର୍ ଦିଲୁନ୍ ବେଡ଼ା ମାନ୍‌ଲା ସବ୍ ଚାଷ୍ କର୍‌ବେ, ପୁର୍‌ଥିବୀନା ଯେତକ୍ ଲୋଗ ମାନ୍‌ଲା ଆଚତ୍ ସବ୍ ମାନ୍‌ଲା ପୋଷ୍‌ବେ । ଭୀମ୍‌ସେନ୍ ହୁନ୍ ଦିନୁ ଚାଷ୍ କରେ ରେହେଲୋ । ସବ୍ ଫସଲ୍‌କେ ବୁନ୍‌ଲୋ, କାଟ୍‌ଲୋ ଆର୍ ହୁଥାଲେ ଯୁନ୍ ଧାନ୍ ହେଲୋ ହୁନ୍ ଧାନ୍ ଲୁଇଲୋ ଆର୍ କଠାରେ କୁଢ଼େଲୋ । ଥାରିପାନି ନା ଯୁନ୍ କଠାର୍ ଆଚେ ହୁନ୍ କଠାରେ ଧାନ ମଚେ କୁଢ଼େଲୋ । ଦିନୁକ୍ ବୁଢ଼ାରାଜା ଦେଓ ଭୀମ୍‌ସେନ୍ ପାଶ୍‌ଲା ଏଲୋ ଆର୍ ପଚାର୍‌ଲୋ କେତେକ୍ ଧାନ୍ ହେଲୋ ଭାଁଚାଁ । ଭୀମ୍‌ସେନ୍ କୁଇସ୍ ଅଢ଼େଅଙ୍ଗା ହେଲୋ ମାମା । ବୁଢ଼ା ରାଜା କୁଇସ୍ ହୁନା କେତକ୍ ବୀଜ୍ କର୍‌ବେ, କେତକ୍ ସଗା ସୁତର୍ କର୍‌ବେ, କେତେକ୍‌କେ କାହାଁ ଦେଓ୍ୱା । ଏତେ ଖରଚ୍ କେର୍‌ଲୋ ହେଲେ ଅଢ଼େଅଙ୍ଗାଧାନ୍ ହେଲୋ । ଅଢ଼େଅଙ୍ଗା ଧାନ୍‌ଲା ପୁର୍‌ଥିବୀ ଏତେକ୍ ଲୋର୍ ମାନ୍‌ଲା କେନ୍‌ବା ପୋଷ୍‌ବେ ।

ଭୀମ୍‌ସେନ୍ ସବ୍ ଧାନ୍‌ଲା କୁଢ଼େଙ୍କର ରହୁନ୍, ଉଢ଼େଉନ୍ ରହୁନ୍ ଆର୍ ଉଷେ ରେହୁନ୍ ରେହେଲୋ । ସୁପ୍‌ଲେକେ, ଧାନ ଉଢ଼େ ରେହେଲୋ ହୁନା ସୁପ୍‌ଦଙ୍ଗର୍

ଆଚେ । କାଠା ଲେକେ ଧାନ୍ ନାପତ୍ ରେହେଲୋ ହୁନା କାଠା ଡଙ୍ଗର୍ ଆଚେ । ଗଟେକ୍ ଡୋକେର୍‌ଲା ଭୀମ୍‌ସେନ୍ ଡାକେ ଉଧୁଆ କରେଁ ମେଙ୍ଗ୍‌ଲୋ । ଡୋକେର୍ ଉଧୁଆ କେର୍‌ଲୋ । ଡୋକେର୍ ଭୀମ୍‌ସେନ୍‌ଲା ମାଙ୍ଗେ ଆମି କେତେକ୍ ଧାନ୍ ଦେହୁନ୍ । ଭୀମ୍‌ସେନ୍ ଡୋକେର୍‌ଲା ଗଟେକ୍ ସୁପ୍ ଧାନ୍ ଦିଲୋ । ଡୋକେର୍ ଭୀମ୍‌ସେନ୍‌ଲା କୁଇସ୍ ଆମି ତୁମାର୍ କେତେ ଉଧୁଆ କର୍‌ଲି ହେଲେ ସୁପେକ୍ ଧାନ୍ ଦିଲୋ । ଡୋକେର୍ ଭୀମ୍‌ସେନ୍‌ଲା ଗେଲ୍ ଦେଲୋ ଆର୍ ହୁଥାନ୍ ଡୋକେର୍ ମୁତୁନ୍ ଦିଲୋ । ହୁଥାନ୍ ଭୀମ୍‌ସେନ୍ ଡୋକେର୍‌ଲା ମାରାଦିଲୋ । ହୁନେ ଏଭେବି ଡୋକେର୍ ଡଙ୍ଗର୍ ଆଚେ । ହୁନ୍ ଡୋକେର୍ ମୁତା ତେଡ଼ଙ୍ଗୀ ବଲ୍‌ତେଁ ।

ବୁଢ଼ାରାଜା ଦେଓ ଭୀମ୍‌ସେନ୍‌ଲା କୁଇସ୍ ଭାଁଟାଁ ଅଢ଼େଅଙ୍ଗାଧାନ୍ ହେଲୋ । ଅଢ଼େ ଅଙ୍ଗା ଧାନ୍ କାହିଁ କରବେ । ଯା ଲେସୁନ୍ ଦିଓ । ବୁଢ଼ାରାଜା ଦେଓ ରିଷ୍ମି ହେତେଁ ଭୀମ୍‌ସେନ୍‌ଲା କୁଇସ୍ ହେଲେ ଭୀମ୍‌ସେନ୍ ସତ୍‌କେ ସତ୍ ମାମାଁ ବଲେଁ ସବ୍‌ଧାନ୍ ମାନ୍‌ଲା ଲେସୁନ୍ ଦିଲୋ ।

ଭୀମ୍‌ସେନ୍ କାହିଁ ଚଲେଗେଲୋ ଆର୍ ରୁନ୍‌ଝୋଲା ଡଙ୍ଗ୍‌ରେ ଶୁଏଁ ରେହେଲୋ । ଧାନ୍‌ଲା ଲେସୁନ୍ ଦିଲୋ ତୋ ସରଗ୍‌ପୁର, ମଈପୁର, ପାତାଳପୁର ସବ୍ କୁହୁଲା ଚ ମାରେଁ ତିନ୍ ମାସ୍ ତିନ୍ ଦିନ୍ ହୁନ୍ଦ୍ ହୁନ୍ଦିଯି । ସରଗ୍‌ଚ ଦେଓ ମାନ୍‌ଲା ଆକୁଲ୍ ହେଉନ୍‌ଗେଲୋ । ସବ୍ ଦେଓ ମାନ୍‌ଲା ବୁଢ଼ାରାଜା ପାଶ୍‌ଲା ଗେଲୋ ଆର୍ ବୁଢ଼ାରାଜାଲା କୁଇସ୍ କାଏଁ ଆଏଗ୍ ଲେସୁନ୍ ଦିଲୋ ଯେ ସାରା ପୁରଥିବୀକେ ଲୋଗ୍ ମାନ୍‌ଲା କୁହୁଲାନା ଖାଁସି ଖୋକ୍‌ଲି ହିଗେଲେ ଆଚତ୍ । ସବ୍ ଲୋଗ୍ କୁହୁଲାନା ନା ବଚୁଁନା । ବୁଢ଼ାରାଜା କୁଇସ୍ ଆମି ରିଷ୍ମିନା ଭୀମ୍‌ସେନ୍‌ଲା କୁଇସ୍ ତୋ ସତ୍‌କେ ସତ୍ ଭୀମ୍‌ସେନ୍ ଲେସୁନ୍ ଦିଲୋ । ବୁଢ଼ାରାଜା କନ୍ଧେନ୍ କନ୍ୟାଲଣ କୁଇସ୍ ବେଟୀ ଭୀମ୍‌ସେନ୍‌ଲା ଖୋଜେ ଆନେ । କନ୍ଧେନ୍ କନ୍ୟା ଭୀମ୍‌ସେନ୍‌ଲା ଡଗ୍‌ରେ ଗେଲୋ । ସବ୍ ଡଙ୍ଗର୍ ମାନ୍‌ଲା ଡଗ୍‌ରେ ଦିଖ୍‌ଲେ । କାହାଁଲା ନେହିଁ ପେଲୋ । ଗଟେକ୍ ଠାନ୍‌ନା କନ୍ଧେନ୍ କନ୍ୟା ଦିଖ୍‌ଲୋ ଯେତେକ୍ ଖୁଟ୍‌ଲି, ପତର ମାନ୍‌ଲା କିନ୍ଦ୍‌ରେ କିନ୍ଦ୍‌ରେ ଯେତ୍ ରେହେ ଆର୍ ଏ ରେହେ । ସେଠାନ୍ କନ୍ଧେନ୍ କନ୍ୟା ଗେଲୋ ଆର୍ ଦିଖ୍‌ଲୋ ଭୀମ୍‌ସେନ୍ ଶୁଏଁରେହେଁ ଆର୍ ନିଶାସ୍ ପରଶାସ୍‌ନା ସବ ଖୁଟ୍‌ଲି, ପତର, ବେଲ୍ ମେଟ୍ ମାନ୍‌ଲା ଏତ୍‌ରେହେ, ଯେତ୍‌ରେହେ । କନ୍ଧେନ୍ କନ୍ୟା ଭୀମ୍‌ସେନ୍‌କେ ଉଠେଲୋ । ଭୀମ୍‌ସେନ୍‌ଲା କୁଇସ୍ ତୁମି କାହାଁଲା ଲେସୁନ୍ ଦିଲୋ ଯେ ସବ୍ ଲୋଗ୍ ମାନ୍‌ଲା କୁହୁଲାରେ ମାଡ଼େ ମାରତ୍ ଆଚେ । ବାବା କୁଇସ୍ ଆଏଗ୍ ଲିଭେନ୍ ଦିଉ । ଭୀମ୍‌ସେନ୍ ଗଜା ଡାଙ୍ଗ, ଖପାଥିଲା, ଆର୍ ତୁମ୍ଭା ଗଟେକ୍ ଧେର୍‌ଲୋ । ଗେଲୋ ବେନିଆ ଧଁସ୍ ।

ବେନିଆ ଧଁସ୍ ଡଙ୍ଗରେ ଗଟେକ ଓଡ଼ଗା ରେହେ । ହୁନ୍ ଓଡ଼ଗା ନା ତୁମ୍ୱା ବୁଡ଼େ ତୋ ତୁମ୍ୱା ନା ବୁଡ଼ଲୋ । ସେଠାନ୍ ହୁନ୍ ଓଡ଼ଗାନା ଭୀମ୍‌ସେନ୍ ଗଟେକ୍ ଗଜାଡାଙ୍ଗ୍ ମାରେ ତୋ ପାଏନ୍ ନିକ୍‌ଲିସ୍ । ଭୀମ୍‌ସେନ୍‌କେ ତୁମ୍ୱା ବୁଡ୍‌ଲୋ । ତୁମ୍ୱାଲା ପାଏନ୍ ଆନେ ଭୀମ୍‌ସେନ୍ ଆଏଗ୍ ଲିଭାଲୋ । ସବ୍ ଧାନ୍ ମାନ୍‌ଲା ନିକାଇଲୋ । ଯୁନ୍ ଧାନ୍ ମାନ୍‌ଲା ପୁତୁନ୍ ଗେଲେ ହୁନ୍‌ଧାନ୍ କାଲା ହେହୁନ୍ ଗୋଲୋ ହୁନ୍ ଧାନ୍ ମାନଲା ହେଲୋ-କଲାଧାନ-କାଲି ଖୁଜି, ଚିଙ୍ଗେର, କଲାକୁଷ୍ଟ, କଲ୍‌କତୀ ସୁଲ୍‌ଧାନ୍ ବଲ୍‌ତେଁ । ଯୁନ୍‌ଧାନ୍ ମାନ୍‌ଲା ଆଧା ପୁତୁନ୍‌ଗୋଲୋ ହୁନ୍‌ଧାନ୍ ମାନ୍‌ଲା ଲାଲ୍‌ଧାନ୍ ବଲ୍‌ତେଁ, ଲାଲଧାନ ହେଲୋ-ଲାଲ୍ କଇଁ, ସ୍ୱର୍ଣ୍ଣା, ଇଦେଲ, ଜଳ ଚିଙ୍ଗେର୍ ଚିନି ଶଙ୍କର, ବାହାଲ୍ ମିଜୋ । ଯୁନ୍ ଧାନ୍ ମାନ୍‌ଲା ନା ପୁଟେ ହୁନ୍ ଧାନ୍ ମାନ୍‌ଲା ପଣ୍ଡରା ଧାନ ବଲ୍‌ତେଁ । ପଣ୍ଡରା ଧାନ୍ ହେଲୋ-ପୁଆଗୀ, ଯୁବ୍‌ରାଜ୍, ଲଲାଟ, ଶଙ୍କରୀ । ସବ୍ ଦେଓ ମାନ୍‌ଲା ମିଶେ ସବ୍ ଧାନ୍‌ଲା ନିକାଇଲୋ ସବୁ ମୁଠେକ୍ ମୁଠେକ୍ ଧାନ୍ ରଖ୍‌ଲୋ ତୋ ବଢ଼ିସ୍ ଭରନ୍ ଧାନ୍ ହେଲୋ । ବୁଢ଼ାରାଜା ଭୀମ୍‌ସେନ୍‌ଲା ବୁଝାଲୋ । ହୁନ୍ ଦିନୁ ଭୀମ୍‌ସେନ୍ ବନେ କରେଁ ଚାଷବାସ କେର୍‌ଲୋ ଆର୍ ସବ୍ ଲୋକ୍ ମାନ୍‌ଲା ପୋଷ୍‌ଲୋ ।

### ଓଡ଼ିଆ ଅନୁବାଦ

ଭୀମ୍‌ସେନ ବୁଢ଼ାଦେଓ ଘରେ ଘରଜୋଇଁ ହୋଇ ରହୁଥିଲେ । ବୁଢ଼ାଦେଓ ଭୀମ୍‌ସେନ୍‌ଙ୍କୁ ବାରଟି ବେଢ଼ା[1] ଦେଇଥିଲେ । ଦିନେ ବୁଢ଼ାଦେଓ ଭୀମ ସେନ୍‌ଙ୍କୁ ଡାକି କହିଲେ ଭଣଜା ତୁମେ ମୁଁ ଦେଇଥିବା ଜମିମାନ ଚାଷ କର । ପୃଥିବୀରେ ଯେତେଲୋକ ଅଛନ୍ତି ସମସ୍ତଙ୍କୁ ପୋଷିବା । ଭୀମସେନ୍ ସେହି ଦିନୁ ସବୁ ଜମିକୁ ଚାଷ କରିବା ଆରମ୍ଭ କଲେ । ସବୁ ଜମିରେ ହଳ କରି, ଧାନ ବୁଣିଲେ । ଧାନ ପାଚିଯିବା ପରେ ଧାନ କାଟିଲେ । ଯେତେ ଧାନ ହେଲା ସବୁ ଧାନ ଏକାଠି କରି ଗୋଟିଏ କଠାର୍[2]କୁ ନେଲେ । ସେହି କଠାର୍ ଥାରି ପାନି ପାହାଡ଼ରେ ଅଛି । ସେଠାରେ ଧାନ ମଡ଼େଇ ସବୁ ଧାନକୁ ଗୋଟିଏ ସ୍ଥାନରେ ଜମା କଲେ । ବୁଢ଼ାଦେଓ ଭୀମସେନ୍‌ଙ୍କୁ କହିଲେ କେତେ ଧାନ ହେଲା ବୋଲି । ଭୀମ୍‌ସେନ୍ କହିଲେ ଅଢ଼େଅଙ୍ଗା ଧାନ ହେଲା । ବୁଢ଼ାରାଜା କହିଲେ ଅଢ଼େଅଙ୍ଗା[3] ଧାନରେ କଣ କରିବା ? କେତେ ଧାନ ବିହନ ଦେବ, କେତେ ଧାନ କାହାକୁ ଦେବ । ଯାଅ ସମସ୍ତ ଧାନକୁ ନିଆଁ ଲଗାଇ ଦିଅ । ଅଢ଼େ ଅଙ୍ଗା ଧାନକୁ ପୃଥିବୀର ଏତେ ଲୋକ ମାନଙ୍କୁ କାହାକୁ କେତେ ଦେବ ?

---

୧ ।। ବେଢ଼ା - ଡୋଳି; ଚାଷ କରିବା ଜମି ।

୨ ।। କଠାର୍ - ଧାନ ଅମଳ କରିବା ଖଳା ବା ଯେଉଁଠି ଧାନ ମଡ଼ାଯାଏ ।

୩ ।। ଅଢ଼େଅଙ୍ଗା - ଅଢ଼େଇ ଫୁଟ ବା ୪୦ ମାଣ ।

ଭୀମ୍‌ସେନ୍ ସବୁ ଧାନମାନ ଗୋଟିଏ ଯାଗାରେ ଜମା କରିଥିଲେ ଏବଂ ଧାନସବୁ ବଛାବଛି କରି ରଖିଥିଲେ । ଧାନ ପାଛୁଡ଼ିବା ସୁପ (କୁଲା) ନେଇ ଧାନ ଉଡ଼େଇ ଥିଲେ । ତାହା ସେଠାରେ ଗୋଟିଏ ପାହାଡ଼ ହୋଇ ଯାଇଛି । ସେହି ପାହାଡ଼କୁ ସୁପ୍ ପାହାଡ଼ କହନ୍ତି । ମାଣ ନେଇ ସବୁଧାନକୁ ମାପି ଥିଲେ । ସେହି ମାଣ (କାଠା) ସେଠାରେ ଗୋଟିଏ ପାହାଡ଼ ହୋଇ ଯାଇଛି । ସେହି ପାହାଡ଼କୁ କାଠାଡଙ୍ଗର୍ ବା କାଠା ପାହାଡ଼ କହନ୍ତି । ଭୀମ୍‌ସେନ୍ ସେହି କଠାରକୁ ଜଣେ ଲୋକକୁ ଡାକି ଧୁଆଧୋଇ କରେଇଲେ । ତାହାର ମଜୁରୀସ୍ୱରୂପ ତାକୁ ଗୋଟିଏ ସୁପ୍ (ଧାନ ପାଛୋଡ଼ିବା କୁଲା) ଧାନ ଦେଲେ । ସେହି ଲୋକ ଗୋଟିଏ ସୁପ୍ ଧାନରେ ଅସନ୍ତୋଷ ହୋଇ ଭୀମ୍‌ସେନ୍‌କୁ ଗାଳି ଦେଲା ଏବଂ ଭୀମ୍‌ସେନ୍ ଯେଉଁ କଠାରରେ ଧାନ ଅମଳ କରୁଥିଲେ ସେଠାରେ ସେ ପରିସ୍ରା କରିଦେଲା । ଭୀମସେନ୍ ରାଗରେ ସେହି ଲୋକକୁ ମାରି ଦେଲେ । ସେଠାରେ ସେହି ଲୋକ ଗୋଟିଏ ପାହାଡ଼ ହୋଇଗଲା । ସେହି ପାହାଡ଼କୁ ଡୋକେର୍ ପାହାଡ଼ କହନ୍ତି । ଡୋକେର ଅର୍ଥ ଏହି ଜାତିର ଲୋକଙ୍କ ଭାଷାରେ ବୁଢ଼ା ଲୋକ । ସେହି ପାହାଡ଼ରେ ଗୋଟିଏ ସ୍ଥାନରେ ପାଣି ବାହାରୁଛି । ତାକୁ ଡୋକେର ମୁତା ଜୋର୍ କହନ୍ତି ।

ବୁଢ଼ାରାଜା ଦେବ ଭୀମ୍‌ସେନକୁ କହିଲେ ସବୁଧାନକୁ ନିଆଁ ଲଗାଇ ପୋଡ଼ି ଦେବା ପାଇଁ । ଭୀମ୍‌ସେନ୍ ଭାବିଲେ ବୁଢ଼ାଦେଓ ସତକୁ ସତ ପୋଡ଼ିଦେବା ପାଇଁ କହିଛନ୍ତି ଭାବି ସବୁ ଧାନକୁ ପାଳ ସହିତ ପୋଡ଼ି ଦେଲେ । ଭୀମ୍‌ସେନ୍ ସେଠାରୁ କୁଆଡ଼େ ଚାଲିଗଲେ । ଭୀମ୍‌ସେନ୍ ସେଠାରୁ ଯାଇ ରୁନ୍‌ଝୋଲା ପାହାଡ଼ରେ ଶୋଇ ରହିଲେ । ଧାନ ଏପରି ଭାବରେ ପୋଡ଼ିଗଲା ଯେ ତିନି ମାସ ତିନି ଦିନ ଯାଏଁ ପୋଡ଼ିଲା ହେଲେ ଲିଭିଲା ନାହିଁ । ସ୍ୱର୍ଗପୁର, ମଣ୍ଡପୁର୍ ପାତାଳପୁର ସବୁଆଡ଼େ ଧୂଁଆଁରେ ଭର୍ତ୍ତି ହୋଇଗଲା । ସମସ୍ତେ ସେହି ଧୂଁଆଁରେ ହଇରାଣ ହୋଇଗଲେ । ସବୁ ଦେବା ଦେବୀ ମିଶି ସମସ୍ତେ ବୁଢ଼ା ଦେଓ ପାଖକୁ ଆସିଲେ । ସମସ୍ତେ ବୁଢ଼ା ଦେଓଙ୍କୁ କହିଲେ କି ନିଆଁ ଲଗେଇ ଦେଲ ଯେ ସାରା ପୃଥିବୀର ସମସ୍ତେ ଧୂଆଁରେ ହଇରାଣ ହେଇ ଯାଉଛନ୍ତି । ବୁଢ଼ାଦେଓ କହିଲେ ମୁଁ ରାଗରେ ଭୀମସେନ୍‌କୁ ସମସ୍ତ ଧାନକୁ ପୋଡ଼ି ଦେବା ପାଇଁ କହିଲି ହେଲେ ସେ ବୁଝି ନପାରି ସତକୁ ସତ ସବୁଧାନକୁ ପୋଡ଼ି ଦେଲା । ବୁଢ଼ାଦେଓ ନିଜର ଝିଅ କନ୍ଧେନ୍ କନ୍ୟାକୁ ଡାକି କହିଲେ ଭୀମସେନକୁ ଖୋଜି ଆଣିବା ପାଇଁ । କନ୍ଧେନ୍ କନ୍ୟା ଭୀମ୍‌ସେନ୍‌କୁ ଖୋଜିବା ପାଇଁ ବାହାରିଲା । ସବୁଆଡ଼େ ଖୋଜିଲା ହେଲେ ପାଇଲା ନାହିଁ । ଗୋଟିଏ ଯାଗାରେ କନ୍ଧେନ୍ କନ୍ୟା ଦେଖିଲା ଯେ ଘୂର୍ଣ୍ଣିବାତ୍ୟା (ଖଣ୍ଡିଆ ଭୂତ) ପରି ପତ୍ର, କାଠି, କୁଟା, ଧୂଳି ସବୁ ଉଡୁଛି । ସେ ଜାଣି ପାରିଲା ଏହା ଭୀମସେନ୍

ଅଟେ । ସେ ପ୍ରଶ୍ୱାସ ନେବା ସମୟରେ ପତ୍ର, କାଠି, କୁଟା, ଧୂଳି ସବୁ ତାର ପ୍ରଶ୍ୱାସର ପବନରେ ଉଡି ଉଡି ତା ନାକ ଭିତରକୁ ଯାଉଛି ଏବଂ ନିଶ୍ୱାସ ପବନରେ ବାହାରି ଆସୁଛି । କନ୍ଧେନ୍ କନ୍ୟା ସେହି ସ୍ଥାନକୁ ଗଲା ଏବଂ ଭୀମସେନ୍‌କୁ ନିଦରୁ ଉଠେଇଲା । ଭୀମନେକୁ କନ୍ଧେନ୍ କନ୍ୟା କହିଲା ବାପା କହିଛନ୍ତି ତୁମେ ଯାଇ ପୋଡ଼ି ଯାଉଥିବା ଧାନକୁ ଲିଭାଇ ଦିଅ । ଭୀମସେନ୍ ଗୋଟିଏ ଗଜାଡାଙ୍ଗ୍[୧], ଖପାଥିଲା[୨] ଏବଂ ଗୋଟିଏ ଲାଉ ତୁମ୍ୱା[୩] ଧରି ପାଣି ପାଇଁ ବେନିଆଁ ଧଁସ୍ ପାହାଡ଼କୁ ଗଲେ । ବେନିଆ ଧଁସ୍ ପାହାଡ଼ରେ ଗୋଟିଏ ସର ଥିଲା । ଭୀମସେନ୍ ସେହି ସରରେ ନିଜର ଲାଉତୁମ୍ୱା ବୁଡ଼େଇଲେ ହେଲେ ଲାଉତୁମ୍ୱା ସେହି ସରର ପାଣିରେ ବୁଡ଼ିଲା ନାହିଁ । ଭୀମ୍‌ସେନ୍ ସେହି ସରରେ ଗୋଟିଏ ଗଜାଡାଙ୍ଗ୍ ସର ଭିତରେ ମାରିଲେ । ତାପରେ ପାଣି ବାହାରିଲା ଏବଂ ସରର ପାଣିରେ ଲାଉତୁମ୍ୱା ବୁଡ଼ିଲା । ତୁମ୍ୱାରେ ପାଣି ଆଣି ଭୀମସେନ୍ ପୋଡ଼ି ଯାଉଥିବା ଧାନକୁ ଲିଭାଇଲେ । ତା ପରେ ନିଆଁ ଲିଭିଲା ଏବଂ ସମସ୍ତେ ଆଶ୍ୱସ୍ଥ ହେଲେ ।" ଭୀମ୍‌ସେନ୍ ସବୁଧାନଗୁଡ଼ିକୁ ବାହାର କଲେ । ଯେଉଁଧାନସବୁ ପୋଡ଼ିଗଲା ସେହି ଧାନ କଳାରଙ୍ଗ ହୋଇଗଲା । ସେହି ଧାନକୁ କଳାଧାନ କହନ୍ତି । କଳାଧାନ ହେଲା- କାଲିଖୁଜି ଧାନ, ଡିଙ୍ଗେର୍ ଧାନ, କଲ୍‌କତୀଧାନ, କଳାକୃଷ୍ଣ ଧାନ, ସୁଲ୍‌ଧାନ । ଯେଉଁ ଧାନ ସବୁ ଅଧାପୋଡ଼ା ହୋଇ ଧୂଆଁରେ ରହିଲା ସେହିଧାନଗୁଡ଼ିକୁ ଲାଲ୍ ଧାନ କହନ୍ତି । ଲାଲ୍‌ଧାନ ହେଲା ଲାଲ୍‌କଇଁ ଧାନ, ସ୍ୱର୍ଣ୍ଣାଧାନ, ଲଦେଇ୍ ଧାନ୍, ଜଳ ଡିଙ୍ଗେର୍ ଧାନ, ଚିନିଶଙ୍କର ଧାନ, ବାହାଲ ମିଜୋ ଧାନ । ଯେଉଁ ଧାନ ନ ପୋଡ଼ି ରହିଗଲା ସେହି ଧାନକୁ ସଫେଦ୍ ଧାନ କହନ୍ତି । ସଫେଦ୍ ଧାନ ହେଲା ପୁଆଗୀ ଧାନ, ଯୁବ୍‌ରାଜଧାନ, ଲଲାଟ୍‌ଧାନ, ଶଙ୍କରୀ ଧାନ । ସବୁ ଦେବାଦେବୀ ମିଶି ସବୁଧାନକୁ ବାହାର କଲେ । ସମସ୍ତେ ହାତରେ ମୁଠେ ମୁଠେ ଧାନ ଧରି ଗୋଟିଏ ସ୍ଥାନରେ ଜମା କଲେ । ସବୁଧାନ ମିଶି ବତିସ୍ ଭରଣ୍ ଧାନ ହେଲା । ବୁଢ଼ାଦେଓ ଭୀମସେନଙ୍କୁ ବୁଝେଇଲେ । ସେହି ଦିନଠାରୁ ଭୀମ୍‌ସେନ୍ ଭଲ କରି ଚାଷ କଲେ ଏବଂ ସମସ୍ତ ଲୋକଙ୍କୁ ପୋଷିଲେ ।

---

୧ ।। ଗଜାଡାଙ୍ଗ୍ - ମୁନିଆଁ କାଠର କାଠଦଣ୍ଡ । ଶାବଳ ପରି ମାଟିରେ ଗାତ ଖୋଳାଯାଏ ।

୨ ।। ଖପା ଥିଲା - କାଠର ଗୋଟିଏ ପଟା ଯେଉଁଥିରେ ମାଟି ବାହାର କରାଯାଏ ।

୩ ।। ଲାଉତୁମ୍ୱା - ଲାଉରେ ତିଆରି ତୁମ୍ୱା ଯେଉଁଥିରେ ପାଣି ଆଣି ମାଠିଆରେ ଭରାଯାଏ ।

## ଚୋକଟିଆ ଭୁଂଜିଆ ଜାତିର ଉତ୍ପତ୍ତି ବୃତ୍ତାନ୍ତ

ତରେଇପାର୍ ଯ ଗଟେକ୍ ଡୋକ୍ରା ରେଇଲୋ । ଗଟେକ୍ ଡୋକ୍ରା ରେଇଲୋ ଯ ହୁନେ ପୂଜାପାଷ୍ଠା କିଛୁ ନେହିଁ ଜାନି । ହୁନା ସୁନାଦୀ ଦେଓଆଚେ ବାଲେଁ ମାଲୁମ୍ ନେହିଁ । ସୁନାଦୀ ଦେଓ ଭାବ୍ଲୋ ହାମାର୍ ପୂଜା ପାଷ୍ଠା କାହେଁ ନେହିଁ ହି ସକତ୍ । କିସ୍ କେର୍ଲେ ହାମାର୍ ପୂଜା ପାଷ୍ଠା ନୀତି ନିୟମ୍ ନିଷ୍ଠାର୍ ସହିତ୍ ହେବେ । ସୁନାଦୀ ଦେଓ ଗଟେକ୍ ଭିଆଚାର କେର୍ଲି । ସୁନାଦୀ ଦେଓ ସାୟର୍ ପଟେକ୍ ହେଲୋ । ସାୟର୍ ପଟେକ୍ ହେଉନ୍‌ନାକେଁ ଧନ୍ଦା ଗଡ଼ନା ଗେଲି । ଧନ୍ଦାଗଡ୍‌ନା ଗୋଁଡ୍ ମାନ୍‌ଲା ରେହେଁ । ସାୟର୍ ଗଟେକ୍ ଜାଗାକେ ଗେଲି । ଦିଖ୍‌ଲି ହୁଥାନ୍ ଗଟେକ୍ ଗୋଁଡ୍ ପରିବାର୍ ରେହେଲୋ ଗୋଁଡ୍ ମାନ୍‌ଲା ଚାଷ୍ ବାସ୍ କର୍‌ତେଁ ପରିବାର୍ ପୋଷନ୍ କରେ ରେହେଲୋ । ଗୋଁଡ୍ ମାନ୍‌ଲା ଗଟେକ୍ ଜାଗାନା ଚାଷ୍ କରେ ରହତ୍ । ସାୟର୍ ହୁନ୍ ଯାଗାନା ଗେଲି, ସବ୍ ଚାଷ୍‌ଲା ନୁସ୍‌କାନ୍ କରେ ଦିଲୋ । ଆର୍‌କର୍ ଦିନ୍ ସକାଲେ ଗୋଁଡ୍ ମାନ୍‌ଲା ଦିଖ୍‌ଲୋ ଫସଲ୍ କନ୍ ଗଟେକ୍ ଖଏ ଯାଛେ । ଆର୍ ଦିନ୍ ଫିର୍ ସାୟର୍ ହୁନ୍ ଫସଲ୍ ଖେ ଦିଲୋ । ଗୋଁଡ୍ ମାନ୍‌ଲା ଦିଖ୍‌ଲୋ ଫସଲ୍ ମାନ୍‌ଲା ନୁସ୍‌କାନ୍ ହଏ ଯାତେ । ହୁନ୍ ଗୋଁଡ୍ ମାନ୍‌ଲା ସାତ୍ ଭାଏ ରେହେଲୋ । ସାତ୍‌ଭାଏ ମାନ୍‌ଲା ଗଟେକ୍ ଠାନେ ବସେଁ ବିଚାର୍ କେର୍‌ଲୋ ଯୁନ୍ ହାମାର୍ ଫସଲ୍ ନୁସ୍‌କାନ୍ କରତେଁ ହୁମାନ୍ ଆମାର ଭାଏ ମାନ୍‌ଲା ସବ୍ ମିଳେ ମାରାଦେବେ । ଫସଲ୍ କେତାନ୍ କଷ୍ଟେ କର୍‌ତେଁ, ଆମାର୍ ବେଟା ବେଟୀ ଚ ପୋଷ୍‌ତେଁ । ଫସଲ୍ ନୁସ୍‌କାନ୍ ହେଲେ ଆମାର୍ ଓପାସ୍ ମର୍‌ବେ । ହୁନ୍ ଦିନୁ ସାତ୍ ଭାଏ ମାନ୍‌ଲା ଗଟେକ୍ ମାଚା ବନେ ଜଗେ ରେହେଲୋ । ରାଏତ୍‌ନା ସାୟର୍ ଗଟେକ୍ ଫସଲ୍ ଖେରେହେ । ସବ୍ ଭାଏ ମାନ୍‌ଲା ଧନୁକାଣ୍ ଧରେ ସାୟର୍‌ଲା ପଛେ ପଛେ ନର୍‌ଦାଲୋ । ସବ୍ ଭାଏ ମାନ୍‌ଲା ପ୍ରତିଜ୍ଞା କେର୍‌ଲୋ ଯୁନ୍ ଘଡ଼ି ସାୟର୍‌ଲା ମାର୍‌ବେ ହୁନ୍ ଘଡ଼ି ଘର୍‌ଲା ଫିର୍‌ବେ । ସାୟର, ଦେଓ ସାୟର ରେହେଁ । ସାୟର ପଛେ ପଛେ ସାତ୍ ଭାଏ ନରଦୁ ରେହେଲୋ ହେଲେ ମାରା ନା ପେର୍‌ଲୋ ସାୟର୍ ମାୟା ସାୟର୍ ରେହେ । ସବ୍ ଭାଏ ମାନ୍‌ଲା ବହିଁଣାକେ କେତ୍ରୁନ୍ କେତେ ଦୂର୍ ନେହୁନ୍ ଗୋଲୋ । ମାସ୍ ମାସ୍ ଧରେ ନର୍‌ଦେ ରେହେଲୋ । ଭାଏ ମାନ୍‌ଲା ଧନ୍ଦାଗଡ଼ ଚ ରାସ୍ତା ଭୁଲେଁଗେଲୋ । ସୁନାବେଡ଼ାକେ ସାୟର୍ ସାତ୍ ଭାଏ ମାନ୍‌ଲା ନେହୁନ୍ ଗେଲୋ । ସୁନାବେଡ଼ାଚ ଦକ୍ଷିଣ୍ ଦିଗେ ଶଗଡ଼ା ଘାଟ୍‌ଲା ସାୟର ମରିସ୍ । ହୁନ୍‌ଠାନ୍‌ଲା ସାୟର୍ ଗିର୍‌ଲୋ ।

ସାୟରଲା ଗିରିସ୍ ତୋ ଭାଏ ମାନ୍‌ଲା ଧନୁ କାଣ୍ଲା ଗଟେକ୍ ବର୍‌ରୂଖ୍‌ଲା ଡେରାଦିନ୍ । ହୁନ୍ ଦିନୁ ହୁନ୍ ବର୍ ରୁଖ୍‌ଲା ଧନୁଡେରା ବଲ୍‌ତେଁ । ସବ୍‌ଭାଏ ମାନ୍‌ଲା ଗଟେକ୍ ଯାଗାନା ବସେଁ ସାୟରଲା ଫାଲ୍‌ଫାଲ୍ କରୁନ୍ । ସେଠାନ୍ ଗଟେକ୍ ପଠାର ଭୂଇଁ ଆଚେ ହୁନ୍ ପାଠାର୍ ଭୂଇଁଲା ମାଂସ୍‌କେ ଉତ୍‌ରେଇଲୋ । ସବ୍ ମିଶେ ସାୟର୍‌କେ କେଟା କେଟି କର୍‌ଲୋ । କିସ୍ କର୍‌ଲି ଯାଉଁନା ହାମାର୍ ଧନ୍ଦାଗଡ୍ ଚ ବାଁଟ୍ ବହଁଣଡ୍ ଗେଲୋ । ବଡ଼ ଭାଏ ବଲ୍‌ତେଁ ମାଁସ୍ ମାନ୍‌ଲା ବାଁ ଟାଁ କରେ ଇନ୍ ଶୁଖାତେଁ ଶୁଖାତେଁ ତୋ ମାଁସ୍ ମାନ୍‌ଲା ବୋଝ୍ ନେହିଁ କରୁନ୍, ଆପନା ଆପନା ବାଁଟାଁ ଧରେ ରେଡ୍‌ଭର୍ ଇଠାନ୍ ରଏବା । ରାତେକ୍ ଦୁଇରେତ୍‌ନା ମାଁସ୍ ଶୁଖ୍‌ତେଁ ତୋ ମାଂସ୍ ଧରେଁ ଯେନ୍ ବାଟ୍ ନି ସେ ବାଁଟ୍ ଯେଁତେଁ । ବଡ୍‌କା ଭାଏ ବାଁଟା କେର୍‌ଲୋ । ସାତ୍ ଭାଏକେ ସାତ୍ ବାଟାଁ କେର୍‌ଲି ତୋ ନ ବାଁଟା ହେଲି । ଅଲ୍‌ଗା ଭାଏ ମାନ୍‌ଲା ଗନେ ତୋ ନ ବାଁଟାଁ ହେଲୋ । ସବ୍ ଭାଏ ମାନ୍‌ଲା ବଡ୍‌କା ଭାଏଲା କୁରସ୍ ତୁମି ବାଁଟାଁ କରେନ୍ ନା ଯାନୁ । ବଡ୍ ମଝିଆ ଫିର୍ ସବ୍ ମାଁସ୍‌ଲା ମିଲାକେ ବାଁଟା କେର୍‌ଲୋ । ଗନେ ତୋ ନ ବାଁଟା ହେଲୋ । ସବ୍ ଭାଏ ମାନ୍‌ଲା ଥରେକ୍ ଥରେକ୍ ବାଁଟାଁ କେର୍‌ଲେ ହେଲେ ସବ୍ ଥର୍ ନ ବାଁଟା ହେଲେ । ସବ୍ ଭାଏ ମାନ୍‌ଲା ଗଟେକ୍ ଠାନେ ବସେଁ ବିଚାର କେର୍‌ଲୋ କାହିଁ ଭାଏ ସାତ୍ ବାଁଟାଁ କରେଁ ତୋ ନ ବାଁଟାଁ ହେଲୋ । ଉନେ ଡଙ୍ଗର୍‌ଲା କିନ୍ କିନ୍ ଆଚେ । ଗଟେକ୍ ଭାଏ ହକ୍‌ରାନ୍ ଦିଲୋ । ହୁନେ ଯ ତରେଇ ପାର୍‌ଲା ଯୁନ୍ ଡୋକ୍‌ରା ରେହେଲୋ ହୁନ୍ ଡୋକ୍‌ରା ଶୁନେ ପେଲୋ । ଡୋକ୍‌ରା ହକରାନ୍ ଶୁନେ ଏଲୋ ଆର୍ ଗଟେକ୍ ବାଁଟାଁ ନେଲୋ । ଗଟେକ୍ ଭାଏ ଆର୍ ଏକ୍ ଜନ୍‌ଲା ହୁକ୍‌ରାନ୍ ଦି ତୋ ଗୁଡ଼ା ଗଡ଼ିଆ ଧରୁଆ ବଲ୍‌ତେଁ ଉନେ ଏଲୋ ଆର୍ ଗଟେକ୍ ବାଁଟାଁ ନେଲୋ ।

ତରେଇପାର୍‌ଚ ଡୋକ୍‌ରା ଗଟେକ୍ ବାଁଟାଁ ଗଠିଆଁଲୋ । ସାତ୍ ଭାଏ ମାନ୍‌ଲା ଡୋକ୍‌ରା ବଲ୍‌ତେଁ ତୁମି ସାଦ୍ ଭାଏ ମାନ୍‌ଲା ହାମାର୍ ଡାକେ ଗଟେକ୍ ବାଁଟାଁ ଦିଲୁନ୍, କାହିଁଲା ଏ ହସ୍ ହୁନେ ତୁମାର୍ କୋନ୍ ନେଇଙ୍ଗେ ତୁମି କିସ୍ ଖେଁ ରେହେତେଁ । ଯଉଁନ୍ ଆମି ଗଂଜ୍ ଗୁଂଜା, ଚଉଳ ଚୁଜା ଦେଇସ୍ ମାଁସ୍ ରାନ୍ଧ୍‌ତେସ୍ ଆର୍ ଖାତେସ୍ । ସବ୍ ଭାଏ ମାନ୍‌ଲା ବିଚାରଲେ ସତ୍ କଥା ଇଠାନ୍ ଆମାର୍ କୋନ୍ ନେହିଁ,କିଛୁ ଯାକ୍ ନେହିଁ କିସ୍ କରେ ରହେବେ । ଡୋକ୍‌ରା ସନେ ସାଦ୍ ଭାଏ ମାନ୍‌ଲା ଗେଲି ତରେଇପାର୍‌କେ । ସେଠାନ୍ ଡୋକ୍‌ରା ଭାଏ ମାନ୍‌ଲା ଗଂଜ୍ ଗୁଜା, ଚଉଳ ଚୁଜା ଦିଲୋ । ସାଦ୍ ଭାଏ ମାନ୍‌ଲା ଆପ୍‌ନା ଆପ୍‌ନା ବାଁଟାଁ ଚ ଆନେ ଆର୍ ରାନ୍ଧେ ବାତେ ରେତ୍‌ନା ସେଠାନ୍ ରହେଲୋ । ଅଲ୍‌ଗଲା ମାଁସ୍ ମାନ୍‌ଲା ଡୋ଼ର୍ ଟନ୍‌କେ ଶୁଖେଁଦେଁ । ତରେଇପାର୍ ଚ

ଡୋକ୍ରାକେ ସାତ୍ ବେଟୀ ଆର୍ ଗଟେକ୍ ବେଟା ରେହେଲୋ । ସାତ୍ ଭାଏ କେ ବଡ୍କା ଭାଏ ଗଂଇ, ଚଉଲ୍ ଡୋକ୍ରା ଘର୍ଲା ଆନେ ଯେଁ ତୋ ଡୋକ୍ରାଚ ସାତ୍ଟା ବେଟୀ ମାନ୍ଲା ଦିଖେ ରେହେଲୋ । ସକାଇ ନା ଭାଏ ମାନ୍ଲା ଗଂଇ ଗୁଡ଼ା ଧୋଏ ଡୋକ୍ରା ଘର୍ଲା ନେହୁନ୍ ଦିଲୋ । ବଡ଼କା ଭାଏ ଡୋକ୍ରାଲା ପଚ୍ରାଲୋ ତୁମାର୍ ଘରେ ଯୁନ୍ ବେଟୀ ମାନ୍ଲା ଆଚେତ୍ ହୁନ୍ ତୁମାର୍ ବେଟୀମାନୁ ନା ବହ୍ମାନୁ ଡୋକ୍ରା ବଇ୍ଲା ହୁନ୍ ମାନ୍ଲା ହାମାର୍ ବେଟୀସ୍ ମାନ୍ଲୁ । ବଡ଼କା ଭାଏ ଡୋକ୍ରା ସନେ ଜୁହାର୍ ଭେଟ୍ ହେଲୋ ଆର୍ ଭାଏ ମାନ ଠାନ୍ଲା ଏଲୋ । ସବ୍ ଭାଏ ମାନ୍ଲା ଆପ୍ନା ଆପ୍ନା ମାଁସ୍ ବାଁଟାଁ ମାନ୍ଲା ଧରେଁ ଧନ୍ଦାଗଡ଼ ଯିବାଲା ନିକ୍ଲେଁ । ସବ୍ ଭାଏ ମାନ୍ଲା ଯୁନ୍ ଘଡ଼ି ଜାମ୍ଲା ଠାନ୍ ପହେଁଚେଁ ତୋ ସାନ୍ ଭାଏଲା ଦେଓ ଖେଲିସ୍ । ଅଲ୍ଗା ଭାଏ ମାନ୍ଲା ଦେଓଲା ପଚ୍ରିସ୍ । ଦେଓ କୁଇସ୍ ଆମି ସୁନାଦୀ ଦେଓ ଆଚେ । ଆମି ଭିଆଚାର୍ କରେଁ ସାମ୍ରେ ପଟେକ୍ ହେଲି ତୁମାର୍ ଧନ୍ଦା ଗଡ୍ଲା ଗେଲି ଆର୍ ତୁମାର୍ ବହେଁଣାତେ ଇଠାନ୍ ଆନେଲେ ଆଚେ । ତୁମାର୍ ସାତ୍ ଭାଏ ଆମିର୍ ମାଁସ୍ ଖେଁଡ୍ ଆଚ । ତୁମାର୍ ସାତ୍ ଭାଏ ଇଠାନ୍ ରହେବେ । ତରେଇପାର୍ନା ଯୁନ୍ ଡୋକ୍ରା ଆଚେ ହୁନ୍ ଡୋକ୍ରାଚ ସାତ୍ଟା ବେଟୀ ଆଚେ । ହୁନ୍ ସାତ୍ଟା ବେଟୀ ମାନ୍ଲା ତୁମାର୍ ବିହା କର୍ବେ ଆର୍ ଇଠାନ୍ ସବ୍ ଦିନ୍ ରହେବେ ।

ସାତ୍ ଭାଏ ମାନ୍ଲା ତରେଇ ପାର୍ ଯ ଡୋକ୍ରା ଘର୍ ଗେଲୋ । ଡୋକ୍ରାଲା ସବ୍ କଥା କୁଇସ୍ । ଡୋକ୍ରା ଖୁସେ ହେ ଯିନ୍ । ଡୋକ୍ରା ସାତ ଭାଏ ମାନ୍ଲା ଘରେ ରଖିସ୍ ଆର୍ ଦିନ୍ ଘଡ଼ି ଦିଖେ ସାତ୍ ଭାଏଲା ସାତ୍ଟା ବେଟୀ ମନ୍ଲା ବିହା କରେ ଦିଲୋଁ । ସାତ୍ ଭାଏ ମାନ୍ଲା ବିହା ହେଲୋ । ତରେଇ ପାରଲା ଏଇସ୍ ଆର୍ ସୁନାବେଡ଼ାଲା ଗଟେକ୍ ଗାଁ କରେଁ ସାତ୍ ଭାଏଚ ପରିବାର୍ ମାନ୍ଲା ରହେଲୋ ।

ସାତ୍ ଭାଏ ମାନ୍ଲା ସୁନାଦୀ ଦେଓ ଚ ପୂଜାପାଷ୍ଠା କେର୍ଲୋ । ସାତ୍ ଭାଏଚ ପୂଜା ପାଷ୍ଠା ଦିଖେ ଦିନୁକ୍ ସୁନାଦୀ ଦେଓ ସାନ୍ ଭାଏଲା ଖେଲ୍ଲୋ ଆର୍ କୁଇସ୍ ତୁମି ହାମାର୍ ପୂଜା ଷାଷ୍ଠା ନା ଯାନି । ତୁମି ମାନ୍ଲା ତୁମାର୍ ଘର୍ ସାମ୍ନେ ଗଟେକ୍ ଗଟେକ୍ ଲାଲ୍ ବଙ୍ଗଲା ବନାବେ । ଲାଲ୍ ବଙ୍ଗଲା ଲା କୋନ୍ଲା ନେହିଁ ଛୁଆଁବେ । ଲାଲ୍ ବଙ୍ଗଲା ନା ରାନ୍ଧା ବାଡ଼ା କର୍ବେ, ଲାଲ୍ ବଙ୍ଗଲାଲା ଲିଟା ନେହିଁ କର୍ବେ । ତୁମି ସାତ୍ଭାଏ ମାନ୍ଲା ଆମି ଭାଗ ବାଟାଁ କରେଁ ଦେବେ । ସୁନାଦୀ ଦେଓ ସାତ୍ ଭାଏଲା ଅଲଗ୍ ଅଲଗ୍ କରେ ଦିଲୋ ।

- ତରେଇ ପାର୍ ଚ ଡୋକ୍ରା ଚ ବେଟା ହେଲୋ ଛତ୍ରିଆ ତୁମି ଆମାର ଛତର୍ ଧର୍ବେ ।
- ବଡ଼ ମାଝୀ ହେଲୋ "କଟ୍ରିଆ", ଆମିର୍ ପୂଜା ସମେ କର୍ରୀ ଧରେ ବୋକା ପୂଜେ ।
- ଦୁଇ ନମ୍ବର ଭାଏ ହେଲୋ "ଝାଁକର୍" କୋକାସ୍ ତୁମା ପୂଜା କର୍ବୋ ହୁମ୍ ଜପ୍ କର୍ବୋ ।
- ତିନ୍ ନମ୍ବର୍ ଭାଏ "ପୂଜାରୀ", ଦେଓ ପୂଜା କରେଁ, ହୁନେ ଦେଓ ଖେଁଲେ ।
- ଚାର୍ ନମ୍ବର ଭାଏ ହେଲୋ "ଭୋଏ", ଚଉଲ୍ଲା ଗୁଣ୍ କରେ ପିଠୋଉ ବାଁଟ୍ବୋ ।
- ପାଞ୍ଚ ନମ୍ବର୍ ଭାଏ ହେଲୋ "ବାରିକ୍", ଝୋପି ବୋହୁ ନାହେଁ ଦେଓ ଚ ଝୋପି ବୋହେ ଦେଓ ସନେ ସନେ ଯାବେ ।
- ଛ ନମ୍ବର ଭାଏ ହେଲୋ "ଧରୁଆ", ଦେଓ ଚ ପାଲ୍ ଧରେଁ ଦେଓ ସନେ ଯାବେ ।
- ସାତ୍ ନମ୍ବର ଭାଏ ହେଲୋ "ଚାନ୍ଦୁଆ" ଦେଓ ଚ ଚାନ୍ଦୁଆ ଧର୍ବୋ ।

ହୁନ୍ ଦିନୁ ସାତ୍ ଭାଏ ମାନ୍ଲା ଗଟେକ୍ ଯାଗାନା ସୁନାବେଡ଼ା ନା ରହେଲୋ ଯେଁତେଁ ଯେଁତେଁ ପରିବାର୍ ବଢ଼୍ତେଁ ସବ୍ ଭାଏ ମାନ୍ଲା ଅଲଗ୍ ଅଲଗ୍ ରେହେଲୋ । ସବ୍ ଭାଏ ମାନ୍ଲା ସୁନାଦୀ ଦେଓଚ କାଥା ମାନ୍ଲା ମାନେ ଚୋକ୍ ହେଁତେଁ ରେହେଁ । ହୁନ୍ ଦିନୁ ସୁନାବେଡ଼ା ଚ ଭୁଂଜିଆ ମାନ୍ଲା ଚୋକଟିଆ ଭୁଂଜିଆ ବଲ୍ତେଁ । ହୁନ୍ ଦିନୁ ଚୋକଟିଆ ଭୁଂଜିଆ ମାନ୍ଲା ଗୋଁଡ଼୍ ଜାତି ଚ ଉପ୍ତି ବଲ୍ତେଁ । ହୁନ୍ ଦିନୁ ସବ୍ ଭୁଂଜିଆ ମାନ୍ଲା ବିଶ୍ୱାସ୍ କର୍ତେଁ ଯେ ସବ୍ ଭୁଂଜିଆ ଗୋଁଡ଼୍ ଜାତି ଚ ଜନମ୍ ହେଲୋ । ହୁଥାନ୍ କାଯେ ଗୋଁଡ଼୍ ମାନ୍ଲା ସବ୍ ଭୁଂଜିଆ ହାମାର୍ ପୂର୍ବ ପୁରୁଷ୍ ଜାତ୍ ବଲେଁ ମାନ୍ତେ ।

## ଓଡ଼ିଆ ଅନୁବାଦ

ତରେଇ ପାର୍ [୧] ରେ ଜଣେ ବୁଢ଼ା ରହୁଥିଲେ । ସେ ପୂଜା ପାଠ କିଛି ଜାଣି ନଥିଲେ । ସେଠାରେ ସୁନାଦୀ ଦେବୀ ଅଛନ୍ତି ବୋଲି ତାଙ୍କୁ ଜଣା ନଥିଲା । ସୁନାଦୀ ଦେବୀ ଭାବିଲେ ତାଙ୍କର ପୂଜାପାଠ କାହିଁକି ହେଇପାରୁ.ନାହିଁ ? କଣ କଲେ ତାଙ୍କର ପୂଜାପାଠ ନୀତି ନିୟମ ନିଷ୍ଠାର ସହିତ ହେବ ? ସୁନାଦୀ ଦେବୀ ଗୋଟିଏ ମାୟା

୧ ।। ତରେଇ ପାର - ସୁନାବେଡ଼ାର ଦକ୍ଷିଣ ଦିଗରେ ଅବସ୍ଥିତ । ସେଠାରେ ପହରିଆମାନେ ରହନ୍ତି ।

କଲେ । ସୁନାଦୀ ଦେବୀ ଗୋଟିଏ ସମ୍ବର ରୂପ ଧାରଣ କରି ଧନ୍ଦାଗଡ଼୍‌କୁ ଗଲେ । ଧନ୍ଦାଗଡ଼୍‌ରେ ଗୌଡ଼୍‌ମାନେ ରହୁଥିଲେ । ସମ୍ବର ଗୋଟିଏ ସ୍ଥାନକୁ ଗଲା ଏବଂ ଦେଖିଲା ସେଠାରେ ଗୌଁଡ଼୍‌ମାନେ ରହୁଛନ୍ତି । ସେମାନେ ଚାଷ କରି ଫସଲ ଅମଳ କରି ପରିବାର ପୋଷଣ କରୁଥିଲେ । ଗୋଟିଏ ସ୍ଥାନରେ କେତେ ଜଣ ମିଶି ଚାଷ କରିଥିଲେ । ସମ୍ବର ସେଠାକୁ ଯାଇ ସବୁଫସଲକୁ ନଷ୍ଟ କରିଦେଲା । ପରଦିନ ସକାଳେ ଗୌଁଡ଼୍‌ମାନେ ଦେଖିଲେ ତାଙ୍କର ଫସଲକୁ କିଏ ଜଣେ ଖାଇ ଯାଉଛି । ତା ପରଦିନ ସମ୍ବର ପୁଣି ଫସଲ ଖାଇଦେଲା । ତା ପରଦିନ ଗୌଁଡ଼୍‌ମାନେ ଦେଖିଲେ ପୁଣି କିଏ ତାଙ୍କର ଫସଲ ଖାଇଯାଇଛି । ସେହି ଗୌଁଡ଼୍‌ମାନେ ସାତ ଭାଇଥିଲେ । ସାତ ଭାଇମାନେ ଗୋଟିଏ ସ୍ଥାନରେ ବସି ବିଚାର କଲେ ଯିଏ ତାଙ୍କର ଫସଲକୁ ଖାଇ ଦେଇ ନଷ୍ଟ କରି ଦେଇଛି ତାକୁ ସମସ୍ତେ ମିଶି ମାରିଦେବେ । ଫସଲ କେତେ କଷ୍ଟରେ କରୁଛନ୍ତି ତାଙ୍କର ପୁଅ ଝିଅମାନଙ୍କୁ ପୋଷିବା ପାଇଁ । ଫସଲ ନଷ୍ଟ ହୋଇଗଲେ ସମସ୍ତେ ଉପବାସ ରହିବେ । ସେହି ଦିନୁ ସାତ ଭାଇମାନେ ମିଶି ଗୋଟିଏ ମଚା (ଚାଷ ଜଗିବା ଘର) ତିଆରି କରି ସେଠାରେ ଜଗି ରହିଲେ । ରାତିରେ ସମ୍ବର ଗୋଟିଏ ଆସି ଫସଲ ଖାଉଥିଲା । ସାତ ଜଣ ଭାଇ ଧନୁ ଶର ଧରି ସେହି ସମ୍ବରକୁ ଦୌଡ଼ାଇଲେ । ସବୁଭାଇମାନେ ପ୍ରତିଜ୍ଞା କରିଥିଲେ ଯେତେବେଳେ ସମ୍ବରକୁ ମାରିବେ ସେମାନେ ସେତେବେଳେ ଘରକୁ ଫେରିବେ । ସମ୍ବର ଦେବୀଙ୍କ ମାୟା ସମ୍ବର ଅଟେ । ସମ୍ବର ପଛେ ପଛେ ସାତ ଭାଇ ତାକୁ ମାରିବା ପାଇଁ ଦୌଡ଼ାଇଲେ । ଯେତେ ମାରିଲେ ମଧ୍ୟ ସେମାନେ ସମ୍ବରକୁ ମାରି ପାରିଲେ ନାହିଁ । ଧନୁରେ ଯେତେ ଶର ଲକ୍ଷ୍ୟ କରି ମାରିଲେ ମଧ୍ୟ ସମ୍ବରକୁ ବାଜୁ ନଥିଲା । ସମ୍ବର, ମାୟା ସମ୍ବର ଥିଲା । ସମ୍ବର ସବୁ ଭାଇମାନଙ୍କୁ ବାଟ ଭୁଲେଇ ବହୁତ ଦୂରକୁ ନେଇଗଲା । ସାତଜଣ ଭାଇ ମାସ ମାସ ଧରି ସମ୍ବର ପଛରେ ଦୌଡ଼ିଲେ । ସେମାନେ ଧନ୍ଦାଗଡ଼ର ରାସ୍ତା ଭୁଲିଗଲେ । ଏପରି ଭୁଲେଇ ଭୁଲେଇ ସମ୍ବର ସାତ ଭାଇମାନଙ୍କୁ ସୁନାବେଡ଼ାକୁ ନେଇଗଲା । ସୁନାବେଡ଼ାର ଦକ୍ଷିଣ ଦିଗରେ ଥିବା ଶଗଡ଼ା ଘାଟରେ ସମ୍ବର ମରିଲା । ସେଠାରେ ସମ୍ବର୍ ମରି ପଡ଼ିଲା ।

ସମ୍ବର ସେଠାରେ ମରି ପଡ଼ିବା ପରେ ସାତ ଜଣ ଭାଇ ସେମାନଙ୍କ ଧନୁ ଏବଂ ଶରକୁ ଗୋଟିଏ ଅଶ୍ୱତଥ୍ ବୃକ୍ଷରେ ରଖିଲେ । ସେହି ବୃକ୍ଷକୁ ଧନୁଡେରା ଗଛ କହନ୍ତି । ସବୁ ଭାଇମାନେ ମିଶି ସମ୍ବରକୁ କାଟିଲେ ଏବଂ ସେଠାରେ ଥିବା ପଥରର ସମତଳ ଅଞ୍ଚଳରେ ସେହି ମାଂସକୁ ରଖିଲେ । ସବୁ ମାଂସକୁ ଖଣ୍ଡ ଖଣ୍ଡ କଲେ । ବଡ଼ ଭାଇ କହିଲେ ସବୁ ମାଂସକୁ ଭାଗକରି ଏଠାରେ ଶୁଖେଇବା । ମାଂସ

ଶୁଖିଗଲେ ଓଜନ ଲାଗିବ ନାହିଁ । ନିଜ ନିଜ ଭାଗମାନ ଧରି ରାତିରେ ଏଠାରେ ରହିବା । ଗୋଟିଏ ରାତି ବା ଦୁଇ ରାତି ଏଠାରେ ରହିବା ପରେ, ମାଂସ ଶୁଖିଗଲା ପରେ ଧନ୍ଦାଗଡ଼ ଯିବା । ବଡ଼ ଭାଇ ମାଂସକୁ ଭାଗ କଲେ । ସାତ ଭାଇଙ୍କ ପାଇଁ ସାତ ଭାଗ କଲେ । ହେଲେ ତାହା ସାତ ଭାଗ ନହୋଇ ନଅ ଭାଗ ହେଲା । ଅନ୍ୟମାନେ ମାଂସ ଭାଗକୁ ଗଣିଲେ ନଅ ଭାଗ ହେଲା । ସବୁ ଭାଇମାନେ ଥରେ ଥରେ ଭାଗ କଲେ । ସେମାନେ ସାତ ଭାଇଙ୍କ ପାଇଁ ସାତ ଭାଗ କଲେ ହେଲେ ମାଂସ ନଅ ଭାଗ ହେଲା । ସମସ୍ତେ ଭାଇମାନେ ବସି ବିଚାର କଲେ ନିଶ୍ଚୟ ଏଠାରେ ଆଉ ଦୁଇ ଜଣ ଥିବେ ନ ହେଲେ ନଅ ଭାଗ ହୁଅନ୍ତା କିପରି ? ଜଣେ ଭାଇ ଏଠାରେ କିଏ ଅଛ ବୋଲି ଡାକ ଦେଲେ । ତରେଇ ପାରରେ ଯେଉଁ ବୁଢ଼ାଥିଲେ ସେ ଡାକ ଶୁଣି ପାରି ସେଠାକୁ ଆସି ଗୋଟିଏ ଭାଗ ମାଂସ ନେଲେ । ଆଉ ଥରେ ଡାକ ଦେବାରୁ ଗୁଡ଼ାଗଡ଼ିଆ ଧରୁଆ [୧] ଡାକ ଶୁଣି ପାରି ସେଠାକୁ ଆସି ସେ ଗୋଟିଏ ଭାଗ ନେଲେ ।

ତରେଇ ପାର୍‌ର ବୁଢ଼ା ଗୋଟିଏ ଭାଗ ମାଂସ ନେଲେ ଏବଂ ସାତ ଭାଇମାନଙ୍କୁ କହିଲେ, ତୁମେ ସାତ ଭାଇ ମୋତେ ଡାକି ଗୋଟିଏ ଭାଗ ମାଂସ ଦେଲ, ତୁମେମାନେ ଅନ୍ୟ କେଉଁ ଦେଶରୁ ଆସିଛ, ଏଠାରେ ତୁମର କେହି ନାହାନ୍ତି, ତୁମେ କଣ ଖାଇ ରହିବ ? ତୁମେମାନେ ମୋ ସହିତ ମୋ ଘରକୁ ଚାଲ । ତୁମମାନଙ୍କୁ ମୁଁ ରୋଷେଇ ପାଇଁ ଡେକ୍‌ଚି ଏବଂ ଚାଉଳ ଦେବି । ତୁମେମାନେ ରୋଷେଇ କରି ଖାଇବ । ସବୁ ଭାଇମାନେ ବିଚାର କଲେ, ସତକୁ ସତ ସେଠାରେ ସେମାନଙ୍କର କେହି ଜଣାଶୁଣା ଲୋକ ନାହାନ୍ତି । କେମିତି ସେମାନେ ସେଠାରେ ରହିବେ ? ବୁଢ଼ା ସହିତ ସାତ ଭାଇ ତରେଇ ପାର ଗଲେ । ବୁଢ଼ା ସେମାନଙ୍କୁ ଡେକ୍‌ଚି ଏବଂ ଚାଉଳ ଦେଲେ । ସାତ ଭାଇମାନେ ନିଜ ନିଜ ଭାଗର ମାଂସ କିଛି କିଛି ରୋଷେଇ କଲେ ଏବଂ ଖାଇ ରାତିରେ ସେଠାରେ ରହିଲେ । ବଳି ଯାଇଥିବା ମାଂସକୁ ଦୌଡ଼ିରେ ଗୁନ୍ଥି ଶୁଖାଇଲେ । ତରେଇପାର୍‌ର ବୁଢ଼ାଙ୍କ ସାତଟି ଝିଅ ଏବଂ ଗୋଟିଏ ପୁଅ ଥିଲେ । ସାତ ଭାଇଙ୍କ ମଧ୍ୟରେ ବଡ଼ଭାଇ ଡେକ୍‌ଚି ଏବଂ ଚାଉଳ ଆଣିବା ପାଇଁ ବୁଢ଼ା ଘରକୁ ଯିବା ବେଳେ ବୁଢ଼ାର ସାତଟି ଝିଅଙ୍କୁ ଦେଖିଥିଲେ । ସକାଳୁ ଭାଇମାନେ ଡେକ୍‌ଚି ସଫା କରି ବୁଢ଼ା ଘରକୁ ଦେବାପାଇଁ ଗଲେ । ବଡ଼ଭାଇ ବୁଢ଼ାକୁ ପଚାରିଲେ ଯେ ତାଙ୍କ ଘରେ ଯେଉଁ ସାତଜଣ ଝିଅ ଅଛନ୍ତି ସେମାନେ ତାଙ୍କର ଝିଅ ନା ବୋହୂ ଅଟନ୍ତି ? ବୁଢ଼ା କହିଲେ ସେମାନେ ମୋର ଝିଅ ଅଟନ୍ତି ।

୧ ।। ଗୁଡ଼ାଗଡ଼ିଆ ଧରୁଆ - ଗାଡି ବେଢ଼ାର ଧରୁଆମାନେ (ଗୋଁଡ୍ ଜାତିର)

ବଡ଼ ଭାଇ ବୁଢ଼ାଙ୍କ ଠାରୁ ବିଦାୟ ମାଗି ନିଜର ଭାଇମାନଙ୍କ ପାଖକୁ ଆସିଲେ । ସବୁ ଭାଇମାନେ ନିଜ ନିଜ ଭାଗର ମାଂସକୁ ଧରି ଧନ୍ଦାଗଡ଼ ଯିବାକୁ ବାହାରିଲେ । ଭାଇମାନେ ତରେଇପାର୍‌ରୁ ଆସି ଯେତେବେଳେ ଜାମ୍‌ଲା ନାଳା ପାଖରେ ପହଞ୍ଚିଲେ ସେଠାରେ ସାନଭାଇକୁ ସୁନାଦୀ ଦେବୀଙ୍କ ଶିରା ପ୍ରବେଶ କଲେ । (ଜାମ୍‌ଲାଠାରେ ସୁନାଦୀ ଦେବୀଙ୍କ ଲିଙ୍ଗ ବାହାରିଛି) ଅନ୍ୟ ଭାଇମାନେ ଜାଣିଲେ ଯେ ତାଙ୍କର ସାନଭାଇଙ୍କ ଦେହରେ ଜଣେ ଦେବୀଙ୍କ ଶିରା ପ୍ରବେଶ କରିଛି । ସେମାନେ ଦେବୀଙ୍କୁ ପଚାରିଲେ । ଦେବୀ କହିଲେ "ମୁଁ ସୁନାଦୀ ଦେବୀ ଅଟେ । ମୁଁ ଗୋଟିଏ ମାୟା ସମ୍ବର ହୋଇ ତୁମର ଧନ୍ଦା ଗଡ଼କୁ ଗଲି ଏବଂ ତୁମମାନଙ୍କୁ ବାଟ ଭୁଲେଇ ଭୁଲେଇ ଏହି ସ୍ଥାନକୁ ନେଇ ଆସିଲି । ତୁମେମାନେ ମୋର ମାଂସ ଖାଇଛ । ତୁମେମାନେ ଏଠାରେ ସବୁଦିନ ପାଇଁ ରହିବ । ତରେଇପାର୍‌ରେ ଯେଉଁ ବୁଢ଼ା ଅଛି ତା'ର ସାତଟି ଝିଅ ଅଛି । ସେହି ସାତ ଜଣ ଝିଅକୁ ତୁମେମାନେ ବାହା ହୋଇ ସବୁଦିନ ପାଇଁ ଏଠାରେ ରହିବ ।

ସାତଭାଇ ମିଶି ତରେଇପାର୍‌ର ବୁଢ଼ା ଘରକୁ ଗଲେ । ବୁଢ଼ାଙ୍କୁ ସବୁକଥା କହିଲେ । ବୁଢ଼ା ସବୁ କଥା ଶୁଣି ଖୁସି ହୋଇଗଲେ । ସାତଜଣଙ୍କୁ ନିଜ ଘରେ ରଖିଲେ ଏବଂ ସମୟ ସୁବିଧା ଦେଖି ସାତଜଣଙ୍କ ସହିତ ସାତ ଜଣ ଝିଅଙ୍କୁ ବାହା କରିଦେଲେ । ସାତ ଭାଇମାନେ ତରେଇପାର୍‌ରୁ ସୁନାବେଡ଼ାକୁ ଆସିଲେ ଏବଂ ସେଠାରେ ସବୁଦିନ ପାଇଁ ରହିଲେ ।

ସାତ ଭାଇମାନେ ମିଶି ସେଠାରେ ରହିଲେ ଏବଂ ସୁନାଦୀ ଦେବୀଙ୍କୁ ପୂଜା କଲେ । ସାତ ଭାଇଙ୍କର ପୂଜା ଦେଖି ଦିନେ ସୁନାଦୀ ଦେବୀଙ୍କ ଶିରା ସାନଭାଇ ଦେହରେ ପ୍ରବେଶ କଲା । ସମସ୍ତ ଭାଇମାନଙ୍କୁ କହିଲେ - ତୁମେ ମୋର ପୂଜା ପାଠ କିଛି ଜାଣିନ । ତୁମେମାନେ ତୁମ ଘର ଆଗରେ ଗୋଟିଏ ଲାଲ୍ ବଙ୍ଗଲା (ରୋଷେଇ ଘର) ତିଆରି କରିବ । ଲାଲ୍ ବଙ୍ଗଲାକୁ ଅନ୍ୟ ଜାତିର ଲୋକଙ୍କୁ ଛୁଆଁଇବ ନାହିଁ । ଲାଲ୍ ବଙ୍ଗଳାରେ ରୋଷେଇ କରିବ ହେଲେ ତା' ଭିତରେ ଖାଇବ ନାହିଁ । ସମସ୍ତ ସ୍ତ୍ରୀ (ବିବାହିତ ମହିଳା ଏବଂ ଅବିବାହିତ ଝିଅ) ମାନେ କେହି ସାୟା ଏବଂ ବ୍ଲାଉଜ୍ ବ୍ୟବହାର କରିବେ ନାହିଁ । ବିବାହିତ ସ୍ତ୍ରୀଲୋକମାନେ ଧଳା ଶାଢ଼ି ପିନ୍ଧିବେ । ସ୍ତ୍ରୀଲୋକମାନେ ଉଷୁନା ଚାଉଳ ଭାତ ଖାଇବେ ନାହିଁ । ତୁମେ ସମସ୍ତେ କେହି ଖଟ ବ୍ୟବହାର କରିବ ନାହିଁ । ସମସ୍ତେ ଭୂଇଁରେ ଶୋଇବ । ତୁମେ ସାତ ଭାଇମାନଙ୍କୁ ମୁଁ କିଏ କେଉଁ କାମ କରିବ ତାହା କହି ଦେଉଛି ।

ତରେଇପାର୍‌ର ବୁଢ଼ାର ପୁଅ ମୋର ଛତର୍ ଧରିବ । ସେ ହେଲା "ଛତ୍ରିଆ" ।

ବଡ଼ ମାଝୀ (ବଡ଼ଭାଇ) କରରୀ (ଖଣ୍ଡା) ଧରି ବଳି ଦେବ । ସେହେଲା "କଟ୍‌ରିଆ" ।

ଦୁଇ ନମ୍ବର ଭାଇ କୋକାସ୍‌ତୁମା (ପୂର୍ବ ପୁରୁଷ)ଙ୍କୁ ପୂଜା କରିବ । ସେ ହେଲା "ଝାଁକର" ।

ତିନି ନମ୍ବର ଭାଇ ଦେବାଦେବୀ ପୂଜା କରିବ ତାଙ୍କୁ ଦେବତା ଖେଳିବ । ସେ ହେଲା "ପୂଜାରୀ" ।

ଚାରି ନମ୍ବର ଭାଇ ଚାଉଳକୁ ଗୁଣ୍ଡ କରି ପିଠୋଉ ତିଆରି କରିବ । ସେ ହେଲା "ଭୋଏ" ।

ପାଞ୍ଚ ନମ୍ବର ଭାଇ ଦେବୀଙ୍କ ଝାଁପି (ବାଉଁଶର ଟୋକେଇ ଯେଉଁଥିରେ ଦେବୀଙ୍କ ବସ୍ତ୍ର, ମକୁଟ ରଖନ୍ତି) ବୋହିବ ଏବଂ ଦେବୀ ସଙ୍ଗେ ସଙ୍ଗେ ଯିବ । ସେ ହେଲା "ବାରିକ" ।

ଛ ନମ୍ବର ଭାଇ ଦେବୀଙ୍କ ପାଲ ଧରି ଦେବୀ ସାଙ୍ଗେ ଯିବ । ସେ ହେଲା "ଧରୁଆ" ।

ସାତ ନମ୍ବର ଭାଇ ଦେବୀଙ୍କ ଚାନ୍ଦୁଆ ଧରିବ । ସେ ହେଲା "ଚାନ୍ଦୁଆ" ।

ସେହିଦିନୁ ସାତ ଭାଇ ସୁନାବେଡ଼ାରେ ରହିଲେ । ଦେବୀ ଯାହାକୁ ଯେଉଁ କାମ କରିବା ପାଇଁ କହିଲେ ସେମାନେ ସେହି କାମ କଲେ । ଧୀରେ ଧୀରେ ପରିବାର ବଢ଼ିବା ସଙ୍ଗେ ଏମାନେ ଅନ୍ୟତ୍ର ଘରଦ୍ୱାର କରି ରହିଲେ । ସବୁଭାଇମାନେ ଦେବୀଙ୍କର କଥା ମାନି ସେହି ଅନୁସାରେ ସମସ୍ତେ "ଚୋକ୍" ହେଇ ରହିଲେ । ତେଣୁ ସେମାନଙ୍କୁ ଚୋକଟିଆ ଭୁଂଜିଆ କହନ୍ତି । ସେମନେ ସମସ୍ତେ ବିଶ୍ୱାସ କରନ୍ତି ସେମାନେ ସବୁ ଭୁଂଜିଆ ଜାତି ଗୋଁଡ଼୍ ଜାତିରୁ ଜନ୍ମ । ତେଣୁ ଗୋଁଡ଼୍‌ମାନଙ୍କୁ ସମସ୍ତ ଭୁଂଜିଆମାନେ ନିଜର ପୂର୍ବ ପୁରୁଷ ଜାତି ବୋଲି କହନ୍ତି । ଏହି ସାତ ଭାଇଙ୍କ ବଂଶଧର ମାନେ ବର୍ତ୍ତମାନ ସୁନାବେଡ଼ା, କୋକେଡ଼୍, ଯୋସେଙ୍ଗ୍, ଗଡ଼ଭଟା, ଖାଲେପଡ଼ା, କୁଟ୍‌ରାବେଡ଼ା – ଏହିସବୁ ଗ୍ରାମମାନଙ୍କରେ ଅଛନ୍ତି ।

## ମନ୍‌ଧର୍ ମାଝୀ କଥା

ସାତ୍ ଭାଏ ଚ ସନ୍ତାନ୍ ମାନ୍‌ଲା ସୁନାବେଡ଼ା ଅଞ୍ଚଲ୍ ନା ରେହେଲୋ ଆର୍ ସୁନାଦୀ ଦେଓଲା ନିଷ୍ଠାର୍ ସହିତ୍ ପୂଜା ପାଷ୍ଠା କରେ ରେହେଲୋ । ସୁନାଦୀ ଦେଓ ବୁଢ଼ାରାଜା ଚ ଅପ୍‌ମାନେ ମେଟ୍ ତଳେ ତପସ୍ୟା କରେ ରେହେଲୋ । ତପସ୍ୟାନା ଉଠେ ସୁନାଦୀ ଦେଓ ସୁନାବେଡ଼ା ନା ସୁନା ଫଲାଲୋ । ଯୁନ୍ ଦିନୁ ସୁନାଦୀ ଦେଓ

ସୁନାପଲେ ହୁନ୍ ଦିନେ ବୁଢ଼ାରାଜା ଦେଓ କୁଇସ୍ ସହିଲୋ ମାଁଚ୍ ଚ ବହନିସ୍ ଆମାର କାଥା ମାନ୍‌ଲି ସୁନା ବେଢ଼ାନା ସୁନା ଫଲାଲି । ହୁନ୍ ଦିନୁ ବୁଢ଼ାରାଜା ଦେଓ ପାଶ୍‌ଲା ସୁନାଦୀ ଦେଓ ଆପ୍‌ନାର୍ ସକଲ୍ ଦିଖାଲୋ । ହୁନେ ପାପ୍ ନାଶ୍ ଗୋଲୋ ।

ହୁନ୍ ସମେ ବଲାଙ୍ଗିର୍ ଚ ପାଟ୍‌ନା ଚ ରାଜ୍ ସବ୍ ଅଞ୍ଚଲ୍ ମାନ୍‌ଲା ରାଜୁତ୍ କରେ ରେହେଲୋ । ଯୁନ୍ ଘଡ଼ି ପାଟ୍‌ନା ଚ ରାଜା ଜେନ୍‌ଲି ସୁନାବେଢ଼ା ଅଞ୍ଚଲେ ସୁନା ଫଳାଛେ ହୁନ୍ ଘଡ଼ି ପାଟ୍‌ନା ରାଜା ସୁନାବେଢ଼ା ଅଞ୍ଚଲ୍‌ଲା ଏଲୋ । ସବ୍ ଲୋକ୍ ମାନ୍‌ଲା ଠୁଲେଲୋ ଆଗ୍ ସବ୍‌ଲା କୁଇସ୍ ତୁମି ମାନ୍‌ଲା ଆମାର୍ କର୍ ଦେବେ । ପାଟ୍‌ନା ରାଜା ମନ୍‌ଧର ମାଝୀ (ବଡ଼ ମାଝୀ ଚ ବେଟା ଏଭେ ଶାଳେପଡ଼ା ଗାଁନେ ଆଚତ୍) ଲା ହୁନ୍ ଅଞ୍ଚଲ୍‌କେ ମୁଖିଆ ବନେ ଦିଲୋ । ହୁନ୍ ଦିନୁ ମନ୍‌ଧର ମାଝୀ ପନ୍ଦର ଦିନୁ ମାସେ ସବ୍ କର୍ ମାନ୍‌ଲା ଠୁଲେ ସୁନା, ରୁପା, ଧାନ, ମହୁ ସବ୍ ଧରେଁ ପାଟ୍‌ନା ରାଜାଲା ପଟେତ୍ ଯେରେହେଲୋ । ଏତତ୍ ଦୂରୁ ପାଟ୍‌ନା ରାଜା କେଁଣ୍ଁ ଏହୁନ୍ ନାଏ ତୋ ମନ୍‌ଧର୍ ମାଝୀଲା ହୁନ୍ ଅଞ୍ଚଲ୍‌କେ ମାଲିକ୍ ବନେ ଦିଲୋ ସବ୍ ଲୋଗ୍ ମାନ୍‌ଲା ମନ୍‌ଧର୍ ମାଝୀଲା ରାଜା ଚ ଲୋଗ୍ ବଲେଁ ମାନତ୍ ରେହେଁ । ହେନ୍ତା ପନ୍ଦର ଦିନୁ ମାସେନା ମନଧର ମାଝୀ ସାଲ୍ ଭରନା ଉଷୁଲ୍ କରେଁତ୍ ପାଟ୍‌ନା ଦେଶ୍ ରାଜାଲା ପଟେତ୍ ନେହୁନ୍ ରେହେଲୋ । ହୁନ୍ ସମେ ରାଇଓ୍ୱାଡ଼ା ଶାସନ୍ ରେହେଲୋ । ମନ୍‌ଧର୍ ମାଝୀ ରାଜାଲା ମାନତ୍ ରେହେଲୋ । ସୁନାବେଢ଼ା ଅଞ୍ଚଲଲା ସବ୍ ଗାଁ ମାନ୍‌ଲା ବୁଲେଁ ବୁଲେଁ ସାଲ୍ ଭରନା ଉଷୁଲ୍ କରତ୍ ରେହେଁ ।

ଗଟେକ୍ ବଛର୍ ଲୋଗ୍ ମାନ୍‌ଲା ସୁନାଦୀଦେଓ ଚ ପୂଜା ପାଷ୍‌ଠା ନିଷ୍ଠାର୍ ସହିତ୍ ନା କରଲେ । ହୁନ୍ ବଛର୍ ସୁନା ବେଢ଼ାଚ ବେଢ଼ା ମାନ୍‌ଲାଁ ସୁନା ଫସଲ୍ ନା ଫଲିତ୍ । ମନ୍‌ଧର୍ ମାଝୀ ରାଜା ପାଶ୍‌ଲା ଗୋଲୋ, ରାଜାଲା କୁଇସ୍ ମହାରାଜ୍ ସୁନା ରୁପା ଇ ବଛର୍ କିସ୍ କାରନେ ନା ଫଲିତ୍ । ସୁନାଦୀ ଦେଓ ପର୍‌କୋପ୍ କେର୍‌ଲୋ ଆଚେ । କିସ୍ କେର୍‌ଲେ ଫିର୍ ସୁନା ରୁପା ଫଲ୍‌ତେଁ । ପାଟ୍‌ନା ରାଜା ମନ୍‌ଧର୍‌ଲା କୁଇସ୍ ସୁନାଦୀ ଦେଓ ତୁମାର ମାନ୍ କୋପ୍ କେର୍‌ଲୋ ଆଚେ, ଯା ବାରା ଟୋକା, ବାରାଟେକୀ, କଷେଇ ପକ୍ଷୀ, ବୁଏର୍ ଗୁଣା ଆନ୍‌ତିସ୍ ହେଲେ ଦେଓଲା ପୂଜା ପାଷ୍‌ଠା କରବୋ ପୂଜା ପାଷ୍‌ଠା କେର୍‌ଲେ ଦେଓ ତୁମାର୍ ଉପର୍ ସନ୍ତୋଷ୍ ହେଁତେଁ ସୁନା ଡୋଲିନା ସୁନା, ରୁପା ଡୋଲିନା ରୁପା ଫଲାତେଁ । ମନ୍‌ଧର୍ ମାଝୀ ବୁଝେଁ ରାଜା ବାରାଟୋପା, ବାରାଟୋପି, କଷେଇପକ୍ଷୀକେ ପର୍ ଆଗ୍ ବୁଏର୍ ଗୁଣ୍ ଆନେ ବଲ୍‌ତେଁ । ରାଜା ଚ କାଥା ମନ୍‌ଧର୍ ମାଝୀ ନା ବୁଝୁନ୍ ପେରଲୋ ।

ମନ୍‌ଧର୍ ମାଝୀ ଆପ୍‌ନାର ଗାଁ ଶାଳେପଡ଼ା (ଗାତିବେଡ଼ା) ଇା ଏଲୋ । ଯେତେକ୍ ବୁଏର୍ ରୁଖ୍ ମାନ୍‌ଲା ବୁଏର୍ ତୁଇେଲୋ । ସବ୍ ବୁଏର୍ ମାନ୍ ଶୁଖେଁ ଗୁଣ୍ କେର୍‌ଲୋ । ବାରାଟା ବଡ଼ା ବଡ଼ା ଟୋପ୍‌ନା ବାଉଁଶ୍‌କେ ବନେ ମେଙ୍ଗ୍‌ଲୋ, ବାରାଟା ସାନ୍ ସାନ ଟୋପ୍‌ନୀ ବାଉଁଶ୍ କେ ବନେ ମେଙ୍ଗ୍‌ଲୋ । ବାରା ଟୋପା, ବାରା ଟୋପିନା ବୁଏର୍ ଗୁଣ୍ ମାନ୍ ଭର୍‌ଲୋ । ସବ୍ ଟୋପା, ଟୋପିକେ ବୁଏର୍ ଗୁଣ୍ ମାନ୍‌ଲା କଷେ ରଙ୍ଗ ପର୍ ଖୁଚେ ପାଟ୍‌ନା ଦେଶ ଚ ରାଜା ପାଶ୍‌ଲା ଗୋଲୋ । ରାଜା ଘର୍‌ନା ବାରାଟୋପା, ବାରାଟୋପି ବୁଏର୍ ଗୁଣ୍ ରଖେ ଦିଲୋ । ରାଜା ମନ୍‌ଧର୍ ମାଝୀଲା ଦିଖେଁ ପଚ୍‌ରେଁ । ମନ୍‌ଧର୍ ମାଝୀ ବାରାଟୋପା, ବରାଟୋପି ବୁଏର୍ ଗୁଣ୍ ଦିଖେ ଦିଲୋ । ରାଜା ହୁନେ ସବ୍ ଦିଖେ ମନ୍‌ଧର୍ ମାଝୀଲା ବିଗ୍‌ଡ଼େ ଗୋଲୋ । ମନ୍‌ଧର୍ ମାଝୀଲା ରାଜା କୁଇସ୍ ଆମି ତୁମାର୍ ବାରାଟୋକାମାନେ ବାରାଟା ବେଟା,ବାରାଟୋକୀମାନେ ବାରାଟା ବେଟୀ ଆର୍ ବୁଏର୍ ଗୁଣ୍, କଷେରଙ୍ଗ ପର୍ ଆନେ ବଇତେଁ । ବାରାଟା ବେଟା ବାରାଟା ବେଟୀ ଆନେ ତୋ ହୁଥାନ୍ ସବ୍ ବେଟା ବେଟୀ ମାନ୍‌ଲା ପୂଜା ଦେବେ । ପୂଜା ଦେଲେ ଦେଓକେ କୋପ୍ ଶାନ୍ତ ହେଲେ ସୁନା ଡୋଲିନା ସୁନା, ରୂପାଡୋଲିନା ରୂପା ଫଲ୍‌ତେଁ । ତୁମି ଆମାର୍ କଥା ନାମାନେ ଇ ସବ୍ ଧରେ ଏହସ୍ । ରାଜା ମନ୍‌ଧର୍ ମାଝୀଲା ରିଷ୍‌ମି ହିଗୋଲୋ ଆର୍ ଜେହେଲ୍ ନା ଭରୁନ୍ ଦିଲୋ । ହୁନ୍ ଦିନୁ ମାସେ କେତେକ୍ ମନଧର୍ ମାଝୀ ଜେହେଲ୍ ନା ରହେଲୋ ।

ମନ୍‌ଧର୍ ମାଝୀ ଚ ଅଲଗ୍ ଭାଏ ମାନ୍‌ଲା ସୁନାବେଡ଼ା ଅଞ୍ଚଲେ ରେହେଲୋ । କେତେ ମାସ୍ ଯେଁତେଁ ଭାଏ ମାନ୍‌ଲା ଯେନ୍ ପେର୍‌ଲୋ ଯେ ମନ୍‌ଧର୍ ମାଝୀଲା ରାଜା ଜେହେଲ୍ ନା ଭରୁନ୍ ଦିଲୋ ଆଚେତ୍ । ସବ୍ ଭାଏ ମାନ୍‌ଲା ଗଟେକ୍ ଠାନେ ବସେଁ ବିଚାର୍ କେର୍‌ଲୋ । ହୁଥାନ୍ କୋକ୍‌ଡ଼ିଆ ମାଝୀ ଆର୍ ଝାଁକର, ରାଜା ପାଶ୍‌ଲା ପାଟ୍‌ନା ଦେଶ୍ ନିକ୍‌ଲିସ୍ । ଯେଁତେଁ ଯେଁତେଁ ବର୍‌କୋଟ୍‌ନା ଗଟେକ୍ ପାଇକ୍‌ଲା ମିଇଲୋ । ପାଇକ୍‌ଲା ସବ୍ କାଥା କୋକ୍‌ଡ଼ିଆ ମାଝୀ ଆର୍ ଝାଁକର କୁଇସ୍ ଆମାର୍ ଗଟେକ୍ ବିପଦ୍ ପୁଡୁନ୍ ଆଚେ, ଆମାର୍ ବଡ୍ ଭାଏ ମନ୍‌ଧର ମାଝୀଲା ପାଟ୍‌ନା ଦେଶ୍ ଚ ରାଜା ଜେହେଲ ନା ଭରୁନ୍ ଦିଲୋ ଆଚେ । କିସ୍ କେର୍‌ଲେ ଆମାର୍ ବଡ଼ ଭାଏଲା ନିକ୍‌ଲାବେ । ପାଇକ୍ [୧] ଗଟେକ୍ ପଙ୍ଗନିଆ ରେହେଲୋ । ଯାଇକ୍ ତନ୍ତ୍ର ମନ୍ତ୍ର ଯାନେ ରେହେଲୋ । ପାଇକ୍ କୁଇସ୍ ଚଲୋ ଆମି ତୁମାର୍ ସନେ ଯିବେ । ଆମାର୍ ଅଞ୍ଚଲ୍ ଚ ଲୋଗ୍‌ଲା ପାଟ୍‌ନା ଦେଶ୍ ଚ ରାଜା

୧ ।। ପାଇକ୍ - ବର୍ତ୍ତମାନର ମଲ୍ଲିକ ବଂଶଧର

ଜେହେଲ୍ ଦିଲୁନ୍ ଆଚେ । ଯେନ୍‌ତା କରେଁ ଆମି ମନ୍‌ଧର୍ ମାଝୀଲା ଜେହେଲ୍‌ନୁ ନିକ୍‌ଲାବେ । କୋକ୍‌ଡ଼ିଆ ମାଝୀ, ଝାଁକର୍ ଆର୍ ମଲିକ୍ ତିନିଜନ୍ ମିଲେ ପାଟ୍‌ନା ଦେଶ୍ ଗୋଲୋ । ତିନିଜନ୍ ପାଟ୍‌ନା ଦେଶେ ପହୁଞ୍ଚଲୋ । ପାଟ୍‌ନା ଦେଶ୍ ଚ ଗଟେକ୍ ଠାନେ ତିନି ଜନ୍ ରେହେଲୋ । ପାଇକ୍ ହୁଥାନ୍ ପୂଜା ପାଷ୍ଠା କୋର୍‌ଲୋ ଆର୍ ମନ୍ତର ମାରେ ଶହେ ବାଘ ବନାଲୋ । ସବ୍ ବାଘ୍ ମାନ୍‌କେ ପାଟ୍‌ନା ଦେଶ୍ ଚ ସବ୍ ଖୋଏର୍ ଖୋଏଁର୍ ମାନ୍ ରଖେଦିଲୋ । ସବ୍ ଲୋଗ୍ ମାନ୍‌ଲା ବାଘ୍‌ମାନ୍ ଦିଖେ ଡରୁନ୍ ଗୋଲୋ । ସବ୍‌ଲୋଗ୍ କବାଟ୍ ଖୁଟ୍ ଦେକେଁ ଘର ଭିତ୍‌ରେ ବସେଁ ରେହେଲୋ । କେତେକ୍ ଲୋଗ୍ ଦିଖ୍‌ଲୋ ବାଘ୍‌ମାନ୍ ପାଟ୍‌ନା ଦେଶ୍ ଚ ଲୋଗ୍ ମାନ୍‌ଲା ଦିଖେ ଚାବେଁ ଧେଁତେଁ ହେଲେ କୋକ୍‌ଡ଼ିଆ ମାଝୀ, ଝାଁକର୍ ଆର୍ ପାଇକ୍‌ଲା ଚାଁଟେ ଚାଟେଁ ରେହେଁତ୍ଁ । ସବ୍ ଲୋଗ୍ ମାନ୍‌ଲା ଅଡୁଆ ହିଗୋଲୋ । ଲୋଗ୍ ମାନ୍‌ଲା ଘରେ ରେହେଲୋ । ଖୋଏର୍‌କେ ବାହାରୁନ୍ ନା ପେର୍‌ଲୋ । ଦୁଇ ତିନ୍ ଜନ୍ ଲୋଗ୍ ରାଜା ପାଶ୍‌ଜା ସବ୍ କଥା କହେଲୋ । ବାଘ୍ ହୁଥାନ୍ ଯୁନ୍ ତିନ୍ ଜନ୍ ଆଚତ୍ ହୁମାନ୍ ଚାଁଟେତ୍ ରେଁହେଁ ଆର୍ ଆମାର୍ ଦିଖେ ଚାବେଁ, ଧେଁ । ରାଜା ହୁମାନ୍ ତିନ୍ ଜନ୍‌ଲା ଡକେ ପେଠ୍‌ଲୋ । ତିନ୍ ଜନ୍ ରାଜା ପାଶ୍ ନା ଗେଲେ । ରାଜା ହୁଥାଁକେ ଗେଲୋ । ହୁମାନ୍ କୁଇସ୍ ଯେଁ ମାଙ୍ଗ୍‌ତିସ୍, ତେ ଦେତିସ୍ । ଇ ବାଘ୍ ମାନ୍‌ଲା ଉଠାଦେଓ । ତିନ୍ ଜନ୍ କୁଇସ୍ ମନ୍‌ଧର୍ ମାଝୀଲା ଜେହେଲ୍‌ନା ଭରୁନ୍ ଦିଲୋ ଆଚ ମନ୍ ଧର୍ ମାଝୀଲା ତିଲୁନ୍ ଦିଲେ ଆମି ବାଘ୍ ମାନ୍‌ଲା ଉଠାନ ଦେଓ ।

ରାଜା ମନ୍‌ଧର୍ ମାଝୀଲା ତିଲୁନ୍ ଦିଲୋ । କୋକ୍‌ଡ଼ିଆ ମାଝୀ, ଝାଁକର୍ ଆର୍ ବର୍‌କୋଟିଆ ପାଇକ୍ ଦିଖ୍‌ଲୋ ମନ୍‌ଧର୍ ମାଝୀ ଶୁଖ୍ ଭାଂଜି ଯେରେହେଁ । ହୁନ୍‌ଲା ଚାଲ୍‌ବାକେ ତାକତ୍ ନେହିଁ ରେହେଁ । ହାଡ୍, ନାଡ୍ ହେହୁନ୍ ରେହେଁ । ତିନ୍ ଜନ୍ ରାଜାକେ ଗଟେକ୍ ହାତୀ ମାଗ୍‌ଲୋ ରାଜା ଗଟେକ୍ ହାତୀ ଦିଲୋ ତୋ ହୁନ୍ ହାତୀନା ମନ୍‌ଧର୍ ମାଝୀ ଆର୍ ତିନ୍ ଜନ୍ ବସେଁ ସୁନାବେଡ଼ା ଗେଲୋ । ସୁନାବେଡ଼ାନା ସବ୍ ପହଞ୍ଚେ ତୋ ସବ୍ ଭାଏ ମାନ୍‌ଲା ଖୁସେ ହି ଗେଲୋ । ସବ୍ ଭାଏ ମାନ୍‌ଲା ବିଚାର୍‌ଲୋ ବରକେଟିଆ ପାଇକ୍ କାଯେ ମନ୍‌ଧର୍ ମାଝୀ ଜେହେଲ୍ ସେ ଏଲୋ । ବରକୋଟିଆ ପାଇକ୍‌ଲା ନା ଛାଡ଼େ ସବ୍ ସୁନାବେଡ଼ା ନା ରେଖ୍‌ଲୋ । ପାଇକ୍‌ଲା ଭୁଂଜିଆ ବନାଦିଲୋ । ହୁନ୍ ଦିନୁ ପାଇକ୍ ହୁନେ ରେହେଲୋ ଆର୍ ପୂଜା ପାଷ୍ଠା କେର୍‌ଲୋ । ସୁନାଦୀ ଦେଓଚ ପୂଜା ପାଷ୍ଠା କର୍‌ତେଁ କର୍‌ତେଁ ସୁନାଦୀ ଦେଓଚ ଅଁଠ୍‌ଲା ଧୋର୍‌ଲୋ । ହୁନେ ଯ ହାତୀ ଏଲୋ, ଭୁଂଜିଆ ମାନ୍‌ଲା ହାତୀ କିସ୍ ପୋଷେତ, କିସ୍ ବାନ୍ଧେତ୍, କିସ୍ ଖାଁଟେଁତ୍ ନା ଯାନି । ହୁନ୍ ହାତୀ କେତେକ୍ ଦିନ୍ ଯାତେ ବହ୍ୟା ହିଗେଲୋ ଆର.ଇ ଡଙ୍ଗର୍ ସେ ଡଙ୍ଗର୍, ଇ ଗାଁ ସେ ଗାଁ ବୁଲେଁ

ବୁଲେଁ ସବ୍ ଚାଷ୍ ମାନ୍‌ଲା ନୁସ୍‌କାନ୍ କରେ ରେହେଲୋ । ହୁନ୍ ହାତୀ ସେଠାନ୍ ଗଟେକ୍ ପାଏନ୍ ଖାଇ୍‌ନା ପଡ଼େ ରେହେଁ । ହୁନ୍ ଦିନୁ ଖାଇ୍‌ଲା ହାତୀ ଖାଇ୍ ବଲ୍‌ତେଁ । ହାତୀ ବହ୍ୟା ହେଲୋ ଆର୍ ମାନୁଷ୍ ମାନ୍‌ଲା ମାରା ରେହେଲୋ । ହାତୀନା ଧରେତ୍ ନେହିଁ ଶକେ । ସବ୍ ଭାଏ ମାନ୍‌ଲା ଭାବ୍‌ଲେ ଆର୍ ସୁନାବେଡ଼ାଚ ବାରିକ୍ ଲା ହାତୀ ଧରେଁ କୁଇସ୍ । ସବ୍ ବାରିକ୍ ମାନ୍‌ଲା କୁଇସ୍ ତୁମି ମାନ୍‌ଲା ସାତ୍ ଦିନେ ହାତୀ ଧରେଁ ନେହିଁ ତୋ ତୁମାର୍ ସବ୍ ବାରିକ୍ ମାନ୍‌ଲା ପୂଜା ଦେବେ । ସବ୍ ବାରିକ୍ ମାନ୍‌ଲା ଡରେହୁନ୍ ଗୋଲୋ । ସବ୍ ପଲିନ୍ ଗୋଲୋ । ହୁନେ ଗଟେକ୍ ଠୁଁଟା ବାରିକ୍ ରେହେଁ । ହୁନେ ଠୁଁଟାଁ ରୋଗ୍ ହି ଯେରେହେ । ହୁନ୍ ବାରିକ୍ ନା ଯେ ପେର୍‌ଲୋ । ସାତ୍ ଦିନ୍ ଗେଲୋ । ହାତୀଲା ବାରିକ୍ ନା ଧରେନ୍ ପେଲୋ । ସାତ୍ ଭାଏ ଠୁଁଟାଁ ବାରିକ୍‌ଲା ଆନେ ପୂଜା ବେହୁଁଲା । ଯୁନ୍ ଘଡ଼ି ଭାଏ ମାନ୍‌ଲା ଠୁଁଟା ବାରିକ୍‌ଲା ପୂଜା ବେହୁଁଲା । ଯୁନ୍ ଘଡ଼ି ଭାଏ ମାନ୍‌ଲା ଠୁଁଟା ବାରିକ୍‌ଲା ପୂଜା ଦେଁହୁ ଦେଓ ଠାନ୍‌ଲା ନିହେନ୍ ତୋ ଦେଓ ହୁନ୍ ବାରିକ୍‌ଲା ପରଶନ୍ ହେଲୋ ଆର୍ ହୁଥାନ୍ ତାକତ୍ ଦିଲୋ । ଠୁଁଟା ବାରିକ୍ ଚ ଗୋଡ଼୍ ହାତ୍ ସବ୍ ବନେ ହିଗେଲୋ । ହୁନାଚ ହାତ୍ ଗୋଡ଼୍ ଚାଲ୍‌ଲୋ । ଠୁଁଟା ବାରିକ୍ ସବ୍ ଡଙ୍ଗର୍ ମାନ୍ ଡଗ୍‌ରେ ଗେଲୋ । ଡଗ୍‌ରେ ଡଗ୍‌ରେ ଡଣାପେନ୍ ଡଙ୍ଗରେ ହାତୀକେ ଧେର୍‌ଲୋ । ହାତୀଲା ଧରେ ସୁନାବେଡ଼ା ଆନେ ଭାଏ ମାନ୍‌ଲା ଦିଲୋ । ସବ୍ ଭାଏ ମାନ୍‌ଲା ହାତୀଲା ବାନ୍ଧେ ଗଟେକ୍ ଠାନେ ବାନ୍ଧେ ରେହେଲୋ । କିଛୁ ଦିନ୍ ରହତେ ରହତେ ଦିନୁକ୍ ମାରାଗୋଲୋ ହୁନ୍ ଦିନୁ ଭାଏ ମାନ୍‌ଲା ହୁନ୍ ଠୁଁଟାଁ ବାରିକ୍‌ଲା ହୁଥାନ୍ ରଖ୍‌ଲୋ । ହୁନ୍ ଦିନୁ ଭାଏ ମାନ୍‌ଲା ଠୁଁଟାଁ ବାରିକ୍‌ଲା ହୁନେଚ ଜାତେ ମିଶାଲୋ ଆର୍ ହୁନ୍ ଦିନୁ ଭାଏ ମାନ୍‌ଲା ଠୁଁଟାଁ ବାରିକ୍‌ଲା ହୁନେ ଚ ଜାତେ ମିଶାଲୋ ଆର୍ ହୁନ୍ ଦିନୁ ହୁନ୍ ବାରିକ୍ ବଂଶ୍‌ଧର୍ ମାନ୍‌ଲା ଦେଓଚ ଝାଁପି ବୋହତେଁ ।

ପାଟ୍‌ନା ଚ ରାଜା ସୁନାବେଡ଼ା ଅଞ୍ଚଲ୍‌କେ ରାଜୁତ୍ କରେ ରେହେଲୋ । ହୁଥାନ୍ କାଯେ ଭୁଂଜିଆ ମାନ୍ ପନ୍ଦର ଦିନେ ମାସେକ୍‌ନା ପାଟ୍‌ନା ଦେଶ୍ ଯେ ରେହେଲୋ । ପାଟ୍‌ନା ଦେଶେ ରାଜାଠାନ୍ କାମ୍ ଧାମ୍ କରେ ରେହେଲେ । ହୁଥାନ୍ ରାଜା ଘରଚ ଚାଷ୍ ବାସ୍‌ଭି କରେ ରେହେଲୋ । ହୁଥାନ୍ ସୁନା ବେଡ଼ାଚ ଭୁଂଜିଆ ମାନ୍‌ଲା ଗଟେକ୍ ବନ୍ଧ କୁଡ଼େଲୋ । ହୁନ୍ ବନ୍ଧଚ ନାମ୍ ଭୁଂଜିଆ ବନ୍ଧ । ଭୁଂଜିଆ ବନ୍ଧ ଏଭେବି ପାଟ୍‌ନା ଗଡ଼୍ ଆର୍ ରାମ୍ ପୁର୍ ମାଝାନେ ଆଚେ ।

## ଓଡ଼ିଆ ଅନୁବାଦ

ସାତ ଭାଇଙ୍କ ସନ୍ତାନମାନେ ସୁନାବେଡ଼ା ଅଞ୍ଚଳରେ ରହୁଥିଲେ ଏବଂ ସୁନାଦୀ ଦେବୀଙ୍କୁ ନିଷ୍ଠାର ସହିତ ପୂଜା ପାଠ କରୁଥିଲେ । ସୁନାଦୀ ଦେବୀ,

ବୁଢ଼ାଦେବଙ୍କ ଠାରୁ ଅପମାନ ପାଇ ମାଟିତଳେ ପୃଥିବୀରେ ତପସ୍ୟା କରୁଥିଲେ । ତପସ୍ୟା ସରିବା ପରେ ସୁନାଦୀ ଦେବୀ ସୁନାବେଡ଼ା ଅଞ୍ଚଳରେ ସୁନା ଚାଷ କଲେ । ଯେତେବେଳେ ସୁନାଦୀ ଦେବୀ ସୁନାବେଡ଼ା ଅଞ୍ଚଳରେ ସୁନା ଫସଲ ଅମଳ କଲେ ସେତେବେଳେ ବୁଢ଼ାରାଜା ଦେବ କହିଲେ ମୋ ଭଉଣୀ ମୋ କଥା ମାନିଲା ସୁନା ଚାଷ କଲା । ସେହି ଦିନରୁ ସୁନାଦୀ ଦେବୀ ବୁଢ଼ାରାଜା ଦେବଙ୍କ ସାମ୍ନାକୁ ଗଲେ । ତାଙ୍କର ପାପ ଖଣ୍ଡନ ହେଲା ।

ସେତେବେଳେ ବଲାଙ୍ଗିର୍‌ର ପାଟ୍‌ଣାର ରାଜା ଏହି ସବୁ ଅଞ୍ଚଳକୁ ଶାସନ କରୁଥିଲେ । ଯେତେବେଳେ ପାଟ୍‌ଣାର ରାଜା ଜାଣିଲେ ସୁନାବେଡ଼ା ଉପତ୍ୟକାରେ ସୁନାର ଫସଲ ଚାଷ କରାଯାଉଛି ସେତେବେଳେ ପାଟଣାର ରାଜା ସୁନାବେଡ଼ାକୁ ଆସିଲେ । ସବୁ ଲୋକମାନଙ୍କୁ ଏକାଠି କଲେ ଏବଂ କହିଲେ ତୁମେମାନେ ସମସ୍ତେ ମୋତେ କର ଦେବ । ପାଟଣାର ରାଜା ମନ୍ଧର ମାଝୀ (ସାତ ଭାଇଙ୍କର ବଡ଼ ଭାଇଙ୍କ ପୁଅ, ବର୍ତ୍ତମାନ ଗାତିବେଡ଼ାର ଶାଳେ ପଡ଼ାରେ ତାଙ୍କ ବଂଶଧରମାନେ ଅଛନ୍ତି)ଙ୍କୁ ସୁନାବେଡ଼ା ଅଞ୍ଚଳର ମୁଖିଆ କରିଦେଲେ । ସେହି ଦିନରୁ ମନଧର୍ ମାଝୀ, ପନ୍ଦର ଦିନ, ଏକ ମାସରେ ଥରେ ଲେଖାଏଁ କର ଆଦାୟ କରୁଥିଲେ । ସୁନା, ରୂପା, ମହୁ, ଧାନ, ମହୁଲ୍, ଚାହାଁର, ପାଲୁଅ ସବୁ ଧରି ମନ୍ଧର୍ ମାଝୀ ପାଟଣା ରାଜାଙ୍କ ପାଖକୁ ଯାଉଥିଲେ । ପାଟ୍‌ଣାରୁ ରାଜା ଏତେ ଦୂରକୁ ଆସିବା ସମ୍ଭବ ନଥିଲା । ତେଣୁ ମନ୍ଧର ମାଝୀଙ୍କୁ ସେହି ଅଞ୍ଚଳର ମୁଖିଆ କରି ଦେଇଥିଲେ । ସବୁ ଲୋକମାନେ ମନ୍ଧର୍ ମାଝୀଙ୍କୁ ରାଜାଙ୍କ ଲୋକ ବୋଲି କହୁଥିଲେ । କେତେ ଲୋକ ମନ୍ଧର ରାଜା ବୋଲି କହୁଥିଲେ । ସେପରି ମନ୍ଧର ମାଝୀ କେତେ ଦିନରେ ଥରେ କର ଆଦାୟ କରି ପାଟଣା ରାଜାଙ୍କୁ ଦେବା ପାଇଁ ଯାଉଥିଲେ । ମନ୍ଧର୍ ମାଝୀ ରାଜାଙ୍କୁ ମାନୁଥିଲେ ।

ଗୋଟିଏ ବର୍ଷ ଲୋକ୍‌ମାନେ ସୁନାଦୀ ଦେବୀଙ୍କୁ ନିଷ୍ଠାର ସହିତ ପୂଜା ପାଠ କଲେ ନାହିଁ । ସୁନାଦୀ ଦେବୀ କୋପ କଲେ । ସେହି ବର୍ଷ ସୁନାବେଡ଼ାର ଜମିମାନଙ୍କରେ ସୁନା ଫସଲ ହେଲା ନାହିଁ । କେହି ସେହି ବର୍ଷ କର ଦେଲେ ନାହିଁ । ମନ୍ଧର୍ ମାଝୀ ପାଟ୍‌ଣାକୁ ରାଜାଙ୍କ ପାଖକୁ ଗଲେ ଏବଂ କହିଲେ ଏ ବର୍ଷ ସୁନା ଫସଲ ଆମ ଅଞ୍ଚଳରେ ହେଲା ନାହିଁ । ସୁନାଦୀ ଦେବୀ ଆମ ଉପରେ କୋପ କରିଛି । କଣ କଲେ ପୁଣି ସୁନାବେଡ଼ା ଅଞ୍ଚଳରେ ଜମିମାନଙ୍କରେ ସୁନା ଫସଲ ହେବ ? ରାଜା ମନ୍ଧର୍ ମାଝୀଙ୍କୁ କହିଲେ ସୁନାଦୀ ଦେବୀ ତୁମମାନଙ୍କ ଉପରେ ଅସନ୍ତୁଷ୍ଟ ହୋଇଛି । ଯାଆ ବାରଟୋକା,ବାରଟୋକୀ (ବାର ଜଣ ପିଲା, ବାରଜଣ

ଝିଅ) କୃଷ୍ଣ ରଙ୍ଗର ପକ୍ଷୀର ପର ଏବଂ ବୁଏର (ବରକୋଳି) ଗୁଣ୍ଡ ଧରି ମୋ ପାଖକୁ ଆସିବ । ଏସବୁ ଆଣିଲେ ଦେବୀଙ୍କୁ ପୂଜା କରିବା, ଦେବୀ ତୁମମାନଙ୍କ ଉପରେ ସନ୍ତୁଷ୍ଟ ହେଲେ ପୁଣିଥରେ ତୁମ ଅଞ୍ଚଳରେ ସୁନାର ଫସଲ ଅମଳ ହେବ । ମନ୍ଧର୍ ମାଝୀ ବୁଝିଲେ ରାଜା ତାଙ୍କୁ ବାରଟି ଟୋପା (ବାଉଁଶର ବଡ଼ ଟୋକେଇ) ବାରଟି ଟୋପି (ବାଉଁଶର ଛୋଟ ଟୋକେଇ)ରେ ବରକୋଳିର ଗୁଣ୍ଡ ରଖି ତା ଉପରେ ଟିହିଁ ପକ୍ଷୀ (ଭରତିଆ ପକ୍ଷୀ)ର ପର ଖୋଚି ଆଣିବା ପାଇଁ କହୁଛନ୍ତି । ରାଜାଙ୍କ କଥା ମନ୍ଧର୍ ମାଝୀ ବୁଝି ପାରିଲେ ନାହିଁ ।

ମନ୍ଧର ମାଝୀ ନିଜ ଗ୍ରାମ ଶାଳେପଡ଼ା (ଗାତିବେଡ଼ା)କୁ ଆସିଲେ । ଯେତେ ବରକୋଳି ଗଛ ଥିଲା ସବୁ ଗଛରୁ ବରକୋଳି ତୋଳାଇଲେ । ସବୁ ବରକୋଳିକୁ ଶୁଖାଇ ଗୁଣ୍ଡ କଲେ । ବାରଟି ବଡ଼ ବଡ଼ ଟୋକେଇ ଏବଂ ବାରଟି ଛୋଟ ଛୋଟ ଟୋକେଇ ତିଆରି କରାଇଲେ । ସବୁ ଟୋକେଇମାନଙ୍କରେ ବରକୋଳି ଗୁଣ୍ଡ ଭର୍ତ୍ତିକଲେ ଏବଂ ସବୁ ଟୋକେଇରେ ଟିହିଁ ପକ୍ଷୀର ପର ଖୋଚି ସବୁକୁ ଧରି ପାଟଣାର ରାଜାଙ୍କ ପାଖକୁ ଗଲେ । ରାଜାଙ୍କ ପାଖରେ ଆଣିଥିବା ସବୁ ଜିନିଷକୁ ରଖିଲେ । ରାଜା ମନଧର୍ ମାଝୀଙ୍କୁ ଦେଖି କଣ ଆଣିଛୁ ବୋଲି ପଚାରିଲେ । ମନଧର୍ ମାଝୀ ରାଜାଙ୍କୁ ଆଣିଥିବା ବାରଟି ବଡ଼ ବଡ଼ ଟୋକେଇ ଏବଂ ବାରଟି ଛୋଟ ଛୋଟ ଟୋକେଇରେ ଥିବା ବରକୋଳି ଗୁଣ୍ଡ ଦେଖାଇଲେ । ରାଜା ମନ୍ଧର ମାଝୀଙ୍କୁ କହିଲେ ମୁଁ ତୁମକୁ କହିଥିଲି ବାରଜଣ ପିଲା ଏବଂ ବାରଜଣ ଝିଅ ସଙ୍ଗେ ବରକୋଳି ଗୁଣ୍ଡ ଧରି ଆସିଲେ ସେସବୁକୁ ଦେଇ ଦେବୀଙ୍କଠାରେ ପୂଜା କରିବା, ବାରଜଣ ପୁଅ ଏବଂ ବାରଜଣ ଝିଅକୁ ଦେବୀଙ୍କ ଠାରେ ବଳୀ ଦେବା ତା ପରେ ଦେବୀ ସନ୍ତୁଷ୍ଟ ହେଲେ ତୁମ ଅଞ୍ଚଳରେ ସୁନାର ଫସଲ ପୁଣି ଫଳାଇବେ । ତୁମେ ମୋ କଥା ନ ମାନି ଏହିସବୁ ଧରି ଆସିଛ ।'' ରାଜା ମନ୍ଧର୍ ମାଝୀ ଉପରେ ରାଗି ଗଲେ ଏବଂ ତାଙ୍କୁ ଜେଲ୍ ଦଣ୍ଡ ଦେଲେ । ସେହି ଦିନଠାରୁ ମନଧର ମାଝୀ କେତେ ମାସ ଜେଲ୍ ଭିତରେ ରହିଲେ ।

ମନ୍ଧର ମାଝୀଙ୍କ ଅନ୍ୟ ଭାଇମାନେ ସୁନାବେଡ଼ା ଅଞ୍ଚଳରେ ଥିଲେ । କେତେ ମାସ ଗଲା ପରେ ସେମାନେ ଜାଣି ପାରିଲେ ଯେ ପାଟଣାର ରାଜା ମନ୍ଧର ମାଝୀଙ୍କୁ ଜେଲ୍ ଭିତରେ ରଖି ଦେଇଛନ୍ତି । ସବୁ ଭାଇମାନେ ବସି ବିଚାର କଲେ । କୋବ୍ଡ଼ିଆ ମାଝୀ (କୋକେଡ଼ ଗ୍ରାମର) ଏବଂ ଝାଁକର୍ ପାଟଣା ରାଜାଙ୍କ ପାଖକୁ ଯିବା ପାଇଁ ବାହାରିଲେ । ସେମାନେ ପାଟଣା ଯିବା ସମୟରେ ବରକୋଟ୍ ଗ୍ରାମରେ ଜଣେ ପାଇକ (ବର୍ତ୍ତମାନର ମଲ୍ଲିକ, ଏମାନେ ମଧ୍ୟ ଭୁଂଜିଆ)କୁ

ଭେଟିଲେ । କୋକ୍‌ଡ଼ିଆ ମାଝୀ ଏବଂ ଝାଁକର୍ ତାଙ୍କୁ ସବୁ କଥା କହିଲେ ଏବଂ କହିଲେ ଆମର ଗୋଟିଏ ବିପଦ ପଡ଼ିଛି । ଆମର ବଡ଼ ଭାଇ ମନ୍ଧର୍ ମାଝୀଙ୍କୁ ପାଟଣାର ରାଜା ଜେଲ୍ ଭିତରେ ରଖି ଦେଇଛନ୍ତି । କଣ କଲେ ତାଙ୍କୁ ଜେଲ ଭିତରୁ ବାହାର କରି ପାରିବା ? ବରକୋଟ୍‌ର ପାଇକ୍ ଜଣେ ଗୁଣି ଗାରେଣି ଲୋକ ଥିଲେ । ସେ ମନ୍ତ୍ର ବଳରେ ବିଭିନ୍ନ ଜିନିଷ କରି ପାରୁଥିଲେ । ପାଇକ୍ କହିଲେ ପାଟଣାର ରାଜା ଆମ ଅଞ୍ଚଳର ଲୋକଙ୍କୁ ଜେଲ୍ ଦଣ୍ଡ ଦେଇଛନ୍ତି । ମୁଁ ତୁମମାନଙ୍କ ସହିତ ଯିବି ଏବଂ ଯେକୌଣସି ପ୍ରକାରେ ମଧ ମନ୍ଧର୍ ମାଝୀଙ୍କୁ ଜେଲ୍ ଭିତରୁ ବାହାର କରିବି । କୋକ୍‌ଡ଼ିଆ ମାଝୀ, ଝାଁକର ଏବଂ ବରକୋଟର ପାଇକ୍ ମିଶି ପାଟଣା ଗଲେ । ପାଟଣାରେ ପହଞ୍ଚି ସେମାନେ ଗୋଟିଏ ସ୍ଥାନରେ ରହିଲେ । ବର୍‌କୋଟର ପାଇକ୍ ସେଠାରେ ବସି ନିଜର ପୂଜାପାଠ କଲେ ଏବଂ ମନ୍ତ୍ର ବଳରେ ଏକଶହ ବାଘ ବାହାର କଲେ । ସବୁ ବାଘମାନଙ୍କୁ ପାଟଣାର ସବୁ ରାସ୍ତାମାନଙ୍କରେ ରଖିଦେଲେ । ସବୁଲୋକ ମାନେ ବାଘ ମାନଙ୍କୁ ଦେଖି ଡରିଗଲେ । ବାଘ ମଧ୍ୟ ପାଟଣାର ଲୋକମାନଙ୍କୁ ଦେଖି କାମୁଡ଼ିବା ପାଇଁ ଦୌଡ଼ିଲେ । କେତେ ଜଣ ଲୋକ ଦେଖିଲେ ବାଘମାନେ ପାଟଣାର ଲୋକମାନଙ୍କୁ ଦେଖିଲେ କାମୁଡ଼ିବା ପାଇଁ ଦୌଡୁଛନ୍ତି ହେଲେ ତିନିଜଣ (କୋକ୍‌ଡ଼ିଆ ମାଝୀ, ଝାଁକର ଏବଂ ପାଇକ୍)ଙ୍କୁ ଦେଖିଲେ ସେମାନଙ୍କ ପାଖକୁ ଯାଇ ଗୋଡ଼ ହାତକୁ ଚାଟୁଛି । ସବୁଲୋକମାନଙ୍କୁ ଅସୁବିଧା ହୋଇଗଲା । କେହି ମଧ୍ୟ ଘରୁ ପଦାକୁ ବାହାରିଲେ ନାହିଁ । ସମସ୍ତେ ନିଜ ନିଜର ଘର କବାଟ ବନ୍ଦ କରି ଘର ଭିତରେ ରହିଲେ । ଦୁଇ ତିନି ରାଜାଙ୍କ ପାଖକୁ ଗଲେ ଏବଂ ସବୁ ବିଷୟ କହିଲେ । ରାଜା ସବୁ ଜାଣିବା ପରେ କୋକ୍‌ଡ଼ିଆ ମାଝୀ, ଝାଁକର ଏବଂ ପାଇକଙ୍କୁ ତାଙ୍କ ପାଖକୁ ଡକେଇ ପଠେଇଲେ । ଏମାନେ ତିନିଜଣ ରାଜାଙ୍କ ପାଖକୁ ଗଲେ ନାହିଁ । ଶେଷରେ ରାଜା ଏହି ତିନିଜଣଙ୍କ ପାଖକୁ ଗଲେ । ରାଜା ସେମାନଙ୍କୁ କହିଲେ ତୁମେମାନେ ମୋତେ ଯାହା ମାଗିବ ମୁଁ ତାହା ତୁମକୁ ଦେବି, ତୁମେମାନେ ଏହି ବାଘମାନଙ୍କୁ ହଟାଇ ଦିଅ । ସେମାନେ ତିନି ଜଣ କହିଲେ ମନ୍ଧର୍ ମାଝୀଙ୍କୁ ଜେଲ୍ ଦଣ୍ଡ ଦିଆ ଯାଇଛି । ତାଙ୍କୁ ଜେଲ୍ ଭିତରୁ ବାହାର କରି ଦେଲେ ଆମକୁ ଦେଲେ ଆମେ ବାଘମାନଙ୍କୁ ହଟାଇଦେବୁ ।

ରାଜା ମନ୍ଧର୍ ମାଝୀଙ୍କୁ ଜେଲ୍ ଭିତରୁ ବାହାର କରି ଦେଲେ । କୋକ୍‌ଡ଼ିଆ ମାଝୀ, ଝାଁକର ଏବଂ ବର୍‌କୋଟିଆ ପାଇକ୍ ଦେଖିଲେ ମନ୍ଧର ମାଝୀ ବହୁତ ଦୁର୍ବଳ ହୋଇ ଯାଇଛି, ଚାଲିବାକୁ ମଧ୍ୟ ଶକ୍ତି ନାହିଁ । ସେମାନେ ରାଜାଙ୍କୁ ଗୋଟିଏ ହାତୀ ମାଗିଲେ ଏବଂ ସେହି ହାତୀରେ ଚାରିଜଣ ବସି ସୁନାବେଡ଼ାକୁ ଆସିଲେ ।

ମନଧର୍ ମାଝୀକୁ ଦେଖି ସବୁ ଭାଇମାନେ ଖୁସୀ ହୋଇଗଲେ । ସେମାନେ ବସି ବିଚାର କଲେ ବରକୋଟିଆ ପାଇକ୍ ଯୋଗୁଁ ମନଧର୍ ମାଝୀ ଜେଲ୍‌ରୁ ବାହାରିଲା । ତେଣୁ ବରକୋଟିଆ ପାଇକ୍‌କୁ ଆଉ ଛାଡ଼ିଲେ ନାହିଁ । ସୁନାବେଡ଼ାରେ ରଖିଲେ ଏବଂ ତାକୁ ଭୁଂଜିଆ ଜାତିରେ ମିଶାଇ ଦେଲେ । (ବର୍ତ୍ତମାନର ମଲ୍ଲିକ ବଂଶଧର) । ସେହି ଦିନଠୁଁ ବରକୋଟିଆ ପାଇକ୍ ସୁନାବେଡ଼ାରେ ରହି ସୁନାଦୀ ଦେବୀଙ୍କୁ ପୂଜା କଲେ । ଦେବୀ ତାଙ୍କର ଅଁଠଲା (ଦେବୀଙ୍କ ମୁହଁରେ ଢାଙ୍କିବା କନା) ଧରିବା ପାଇଁ ପାଇକ୍‌କୁ କହିଲେ । ସେହିଦିନଠୁଁ ବର୍‌କୋଟିଆ ପାଇକ୍ ଦେବୀଙ୍କର ଅଁଠ୍‌ଲା ଧରନ୍ତି । ଯେଉଁ ହାତୀରେ ଚଢ଼ି ମନଧର ମାଝୀ ଓ ଅନ୍ୟମାନେ ବସି ପାଟଣାରୁ ସୁନାବେଡ଼ା ଆସିଥିଲେ ସେହି ହାତୀର ଭରଣ ପୋଷଣ କରି ପାରିଲେ ନାହିଁ । ଭୁଂଜିଆମାନେ ହାତୀ କିପରି ପୋଷନ୍ତି ? ହାତୀ କଣ ଖାଏ – ଏସବୁ ଜାଣି ନଥିଲେ । ସେହି ହାତୀ କେତେ ଦିନ ପରେ ପାଗଳ ହୋଇଗଲା । ହାତୀ ସବୁ ଗାଁମାନଙ୍କୁ ଯାଇ ସମସ୍ତଙ୍କର ଫସଲମାନଙ୍କୁ ନଷ୍ଟ କରିଦେଲା । ସେହି ହାତୀ ସୁନାବେଡ଼ାର ଉତ୍ତରରେ ଥିବା ଗୋଟିଏ ପାଣି ଗାଡ଼ିଆରେ ଶୋଇ ରହେ । ତେଣୁ ସେହି ଗଡ଼ିଆକୁ ହାତୀଖାଇ (ହାତୀ ଗଡ଼ିଆ) କହନ୍ତି । ହାତୀ ପାଗଳ ହୋଇ ସୁନାବେଡ଼ା ଅଞ୍ଚଳର ମଣିଷମାନଙ୍କୁ ମଧ୍ୟ ମାରିବା ଆରମ୍ଭ କଲା । ସମସ୍ତେ ହାତୀକୁ ଧରିବା ପାଇଁ ବ୍ୟସ୍ତ ହେଲେ । କିନ୍ତୁ ହାତୀକୁ କେହି ମଧ୍ୟ ଧରି ପାରିଲେ ନାହିଁ । ଶେଷରେ ସମସ୍ତେ ବସି ବିଚାର କଲେ ଏବଂ ସୁନାବେଡ଼ାରେ ଥିବା ବାରିକ୍ ବଂଶଧରଙ୍କୁ ହାତୀ ଧରିବା ପାଇଁ କହିଲେ । ସେମାନେ କହିଲେ ତୁମେମାନେ ସାତ ଦିନ ଭିତରେ ହାତୀକୁ ବାନ୍ଧି ସୁନାବେଡ଼ାକୁ ଆଣିବ ନହେଲେ ତୁମ ସମସ୍ତଙ୍କୁ ଦେବୀଙ୍କଠାରେ ବଳୀ ଦିଆଯିବ । ବାରିକ୍ ବଂଶଧର ସମସ୍ତେ ଡରିଗଲେ ଏବଂ ସମସ୍ତେ ସୁନାବେଡ଼ା ଛାଡ଼ି ଅନ୍ୟତ୍ର ଚାଲିଗଲେ । ବାରିକ ବଂଶଧରର କେବଳ ଜଣେ ସୁନାବେଡ଼ା ଛାଡ଼ି ଅନ୍ୟତ୍ର ଯାଇ ପାରିଲା ନାହିଁ । କାରଣ ତାକୁ କୁଷ୍ଠ ରୋଗ ହୋଇଥିଲା ଏବଂ ସେ ଚାଲିପାରୁନଥିଲା । ସେ ହେଲା ଠୁଟା ବାରିକ୍ । ସାତ ଦିନ ହୋଇଗଲା ବାରିକ୍‌ମାନେ କେହି ହାତୀକୁ ଧରିଲେ ନାହିଁ । ଅନ୍ୟମାନେ ବାରିକ୍ ଘରକୁ ଗଲେ ହେଲେ ଠୁଟା ବାରିକ୍‌କୁ ଛାଡ଼ିଦେଲେ ଆଉ କେହି ମଧ୍ୟ ସେଠାରେ ନଥିଲେ । ସମସ୍ତେ ରାଗରେ ଠୁଟା ବାରିକ୍‌କୁ ଧରି ଆଣିଲେ ଏବଂ ଦେବୀଙ୍କ ଠାରେ ବଳୀ ଦେବାକୁ ନେଲେ । ଦେବୀ ସେହି ଠୁଟା ବାରିକ୍‌କୁ ଦୟା କଲେ ଏବଂ ଠୁଟା ବାରିକ୍‌କୁ ସାହସ, ବଳ ଦେଲେ । ଠୁଟା ବାରିକ୍‌ର ଗୋଡ଼ ହାତ ସବୁ ଠିକ୍ ହୋଇଗଲା । ସେହି ବାରିକ୍ ସବୁ ପାହାଡ଼କୁ ହାତୀର ସନ୍ଧାନରେ ଗଲା । ଶେଷରେ

ତଣାପେନ୍ ପାହାଡ଼ରେ ହାତୀକୁ ଧରିଲା ଏବଂ ସୁନାବେଡ଼ାକୁ ଆଣି ଭାଇମାନଙ୍କୁ ଦେଲା । ସବୁ ଭାଇମାନେ ହାତୀକୁ ବାନ୍ଧି ଗୋଟିଏ ଜାଗାରେ ରଖିଲେ । କେତେ ଦିନ ପରେ ପାଗଲ ହାତୀ ମରିଗଲା । ସେଠାରେ ଥିବା ଭୁଂଜିଆମାନେ ବାରିକ୍‌କୁ ସେଠାରେ ରଖିଲେ ଏବଂ ସୁନାଦୀ ଦେବୀଙ୍କ ଝାଁପି ବୋହିବା ପାଇଁ କହିଲେ । (ଝାଁପି ଅର୍ଥ ବାଉଁଶରେ ତିଆରି ବାକ୍‌ସ ପରି ଟୋକେଇ । ଯେଉଁଥିରେ ଦେବୀଙ୍କ ବ୍ୟବହାର କରିବା ଶାଢ଼ି, ମୁକୁଟ, ଏବଂ ଅନ୍ୟ ବସ୍ତ୍ର ରଖନ୍ତି) ସେହି ଦିନଠାରୁ ସେହି ବାରିକ୍ ଦେବୀଙ୍କ ଝାଁପି ବୋହିଲା ଏବଂ ବର୍ତ୍ତମାନ ତାର ବଂଶଧର ଝାଁପି ବୋହୁଛନ୍ତି ।

ପାଟଣାର ରାଜା ସୁନାବେଡ଼ା ଅଞ୍ଚଳକୁ ଶାସନ କରୁଥିଲେ । ତେଣୁ ପ୍ରତି ପନ୍ଦର ଦିନ ବା ଏକ ମାସରେ ଏହି ଅଞ୍ଚଳର ଭୁଂଜିଆମାନେ ପାଟଣା ରାଜାଙ୍କ ପାଖକୁ ଯାଉଥିଲେ ଏବଂ ସେଠାରେ ରାଜା ଯେଉଁ କାମ କରିବା ପାଇଁ କହୁଥିଲେ ସେହି କାମ କରି କିଛି ଦିନ ରହି ଫେରୁଥିଲେ । ସେହି ଭୁଂଜିଆମାନେ ସେଠାରେ ଗୋଟିଏ ବଡ଼ ପୋଖରୀ ଖୋଳିଥିଲେ । ତାର ନାମ ''ଭୁଂଜିଆବନ୍ଧ'' । (ବନ୍ଧ ଅର୍ଥ ପୋଖରୀ) ବର୍ତ୍ତମାନ ଏହି ଭୁଂଜିଆ ବନ୍ଧ ରାମପୁର ଓ ପାଟଣାଗଡ଼ ମଝିରେ ଅଛି ।

## ଭୁଂଜିଆ ଲୋକଙ୍କ ବୀରତ୍ୱ କାହାଣୀ

ଗଟେକ୍ ଗାଁନେ ଗଟେକ୍ ଭୁଂଜିଆ ଡୋକ୍‌ରା ରେହେଲୋ । ହୁନ୍ ଡୋକ୍‌ରା ଗାଁ ଚ ମୁଖିଆ ରେହେଲୋ । ଡୋକ୍‌ରା ଗାଁଲା ସବ୍ କଥା ମାନ୍‌ଲା ବୁଝେରେ ହେଲୋ । ଡୋକ୍‌ରା ଚ ଗଟେକ୍ ଡୋକ୍‌ରୀ ଆର୍ ଗଟେକ୍ ବେଟା ରେହେଲୋ । ଡୋକ୍‌ରାକେ ଲୋଗ୍ ମାନ୍‌ଲା ମୁଖିଆ ବଁଲତେଁ ଆର ଡୋକ୍‌ରା ସବ୍ ସୁବିଧା ଅସୁବିଧା ମାନ୍‌ଲା ବୁଝ୍‌ତେଁ । ଗଟେକ୍ ବରଷ୍ ହୁନ୍ ଗାଁଲା ପିବାକେ ପାଏନ୍ ନେହୁନ୍ ମିଲୋ । ସବ୍ ଲୋକ୍‌ମାନ୍‌ଲା ବିଚାର୍ କେରଲୋ । ସବ୍ ଲୋଗ୍ ମାନ୍‌ଲା ଡୋକ୍‌ରାକେ ଗଟେକ୍ ବନ୍ଧ କୁଡ଼େ କହେବାଲା ବିଚାର୍ କେରଲୋ । ଦିନେକ୍ ସବ୍ ଲୋକ୍ ମାନ୍‌ଲା ଡୋକ୍‌ରା ପାଶ୍‌ଲା ଗେଲୋ ଆର୍ ଗାଁଲା ଗଟେକ୍ ବନ୍ଧ କୁଡ଼େ କହେଲୋ । ଡୋକ୍‌ରା ଦିଖ୍‌ଲୋ ସତ୍‌କେ ସତ୍ ଗାଁଓନା ପାଏନ୍ ନେହିଁ ମିଲୁରେଲୋ ଆର୍ ସବ୍ ଲୋଗ୍ ମାନ୍‌ଲା ପାଏନ୍ ଜାଯେ ହା ହୁତାଶ ହେହୁନ୍‌ରେଲୋ । ଡୋକ୍‌ରା ହୁଥାନ୍ ଗାଓଁନା ଗଟେକ୍ ବନ୍ଧ କୁଡ଼େ ଦିଲୋ । ମାସେକ୍‌ନେ ବନ୍ଧ କୁଡ଼େ ଶେଷ୍ ହିଗେଲୋ । ହେଲେ ବନ୍ଧନା ପାଏନ୍ ନେହିଁ । ଡୋକ୍‌ରାକେ ଭାଲେନ୍ ପଡ଼ିଲୋ । ଡୋକ୍‌ରା କହେଲୋ କିସ୍ କରବେ । ଏତେ ପଇସାପତର୍ ଖାରାଚ୍ କରଲୋ । ବନ୍ଧ କୁଡ଼େ ହେଲେ ପାଏନ୍ ନେହିଁ । ଗଟେକ୍ ଦିନ୍ ଡୋକ୍‌ରା ଦେଓ ପାଶ୍‌ଲା ଗେଲୋ ।

ଦେଓକେ ପଚାର୍‌ତେଁ ଦେଓ କହେଲୋ ତୁମାର୍ ବେଟାକେ ବନ୍ଧନେ ପୂଜା ଦେହୁନ୍ ତୋ ପାଏନ୍ ନିକ୍‌ଲତେଁ । ଯବ୍‌ତକ୍ ତୁମାର ବେଟାକେ ବନ୍ଧନା ପୂଜା ଦେହୁନ୍ ତୋ ବନ୍ଧନା ପାଏନ୍ ନିକଲ୍‌ତେଁ । ଡୋକ୍‌ରାକେ ଭାଲେନ୍ ପେଡ଼୍‌ଲୋ । ଯବ୍ ଡୋକ୍‌ରା ଘରକେ ଏଲୋ ଡୋକ୍‌ରୀ ଡୋକ୍‌ରାକେ ପଚାରଁତେଁ କାହାଁଲା ବନ୍ଧନା ପାଏନ୍ ନେହିଁ ନିକଲ୍‌ତେଁ ଜ । ଡୋକ୍‌ରା କହେଲୋ ହାମାର୍ ବେଟାକେ ବନ୍ଧନା ପୂଜା ଦେହୁନ୍ ତୋ ପାଏନ୍ ନିକଲ୍‌ତେଁ ନେହିଁ ପୂଜା ଦେହୁନ୍ ତୋ ପାଏନ୍ ନେହିଁ ନିକଲ୍‌ତେଁ । ଡୋକ୍‌ରୀ ଭେବ୍‌ଲୋ ହାମାର୍ ଗଟେକ୍ ବେଟାକେ ପୂଜା ଦେହୁଁ ତୋ ଗାଓଁର୍ ସବ୍ ଲୋଗ୍‌କେ ପାଏନ୍ ମିଲ୍‌ତୋ । ହାମାର୍ ଧରମ୍ ହେବୋ । ଡୋକରୀ ଡୋକର୍‌କେ ହୁଥାନ୍ ବେଟାକେ ବନ୍ଧନା ପୂଜା ଦେହୁନ କେହେଲୋ । ଡୋକ୍‌ରା ଚ ଡୋକ୍‌ରୀ ଚ କଥା ବାରତା ହୁଥାନ୍ ବହ (ହୁଥାନ୍ ବେଟାଚ କନିଆ) ଶୁନେପେଲୋ ।

ବେଲ୍‌ବସ୍‌ନେ ଡୋକ୍‌ରା ଚ ବେଟା ଭୁଞ୍ଜିଆ ପିଲା ଘରକେ ଏଲୋ । ଘରକେ ଏଲୋତୋ ହୁଥାନ୍ କନିଆ ସୁନାଥାଲି, ରୂପା ଗିନା ମାନ୍‌ଲା ଖେବାକେ ଭାତ, ଦେଲ୍ ଆର୍ ଶାଗ୍ ବାଢ଼ରେଲୋ ପିଲା ଖେବାକେ ବସ୍‌ଲୋ ଦିଖ୍‌ଲୋ ଆର୍ କନିଆକେ ପଚାର୍‌ଲେ, ଆଏଜ୍ ନେହିଁ କେଇ ନେହିଁ କେନ୍‌ତା ହାମାର ସୁନା ଥାଲି, ରୂପା ଗିନା ନା ଭାତ୍ ଶାଗ୍ ଦେହିଁସ୍ । ହୁଥାନ୍ କନିଆ କୁଇସ୍ କେଇ ତୁମାର୍ ବୁଆ ତମଲା ବନ୍ଧନେ ପୂଜା ଦେହୁନ୍ । ଯବ୍ ତୁମାର୍ ବନ୍ଧନେ ପୂଜା ଦେହୁନ୍ ତ ପାଏନ୍ ବନ୍ଧନେ ନିକଲ୍‌ତେ, ନେହିଁ ତୋ ନେହିଁ ନିକଲ୍‌ତେଁ । ଭୁଞ୍ଜିଆ ପିଲା ବିଚାର କେର୍‌ଲୋ । ରେତ୍‌ନେ ପିଲା ଆର୍ ହୁଥାନ୍ କନିଆ ଗାଓଁ ଛାଡ଼୍‌କେ ଚଲେଗେଲୋ । ଚଲେ ଗେଲୋ ଗୁଟେକ୍ ଡଙ୍ଗର୍‌କେ ଡଙ୍ଗର୍‌ନା ଗଟେକ୍ କୁରିଆ ବନାଲୋ ଆର୍ ହୁଥାନ ନିର୍ଭଏ ରେହେଲୋ କେତେକ୍ ଦିନ୍ ଆନେଲା ଖାଇଦ୍ ଖେକର୍ ରେହେଲୋ । ଦିନୁକ୍ ପିଲା କନିଆକେ କୁହେଲୋ ହାମାର୍ ମାଁସ୍ ମାରତେ ଡଙ୍ଗର୍‌କେ ଯେହୁଁ ତୁମାର ଆଏଗ୍ ଧରାକେ ପାଏନ୍ ଗରମ୍ କର୍‌ରେହୋ । ହାମାର୍ ଏଲେ ମାଁସ୍ ରାନ୍ଧ୍‌କେ ଖେବେ । ପିଲା ଡଙ୍ଗର୍ ଚଲେଗେଲୋ । ପିଲାଚ କନିଆ ଭାବ୍‌ଲୋ ଆଏଗ୍ କାହାଁଲା ମିଲ୍‌ତେଁ । ପିଲାଚ କନିଆ ଗଟେକ୍ ବଡ଼ା ରୁଖ୍‌କେ ଚଢ଼େକର ସବ୍ ବାଟ୍‌ଲା ଦିଖ୍‌ଲୋ । ଦିଖ୍‌ଲୋ ଗଟେକ୍ ଜଗାନେ କୁହୁଲା ନିକଲ୍ ରେହି । ହୁଥାନ୍ ରୁଖ୍‌ଲା ଉତର୍‌କେ କୁହୁଲା ଦିଖତ୍ ଦିଖତ୍ ଆଏଗ୍ ପାଶ୍‌ଲା ଗେଲୋ । ଭୁଞ୍ଜିଆ ପିଲା ଚ କନିଆ ଦୁଷ୍ଟରିତ୍ରା ରେହେଁ । ହୁନ୍ ଘର୍‌ନେ ଗଟେକ୍ ସୁନ୍ଦ୍ରା ପିଲା ରେହେଲୋ । ହୁନ୍ ପିଲା ଚୁଏଲ୍ ଧରାରେହେଲୋ ଆରୁ ହୁନ୍ ଚୁଏଲ୍‌ଲା କୁହୁଲା ନିକଲ୍ ରେହେଁ । ଭୁଞ୍ଜିଆ ପିଲା ଚ କନିଆ ସେଠାନ୍‌ଲା ଗେଲୋ ଆର୍ ଆଏଗ୍ ମାର୍‌ଲା ଘର୍‌ଲା ଏଲୋ । ଭୁଞ୍ଜିଆ ପିଲା ମାଁସ୍ ମାରତେ ଘର୍‌ଲା ଏଲୋ । ଘରେ

ମାଁସ୍‌କେ ରାନ୍ଧେକର୍ ଖେଲୋ । ଆର୍‌କର୍ ଦିନେ ଫିର୍ ଭୁଂଜିଆ ପିଲା ମାଁସ୍ ମାର୍‌ତେ ଡଙ୍ଗର୍‌କେ ଯେଁ ତୋ ହୁଥାନ୍ କନିଆ ସେ ପିଲା ପାଶ୍‌ଲା ଆଏର୍ ଆନ୍‌ତେ ଗେଲୋ । ସବ୍ ଦିନ ଭୁଂଜିଆ ପିଲା କନିଆ ଆଏର୍ ଆନ୍‌ତେ ହୁଥାନ୍ ଗେଲୋ ତୋ ହୁନ୍ ପିଲା ସନେ ମନ୍ ଲେଗ୍‌ଗେଲୋ । ଦିନେକ୍ ହୁନ୍ ପିଲା ଭୁଂଜିଆ ପିଲାଚ କନିଆକେ କୁହେଲୋ ତୁମାର୍ ମୁନୁଷ୍‌କେ ମାରାଦେଲେ ତୁମାର୍ ହାମାର୍ ବିହା ହେକର୍ ଗଟେକ୍ ଯାଗାନା ରହେବେ । ପିଲା ଗଟେକ୍ ଉପାୟ ଭୁଂଜିଆ ପିଲାଚ କନିଆକେ ବତେଦି ।

ଦିନେକ୍ ଯବ୍ ଭୁଂଜିଆ ପିଲା ଡଙ୍ଗର୍‌ଲା ମାଁସ୍ ଧର୍‌କେ ଘର୍‌କେ ଫିର୍‌ଲୋ । ହୁଥାନ୍ କନିଆ ଗଟେକ୍ କନେ ପଡ୍ରେ ରେହେ ଆର୍ କାନ୍ ଦୁଖତେଁ ବଲ୍‌ତେଁ ଢଙ୍ଗ୍ କର୍‌ରେହେଁ ଆର୍ ଛଟକ୍ ଛଟକ୍ କାନ୍ଦଦ୍ ରେହେ । ଭୁଂଜିଆ ପିଲା ହଥାନ୍ କନିଆକେ ପଚାର୍‌ଲୋ କାହାଁ ତୁମାର୍ କାନ୍ଦତେଁ କନିଆ କୁଏଲୋ ହାମାର୍ କାନ୍ ଦୁଖଁତେଁ ହାମାର୍ କାନେନା ନାର୍ ସାଁପ୍‌କା ଦୁଧ ଦେହୁଁ ତୋ ହାମାର୍ ବଁଚ୍‌ବେ ନେହି ତୋ ମର୍‌ବୋ ଭୁଂଜିଆ ପିଲା ହୁଥାନ୍ କନିଆଲା ବଡ଼ା ବନେ ପେରେହେଁ । ଭୁଂଜିଆ ପିଲା ଗଟେ କାଣ୍ ଧରେକର୍ ନାର୍‌ସାପ୍ ଡଗର୍ ଗେଲୋ । ଗଟେକ୍ ଜାଗାନା ଦିଖ୍‌ଲୋ ନାଗସାଁପ୍‌କେ ପିଲ୍ ମାନ୍‌ଲା ରେହେଁ ଆର ସେଠାନ୍ ଦୁଧ୍ ରେହେଁ । ଭୁଂଜିଆ ପିଲା ସବ୍ ସାଁପ୍ ପିଲ୍ ମାନ୍‌ଲା ମାରାକର୍ ସାଁପ୍ ଦୁଧ୍ ଧରେକର୍ ଘର୍‌ଲା ଏଲୋ । ଘରେ ହୁଥାନ୍ କନିଆକେ ସାଁପ୍ ଦୁଧ୍ ଦେଲୋ । ଭୁଂଜିଆ ପିଲା ସାଁପ୍‌କେ ଦୁଧ୍ ଧରେକର୍ ଏଲୋ ଦେଖେକର୍ ହୁଥାନ୍ କନିଆ ତଟ୍‌କା ହି ଗେଲୋ । କିଛୁ ଦିନ୍ ରେହେଲୋ । ଦିନେକ୍ ପିଲା ପାଶ୍‌ଲା ଭୁଂଜିଆ ପିଲା ଚ କନିଆ ଗେଲୋ ଆର୍ କୁଏଲୋ ଭୁଂଜିଆ ପିଲାକେ ସାଁପ୍ ନେହିଁ ମାରେ । କିସ୍ କର୍‌ଲେ ଭୁଂଜିଆ ପିଲା ମାର୍‌ବୋ । ପିଲା ଫିର୍ ବିଚାର୍‌ତେଁ କୁଏଲା ତୁମାର୍ ମୁନୁଷ୍‌କେ ବାଘ୍ ଦୁଧ୍ ଆନ୍‌ବାକେ କୁଏବୋ । ଯବ୍ ଭୁଂଜିଆ ପିଲା ବାଘ୍ ଦୁଧ୍ ଆନେ ଯେହି ତୋ ବାଘ୍ ଖେ ଯେତ । ଦିନେକ୍ ଭୁଂଜିଆ ପିଲା ଦିଖ୍‌ଲୋ ହୁଥାନ୍ କନିଆ ଗଟେକ୍ କନେନେ ଶୁଏକର୍ ଛଟକ୍ ଛଟକ୍ କାନ୍ଦଦ୍ ରେହେଁ । କନିଆକେ ପଚାର୍‌ତେଁ କନିଆ କୁଏଲା ଆମାର କାନ ଦୁଖତେଁ । କାନ୍‌ନେ ବାଘ୍ ଦୁଧ୍ ଦେଁତେଁ ତୋ ହାମାର୍ ବଚ୍‌ତେଁ ନେହିଁ ତୋ ହାମାର ମରତେଁ । ଭୁଂଜିଆ ପିଲା ବାଘ୍ ଦୁଧ ଆନେ ଡଙ୍ଗର୍‌କେ ଗେଲୋ । ଡଙ୍ଗର୍‌ନେ ଡଗ୍‌ରେ ଡଗ୍‌ରେ ଗଟେକ୍ ଜାଗାନା ଦିଖ୍‌ଲୋ ଛଟା ବାଘ୍ ପିଲ୍ ହଗେ ମୁଁ ତେ ହେକର ପଡ୍ରେ ରେହେଁ । ଭୁଂଜିଆ ପିଲାଲା ଦୟା ହିସ୍ । ଭୁଂଜିଆ ପିଲା ସବ୍ ବାଘ୍ ପିଲ୍ ମାନ୍‌ଲା ପୁଛେ ପୁଛା ଦେଁ ସେଠାନ୍ ଢାଗାଲା ଟଁଚ୍‌ରା ଟଁଚ୍‌ରି କରେ ଦେଲୋ ଆର୍ ସବ୍ ବାଘ୍ ପିଲ୍ ମାନ୍‌ଲା ଗଟେକ୍ ଢାଗାନ

ରେଖ୍‌ଦେଲୋ ଆର୍ ଗଟେକ୍ ରୁଖ୍ ଉପର୍‌ନେ ଚଢ଼େ ରେହେଲୋ । ବାଘ୍‌ନୀ ଚରେ ବୁଲେଁ ଯେରେଲୋ । ବାଘ୍‌ନୀ ଫିର୍‌ଲୋ, ଦିଖ୍‌ଲୋ ବାଘ୍ ପିଲ୍ ମାନ୍‌ଲା ବନେକର୍ ଆଚେ ଆର୍ ସେ ଜାଗାନା ବଢ଼ିଆ ସୁନ୍ଦର ହେରେହେଁ । ବାଘ୍‌ନୀ ବାଘ୍ ପିଲ୍ ମାନ୍‌ଲା ପଚାର୍‌ତେଁ ବାଘ୍ ପିଲ୍ ମାନ୍‌ଲା ରୁଖ୍ ଉପର୍‌କେ ଦିଖେ ଦେଲୋ । ବାଘ୍‌ନୀ ଦିଖ୍‌ଲୋ ରୁଖ୍ ଉପରେ ଗଟେକ୍ ପିଲା ବସ୍‌ରେଲୋ । ବାଘ୍‌ନୀ ପିଲାକେ ପଚାର୍‌ଲୋ କାହେଁ ତୁମାର ଆମାର ପିଲ୍‌ମାନ୍‌ଲା ଯତନ୍ କର୍‌ଲୋ ଆର୍ ଆମାର୍ ଜାଗା ସାପ୍ ସୁତ୍‌ରା କରେ ଦେଲୋ । ତୁମାର୍ କିସ୍ କାଯେ ଇଠାନ୍ ଏ ରେଲୋ । ଭୁଂଜିଆ ପିଲା ସବ୍ କଥା କୁଏ ଦେଲୋ । ବାଘ୍‌ନୀ କୁଏଲୋ ତୁମାର୍ ହାମାର୍ କେତେକ୍ ସେବା ଯତନ୍ କେର୍‌ଲୋ । ତୁମାର୍ ହାମାର୍ ଦୁଧ୍ ଆର୍ ବାଘ୍ ପିଲ୍ ଗଟେକ୍ ନେକର୍ ତୁମାର୍ କନିଆକେ ଦେବେ । ତୁମାର୍ କନିଆ ବାଘ୍ ପିଲ୍‌କେ ଦିଖେଁତୋ ତୁମାର୍ ବାଘ୍‌ନୀ ଦୁଧ୍ ଆନେ ବଲଁତେଁ ବିଶ୍ୱାସ କରେଁ । ଭୁଂଜିଆ ପିଲା ବାଘ୍‌ନୀକେ ଦୁଧ୍ ଆର୍ ବାଘ୍ ପିଲ୍ ଧରେଁ ହୁଥାନ୍ ଘର୍‌କେ ଏଲୋ । ବାଘ୍ ପିଲ୍ ଆର୍ ବାଘ୍ ଦୁଧ୍ ଦେଖ୍‌ତେଁ ହୁଥାନ୍ କନିଆ ତଟ୍‌କା ହି ଗେଲୋ । ଭୁଂଜିଆ ପିଲା ହୁଥାନ୍ କନିଆକେ ବାଘ୍ ଦୁଧ୍ ଦିଲୋ ଆର୍ ବାଘ୍ ପିଲ୍‌କେ ପୋଷ୍‌ଲୋ ।

ମାସେକ୍ ଦୁଇ ମାସ୍ ଗେଲୋ । ଫିର୍ ଭୁଂଜିଆ ପିଲାଚ କନିଆ ଆଏଗ୍ ଆନ୍‌ବାଲା ସେଠାନ୍ ପିଲା ପାଶ୍‌ଲା ଗେଲୋ ପିଲାକେ ସବ୍ କଥା କୁଏଲୋ । ପିଲା ଫିର୍ ଗଟେକ୍ ଉପେ କଲୋ ଆର୍ କୁଏଲୋ ତୁମାର୍ ଫିର୍ ତୁମାର୍ ମୁନୁଷ୍‌କେ ଆର୍ ପେର୍‌କେ ଡଙ୍ଗରନା ଗୁଟେକ୍ ବନ୍ଧରେହେ ସେଠାନ୍ ଡଙ୍ଗର୍ ଭିତର୍‌କେ ବନ୍ଧ୍‌କେ ପାଏନ୍ ଆନେ କୁହେଁ । ଭୁଂଜିଆ ପିଲା ଚ କନିଆ ଫିର୍ ଘର୍‌କେ ଗଟେକ୍ କନେ ପଡ଼େକର ଛଟକ୍ ଛଟକ୍ କାନ୍ଦେରେଲୋ । ଭୁଂଜିଆ ପିଲା ଘର୍‌କେ ଏଲୋ ଦିଖ୍‌ଲୋ ହୁଥାନ୍ କନିଆ ଛଟକ୍ ଛଟକ୍ କାନ୍ଦତ୍‌ରେଲୋ । ଫିର୍ ପିଲା କନିଆକେ ପଚାର୍‌ତେଁ କନିଆ କୁଏଲୋ ଡଙ୍ଗର୍‌କେ ଆର୍‌ପେର ଗଟେକ୍ ଡଙ୍ଗର୍ ରେଁହେଁ ହୁନ୍ ଡଙ୍ଗର୍‌ନେ ଗଟେକ୍ ବନ୍ଧ ରେହେଁ ହୁନ୍ ବନ୍ଧ୍‌କେ ପାଏନ୍ ଆନେ କର୍ ହାମାର୍ ଦେତେଁ ତୋ ହାମାର୍ ବଚ୍‌ତେ ନେହିଁ ତୋ ମରତେଁ । ଭୁଂଜିଆ ପିଲା ବିଚାର୍ କେର୍‌ଲୋ । ଆର୍‌ପେର୍‌କେ ଡଙ୍ଗର୍‌କେ ବନ୍ଧ୍‌କେ ପାଏନ୍ ନେହିଁ ଆନେ ତୋ ହୁଥାନ୍ କନିଆ ମରତେଁ । ଭୁଂଜିଆ ପିଲା ବାଘ୍ ପିଲ୍‌କେ ଧରେକର ଆର୍‌ପେର୍‌କେ ଡଙ୍ଗର୍‌କେ ଗେଲୋ । ଆର୍‌ପେର୍‌କେ ଡଙ୍ଗର୍‌କେ ଗେଲୋ ବନ୍ଧ୍‌କେ ଡଗ୍‌ରେଲୋ । ଦେଖ୍‌ଲୋ କେତେନିକେତେ ଗଡ଼ିଆନା ସେଠାନ୍ ବନ୍ଧ୍ ରେହେ । ସେ ବନ୍ଧ୍‌କେ ଉତେର୍‌କର୍ ପାଏନ୍ ଆନେ ଗଟେକ୍ ଦଶା । ବନ୍ଧ ଭିତର୍‌କେ ଗେଲେ ଆଏବାକେ ମସ୍‌କୁଲ୍ ।

ଭୁଂଜିଆ ପିଲା ଭେବ୍ ଭେବ୍ କର୍ ସେଠାନ୍ କାନ୍ଦେରେଲୋ । ଭୁଂଜିଆ ପିଲା ବିଚାର୍‌ଲୋ ଇଥର୍ ହୁଥାନ୍ କନିଆ ନିଚିତ୍ ମର୍‌ବେ । କିସ୍‌କେର୍‌ଲେ ହୁନ୍ ବନ୍ଧକେ ପାଏଂନ୍ ଆନ୍‌ବେ । ଚିନ୍ତା କରେଁ କରେଁ ପିଲା ସେଠାନ୍ ବସେରେଲୋ ଆର୍ କାନ୍ଦେରେଲୋ । ଦୁଇ ଦିନ୍ ବିତେଗେଲୋ । ଭୁଂଜିଆ ପିଲାଚ କନିଆ ବିଚାର୍‌ଲୋ ଇଥର୍ ହୁତାର ମୁନୁଷ୍ ମାରାଯୋ ବନ୍ଧକେ ପାଏନ୍ ଆନେ ଉତୁରୁତେଁ ତୋ ଉପର ନେହିଁ ଏଂ ପେରୋ । ଇଥର୍ ସେ ପିଲାକେ ବିହା ହେତେଁ ସୁଖ୍‌ନେ ରେହେତେଁ । ଭୁଂଜିଆ ପିଲା ଦୁଇ ଦିନ୍ ଦୁଇ ରେତ୍ ବସେ କର୍ କାନ୍ଦେ ରେହେ । ଭୁଂଜିଆ ପିଲାକେ କାନ୍ଦା ଶୁନେକର୍ ଗୁଟେକ୍ ବନକନ୍ୟା ସେଠାନ୍‌ଲା ଏଲୋ । ଦିଖ୍‌ଲୋ ପିଲାକେ ଆର୍ ପଚାର୍‌ଲୋ । ଭୁଂଜିଆ ପିଲା ସବ୍ କଥା ମାନ୍‌ଲା କୁଏ ଦିଲୋ । ବନ୍ କନ୍ୟା କୁଏଲୋ ଆମାର ଗଟେକ୍ ସର୍ତ୍ତ ରଖେଁ ତୋ ତୁମାର୍ ପାଏନ୍ ଆନେ ଦେହୁଁ । ଭୁଂଜିଆ ପିଲା ହଁ କେର୍‌ଲୋ । ବନ କନ୍ୟା ଚ ସର୍ତ୍ତ ହେଲୋ ବନ୍‌କନ୍ୟାକେ ଭୁଂଜିଆ ପିଲା ବିହାହେବେ । ବନ୍ କନ୍ୟା ବନ୍ଧକେ ଯେକର୍ ପାଏନ୍ ଆନେ ଦେଲୋ । ପାଏନ୍ ଧର୍‌କେ ଭୁଂଜିଆ ପିଲା ହୁଥାନ୍ କନିଆ ଆନେ । ଭୁଂଜିଆ ପିଲା ଡଙ୍ଗର୍ ପେର୍‌କର୍ ଏ ରେଲୋ । ହୁଥାନ୍ ହେଲିଆ ହି ଯେ ରେଲୋ । ଘର୍‌କେ ଏକେ ବନ୍ଧକେ ପାଏନ୍ ହୁଥାନ୍ କନିଆକେ ଦିଲୋ ଆର୍ ନିଘୋଡ଼ ନିଦେ ଶୋଁଉ ଗେଲୋ । ହୁଥାନ୍ କନିଆ ଦିଖ୍‌ଲୋ ଯାହାଁ କରେଁ ଭୁଂଜିଆ ପିଲା ନେହିଁ ମାରାଗେଲେ । ଭୁଂଜିଆ ପିଲାଚ କନିଆ ଗଟେକ୍ ଟଙ୍ଗିଆ ନେକର୍ ମୁନୁଷ୍‌କେ ମୁଡ୍ ଗଣିକେ ଦୁଇ ଠୁସା କରେ ଦେଲୋ । ଭୁଂଜିଆ ପିଲା ମାରା ଗେଲୋ । ଯନ୍‌ତା ଭୁଂଜିଆ ପିଲା ମାରାଗେଲୋ ହୁଥାନ୍ ଗାଓଁକେ ବନ୍ଧନେ ପାଂଏନ୍ ଟଲ୍‌ଟଲି ଗେଲୋ । ଯେନ୍‌ତା ବନ୍ଧନେ ପାଏନ୍ ଟଲ୍‌ଟଲି ଗେଲୋ ଭୁଂଜିଆ ଡୋକ୍‌ରା ଯେନ୍‌ପେର୍‌ଲୋ ହୁଥାନ୍ ବେଟାକେ କୋନ୍ ମାରାଦେଲୋ । ଡୋକ୍‌ରା ମନ ଦୁଖ କରେଲୋ ଆର ହୁଥାନ୍ କ୍ରିୟା କରମ୍ କରେଁ ହୁଥାନ ଡଗେର୍ ଜିସ୍ । ଭୁଂଜିଆ ପିଲା ଯେନ୍‌ତା ମାରାଗିଲୋ ହୁଥାନ୍ କନିଆ ସେଠାନ୍ ପିଲା ପାଶ୍‌ଲା ଗେଲୋ ଆର୍ ପିଲା ସନେ ବିହା ହେଲୋ ରହେଲୋ ।

ଭୁଂଜିଆ ପିଲାକେ ଘରେ ବାଘ୍ ରେହେ । ବାଘ୍ ଦିକ୍‌ଲୋ ଭୁଂଜିଆ ପିଲା ଦୁଇ ଠୁସା ହିଯେରେଲୋ । ବାଘ୍ ପିଲା ମୁଣ୍ଡ ଆର ଗଣିକେ ଧର୍‌ଲୋ, ଆର୍ ପେର୍‌କେ ଡଙ୍ଗର୍‌କେ ବନ୍ କନ୍ୟା ପାଶ୍‌ଲା ନେଲୋ । ବନ୍ କନ୍ୟା ଦିଖ୍‌ଲୋ ହୁଥାନ୍ ସ୍ୱାମୀ ଦୁଇ ଠୁସା ହିଯେରେହୋ ବନ୍‌କନ୍ୟା ମୁଡ୍ ଆର ଗଣିକେ ଧରେଁ ଆର୍ ବନ୍ ଦେବୀ ପାଶ୍‌ଲା ଗିଲୋ । ସେଠାନ୍ ବନ୍ ଦେବୀ ପାଶ୍‌ଲା ସାତ୍ ଦିନ୍ ସାତ୍ ରେତ୍

କାନ୍ଦେରେଲୋ । ବନ୍‌ଦେବୀ ପରସନ୍ ହେଲୋ । ବନ୍ କନ୍ୟାକେ ଡାକ୍ ଶୁନଲୋ । ବନ୍ ଦେବୀ ଭୁଂଜିଆ ପିଲାକେ ଜୀବନ୍ ଦାନ ଦିଲୋ । ଭୁଂଜିଆ ପିଲା ଉଠେକର ବସ୍‌ଲୋ । ବନ୍ କନ୍ୟା ଆର୍ ବାଘ୍ ପିଲ୍ ସବ୍ କଥା ମନ୍‌ଲା ଭୁଂଜିଆ ପିଲାକେ କୁଏଦିସ୍ । ଭୁଂଜିଆ ପିଲା ବନ୍‌କନ୍ୟାକେ କୁଏଲୋ ତୁମାର ଗଟେକ୍ ହାତୀ ଆନେ । ବନ କନ୍ୟା ଗଟେକ୍ ହାତୀ ଆନେଁ । ଭୁଂଜିଆ ପିଲା ବନ୍ ଦେବୀକେ ସୁମରନା କେର୍‌ଲୋ । ଗୁଟେ ଖଣ୍ଡା ମେଗ୍‌ଲୋ । ବନ୍‌କନ୍ୟା, ଭୁଂଜିଆ ପିଲା ଆର୍ ବାଘ୍‌ପିଲ୍ ହାତୀନେ ବସେଁ ଆର୍ ହୁଥାନ୍ କନିଆ ପାଶ୍‌ଲା ଗେଲୋ । ସେଠାନ୍ ପିଲାକେ ଆର୍ ହୁଥାନ୍ କନିଆକେ ମାରା ଦେଲୋ । ବନ କନ୍ୟା, ଭୁଂଜିଆ ପିଲ୍ ଆର୍ ବାଘ୍ ପିଲା ସେଠାନ୍ ଘର୍‌ନେ ରେହେଲୋ । ବନ୍ କନ୍ୟାକେ ବିହାହେଲୋ ।

ଭୁଂଜିଆ ପିଲାଚ ବାପ୍ ବେଟାକେ ଡଗ୍‌ରାତେଁ ଡଗ୍‌ରାତେଁ ସେଠାନ୍ ଡଙ୍ଗର୍‌କେ ଗେଲୋ । ଡଙ୍ଗର୍‌ନେ ବେଟାକେ ଜିଅଁତ୍ ଦିଖେ ବଡ଼ା ଖୁସୀ ହେଲୋ । ବେଟା ଚ, କନିଆ, ବେଟାକେ ଆର୍ ବାଘ୍ ପିଲ୍‌କେ ଧର୍‌ତେଁ ଡୋକ୍‌ରା ଗାଓଁକେ ନିଲୋ । ଗାଓଁନେ ବିହାଘର୍ କେର୍‌ଲୋ ଆର୍ ସେ ବନ୍ଧ୍‌କେ ପ୍ରତିଷ୍ଠା କେର୍‌ଲୋ ସୁଖେନେ ସବ୍‌କେ ରେଖ୍‌ଲୋ ।

### ଓଡ଼ିଆ ଅନୁବାଦ :

ଗୋଟିଏ ଗ୍ରାମରେ ଜଣେ ଭୁଂଜିଆ ବୁଢ଼ା ରହୁଥିଲେ । ସେ ସେହି ଗ୍ରାମର ମୁଖିଆ ଥିଲେ । ସେ ଗ୍ରାମର ସବୁ କଥାମାନ ବୁଝୁଥିଲେ । ତାଙ୍କର ଗୋଟିଏ ସ୍ତ୍ରୀ ଥିଲେ ଏବଂ ଗୋଟିଏ ପୁଅ ଥିଲେ । ବୁଢ଼ାଙ୍କୁ ଗ୍ରାମର ଲୋକମାନେ ମୁଖିଆ କହୁଥିଲେ ଏବଂ ବୁଢ଼ା ସମସ୍ତଙ୍କ ସୁବିଧା ଅସୁବିଧା ବୁଝୁଥିଲେ । ଗୋଟିଏ ବର୍ଷ ସେହି ଗ୍ରାମରେ ପାଣିର ଅସୁବିଧା ହେଲା । ସମସ୍ତ ଲୋକମାନେ ବସି ବିଚାର କଲେ ଭୁଂଜିଆ ବୁଢ଼ାଙ୍କୁ ଗୋଟିଏ ପୋଖରୀ ଖୋଳିବା ପାଇଁ କହିବେ । ସବୁ ଲୋକମାନେ ମିଶି ବୁଢ଼ା ପାଖକୁ ଗଲେ ଏବଂ ଗ୍ରାମରେ ଗୋଟିଏ ପୋଖରୀ ଖୋଳିବା ପାଇଁ କହିଲେ । ବୁଢ଼ା ଦେଖିଲେ ପ୍ରକୃତରେ ଗ୍ରାମରେ ସମସ୍ତ ଲୋକମାନେ ପାଣି ପାଇଁ ବେଶୀ ହଇରାଣ ହୋଇ ଯାଉଛନ୍ତି । ବୁଢ଼ା ଗ୍ରାମରେ ଗୋଟିଏ ପୋଖରୀ ଖୋଳେଇ ଦେଲେ । ମାସେରେ ପୋଖରୀ ଖୋଳିବା ସରିଗଲା । ହେଲେ ପୋଖରୀରେ ପାଣି ବାହାରିଲା ନାହିଁ । ବୁଢ଼ା ମନରେ ଭାଳେଣୀ ପଡ଼ିଲା । ସେ ମନକୁ ମନ ଭାବିଲେ ଏତେ ଟଙ୍କା ଖର୍ଚ୍ଚ କରି ପୋଖରୀ ଖୋଳେଇଲେ ହେଲେ ପୋଖରୀରେ ପାଣି ବାହାରିଲା ନାହିଁ । ଦିନେ ବୁଢ଼ା ଦେବୀ ପାଖକୁ ଗଲେ ଏବଂ ଦେବୀଙ୍କୁ ପଚାରିଲେ । ଦେବୀ କହିଲେ ତୋର ପୁଅ ବଞ୍ଚିଥିବା ଯାଏଁ ପୋଖରୀରେ ପାଣି ବାହାରିବ ନାହିଁ ?

ତୋର ପୁଅକୁ ବଳି ଦେଲେ ପୋଖରୀରେ ପାଣି ବାହାରିବ । ବୁଢ଼ା କ'ଣ କରିବେ କିଛି ଠିକ୍ କରିପାରିଲେ ନାହିଁ । ଯେତେବେଳେ ବୁଢ଼ା ଘରକୁ ଆସିଲେ ତାଙ୍କର ସ୍ତ୍ରୀ ତାଙ୍କୁ ପଚାରିଲେ କାହିଁକି ପୋଖରୀରେ ପାଣି ବାହାରିଲା ନାହିଁ ? ବୁଢ଼ା ତାଙ୍କ ସ୍ତ୍ରୀକୁ କହିଲେ ଯେତେବେଳେ ଆମର ପୁଅକୁ ନେଇ ପୋଖରୀରେ ବଳି ଦେବା ସେତେବେଳେ ପୋଖରୀରେ ପାଣି ବାହାରିବ । ବୁଢ଼ାଙ୍କ ସ୍ତ୍ରୀ ଭାବିଲେ ତାଙ୍କର ଗୋଟିଏ ପୁଅକୁ ବଳି ଦେଇଦେଲେ ପୋଖରୀରେ ପାଣି ବାହାରିବ । ଗ୍ରାମର ସମସ୍ତ ଲୋକମାନେ ପାଣି ପାଇପାରିବେ । ଆମକୁ ଧର୍ମ ହେବ । ବୁଢ଼ାଙ୍କ ସ୍ତ୍ରୀ ବୁଢ଼ାଙ୍କୁ କହିଲେ ତାଙ୍କର ପୁଅକୁ ପୋଖରୀରେ ବଳି ଦେବା ପାଇଁ । ବୁଢ଼ା ବୁଢ଼ୀଙ୍କ କଥା ତାଙ୍କର ବୋହୂ (ତାଙ୍କ ପୁଅର ସ୍ତ୍ରୀ) ଶୁଣିପାରିଲା ।

ସନ୍ଧ୍ୟାରେ ଭୁଂଜିଆ ପିଲା ଘରକୁ ଫେରିଲା । ତାର ସ୍ତ୍ରୀ ସୁନାର ଥାଳି, ରୂପା ତାଟିଆମାନଙ୍କରେ ଭାତ, ଡାଲି, ତରକାରୀ ବାଢ଼ି ବସି ରହିଲା । ଯେତେବେଳେ ଭୁଂଜିଆ ପିଲା ଖାଇବାକୁ ବସିଲା ସେତେବେଳେ ତାର ସ୍ତ୍ରୀ ସୁନା ଥାଳି, ରୂପା ତାଟିଆର ଭାତ, ଡାଲି, ତରକାରୀ ସ୍ୱାମୀକୁ ନେଇ ଖାଇବାକୁ ଦେଲା । ଭୁଂଜିଆ ପିଲା ସୁନା ଥାଳି, ରୂପାର ତାଟିଆକୁ ଦେଖି ତାର ସ୍ତ୍ରୀକୁ ପଚାରିଲା ଆଜି କେମିତି ଏସବୁରେ ଭାତ, ଡାଲି, ତରକାରୀ ଖାଇବାକୁ ଦେଇଛି । ତାର ସ୍ତ୍ରୀ କହିଲା ଆସନ୍ତା କାଲି ତୁମର ବାପା ତୁମକୁ ନେଇ ପୋଖରୀରେ ବଳି ଦେବେ । ତୁମକୁ ପୋଖରୀରେ ବଳି ଦେଲେ ପୋଖରୀରେ ପାଣି ବାହାରିବ । ତେଣୁ ତୁମେ ଆଜି ଦିନକ ସୁନା ଥାଳି, ରୁପାଗିନାରେ ଭାତ, ଡାଲି, ତରକାରୀ ଖାଇଥାଅ । ଭୁଂଜିଆ ପିଲା ବସି ବିଚାର କଲା । ରାତିରେ ଭୁଂଜିଆ ପିଲା ଏବଂ ତାଙ୍କ ସ୍ତ୍ରୀ ଘର ଛାଡ଼ି ପାହାଡ଼କୁ ପଳେଇ ଗଲେ । ପାହାଡ଼ରେ ଗୋଟିଏ ଘର ତିଆରି କରି ରହିଲେ । ସେମାନେ ଘରୁ କିଛି ଖାଇବା ଜିନିଷ ଧରି ଆସିଥିଲେ ତାହା ଖାଇକେତେ ଦିନ ରହିଲେ । ଦିନେ ଭୁଂଜିଆ ପିଲା ତାଙ୍କର ସ୍ତ୍ରୀକୁ କହିଲେ ତୁ ନିଆଁ ଲଗାଇ ପାଣି ଗରମ କରିଥା । ମୁଁ ଶିକାର କରିବା ପାଇଁ ପାହାଡ଼କୁ ଯାଉଛି । ଶିକାର କରି ଫେରିଲେ ମାଂସକୁ ରୋଷେଇ କରି ଖାଇବା । ଭୁଂଜିଆ ପିଲାର ସ୍ତ୍ରୀ ଗୋଟିଏ ବଡ଼ ଗଛ ଉପରେ ଚଢ଼ିଲା ଏବଂ କେଉଁଠି ନିଆଁ ଅଛି ବୋଲି ଦେଖିଲା । ଦେଖିଲା ଗୋଟିଏ ସ୍ଥାନରେ ଧୂଆଁ ବାହାରୁଥାଏ । ସେ ସେହି ଧୂଆଁକୁ ଦେଖି ଦେଖି ନିଆଁ ପାଇଁ ସେହି ସ୍ଥାନକୁ ଗଲା । ଭୁଂଜିଆ ପିଲାର ସ୍ତ୍ରୀ ଖରାପ ଚରିତ୍ରର ଥିଲା । ସେ ଯେଉଁ ପାଖକୁ ନିଆଁ ପାଇଁ ଗଲା ସେଠାରେ ଗୋଟିଏ ପିଲା ରହୁଥିଲା । ସେ ଦେଖିବାରେ ସୁନ୍ଦର ଥିଲା । ସେ ସେଠାରେ ପାଳମାନଙ୍କୁ ନିଆଁ ଧରେଇଥିଲା ଏବଂ ସେଥିରୁ ଧୂଆଁ ବାହାରୁଥିଲା ।

ଭୁଂଜିଆ ପିଲାର ସ୍ତ୍ରୀ ସେଠାକୁ ଯାଇ ନିଆଁ ମାଗିଲା ଏବଂ ନିଆଁ ଧରି ଘରକୁ ଫେରିଲା । ଭୁଂଜିଆ ପିଲା ଶିକାର କରି ମାଂସ ଧରି ଘରକୁ ଆସିଲା । ଘରେ ମାଂସ ରୋଷେଇ କରି ଖାଇଲେ । ତା ପରଦିନ ସକାଳେ ଭୁଂଜିଆ ପିଲା ପୁଣି ଶିକାର କରିବା ପାଇଁ ଗଲା । ତାର ସ୍ତ୍ରୀ ପୁଣି ନିଆଁ ଆଣିବା ପାଇଁ ସେହି ପିଲା ଘରକୁ ଗଲା । ନିଆଁ ଆଣି ପୁଣି ଘରକୁ ଫେରିଲା । ଏପରି ସବୁଦିନ ଭୁଂଜିଆ ପିଲା ଶିକାର କରିବା ପାଇଁ ଗଲେ ତାର ସ୍ତ୍ରୀ ସବୁଦିନ ନିଆଁ ଆଣିବା ପାଇଁ ସେହି ପିଲା ପାଖକୁ ଯାଉଥିଲା । ସବୁଦିନ ସେହି ପିଲା ପାଖକୁ ଯିବା ଦ୍ୱାରା ଦୁଇ ଜଣଙ୍କର ସବୁଦିନ ଦେଖାସାକ୍ଷାତ୍ ହେଲା ଏବଂ ଦୁଇଜଣ ପ୍ରେମରେ ପଡ଼ିଗଲେ । ଦିନେ ସେହିପିଲା ଭୁଂଜିଆ ପିଲାର ସ୍ତ୍ରୀକୁ କହିଲା ତୋର ସ୍ୱାମୀକୁ ମାରିଦେଲେ ତୁ ଏବଂ ମୁଁ ଗୋଟିଏ ସ୍ଥାନରେ ରହିବା ବାହା ହେବା । ସେହି ପିଲା ଗୋଟିଏ ଉପାୟ ଚିନ୍ତା କଲା ଏବଂ ଭୁଂଜିଆ ପିଲାର ସ୍ତ୍ରୀକୁ କହିଲା ।

ଦିନେ ସନ୍ଧ୍ୟାରେ ଭୁଂଜିଆ ପିଲା ଶିକାର କରି ମାଂସ ଧରି ଘରକୁ ଫେରିଲା । ସେତେବେଳେ ତାର ସ୍ତ୍ରୀ ଘରର ଗୋଟିଏ କୋଣରେ ଶୋଇ ରହି ଜୋର୍‌ରେ କାନ୍ଦିଲା । ଭୁଂଜିଆ ପିଲା ତାର ସ୍ତ୍ରୀକୁ କାନ୍ଦିବାର କାରଣ ପଚାରିଲା । ତାର ସ୍ତ୍ରୀ କହିଲା ମୋର କାନ ବିନ୍ଧୁଛି, କାନରେ ନାଗ ସାପର କ୍ଷୀର ଆଣି କାନ ଭିତରେ ଦେଲେ ମୁଁ ବଞ୍ଚିବି ନହେଲେ ମରିଯିବି । ଭୁଂଜିଆ ପିଲା ତାର ସ୍ତ୍ରୀକୁ ବେଶୀ ଭଲ ପାଉଥିଲା । ସେ ଗୋଟିଏ ଧନୁର ଶର ଧରି ନାଗ ସାପର କ୍ଷୀର ଖୋଜିବାପାଇଁ ଗଲା । ଗୋଟିଏ ସ୍ଥାନରେ ଦେଖିଲା ନାଗ ସାପର ଛୁଆମାନେ ଥିଲେ ଏବଂ ସେଠାରେ କ୍ଷୀର ଥିଲା । ମାଁ ନାଗ ସାପ ସେଠାରେ ନଥିଲା । ଭୁଂଜିଆ ପିଲା ସବୁ ସାପ ଛୁଆମାନଙ୍କୁ ମାରି ଦେଇ ନାଗ ସାପର କ୍ଷୀର ଧରି ଫେରିଲା । ଘରେ ତାର ସ୍ତ୍ରୀ ତା'ର ସ୍ୱାମୀ ନାଗ ସାପର କ୍ଷୀର ଧରି ଫେରିଥିବା ଦେଖି ଆଶ୍ଚର୍ଯ୍ୟ ହେଇଗଲା । ସେ ଭାବୁଥିଲା ତାର ସ୍ୱାମୀ ନାଗ ସାପର କ୍ଷୀର ପାଇଁ ଗଲେ ସେଠାରେ ନାଗସାପ ତାକୁ କାମୁଡ଼ି ଦେବ ଏବଂ ସେ ମରିଯିବ । ଭୁଂଜିଆ ପିଲା ମରିଗଲେ ସେ ସେହି ପିଲା (ତାର ପ୍ରେମିକ) ସହିତ ବାହା ହୋଇ ରହିବ । ତେଣୁ ସେ ତାର ସ୍ୱାମୀକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ଭୁଂଜିଆ ପିଲା ତାର ସ୍ତ୍ରୀକୁ ନାଗ ସାପର କ୍ଷୀର ଦେଲା । ତାର ସ୍ତ୍ରୀ ସେହି କ୍ଷୀରକୁ କାନରେ ଦେବା ପରି କଲା ଏବଂ ତାର ସ୍ୱାମୀର ଅଜାଣତରେ ସବୁ ଫିଙ୍ଗି ଦେଲା । କିଛି ଦିନ ସେ ଚୁପ୍‌ଚାପ୍ ରହିଲା । ଦିନେ ସେ ତାର ପ୍ରେମିକ ପାଖକୁ ଗଲା ଏବଂ ତାର ପ୍ରେମିକକୁ ସବୁ କଥା କହିଲା । କଣ କଲେ ଭୁଂଜିଆ ପିଲା ମରିବ ବୋଲି ଭୁଂଜିଆ ପିଲାର ସ୍ତ୍ରୀ ପ୍ରେମିକ ଚିନ୍ତା କଲା

ଏବଂ କହିଲା ତୋର ସ୍ୱାମୀକୁ ବାଘୁଣୀର କ୍ଷୀର ଆଣିବା ପାଇଁ କହିବୁ । ଯେତେବେଳେ ସେ ବାଘୁଣୀର କ୍ଷୀର ପାଇଁ ଯିବ ସେତେବେଳେ ବାଘୁଣୀ ଭୁଂଜିଆ ପିଲାକୁ ମାରି ଖାଇଯିବ । ଦିନେ ଭୁଂଜିଆ ପିଲା ଦେଖିଲା ତାର ସ୍ତ୍ରୀ ପୁଣି ଜୋର୍‌ରେ ରଡ଼ି ଛାଡ଼ି କାନ୍ଦୁଛି । ସେ ପଚାରିବାରୁ ତାର ସ୍ତ୍ରୀ କହିଲା ପୁଣି ତାର କାନ ଦରଜ ହେଉଛି । ଏଥର ଯଦି ବାଘୁଣୀ କ୍ଷୀର ଆଣି ତା କାନରେ ଦିଅନ୍ତି ତାହେଲେ ଯାଇ ସେ ବଞ୍ଚିବ ନହେଲେ ସେ ମରିଯିବ । ଭୁଂଜିଆ ପିଲା ବାଘୁଣୀ କ୍ଷୀର ଆଣିବା ପାଇଁ ପାହାଡ଼କୁ ଗଲା । ସବୁ ଜାଗା ଖୋଜିଲା । ଗୋଟିଏ ଜାଗାରେ ଦେଖିଲା ଛ'ଟି ବାଘ ଛୁଆ ଅଛି । ସେମାନେ ଗୁହ, ମୁତ ହୋଇ ପଡ଼ି ରହିଛନ୍ତି । ଭୁଂଜିଆ ପିଲାର ବାଘ ଛୁଆ ପ୍ରତି ଦୟା ହେଲା । ଭୁଂଜିଆ ପିଲା ବାଘ ଛୁଆମାନଙ୍କୁ ପୋଛାପୋଛି କରି ସଫା କରିଦେଲା ଏବଂ ସେହି ସ୍ଥାନକୁ ସଫା କରି ଦେଲା । ସେହି ସ୍ଥାନର ଗଛ, ଲଟାମାନଙ୍କୁ ଓପାଡ଼ି ଦେଇ ସଫା କରିଦେଲା । ସବୁ ବାଘ ଛୁଆମାନଙ୍କୁ ସଫା ସ୍ଥାନରେ ରଖିଦେଇ ସେ ଗୋଟିଏ ବଡ଼ ଗଛ ଉପରେ ଚଢ଼ି ରହିଲା । ବାଘୁଣୀ ତାର ଖାଦ୍ୟ ପାଇଁ କୁଆଡ଼େ ଯାଇଥିଲା । ବାଘୁଣୀ ଫେରିଲା ଦେଖିଲା ବାଘ ଛୁଆମାନେ ସଫା ସୁତୁରା ହୋଇଛନ୍ତି ଏବଂ ସେହି ସ୍ଥାନ ମଧ୍ୟ ସଫା ସୁତୁରା ହେଇଛି । ବାଘୁଣୀ ତାର ଛୁଆମାନଙ୍କୁ ପଚାରିଲା । ବାଘ ଛୁଆମାନେ ଗଛ ଉପରକୁ ଦେଖାଇ ଦେଲେ । ବାଘୁଣୀ ଗଛ ଉପରକୁ ଦେଖିଲା । ଦେଖିଲା ସେଠାରେ ଗୋଟିଏ ପିଲା ବସିଥିଲା । ବାଘୁଣୀ ସେହି ପିଲାକୁ ପଚାରିଲା ତୁମେ କଣ ପାଇଁ ଏଠାକୁ ଆସିଛ ? ତୁମେ କଣ ପାଇଁ ମୋର ଛୁଆମାନଙ୍କୁ ଓ ମୋର ରହିବା ସ୍ଥାନକୁ ସଫା କଲ ? ଭୁଂଜିଆ ପିଲା ସବୁ କଥାମାନ କହିଲା । ବାଘୁଣୀ କହିଲା ତୁମେ ଆମର କେତେ ସେବା ଯତ୍ନ କଲ । ତୁମେ ମୋର କ୍ଷୀର ଏବଂ ଗୋଟିଏ ବାଘଛୁଆ ଧରି ତୁମ ଘରକୁ ଯାଅ । ବାଘ ଛୁଆକୁ ଦେଖିଲେ ତୁମର ସ୍ତ୍ରୀ ଏହି କ୍ଷୀରକୁ ଦେଖି ବିଶ୍ୱାସ କରିବ ଯେ ତୁମେ ବାଘୁଣୀ ଦୁଧ ଆଣିଛ ବୋଲି । ଭୁଂଜିଆ ପିଲା ବାଘୁଣୀର କ୍ଷୀର ଏବଂ ଗୋଟିଏ ବାଘ ଛୁଆ ଧରି ଘରକୁ ଫେରିଲା । ଘରେ ତାର ସ୍ତ୍ରୀ ଭୁଂଜିଆ ପିଲାକୁ ଏବଂ ବାଘ ଛୁଆ ଓ ବାଘୁଣୀ କ୍ଷୀରକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ଭୁଂଜିଆ ପିଲା ତାର ସ୍ତ୍ରୀକୁ ବାଘୁଣୀ କ୍ଷୀର ଦେଲା ଏବଂ ବାଘ ଛୁଆକୁ ନିଜ ଘରେ ରଖି ପୋଷିଲା ।

ମାସେ ଦୁଇ ମାସ ବିତିଗଲା । ଦିନେ ତାର ସ୍ତ୍ରୀ ପୁଣି ତା'ର ପ୍ରେମିକ ପାଖକୁ ଗଲା । ତାର ପ୍ରେମିକକୁ ସବୁକଥା କହିଲା । ତାର ପ୍ରେମିକ ପୁଣି ଗୋଟିଏ ଉପାୟ ଚିନ୍ତା କଲା । କହିଲା ଏଥର ତୋର ସ୍ୱାମୀକୁ ଆର ପଟରେ ଥିବା ପାହାଡ଼ ଭିତରର ପୋଖରୀରୁ ପାଣି ଆଣିବା ପାଇଁ କହିବୁ । ଆର ପଟ ପାହାଡ଼ରେ ଯେଉଁ ପୋଖରୀ

ଅଛି ତାହା ବହୁତ ଗଡ଼ିଆରେ ଅଛି । ସେହି ପୋଖରୀକୁ ଓହ୍ଲେଇଲେ ଉପରକୁ ଚଢ଼ି ହୁଏ ନାହିଁ । ଭୁଂଜିଆ ପିଲାର ସ୍ତ୍ରୀ ପୁଣି ଘରେ ଗୋଟିଏ କୋଣରେ ପଡ଼ି ରହି ଜୋର୍‌ରେ କାନ୍ଦିବାକୁ ଲାଗିଲା । ଭୁଂଜିଆ ପିଲା ତାର ସ୍ତ୍ରୀକୁ ପଚାରିବାରୁ ସେ କହିଲା ଏଇ ପାହାଡ଼ ଆରପଟେ ଗୋଟିଏ ପାହାଡ଼ ଅଛି, ସେହି ପାହାଡ଼ରେ ଗୋଟିଏ ପୋଖରୀ ଅଛି । ସେହି ପୋଖରୀର ପାଣି ଆଣି ଦେଲେ ମୋର କାନ ଦରଦ ବନ୍ଦ୍ ହେବ, ନହେଲେ ବନ୍ଦ୍ ହେବ ନାହିଁ । ମୁଁ ବଞ୍ଚିବି ନାହିଁ ମରିଯିବି ! ଭୁଂଜିଆ ପିଲା ସରଳ ପିଲା ସେ ଭାବିଲା ସେହି ପାଣି ନ ଆଣିଲେ ତାର ସ୍ତ୍ରୀ ମରିଯିବ । ସେ ତାର ସ୍ତ୍ରୀକୁ ବେଶୀ ଭଲ ପାଉଥିଲା । ତେଣୁ ସେ ସେହି ପୋଖରୀର ପାଣି ଆଣିବା ପାଇଁ ସେ ପାହାଡ଼କୁ ଯାଇ ସେହି ପୋଖରୀକୁ ଖୋଜିଲା । ଶେଷରେ ପୋଖରୀ ଖୋଜି ପାଇଲା । ଦେଖିଲା ସେହି ପୋଖରୀ ପାହାଡ଼ରେ ବହୁତ ତଳେ ଅଛି । ସେହି ପାଖରୀକୁ ଓହ୍ଲେଇଲେ ଉପରକୁ ଚଢ଼ି ପାରିବ ନାହିଁ । ଭୁଂଜିଆ ପିଲା ଭାବିଲା ଏଥର ନିଶ୍ଚୟ ତାର ସ୍ତ୍ରୀ ମରିଯିବ । ସେ ଭାବି ଭାବି ସେଠାରେ ବସି କାନ୍ଦିଲା । ଦୁଇ ଦିନ ବିତିଗଲା । ସେ ସେଠାରେ ବସି ମନ ଦୁଃଖରେ କାନ୍ଦୁଥାଏ । ଭୁଂଜିଆ ପିଲାର ସ୍ତ୍ରୀ ଭାବିଲା ଏଥର ନିଶ୍ଚୟ ତାର ସ୍ୱାମୀ ମରିବ । ପୋଖରୀକୁ ପାଣି ପାଇଁ ଓହ୍ଲେଇଲେ ଉପରକୁ ଚଢ଼ି ପାରିବ ନାହିଁ । ଭୁଂଜିଆ ପିଲା ସେଠାରେ ଦୁଇ ଦିନ ଦୁଇ ରାତି ବସି କାନ୍ଦିଲା । ତାର କାନ୍ଦ ଶୁଣି ପାରି ଗୋଟିଏ ବନ କନ୍ୟା ସେ ପାଖକୁ ଆସିଲା । ଭୁଂଜିଆ ପିଲାକୁ ତାର କାନ୍ଦିବାର କାରଣ ପଚାରିବାରୁ ସେ ସବୁକଥା କହି ଦେଲା । ବନ କନ୍ୟା କହିଲା ମୋର ଗୋଟିଏ ସର୍ତ୍ତ ରକ୍ଷା କଲେ ତୁମ ପାଇଁ ସେହି ପୋଖରୀରୁ ପାଣି ଆଣିଦେବି । ଭୁଂଜିଆ ପିଲା ହଁ କହିଲା । ବନ କନ୍ୟାର ସର୍ତ୍ତ ହେଲା ଭୁଂଜିଆ ପିଲା ତାକୁ ବାହାହେବ । ବନ କନ୍ୟା ପୋଖରୀକୁ ଯାଇ ପାଣି ଆଣିଲା । ଭୁଂଜିଆ ପିଲା ସେହି ପାଣିକୁ ଧରି ତା ଘରକୁ ଫେରି ତାର ସ୍ତ୍ରୀକୁ ଦେଲା । ଭୁଂଜିଆ ପିଲା ପାହାଡ଼ ଚଢ଼ି ଚାଲି ଚାଲି ଆସିଥିଲା । ସେ ବେଶୀ ଥକି ଯାଇଥିଲା । ସେ ତାର ସ୍ତ୍ରୀକୁ ସେହି ଆଣିଥିବା ପାଣି ଦେଇ ଦେଲା ଏବଂ ବିଶ୍ରାମ ନେଲା । ବିଶ୍ରାମ ନେବା ସମୟରେ ସେ ନିଘୋଡ଼ ନିଦରେ ଶୋଇ ପଡ଼ିଲା । ସେତେବେଳେ ଭୁଂଜିଆ ପିଲାର ସ୍ତ୍ରୀ ଭାବିଲା ଯାହା କଲେ ମଧ୍ୟ ତାର ସ୍ୱାମୀ ମରିଲା ନାହିଁ । ସେ ଗୋଟିଏ ଟାଙ୍ଗିଆ ଆଣିଲା ଏବଂ ଟାଙ୍ଗିଆରେ ତାର ସ୍ୱାମୀର ମୁଣ୍ଡକୁ କାଟିଦେଲା । ଭୁଂଜିଆ ପିଲା ମରିଗଲା । ଯେତେବେଳେ ଭୁଂଜିଆ ପିଲା ମରିଗଲା ସେତେବେଳେ ତାଙ୍କ ଗ୍ରାମରେ ତାର ବାପା ଖୋଳାଇ ଥିବା ପୋଖରୀରେ ଆପେ ଆପେ ପାଣି ବାହାରିଲା । ପୋଖରୀରେ ପାଣି ବାହାରିବା ଦେଖି ଭୁଂଜିଆ

ପିଲାର ବାପା ଜାଣି ପାରିଲା ତାର ପୁଅ ମରିଯାଇଛି । ଭୁଂଜିଆ ପିଲାର ବାପା ମନ ଦୁଃଖ କଲା ଏବଂ ତାର ମୃତ୍ୟୁର କ୍ରିୟା କର୍ମ କରିବା ପାଇଁ ତାକୁ ଖୋଜିବା ପାଇଁ ବାହାରିଲା । ଭୁଂଜିଆ ପିଲାକୁ ମାରିଦେଇ ତାର ସ୍ତ୍ରୀ, ତାର ପ୍ରେମିକ ପାଖକୁ ଚାଲିଗଲା ଏବଂ ତାର ପ୍ରେମିକ ସହିତ ରହିଲା ।

ଭୁଂଜିଆ ପିଲା ଘରେ ବାଘଛୁଆ ଥିଲା । ବାଘଛୁଆ ଦେଖିଲା ଭୁଂଜିଆ ପିଲା ଦୁଇ ଖଣ୍ଡ ହୋଇ ଯାଇଛି । ବାଘ ଛୁଆ ଭୁଂଜିଆ ପିଲାର ମୁଣ୍ଡ ଓ ଗଣ୍ଡିକୁ ଧରି ଆର ପଟ ପାହାଡ଼ରେ ଥିବା ବନ କନ୍ୟା ପାଖକୁ ଗଲା । ବନ କନ୍ୟା ଦେଖିଲା ତାର ସ୍ୱାମୀ (ଭୁଂଜିଆ ପିଲା)କୁ କିଏ ମାରିଦେଇଛି । ବନ କନ୍ୟା ତାର ସ୍ୱାମୀର ମୁଣ୍ଡ ଓ ଗଣ୍ଡିକୁ ଧରି ବନଦେବୀ ପାଖକୁ ଗଲା । ବନଦେବୀ ପାଖରେ ବନକନ୍ୟା ସ୍ୱାମୀର କଟା ମୁଣ୍ଡ ଓ ଗଣ୍ଡିକୁ ଧରି ବସି ସାତ ଦିନ ସାତ ରାତି କାନ୍ଦିଲା । ବନଦେବୀ ବନ କନ୍ୟାର କାନ୍ଦଣା ଶୁଣି ତାକୁ ପ୍ରସନ୍ନ ହେଲେ । ଭୁଂଜିଆ ପିଲାକୁ ଜୀବନ ଦାନ ଦେଲେ । ଭୁଂଜିଆ ପିଲା ଉଠି ବସିଲା । ବନକନ୍ୟା ଓ ବାଘ ଛୁଆ ଭୁଂଜିଆ ପିଲାକୁ ସବୁ କଥା କହିଲେ । ଭୁଂଜିଆ ପିଲା ବନ କନ୍ୟାକୁ ଗୋଟିଏ ହାତୀ ଆଣିବା ପାଇଁ କହିଲା । ଭୁଂଜିଆ ପିଲା ବନଦେବୀକୁ ସ୍ମରଣା କଲା ଏବଂ ବନ ଦେବୀକୁ ଗୋଟିଏ ଖଣ୍ଡା ମାଗିଲା । ଭୁଂଜିଆ ପିଲା, ବନକନ୍ୟା ଓ ବାଘ ଛୁଆ ହାତୀ ଉପରେ ଚଢ଼ିଲେ ଏବଂ ଭୁଂଜିଆ ପିଲାର ସ୍ତ୍ରୀ ପାଖକୁ ଗଲେ । ଭୁଂଜିଆ ପିଲା ତାର ସ୍ତ୍ରୀକୁ ଏବଂ ତାର ସ୍ତ୍ରୀର ପ୍ରେମିକକୁ ମାରିଦେଲା । ସେମାନେ ତିନି ଜଣ ଭୁଂଜିଆ ପିଲାର ଘରକୁ ଆସି ରହିଲେ । ଭୁଂଜିଆ ପିଲା ବନ କନ୍ୟାକୁ ବାହା ହେଲା ।

ଭୁଂଜିଆ ପିଲାର ବାପା ତାକୁ ଖୋଜି ଖୋଜି ସେହି ପାହାଡ଼କୁ ଗଲା । ସେଠାରେ ତାର ପୁଅ ବଞ୍ଚିଥିବା ଦେଖି ସେ ଖୁସୀ ହୋଇଗଲା । ସେ ଭୁଂଜିଆ ପିଲା, ଭୁଂଜିଆ ପିଲାର ସ୍ତ୍ରୀ ଏବଂ ବାଘଛୁଆକୁ ଧରି ନିଜ ଗ୍ରାମକୁ ନେଲେ । ଗ୍ରାମରେ ତାଙ୍କ ପୁଅର ଏବଂ ବନ କନ୍ୟାର ବାହାଘର କରେଇଲେ । ସେହି ପୋଖରୀକୁ ପ୍ରତିଷ୍ଠା କରାଇଲେ ଏବଂ ସମସ୍ତଙ୍କୁ ସୁଖରେ ରଖିଲେ ।

## ଆହ୍ଲା ଉଦଲ୍ କଥା

ମାରାଗୁଡ଼ାନା ବଲିଭିକମ୍ ନାମ୍‌ଚ ଗଟେକ୍ ରାଜା ରାଜେତ୍ କର୍ ରେହେଲୋ । ରେହେତେ ରେହେତେ ସୁନାବେଡ଼ା ଅଞ୍ଚଲ୍‌ଲା ବଲିଭିକମ୍ ରାଜା ଆପ୍‌ନାର୍ ଅଧୀନ୍ କେର୍ ରେହେଲୋ । ଆହ୍ଲା ଉଦଲ୍ ଚ ବାପ୍ ଜାସଲ୍ ସୁନାବେଡ଼ା ମାରାଗୁଡ଼ା ଅଞ୍ଚଲ୍‌ଲା ଶିକାର୍ କରେ ଏ ରେହେଲୋ । ଦିନୁକ୍ ଜାସଲ୍ ଚ ସଗନ୍ ସାମନ୍ତ ସୁନାବେଡ଼ା ଏ ରେହେଲୋ ଆର୍ ହୁଥାନ୍ ଶିକାର୍ କରେ ହୁନେ ଆପ୍‌ନାର

ରେଇ୍ ଯେ ରେହେଲୋ । ବାଟେଁ ବଲିଭିକମ୍ ଚ ସଇନ୍ ସାମନ୍ତ ସୁନାବେଡ଼ା ଅଞ୍ଚଲ୍ ଶିକାର୍ କରେ ଏ ରେହେଲେ । ବାଟେ ଢାସଲ୍ ଚ ସଇନ୍ ସାମନ୍ତମାନ୍ ଦିଖେ ପେଲୋ । ଢାସଲ୍‌କେ ସଇନ୍ ସାମନ୍ତ ଆର୍ ବଲିଭିକମ୍‌କେ ସଇନ୍ ସାମନ୍ତମାନ୍ ଝଗଡ଼ା ହେଲୋ । ବଲିଭିକମ୍‌କେ ସଇନ୍ ସାମନ୍ତ କୁଇସ୍ ହାମାର୍ ରାଜା କେତେକ୍ ବଛର୍ ହି ଗୋଲୋ ଇ ଅଞ୍ଚଲ୍ ଶାସନ୍ କରତେଁ । ଇ ଅଞ୍ଚଲ୍ ହାମାର୍ ରାଜାକେ ହେଁ । ହୁନ୍ ଅଞ୍ଚଲ୍ କୋନ୍ ରାଜା ପାଶେତ୍ ନାପାରେ ।

ଢାସଲ୍ ଚ ସଇନ୍ ସାମନ୍ତ ଗୋଲୋ ଢାସଲ୍‌ଲା ସୁନାବେଡ଼ା ଅଧିକାର୍ କରେଁ କୁଇସ୍ । ଢାସଲ୍ ଭାବ୍‌ଲି ସୁନାବେଡ଼ା ମାରାଗୁଡ଼ା ଅଞ୍ଚଲ୍ ଆପ୍‌ନାର ଅଧୀନ କେର୍‌ଲେ ଢାସଲ୍‌ଲା ଲାଭ ମିଳି । ହୁଥାନ୍ ଢାସଲ୍ ବଲିଭିକମ୍ ସନେ ଯୁଦ୍ଧ୍ କର୍‌ବାଲା ପ୍ରସ୍ତାବ ଦିଲୋ । ଢାସଲ୍ ଅପ୍‌ନାର ସଇନ୍ ସାମନ୍ତ ସବ୍ ଠିକ୍ ଠୁକା କେର୍‌ଲୋ । ବଲିଭିକମ୍ ଆପ୍‌ନାର ସଇନ୍ ସାମନ୍ତ ଠିକ୍ ଠୁକା କେର୍‌ଲୋ । ବଲିଭିକମ୍ ହୁନ୍ ସମେ ଯେତକ୍ ଡଙ୍ଗର୍ ରେହେ ସବ୍ ଡଙ୍ଗ୍‌ରେ ଡଙ୍ଗ୍‌ରେ ଚିକ୍‌ନ୍ ଚିକନ୍ ବାଟ୍ ମାନ୍ ବାନା ଦିଲୋ । ଯେତେକ୍ ଡଙ୍ଗର୍, ବେନିଆ ଧଁସ୍, ଗୋଧଁସ୍ ଯୋଗୀ ଧଁସ୍, ଖରଲ୍ ଧଁସ୍, ଗିରିବ୍ରାହ୍ମନ୍ ଡଙ୍ଗରମାନ୍ ବାଟ ବନାଦିଲୋ । ଏନ୍ତା ହିସାବେ ବାଟ୍‌ମାନ୍ ବନାଲୋ, ସବ୍ ବାଟ୍‌ମାନ୍ ମୁଡ଼୍‌ସେ ଗଟେକ୍ ଗଟେକ୍ ବଡ଼ଭରା ଖାଇ୍‌ମାନ୍ ରେହେଲୋ । ଯୁନ୍ ଘଡ଼ି ସଇନ୍ ସାମନ୍ତ ବାଁଟେ ବାଁଟେ ଏବେ ତୋ ଶେଷେ ମୁଡ଼୍‌ସାକେ ଖାଲେ ସବ୍ ଗିରେ ତୋ ଉଠେ ନା ପାଏଁ । ସବ୍ ସଇନ୍ ସାମନ୍ତ ମାରାଯାବେ । ବଲିଭିକ୍‌ମ୍ ଭାବ୍‌ଲି ଯୁନ୍ ଘଡ଼ି ଢାସଲ୍‌ଚ ସଇନ୍ ସାମନ୍ତ ଆଛା ଆଛା ବାଁଟ ବଲେଁ ଘୋଡ଼ାନା ବସେଁ ଆଁତେ ସବ୍ଁ ସଇନ୍ ସାମନ୍ତମାନ୍ ଖାଇ୍‌ନ ଗିରିସ୍ ଆର୍ ସବ୍ ମର୍‌ବେ । ଢାସଲ୍ ଆର୍ ବଲିଭିକମ୍ ସନେ ଯୁଦ୍ଧ ହେଲୋ । ଢାସଲ୍‌କେ ସଇନ୍ ସାମନ୍ତ ମାନ୍‌ଲା ଘୋଡ଼ା ଚଘେ ଯୁଦ୍ଧ କରେ ଏରେହେଲୋ । ସବ୍ ସଇନ୍ ମାନ୍ ଘୋଡ଼ା ଚଘେ ଦିଖେଁ ସବ୍ ବାଟ୍‌ମାନ୍ ଚିକନ୍ ଚାକନ୍ ରେହେଁ । ଚିକନ୍ ଚାକନ୍ ବାଟ୍‌ମାନ ଆପ୍‌ନାର୍ ଆପ୍‌ନାର ଘୋଡ଼ାମାନ ନର୍‌ଦେଁ । ବାଟ୍ ଶେଷେ ବଡ଼ାବଡ଼ା ଖାଇ୍‌ମାନ୍ ରେହେଁ । ହୁନ୍ ଖାଇ୍‌ମାନ୍‌ନା ଢାସଲ୍‌କେ ସଇନ୍ ମାନ୍ ମାରା ଗୋଲୋ । ଖାଇ୍‌ମାନ୍‌ନା ସଇନ୍‌ମାନ୍ ଗିର୍‌ଲୋ ତୋ ନିକ୍‌ଲତେ ନା ପେର୍‌ଲୋ । ଢାସଲ୍ ଦିଖ୍‌ଲୋ ସବ୍ ସଇନ୍‌ମାନ୍ ମାରାଗୋଲୋ । ହୁନ୍ ଘଡ଼ି ଢାସଲ୍ ଲୁକେଁ ଲୁକେଁ ଡଙ୍ଗର୍ ତରା ତରା ଭେଗ୍ ରେହେଲୋ । ଗଟେକ୍ ବାଟେ ଯେ'ତେ ଯେ'ତେ ଢାସଲ୍‌କେ ଘୋଡ଼ା ଗଟେକ୍ ଢଲ୍‌କିନା ସମେଗୋଲୋ । ଢଲ୍‌କିନା କାଦୋ ରେହେ । ଢଲ୍‌କିନା ଉପରେ ଉପ୍‌ରେ ପାଏନ୍ ରେହେ ଆର୍ ଭିତ୍‌ରେ କାଦୋ ରେହେ । କାଦୋନା

ଝାସଲ୍ ଆର୍ ଘୋଡ଼ା ସଙ୍ଗେ ଗୋଲୋ । ନିକଲ୍‌ତେ ନା ପେରଲୋ । ହୁନ୍ ଘଡ଼ି ବଲ୍ଲିଭିକମ୍ ଝାସଲ୍‌ଲା ମୁଡ଼ିକେ କାଟା ଦିଲୋ । ସବ୍ ଡଙ୍ଗର୍ ମାନ୍‌ଲା ଝାସଲ୍‌କେ ସଇନ୍ ସାମନ୍ତମାନ୍ ମାରା ଗୋଲୋ ଧ୍ୱଂସ୍ ହିଗୋଲୋ ହୁଥାନ୍ କାଯେ ହୁନ୍ ଡଙ୍ଗର ମାନ୍‌ଲା ଧଁସ୍ ବଲ୍‌ତେ । (ଗୋଧଁସ, ଖରଲ୍ ଧଁସ, ବେନିଆ ଧଁସ୍)

ଝାସଲ୍ ଯୁଦ୍ଧ୍‌ନା ମାରାଗୋଲୋ । ଝାସଲ୍‌କେ ରାନୀ ଦେଓଲା ହୁନ୍ ଘଡ଼ି ଗରଭବାସ ରେହେଲୋ । ଆର୍ କିଛୁ ଦିନ୍ ଯେତେ ମାସ୍ ପୁରେ ଆହ୍ଲା ଆର୍ ଉଦଲ୍‌ଲା ଜନମ୍ କେର୍‌ଲି । ଦେଓଲାକେ ଗଟେକ୍ ଭାଏ ରେହେ । ହୁନେଚ ନାମ୍ ମହିଲ୍ । ମହିଲ୍ ଆହ୍ଲା ଆର୍ ଉଦଲ୍‌ଲା ବଡ଼ା ହତେ ପାଠ୍ ପଢ଼ାଲୋ ପାଠ୍ ପଢ଼େ ସବୁ ଯୁଦ୍ଧ୍ ବିଦ୍ୟାମାନ୍ ଶିଖାଲୋ । ଆହ୍ଲା ଆର୍ ଉଦଲ୍ ପାଠ୍ ପଢ଼େ ଯୁଦ୍ଧ ବିଦ୍ୟା ଶିଖେଁ ଶିଖେଁ ଯବାନ୍ ହେହୁନ୍ ଗୋଲୋ । ଯବାନ୍ ହେଲେ ଆହ୍ଲାଲା ଶାସନ୍ କେର୍‌ଲୋ ରାଜା ହେଲୋ । ଦିନୁକ୍ ମହିଲ୍ ଆହ୍ଲା ଆର୍ ଉଦଲ୍‌ଲା ଡାକେ ବଲିଭିକମ୍ ଆର୍ ଝାସଲ୍‌କେ ଯୁଦ୍ଧ କଥା କୁଇସା କିସ୍ କରେ ବଲିଭିକମ୍ ଝାସଲ୍‌ଲା ମାରାଦିଲୋ । ସବ୍ କାଥାମାନ୍ କୁଇସ୍ । ଆହ୍ଲା ଆର୍ ଉଦଲ୍ ଶପଥ କେର୍‌ଲୋ ବଲିଭିକମ୍‌ଲା ମାର୍‌ବାକେ ।

ବଲିଭିକମ୍ ଚ ତିନ୍ ରାନୀ ରେହେଲୋ । ତିନ୍ ରାନୀ ଚ ବେଟା ବେଟୀ ନା ରେହେତ୍ । ଦିନୁକ୍ ଆହ୍ଲା ଆର୍ ଉଦଲ୍ ବଲିଭିକମ୍ ସନେ ଯୁଦ୍ଧ କର୍‌ବାଲା ଖବର୍ ଦିଲୋ । ଯୁନ୍ ଘଡ଼ି ବଲିଭିକମ୍ ସନେ ଯୁଦ୍ଧ କର୍‌ବେ ହୁନ୍ ଘଡ଼ିଭି ଖବର୍ ଦିଲୋ । ହୁନ୍ ଘଡ଼ି ବଲିଭିକମ୍ ଚ ଛେଦ୍‌ଲି ରାନୀ କମଲା ସତୀ ଗରଭବାସ୍ ହେରେହେଲୋ । ଦିନୁକ୍ ବଲିଭିକମ୍ କମଲା ସତୀ ନା କୁଇସ୍ ଆମି ଆହ୍ଲା, ଉଦଲ୍ ସନେ ଯୁଦ୍ଧ କର୍‌ବେ ଯାବେ । ଆମି ଗଟେକ୍ ପରୁଆ ଧରେ ରେହେବେ । ଆମି ଯୁଦ୍ଧ୍‌ନା ହାରା ଗୋଲେ ତୋ ପରୁଆ ତୁମିର୍ ପାଶ୍ ଭେଗ ଏବେ । ହୁନ୍ ଘଡ଼ି ତୁମି ମାରାଗୁଡ଼ା ଛାଡ଼େ ଚଲେ ଯାବେ । ତୁମି ଇଠାନ୍ ରେହେ ତୋ ଆହ୍ଲା, ଆର୍ ଉଦଲ୍ ତୁମି ମାରାଦେବେ । ହୁନ୍ ଘଡ଼ି ବଲିଭିକମ୍ ବୁଢ଼ା ହି ଯେ ରେହେଲୋ । ଆହ୍ଲା ଆର୍ ଉଦଲ୍ ଦିନୁକ୍ ବଲିଭିକମ୍‌ଲା ଖବର ଦିଲୋ । କିଛୁ ଦିନ୍ ଯେତେ ଯୁଦ୍ଧ୍ କରେ ମାରାଗୁଡ଼ା ଗୋଲୋ । ବଲିଭିକମ୍ ଆପ୍‌ନାର ସଇନ୍ ସାମନ୍ତ ଧରେ ଆହ୍ଲା ଆର୍ ଉଦଲ୍ ସନେ ଯୁଦ୍ଧ କରେ ଗୋଲୋ । ଯୁଦ୍ଧ୍ କର୍‌ତେ କର୍‌ତେ ବଲିଭିକମ୍ ମାରାଗୋଲୋ । ହୁନ୍ ଘଡ଼ି ବଲିଭିକମ୍ ଧରେ ରେହେ ପରୁଆ ଉଡ଼େ ଉଡ଼େ ରାନୀ ପାଶ୍ ଏଇସ୍ । ସବ୍ ରାନୀ ମାନ୍‌ଲା ପରୁଆଲା ଦିଖେ ଯେନ୍ ପେର୍‌ଲି ଯେ ରାଜା ମାରାଗୋଲୋ । ସବ୍ କାନ୍ଦା ବୋବା କେର୍‌ଲି । କମ୍‌ଲାସତୀଚ ଢେଠେନ୍ ମାନ୍‌ଲୋ କମ୍‌ଲା ସତୀଲା କୁଇସ୍ ତୁମି ହାମାର୍ ବଂଶ ରକ୍ଷା

କରବେ । ତୁମି ଇଠାନ୍ ଛେଡ଼େ ପଲେନ୍ ଯେହୁଁ । ଆହ୍ଲା ଆର୍ ଉଦଲ୍ ହାମାର ମାରାଦେଲେ ହାମାର୍ ମାରେଁ । କମ୍‌ଲା ସତୀ ଲୁକେଦ୍ ଲୁକେଦ୍ ପଲେ ଇସ୍ ସୁନାବେଡ଼ାକେ ଗଡ଼ଭଟାଲା କମ୍‌ଲା ସତୀ ଗଡ଼ଭଟାନା ଗଟେକ୍ ଗଡ଼ ବେନ୍ଧରେହେଲି ରେହେବାର୍‌ଲା ଫିର୍ କମ୍‌ଲା ସତୀ ଭେବ୍‌ଲି ଇଠାନ୍ ମାରା ଗୁଡ଼ାକେ ପାଶ୍ ଆଟେ । ଆହ୍ଲା ଆର୍ ଉଦଲ୍ ସୁନାବେଡ଼ାକେ ଏଇସ୍ ତୋ ଆମିର୍ ଖବର୍ ହୁନେ ମିଳି । ଆହ୍ଲା ଉଦଲ୍ ହାମାର୍ ଭି ମାରାଦେବେ । ସେଠାନ୍ କମଲା ସତୀ ପଲେ ଗୋଲୋ ସାନ୍‌ଦୋହେଲ୍‌ଲା ଡଙ୍ଗର୍‌ଲା । ସାନ୍ ଦୋହେଲ୍ ଡଙ୍ଗ୍‌ରେ ଫଳ ମୂଳ ଖେତେ ରେହେଲୋ । ହୁଥାନ୍ ଗଟେକ୍ କୁରିଆ ଗାଡ଼େ ରାଏତ୍ ନା ରେହେଲୋ କେତେକ୍ ଦିନ୍ ରେହେତେ, ରେହେତେ କମ୍‌ଲା ସତୀକେ ମାସ୍ ପୂର୍‌ଲୋ । ହୁଥାନ୍ କମ୍‌ଲା ସତୀ ଛୁଆରୀ ହେଲୋ । ବେଟା ଗଟେକ୍ ଜନମ୍ କେର୍‌ଲି ଆର୍ ବେହୋସ୍ ହେତେ ପଡ଼େ ରେହେଁ ।

ଗଟେକ୍ ଡଙ୍ଗ୍‌ରେ ଗଟେକ୍ ବିଂଝାଲ୍ ଆର୍ ବିଂଝାଲେନ୍ ରେହେଲୋ । ବିଂଝାଲ୍ ବିଂଝାଲେନ୍ ଡଙ୍ଗର୍‌ମାନ୍ ଦାରୁ ଡରା ରାଡେଁ ଦାରୁମାନ୍ ଲେକେ ଘାଗୁର୍ଲିଚ ଗଟେକ୍ ବାମନ୍ ଘରେ ବିଚେ ରେହେଲୋ । ହୁନ୍ ଦିନ୍ ବିଂଝାଲ୍ ବିଂଝାଲେନ୍ ସାନ୍ ଦୋହେଲ୍ ଡଙ୍ଗର୍‌ଲା ଦାରୁ ଡଗ୍‌ରେ ଯେରେହେ । ଡଙ୍ଗର୍‌ଲା ବିଂଝାଲ୍ ବିଂଝାଲେନ୍ ଦିଖ୍‌ଲୋ ସେଠାନ୍ ଗଟେକ୍ ମାଇକିନା ବେହୋସ୍ ହେତେ ପେଡୁନ୍ ରେହେ ଆର୍ ହୁଥାନ୍ ଗଟେକ୍ ମାଇକିନା ବେହୋସ୍ ହେତେ ପେଡୁନ୍ ରେହେ ଆର୍ ହୁଥାନ୍ ଗଟେକ୍ ବେଟା ଭି ପେଡୁନ୍ ରେହେ । ବିଂଝାଲ୍ ବିଂଝାଲେନ୍ ଦିଖ୍‌ଲୋ ଆର୍ ଭେବ୍‌ଲୋ କୋନ୍ ଟ ରାଜା ଘର୍‌କେ ରାନୀ ହିରେବେ । ବିଂଝାଲେନ୍ ଗେଲି ଆର୍ ସଁକ୍‌ଲା ସୁଁକ୍‌ଲି କେର୍‌ଲି । କମ୍‌ଲା ସତୀ ଆର୍ ବେଟାକେ ଉଠେଲି । କମ୍‌ଲା ସତୀ ସବ୍ କଥା ମାନ୍‌ଲା ବିଂଝାଲ୍ ବିଂଝାଲେନ୍‌ଲା କୁଇସ୍ । ବିଂଝାଲେନ୍ ସେଠାନ୍ ବେଟାଚ ନଲୁଆଲା ଧୁନ୍ କାଣ୍ ଆର୍ ଟଙ୍ଗିଆନା କଟେ ତୋ ନଲୁଆ ନା ଛିଡ଼ାଲୋ । ବିଂଝାଲ୍ ଗଟେକ୍ ବଉଁଶ ପାତେ ଆନେ ଛିଡ଼େ ତୋ ଛିଡ଼େଗୋଲୋ । ବିଝାଲ୍ ବିଂଝାଲେନ୍ କମଲାସତୀ ଆର୍ ବେଟା ଧରେ ଘାଗୁର୍ଲି ଗୋଲୋ ଆର୍ ଘାଗୁର୍ଲିକେ ବାମନ୍ ଘରେ କମ୍‌ଲା ସତୀ ଆର୍ ବେଟାକେ ଦିଲୋ । ଘାଗୁର୍ଲିଚ ବାମନ୍ ଘରେ ଗଟେକ୍ ବେଟା ରେହେଲୋ । ବାମନ୍ କମ୍‌ଲାସତୀ ଆର୍ ବେଟା କେ ଆପ୍‌ନା ପାଶ୍ ରେଖ୍‌ଲୋ । କମ୍‌ଲା ସତୀଲା ଆପ୍‌ନାର୍ ବେଟା ମାନ୍‌ଲୋ । ହୁନ୍ ଦିନୁ କମ୍‌ଲାସତୀ ଘାଗୁର୍ଲିକେ ବାମନ୍ ଘରେ ରେହେଲୋ । କେତେ ବଛର୍ ଯେଁତେଁ ଯେତେଁ କମ୍‌ଲା ସତୀକେ ବେଟା ବଡ଼ା ହେଲୋ । ଯାତେ ଯାତେ ଯବାନ୍ ହେଲୋ ଆର୍ ବାମନ୍ ଘର୍‌କେ

ସବ୍ କାମ୍ ମାନ୍‌ଲା କେର୍‌ଲୋ । ଦିନୁକ୍ କମ୍‌ଲା ସତୀ ଚ ବେଟା ବାମନ୍ ଘର୍‌ଲା ଗିଂଏ ବୁଇଲ୍ ଚରାତେଁ ଡଙ୍ଗର୍‌ଲା ଯେରେଲୋ । ହୁନ୍ ବଡ଼ା ଝଡ଼ି ବତାସ୍ ହେଲୋ । ଯୋର୍‌ବାର୍ ପାଏନ୍ ମେର୍‌ଲୋ । ଝଡ଼ି ବତାସ୍ ନା ଜଙ୍ଗଲ୍‌ଲା ରୁଖ୍ ମାନ୍‌ଲା ଗିରେ ଗୋଲୋ । ରାଏତ୍ ଭର ପାଏନ୍ ମାରେ ବାହା ବତାସ୍ ହେଲୋ । ରାଏତ୍ ନା କମଲାସତୀ ଚ ବେଟା ନେହିଁ ଏଲୋ । ଯୁନ୍ ଘଡ଼ି ପାଏନ୍ ମେର୍‌ଲୋ ହୁନ୍ ଘଡ଼ି ଡଙ୍ଗରୁ ଗଟେକ୍ ସରପ୍ ନିକ୍‌ଲେ କମଲା ସତୀଚ ବେଟାଲା ଢାବେ ରେହେଁ ଆର୍ ହୁନେ ରାଏତ୍ ଭର୍ ଗଟେକ୍ ରୁଖ୍ ତଲେ ବସେ ରେଲୋ । ହୁନ୍ ଦିନ ରାଏତ୍ ଭର୍ ବାମନ୍ ବୁଢ଼ା, କମଲା ସତୀ କେନ୍ ନା ଶୁଏଁ ପାରେ । ସକାଲ୍ ହେତେ ବାମନ୍ ବୁଢ଼ା ଡଙ୍ଗର୍‌କେ କମ୍‌ଲା ସତୀଚ ବେଟାଲା ଡଗ୍‌ରେ ଗୋଲୋ । ଡଙ୍ଗ୍‌ରେ ଦିଖ୍‌ଲୋ ଗଟେକ୍ ରୁଖ୍ ତଲେ କମ୍‌ଲା ସତୀଚ ବେଟା ବସେଁ ରେହେଁ ଆର୍ ହୁନ୍ ମୁଡ଼୍ ଉପ୍‌ରେ ଗଟେକ୍ ସରପ୍ ଫଣା ଟେକେ ବେଟାଲା ଜଗେଡ୍ ରେହେଁ । ସରପ୍ ଝଡ଼ି ବତାସ ନା ବେଟାଲା ବଚାଁଲୋ । ଯୁନ୍ ଘଡ଼ି ସରପ୍ ବାମନ୍ ଲା ଦିଖେ ଦିଲୋ ହୁନ୍ ଘଡ଼ି ସରପ୍ ଚଲେ ଗୋଲୋ । ବାମନ ବୁଢ଼ା ଦିଖ୍‌ଲୋ କମଲା ସତୀଚ ବେଟାଲା ସରପ୍ ଫଣାଟେକେ ରେହେଲୋ । ବୁଢ଼ା ଭାବ୍‌ଲୋ ଯରୁର୍ ଦିନେ ନା ଦିନୁ ଇ ବେଟା ଗଟେକ୍ ବଡ଼ା ଲୋଗ୍ ହିସ୍ । ବାମନ୍ ବୁଢ଼ା କମ୍‌ଲା ସତୀଚ ବେଟାଲା ଭେଟାରେଲୋ ଆର୍ କଥା ବାର୍‌ତା କରେ ସବ୍ ପଚ୍‌ରିସ୍ ଆର୍ ବେଟାଲା ଧରେ ଘର୍‌ଲା ଏନ୍‌ଲୋ । ହୁନ୍ ଦିନୁ ବାମନ୍ ବୁଢ଼ା କମଲା ସତୀଚ ବେଟାଲା ଯତନ୍ କରେ ରେଖ୍‌ଲୋ ।

ପାଟ୍‌ନା ଦେଶଚ ଗଟେକ୍ କାଥା ଅଡୁଆ ହେରେହେଲୋ ପାଟ୍‌ନା ଦେଶ ଚ ରାଜାଲା ରାନୀଚ ଗର୍ଭେ ଗଟେକ୍ ନାଗ୍ ସରପ୍ ରେହେଲୋ । ହୁନ୍ ସରପ୍ ଦିନୁକ୍ ରାନୀଲା ଗରଭ୍‌ସେ ନିକ୍‌ଲେ ରାଜାଲା ଚାବା ଦେଲୋ । ରାଜା ମାରା ଗୋଲୋ । ରାଜାଲା ଭାଏ ମାନ୍‌ଲା ରାଜା ହେଲୋ ହେଲେ ସବ୍ ଭାଏମାନ୍ ସରପ୍ ଚାବା ଦିଲୋ, ସବ୍ ମାରାଗୋଲୋ । ରାଏଜ୍ ଚଲାବାଲା ଅଡୁଆ ହେଲୋ । ହୁନ୍ କାଯେ ଦେଶ୍‌କେ ସବ୍ ଘର୍‌କେ ଜନେକ୍ ଜନେକ୍ ଦିନୁ କର୍ କାଯେ ରାଜା ହେରେହେଲୋ । ଆର୍ ଜର୍ ଦିନୁ ସକାଳେ ରାଜା ମାରା ଯେ ରେହେଲୋ । ହୁନ୍ କାଯେ ହୁନ୍ ରାଜେ ସାତ୍ ଜନ୍ ପାଇକ୍ ରେହେଁ । ହୁନ୍ ପାଇକ୍ ମାନ୍ ସବ୍ ଦିନ୍ ସକାଳେ ମାରାଗୋଲୋ ରାଜାଲା ଧରେଁ ନେହୁନ୍ ରେହେଲୋ । ସବ୍ ଦିନ୍ ଜନେ କର୍ ଜନେକର୍ ଘର୍‌ଲା ପାଳି ପଡ଼େ ରେହେଲୋ ଆର୍ ସବ୍ ଘର୍‌କେ ଜନେକ୍ ଜନେକ୍ ରାଜା ହେଁତେଁ ଦେଶ୍ ଚଲେ ରେହେଲୋ । କେତେକ୍ ବଛର୍ ଯେତେଁ ଘାଗୁଲିକେ ବାମନ୍ ଘର୍ ପାଳି ପଡୁନ୍ । ବାମନ୍‌କେ ଗଟେକ୍ ବେଟା ରେହେଁ । ବାମନ୍ ଘରେ ସବ୍ କାନ୍ଦା ବୋବା

କେର୍‌ଲୋ । ସବ୍ ଭାବ୍‌ଲି ଆମାର୍ ବେଟା ଦିନୁକର୍ କାଯେ ରାଜା ହୁଇସ୍, ହୁନେ ରାଏତ୍‌ନା ସରପ୍ ଚାଁବା ଦେତେଁ ତୋ ମାରାଯେତେଁ । ହୁନ୍ ଘଡ଼ି କମଲା ସତୀଚ ବେଟା ଏଲୋ ଦିଖ୍‌ଲୋ । ସବ୍‌କାଥା ବାମନ୍‌କେ ପଚେର୍‌ଲୋ । ବାମନ୍ ବୁଢ଼ା ସବ୍ କାଥା କୁଇସ୍ ତୋ କମଲା ସତୀଚ ବେଟା କୁଇସ୍ ତୁମାର୍ କେତେକ୍ ଯିନି ଖ୍ନି ବେକେଁ ହାମାର୍ ପାଲେ ହସ୍, ଆମର୍ କେତେକ୍ ଉପ୍‌କର୍ କରେ ହସ୍ । କାଏଲ୍ ଆମି ଯାବେ ରାଜା ହେବାଲା, ତୁମାର୍ ପାଳିନା । କମଲା ସତୀଚ ବେଟା ଗୋଲୋ ଆର୍ କମ୍‌ଲା ସତୀଲା କୁଇସ୍ କାଏଲା ଆମି ପାଟ୍‌ନା ଦେଶ୍ ଚ ରାଜା ହେତଁ ଯାବେ । କମ୍‌ଲା ସତୀ ପାଟ୍‌ନା ରାଜାଲା କାଥାମାନ୍ ସବ୍ ଜାନିରେହେ । କମ୍‌ଲା ସତୀ କୁଇସ୍ ଠିକ୍ ଆଚେ ତୁମି ରାଜା ହେତେ ଯାତିସ୍ ତୋ କେତେକ ସର୍ତ୍ତ ହାମାର୍ ଆଚେ ହୁନ୍ ସର୍ତ୍ତମାନ୍‌ଲା ମାନ୍‌ବୋ । ଆମି ତୁମାଲା ଗଟେକ୍ ତଲ୍‌ବାର୍ ଦେତିଁ, ହୁନ୍ ତଲ୍‌ବାର୍‌ଲା ତୁମି ସବ୍‌ବେଲେ ଧରେ ରେବେ । ରାଏତ୍ ନା ତୁମି ଶୁଏଁତିସ୍ ନେହିଁ । ରାଏତ୍‌ନା ଚେତା ରେତିସ୍ । ଯୁନ୍ ଘଡ଼ି ସରପ୍ ରାନୀଚ ନିକ୍‌ଲେ, ତୁମି ହୁନ୍ ସରପ୍‌କେ ଠୁସା ଠୁସା କରେଁ ମାରା ବେତିସ୍ ଆର୍ ସରପ୍‌କେ ଆକେଁ ଦେଁତେଁ । ସକାଲ୍‌ଲା ପାଇକ୍ ମାନ୍‌ଲା ରାଜା ମେର୍‌ଲୋ ବଲେଁ ତୁମି ଆନାଏତିସ୍ ତୋ ହୁନ୍ ସାତ୍ ପାଇକ୍ ମାନ୍‌ଲା ତଲ୍‌ବାର୍‌ନା ଏକା ଚୋଟେ ମାରାନ୍ ଦେତିସ୍ । ତାଁହିଁଲେ ତୁମି ରାଜା ବନେ । କମଲା ସତୀ ଚ ବେଟା ସବ୍ କାଥା ମାନ୍‌ଲା ମନେ ରେଖେଁ । ରାଏତ୍‌ନା ସବ୍ ଗଟେକ୍ ଠାନ୍ ଶୁଏଁ ସବ୍ କାଥାମାନ୍ କମ୍‌ଲା ସତୀଚ ବେଟାଲା କୁଇସ୍ । ଆର୍‌କର୍ ଦିନ୍ ସକାଲ୍ କମଲା ସତୀଚ ବେଟା ରାଜା ହେଁତେ ରାଜା ଘର୍‌କେ ଲୋଗ୍ ମାନ୍‌ଲା ବାଜାଗାଜା କରେ ପାଟ୍‌ନା ନେଲୋ ଆର୍ ରାଜା ବନାଉନ୍ ଦିଲୋ । ଦିନ୍ ଭରା କମ୍‌ଲା ସତୀଚ ବେଟା ରାଜା ହେଁତେଁ ରାଜ୍‌କାମ୍ କେର୍‌ଲୋ । ରାଏତ୍‌ନା ରାନୀ ସନେ ଶୁଏଁବାଲା ରାନୀକେ କୁରିଆଲା ଗୋଲୋ । ରାଏତ୍ ନା ରାନୀ ଶୁଏ ଦିସ୍ । କମଲା ସତୀ ଚ ବେଟା ରାଏତ୍ ଭର୍ ଜାଗତ୍ ରେହେଲୋ । ଯୁନ୍ ଘଡ଼ି ସରପ୍ ରାନୀକେ ଗରଭ୍‌ସେ ନିକ୍‌ଲି ତୋ ହୁନ୍ ଘଡ଼ି କମଲା ସତୀ ଚ ବେଟା ହୁନ୍ ସରପ୍‌ଲା ତଲ୍‌ବାର୍‌ନା ଠୁସା ଠୁସା କରେ ଦେଲୋ । ସରପ୍‌ଲା ଆଏର୍ ଲଗାଡେଁ ଆକେ ଦେଲୋ । ସକାଲ୍ ପେତେ ସାତ୍‌ଜନ୍ ପାଇକ୍, ରାଜା ମାରା ଗୋଲୋ ବଲେଁ ରାଜାଲା ଆନେ ଏତେଁ । ହୁନ୍ ଘଡ଼ି କମ୍‌ଲା ସତୀ ଚ ବେଟା ଏକା ଚୋଟେ ସାତ୍ ଜନ୍ ପାଇକ୍‌ଲା ମାରା ଦେଲୋ । ରାନୀ ଶୁଏଁ ରେହେଁ ସବ୍ କାଥା ନା ଯାନେ ପାର୍‌ଲୋ । ରାନୀ ଉଠେଁ କମ୍‌ଲା ସତୀଚ ବେଟା ରାଜାଲା ଦିଖେଁ ଜୀଅଁତ୍ ରେହେଁ । ରାନୀ ଆନନ୍ଦ୍ ହି ଗୋଲୋ । ସବ୍ କଥା ମାନ୍‌ଲା ପଚ୍‌ରାଲୋ ।

ସବ୍ ଲୋଗ୍ ମାନ୍ ଦିଖେଁ ରାଜା ନା ମରି, ଜୀଅଁତ୍ ଆଚେ । ସବ୍ ଲୋଗ୍ ମାନ୍‌ଲା ପରଚାର କରେ ଦେଲୋ । ସବ୍ ଲୋଗ୍ ମାନ୍‌ଲା ବାଜା ଗାଜା କରେଁ ରାଜାଲା ବନ୍ଦାପନା କେର୍‌ଲୋ । ରାଜାଲା ଅଭିଷେକ୍ କେର୍‌ଲୋ । ରାନୀଚ ବିହା କେର୍‌ଲୋ । ହୁନ୍ ଦିନୁ କମଲା ସତୀ ଚ ବେଟା ରାଜାଲା ରମେଇ କୁମାର୍ ବଲ୍‌ତେଁ । ହୁନ୍ ଦିନୁଚ ରମେଇ କୁମର ପାଟ୍‌ନା ଚ ରାଜା ହେଲୋ । ପାଟ୍‌ନା ଦେଶ୍‌ଲା ରାଜୁତ୍ କରେଁ ସବ୍ ଲୋଗ୍ ମାନ୍ ଆନନ୍ଦ୍‌ନା ରଖ୍‌ଲୋ ।

## ଓଡ଼ିଆ ଅନୁବାଦ

ମାରାଗୁଡ଼ା ଉପତ୍ୟକାରେ ବଲିଭିକମ୍ ନାମକ ଜଣେ ଭୁଂଜିଆ ରାଜା ରାଜୁତି କରୁଥିଲେ । ବଲିଭିକମ୍ ରାଜା ସୁନାବେଡ଼ା ଉପତ୍ୟକାକୁ ମଧ୍ୟ ନିଜର ଅଧୀନରେ ରଖିଥିଲେ । ସୁନାବେଡ଼ା ଉପତ୍ୟକାରେ ବଲିଭିକମ୍ ରାଜା ବନ୍ୟଜନ୍ତୁ ଶୀକାର କରୁଥିଲେ । ଦିନେ ଜାସଲର ସୈନ୍ୟମାନେ ଶିକାର କରିବା ପାଇଁ ସୁନାବେଡ଼ା ଉପତ୍ୟକାକୁ ଆସିଥିଲେ । ଜାସଲ୍ ରାଜା ଶିକାର କରି ଫେରୁଥିବା ସମୟରେ ବଲିଭିକମ୍‌ର ସୈନ୍ୟମାନେ ଶିକାର କରିବା ପାଇଁ ସୁନାବେଡ଼ା ଅଞ୍ଚଳକୁ ଆସୁଥିଲେ । ବଲିଭିକମ୍‌ର ସୈନ୍ୟମାନେ ଜାସଲର ସୈନ୍ୟମାନଙ୍କ ସହିତ ଝଗଡ଼ା କଲେ । ସେମାନେ କହିଲେ ଆମର ରାଜା ବଲିଭିକମ୍ କେତେ ବର୍ଷ ହୋଇଗଲା ଏହି ଅଞ୍ଚଳକୁ ଶାସନ କରୁଛନ୍ତି ତେଣୁ ଏହି ଅଞ୍ଚଳ ଆମ ରାଜାଙ୍କର ଅଟେ । ଏହି ଅଞ୍ଚଳକୁ ଅନ୍ୟ କେହି ପ୍ରବେଶ କରି ପାରିବେ ନାହିଁ ।

ଜାସଲ୍‌ଙ୍କ ସୈନ୍ୟମାନେ ଜାସଲ୍ ରାଜା ପାଖକୁ ଗଲେ ଏବଂ ସୁନାବେଡ଼ା ଅଞ୍ଚଳର ମହତ୍ତ୍ୱ କହି ସୁନାବେଡ଼ା ଅଞ୍ଚଳକୁ ନିଜର ଅଧୀନରେ କରିବା ପାଇଁ କହିଲେ । ଜାସଲ୍ ରାଜା ଭାବିଲେ ମାରାଗୁଡ଼ା ଏବଂ ସୁନାବେଡ଼ା ଅଞ୍ଚଳକୁ ନିଜ ଅଧୀନରେ ରଖିଲେ ତାଙ୍କୁ ଲାଭ ହେବ । ତେଣୁ ଜାସଲ୍ ବଲିଭିକମ୍ ରାଜାଙ୍କ ସଙ୍ଗେ ଯୁଦ୍ଧ କରିବା ପାଇଁ ପ୍ରସ୍ତାବ ପଠାଇଲେ । ଜାସଲ୍ ନିଜର ସୈନ୍ୟମାନଙ୍କୁ ମଜବୁତ୍ କଲେ । ବଲିଭିକମ୍ [1] ମଧ୍ୟ ନିଜର ସୈନ୍ୟମାନଙ୍କୁ ମଜବୁତ୍ କଲେ । ବଲିଭିକମ୍ ରାଜା ଗୋଟିଏ ଉପାୟ ଚିନ୍ତା କଲେ । ସେ ଯେତେ ପାହାଡ଼, ବେନିଆ ଧଁସ୍, ଗୋଧଁସ୍, ଖରଲ୍ ଧଁସ୍, ଯୋଗୀ ଧଁସ୍, ଗିରି ବ୍ରାହ୍ମନ୍ ସବୁ ପାହାଡ୍ ମାନଙ୍କରେ ଚିକ୍କଣ ଚିକ୍କଣ ରାସ୍ତା ସବୁ ତିଆରି କରାଇଲେ । ଲମ୍ବା ଚିକ୍କଣ ରାସ୍ତା ସବୁ ତିଆରି କରାଇଲେ ଏବଂ ପ୍ରତେକ ରାସ୍ତାର ଶୀର୍ଷରେ ଗୋଟିଏ ଗୋଟିଏ ବଡ଼ ଖାଲ (ଗାଡ଼)

---

୧ ।। ବଲି ବିକ୍ରମରୁ କ୍ରମେ 'କି' ଓ 'ରି' ଫଳା ଲୋପ ପାଇଯାଇ ବଲିଭିକମ୍ ହୋଇଛି ।

ଥାଏ । ବଲିଭିକମ୍ ଭାବିଲେ ଜାସଲ୍‌ର ସୈନ୍ୟ ମାନେ ଚିକ୍କଣ ଚିକ୍କଣ ରାସ୍ତା ମାନ ଦେଖି ନିଜ ନିଜର ଚଢ଼ିଥିବା ଘୋଡ଼ାମାନଙ୍କୁ ଜୋର୍‌ରେ ଦୌଡ଼ାଇବେ । ରାସ୍ତାର ଶୀର୍ଷରେ ଘୋଡ଼ା ଓ ସୈନ୍ୟ ପହଞ୍ଚିଲେ ଭାରସାମ୍ୟ ରକ୍ଷା କରି ପାରିବେ ନାହିଁ ଏବଂ ସେହି ଗାଡ଼ରେ ପଡ଼ିଯିବେ । ସୈନ୍ୟମାନେ ସେହି ଗାଡ଼ରୁ ଆଉ ବାହାରକୁ ବାହାରି ପାରିବେ ନାହିଁ । ଜଣକ ଉପରେ ଜଣେ ପଡ଼ି ସେଠାରେ ମରିବେ । ସେହି ଗାଡ଼ ସବୁ ଶହେ, ଦେଢ଼ ଶହ ଲେଖାଏଁ ଗଭୀର ଥାଏ । ଜାସଲ୍ ରାଜା, ବଲିଭିକମ୍ ରାଜା ସଙ୍ଗେ ଯୁଦ୍ଧ କଲେ । ଜାସଲ୍‌ଙ୍କ ସୈନ୍ୟମାନେ ସମସ୍ତେ ଘୋଡ଼ାରେ ଚଢ଼ି ଯୁଦ୍ଧ କରିବା ପାଇଁ ଆସିଲେ । ସେମାନେ ଚିକ୍କଣ ଚିକ୍କଣ ରାସ୍ତା ସବୁ ଦେଖି ନିଜ ନିଜର ଘୋଡ଼ାମାନଙ୍କୁ ଜୋରରେ ଦୌଡ଼ାଇଲେ । ସେମାନେ ଶୀର୍ଷରେ ପହଞ୍ଚି ସେହି ଗାଡ଼ମାନଙ୍କରେ ପଡ଼ି ମରିଗଲେ । ଜାସଲ୍‌ଙ୍କ ଯେତେ ସୈନ୍ୟ ଥିଲେ ସମସ୍ତେ ସେହି ପାହାଡ଼ମାନଙ୍କରେ ମରିଗଲେ । ଜାସଲ୍ ଦେଖିଲେ ତାଙ୍କର ସମସ୍ତ ସୈନ୍ୟମାନେ ମରିଗଲେ । ସେତେବେଳେ ଜାସଲ୍ ଲୁଚି ଲୁଚି ପାହାଡ଼ ତଳେ ତଳେ ପଳେଇ ଯାଉଥିଲେ । ଜାସଲ୍ ଗୋଟିଏ ରାସ୍ତାରେ ଯାଉ ଯାଉ ଜାସଲ୍‌ଙ୍କ ଘୋଡ଼ା ଗୋଟିଏ ଜଲ୍‌କି (ଗୋଟିଏ ଗାଡ଼ିଆ, ଉପରେ ପାଣି ଥାଏ ଏବଂ ଭିତରେ ବହୁତ କାଦୁଅ ଥାଏ) ରେ ପଶିଗଲା । ସେହି ଜଲ୍‌କିରୁ ଜାସଲ୍ ଏବଂ ଘୋଡ଼ା ବାହାରି ପାରିଲେ ନାହିଁ । ସେତେବେଳେ ବଲିଭିକମ୍ ସେଠାରେ ପହଞ୍ଚି ଜାସଲକୁ ମାରିଦେଲେ । "ସବୁ ପାହାଡ଼ମାନଙ୍କରେ ଜାସଲ୍‌ର ସୈନ୍ୟ ମାନେ ଧ୍ୱଂସ ହୋଇ ଯାଇଥିଲେ । ତେଣୁ ସେହିସବୁ ପାହାଡ଼କୁ ଧ୍ୱଂସ କହନ୍ତି । କାଳକ୍ରମେ ଧ୍ୱଂସରୁ ଏହା ଧଁସ୍ ହୋଇଛି । ଯେପରି ବେନିଆଧଁସ୍ ପାହାଡ଼, ଗୋଧଁସ୍ ପାହାଡ଼, ଖରଲ୍ ଧଁସ୍ ପାହାଡ଼, ଯୋଗୀ ଧଁସ୍ ପାହାଡ଼ ।

ଜାସଲ୍ ଯୁଦ୍ଧରେ ମରିଗଲେ । ସେହି ସମୟରେ ଜାସଲ୍‌ଙ୍କ ରାଣୀ "ଦେଓଲା" ଗର୍ଭବାସ ଥିଲେ । କେତେ ମାସ ଯିବା ପରେ ସେ ଆହ୍ଲା ଏବଂ ଉଦଲ୍ ଦୁଇଟି ପୁତ୍ର ଜନ୍ମ କଲେ । ଦେଓଲାଙ୍କର ଜଣେ ଭାଇ ଥିଲେ । ତାଙ୍କ ନାମ ମହିଲ୍ । ମହିଲ୍ ଆହ୍ଲା ଏବଂ ଉଦଲକୁ ପାଠ ପଢ଼ାଇଲେ । ଯୁଦ୍ଧ ବିଦ୍ୟାରେ ପାରଙ୍ଗମ କରିଦେଲେ । ଆହ୍ଲା ଓ ଉଦଲ୍ ଯୁଦ୍ଧ ବିଦ୍ୟା ଶିଖି ଶିଖି ଯବାନ୍ ହୋଇଗଲେ । ବୟସ୍କ ହେବା ପରେ ଆହ୍ଲା ନିଜ ରାଜ୍ୟର ରାଜା ହେଲା । ଦିନେ ମହିଲ୍ ଆହ୍ଲା ଓ ଉଦଲକୁ ପାଖକୁ ଡାକି ବଲିଭିକମ୍ ଓ ଜାସଲ୍‌ଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ବିଷୟ କହିଲେ ଏବଂ କିପରି ବଲିଭିକମ୍ ରାଜା ଜାସଲ୍‌କୁ ଏବଂ ଜାସଲ୍‌ର ସୈନ୍ୟମାନଙ୍କୁ ମାରିଦେଲେ ସେହି ବିଷୟ କହିଲେ । ଆହ୍ଲା ଏବଂ ଉଦଲ୍ ଏହିସବୁ କଥା ଶୁଣି ବଲିଭିକମ୍ ରାଜାଙ୍କୁ ମାରିବା ପାଇଁ ପ୍ରତିଜ୍ଞା କଲେ ।

ବଲିଭିକମ୍ ରାଜାଙ୍କର ତିନିଟି ରାଣୀ ଥିଲେ । ତିନିଟି ରାଣୀ କାହାକୁ ମଧ୍ୟ ଛୁଆ ପିଲା ହେଇନଥିଲା । ଦିନେ ଆହ୍ଲା ଏବଂ ଉଦଲ୍ ଦୁଇଭାଇ ବଲିଭିକମ୍ ରାଜା ସାଙ୍ଗରେ ଯୁଦ୍ଧ କରିବା ପାଇଁ ଖବର ପଠାଇଲେ । ସେହି ସମୟରେ ବଲିଭିକମ୍‌ର ସାନ ରାଣୀ ''କମଳା ସତୀ'' ଗର୍ଭବାସ ଥିଲେ । ଦିନେ ବଲିଭିକମ୍ କମଳା ସତୀଙ୍କୁ କହିଲେ ମୁଁ ଆହ୍ଲା ଏବଂ ଉଦଲ୍ ସଙ୍ଗେ ଯୁଦ୍ଧ କରିବା ପାଇଁ ଯିବି । ମୁଁ ଗୋଟିଏ ପାରା ଧରିଥିବି । ମୁଁ ଯୁଦ୍ଧରେ ହାରିଗଲେ, ମୋତେ ସେମାନେ ମାରିଦେଲେ ସେହି ପାରା ତୁମ ପାଖକୁ ପଳେଇ ଆସିବ । ସେତେବେଳେ ତୁମେ ମାରାଗୁଡ଼ା ଛାଡ଼ି ଚାଲିଯିବ । ସେହି ସମୟରେ ବଲିଭିକମ୍ ରାଜା ବୃଦ୍ଧ ହୋଇ ଯାଇଥିଲେ । ଆହ୍ଲା ଓ ଉଦଲ୍ କିଛି ଦିନ ଗଲାପରେ ବଲିଭିକମ୍ ସହିତ ଯୁଦ୍ଧ କରିବା ପାଇଁ ମାରାଗୁଡ଼ା ଉପତ୍ୟକାକୁ ଆସିଲେ । ବଲିଭିକମ୍ ନିଜର ସୈନ୍ୟ ସାମନ୍ତ ଧରି ଆହ୍ଲା, ଉଦଲ୍ ସଙ୍ଗେ ଯୁଦ୍ଧ କରିବା ପାଇଁ ଗଲେ । ସେଠାରେ ବଲିଭିକମ୍ ରାଜାଙ୍କୁ ଆହ୍ଲା, ଉଦଲ୍ ଯୁଦ୍ଧରେ ପରାସ୍ତ କରି ତାଙ୍କୁ ମାରିଦେଲେ । ସେତେବେଳେ ରାଜା ବଲିଭିକମ୍ ଧରିଥିବା ପାରା ଉଡିଉଡ଼ି ରାଣୀମାନଙ୍କ ପାଖକୁ ଆସିଲା । ସବୁରାଣୀମାନେ ପାରାକୁ ଦେଖି ରାଜା ମରିଯିବା କଥା ଜାଣି ପାରି ସମସ୍ତେ କାନ୍ଦିଲେ । କମଳା ସତୀକୁ ଅନ୍ୟ ବଡ଼ ରାଣୀମାନେ କହିଲେ ତୁ ଆମର ବଂଶ ରକ୍ଷା କରିବୁ । ତୁ ଏହି ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯା । ଆହ୍ଲା, ଉଦଲ୍ ଆମକୁ ମାରିଦେଲେ ମଧ୍ୟ କିଛି କ୍ଷତି ନାହିଁ । କମଳା ସତୀ ଲୁଚି ଲୁଚି ପଳେଇ ଆସିଲେ ସୁନାବେଡ଼ା ପାଖର ଗଡ଼ଭଟା ଗ୍ରାମକୁ । ସେଠାରେ ସେ ରହିବା ପାଇଁ ଗୋଟିଏ ଗଡ଼ ତିଆରି କରୁଥିଲେ । ସେତେବେଳେ କମଳା ସତୀ ଭାବିଲେ ମାରାଗୁଡ଼ାରୁ ସୁନାବେଡ଼ା ଅଳ୍ପ ବାଟ । ଆହ୍ଲା ଏବଂ ଉଦଲ୍ ଯଦି ସୁନାବେଡ଼ାକୁ ଆସନ୍ତି ତାହେଲେ ସେମାନେ ତାଙ୍କ କଥା ଜାଣି ପାରି ସେଠାକୁ ଆସି ତାଙ୍କୁ ମାରିଦେବେ । କମଳା ସତୀ ଗଡ଼ଭଟାକୁ ଛାଡ଼ି ପଳେଇ ଆସିଲେ ସାନ୍‌ଦୋହେଲ୍ ପାହାଡ଼କୁ । ସାନ୍ ଦୋହେଲ୍ ପାହାଡ଼ରେ କମଳାସତୀ ଗୋଟିଏ ଘର ତିଆରି କରି ସେଠାରେ ରହିଲେ । କେତେ ଦିନ ସେଠାରେ ରହିବା ପରେ ତାଙ୍କର ମାସ ପୂରିଲା । ସେଠାରେ ତାଙ୍କର ଗର୍ଭ ବେଦନା ଆରମ୍ଭ ହେଲା ଏବଂ ଗୋଟିଏ ପୁଅ ଜନ୍ମ କରି ସେ ବେହୋସ ହୋଇ ଗଲେ ଏବଂ ସେଠାରେ ପଡ଼ି ରହିଲେ ।

ଗୋଟିଏ ପାହାଡ଼ରେ ଜଣେ ବିଂଝାଲ ଏବଂ ତାଙ୍କ ସ୍ତ୍ରୀ ବିଂଝାଲେନ୍ ରହୁଥିଲେ । ସେମାନେ ପାହାଡ଼ମାନଙ୍କରୁ କାଠ ସଂଗ୍ରହ କରି, ସେହି କାଠମାନଙ୍କୁ ଘାଗୁଲିରେ ଥିବା ଜଣେ ବ୍ରାହ୍ମଣ ଘରେ ବିକ୍ରି କରୁଥିଲେ ଏବଂ ସେମାନଙ୍କ ଜୀବିକା ନିର୍ବାହ କରୁଥିଲେ । ସେହିଦିନ ସେହି ବିଂଝାଲ ଏବଂ ବିଂଝାଲେନ୍ କାଠ ସଂଗ୍ରହ

କରିବା ପାଇଁ ସାନ୍ ଦୋହେଲ୍ ପାହାଡ଼କୁ ଯାଇଥିଲେ । ସେମାନେ ଦେଖିଲେ ପାହାଡ଼ରେ ଜଣେ ସ୍ତ୍ରୀଲୋକ ଗୋଟିଏ ଛୁଆ ଜନ୍ମ କରି ବେହୋସ୍ ହେଇ ପଡ଼ିଛି । ସେମାନେ କମଲା ସତୀକୁ ଦେଖି ଭାବିଲେ ନିଶ୍ଚୟ ସେ ଜଣେ ରାଜା ଘର ସ୍ତ୍ରୀ ଲୋକ ହୋଇଥିବ । କମଲା ସତୀ ସେହି ସ୍ଥାନକୁ ଗଲେ ଏବଂ କମଲା ସତୀକୁ ଓ ତାଙ୍କର ପୁଅକୁ ଉଠେଇ ଧରିଲେ । କମଲା ସତୀ ବିଂଝାଲ୍ ଓ ବିଂଝାଲେନ୍‌କୁ ସବୁ ବିଷୟ କହିଲେ । ବିଂଝାଲ ଟାଙ୍ଗିଆ ଏବଂ ଧନୁର ଶରରେ ନବଜାତ ପୁଅର ନାଭିକୁ କାଟିବାରୁ ମଧ୍ୟ ଛିଣ୍ଡିଲା ନାହିଁ । ବିଂଝାଲ ଗୋଟିଏ ବାଉଁଶର ପାତିଆ ଆଣି ନାଭିକୁ କାଟିବାରୁ ନାଭି ଛିଣ୍ଡିଲା । ବିଂଝାଲ ଏବଂ ବିଂଝାଲେନ୍ କମଲା ସତୀ ଓ ତାର ପୁଅକୁ ଧରି ଘାଗୁର୍ଲିକୁ ଗଲେ । ଘାଗୁର୍ଲିର ବ୍ରାହ୍ମଣ ଘରେ କମଲା ସତୀ ଓ ତାର ପୁଅକୁ ରଖିଲେ । ଘାଗୁର୍ଲିର ବ୍ରାହ୍ମଣ କମଲା ସତୀକୁ ନିଜର ଝିଅ ପରି ରଖିଲେ । ଧୀରେ ଧୀରେ କମଲା ସତୀର ପୁଅ ବଡ଼ ହୋଇଗଲା । କମଲା ସତୀର ପୁଅ ବୟସ୍କ ହେଲା ଏବଂ ବ୍ରାହ୍ମଣ ଘରର କାମ ମାନ କରିବାରେ ସାହାଯ୍ୟ କଲା । ଦିନେ କମଲା ସତୀଙ୍କ ପୁଅ ଗାଈ ବଳଦ ଚରେଇବା ପାଇଁ ପାଖ ଜଙ୍ଗଲକୁ ଗଲା । ସେହିଦିନ ହଠାତ୍ ଝଡ଼ି ବରଷା ଆରମ୍ଭ ହେଲା । ଜଙ୍ଗଲର ବଡ଼ ବଡ଼ ଗଛମାନ ଭାଙ୍ଗିଗଲା, ପ୍ରବଳ ବର୍ଷାହେଲା । ସନ୍ଧ୍ୟାରେ କମଲା ସତୀର ପୁଅ ଘରକୁ ଫେରି ପାରିଲା ନାହିଁ । ରାତିରେ ଗାଈ ବଳଦ ସହିତ ଜଙ୍ଗଲରେ ରହିଲା । କମଲା ସତୀର ପୁଅ ଗୋଟିଏ ଗଛତଳେ ବସି ରହିଲା । ସେତେବେଳେ ଜଙ୍ଗଲରୁ ଗୋଟିଏ ସାପ ଆସିଲା ଏବଂ କମଲା ସତୀର ପୁଅର ମୁଣ୍ଡରେ ଫଣାଟେକି ରହିଲା ଏବଂ ପୁଅକୁ ବର୍ଷା ପାଣିରୁ ରକ୍ଷା କଲା । ସେହି ଦିନ ରାତିରେ କମଲାସତୀ ଓ ବ୍ରାହ୍ମଣ ବୁଢ଼ା କେହି ମଧ୍ୟ ଶୋଇ ପାରିଲେ ନାହିଁ । ସମସ୍ତେ ଚିନ୍ତାରେ ରହିଲେ । ସକାଳ ହେବା ପରେ ବ୍ରାହ୍ମଣ ବୁଢ଼ା କମଲା ସତୀର ପୁଅକୁ ଖୋଜିବା ପାଇଁ ଜଙ୍ଗଲକୁ ଗଲେ । ସେ ଜଙ୍ଗଲକୁ ଯାଇ ଦେଖିଲେ କମଲା ସତୀର ପୁଅ ଗୋଟିଏ ଗଛ ତଳେ ବସିଛି ଏବଂ ତା ମୁଣ୍ଡ ଉପରେ ଗୋଟିଏ ସାପ ଫଣାଟେକି ରହିଛି । ସାପ ଯେମିତି ବ୍ରାହ୍ମଣ ବୁଢ଼ାକୁ ଦେଖି ପାରିଲା ସେଠାରୁ ଜଙ୍ଗଲ ଭିତରକୁ ପଳେଇ ଗଲା । ବ୍ରାହ୍ମଣ ବୁଢ଼ା କମଲା ସତୀର ପୁଅର ମୁଣ୍ଡ ଉପରେ ସାପ ଫଣା ଟେକି ବସିଥିବା ଦେଖି ସେ ଜାଣି ପାରିଲେ "ନିଶ୍ଚୟ ଏହି ପିଲା ଦିନେ ନା ଦିନେ ଜଣେ ବଡ଼ ଲୋକ ହେବ ।" ସେ କମଲା ସତୀର ପୁଅକୁ ଡାକିଲେ ଏବଂ ସବୁ ବିଷୟ ପଚାରିଲେ । ବ୍ରାହ୍ମଣ ବୁଢ଼ା କମଲା ସତୀର ପୁଅକୁ ଏବଂ ଗାଈ ବଳଦକୁ ଧରି ଘରକୁ ଫେରିଲେ । ସେହି ଦିନଠାରୁ ସେ କମଲାସତୀର ପୁଅକୁ ଭଲ ଭାବରେ ଯତ୍ନ କରି ଘରେ ରଖିଲେ ।

ପାଟଣା ଦେଶ ରାଜାଙ୍କ ଘରେ ଗୋଟିଏ ବଡ଼ ଅସୁବିଧା ହେଇ ଯାଉଥିଲା । ପାଟଣା ରାଜାଙ୍କ ରାଣୀଙ୍କ ଗର୍ଭରେ ଗୋଟିଏ ନାଗ ସାପ ଥିଲା । ଦିନେ ରାଣୀଙ୍କ ସହିତ ରାଜା ଶୋଇଥିବା ସମୟରେ ରାଣୀଙ୍କ ପେଟରୁ ସେହି ସାପ ବାହାରି ରାଜାଙ୍କୁ କାମୁଡ଼ି ଦେଲା । ରାଜା ମରିଗଲେ । ରାଜାଙ୍କ ଭାଇମାନେ ରାଜା ହେଲେ । ସେମାନଙ୍କୁ ମଧ୍ୟ ରାଣୀଙ୍କ ଗର୍ଭରୁ ସାପ ବାହାରି କାମୁଡ଼ି ଦେଲା । ସେମାନେ ମଧ୍ୟ ମରିଗଲେ । ତେଣୁ ରାଜ୍ୟ ଚଳାଇବା ପାଇଁ ଅସୁବିଧା ହେଲା । ତେଣୁ ସମସ୍ତଙ୍କ ଘରୁ ପାଳି କରି ଜଣେ ଜଣେ ବୟସ୍କ ଲୋକ ରାଜା ହେବା ପାଇଁ ଆସୁଥିଲେ ଏବଂ ତା ପରଦିନ ସକାଳେ ସେମାନେ ମରି ଯାଉଥିଲେ । ଏହିପରି ଦିନକୁ ଜଣେ ରାଜା ହେଉଥିଲେ । ତେଣୁ ସେଠାରେ ସାତ ଜଣ ପାଇକ୍ ମାନେ ଥିଲେ ଏବଂ ସେମାନେ ପ୍ରତିଦିନ ସକାଳେ ରାଜାଙ୍କ ମର ଶରୀରକୁ ନେଇଯାଇ ଶବ ଦାହ କରୁଥିଲେ । ଏପରି ପାଟଣା ଦେଶର ସମସ୍ତଙ୍କ ଘରେ ଦିନେ ଦିନେ ପାଳି ପଡୁଥିଲା । କେତେ ବର୍ଷ ଯିବା ପରେ ଘାଗୁର୍ଲିର ବ୍ରାହ୍ମଣ ଘରର ପାଳି ପଡ଼ିଲା । ବ୍ରାହ୍ମଣଙ୍କ କେବଳ ଗୋଟିଏ ମାତ୍ର ପୁଅ ଥିଲା । ବ୍ରାହ୍ମଣ ଘରେ ସମସ୍ତେ ମନ ଦୁଃଖରେ କାନ୍ଦିଲେ । ସମସ୍ତେ ଭାବିଲେ ଆସନ୍ତା କାଲି ଆମର ପୁଅ ପାଟଣାର ରାଜା ହେବା ପାଇଁ ଯିବ । ଦିନଟେ ରାଜା ହେବା ପରେ ତାକୁ ସାପ କାମୁଡ଼ିବ । ସେ ମରିଯିବ । ସେତେବେଳେ କମଲା ସତୀର ପୁଅ ଘରକୁ ଆସିଲା । ଦେଖିଲା ସମସ୍ତେ କାନ୍ଦୁଛନ୍ତି । ସେ କାନ୍ଦିବାର କାରଣ ବ୍ରାହ୍ମଣକୁ ପଚାରିଲା । ବ୍ରାହ୍ମଣ ବୁଢ଼ା ତାଙ୍କର ପାଳି କଥା କହିଲେ । କମଲା ସତୀର ପୁଅ କହିଲା ତୁମେ ଆମର ମାଁ ଏବଂ ପୁଅର କେତେ ଉପକାର କରିଛ । ଏତେ ବର୍ଷ ହୋଇଗଲା ତୁମେ ଆମ୍ଭକୁ ନିଜ ଘରର ଲୋକ ପରି ଆଶ୍ରୟ ଦେଇଛ । ମୁଁ ଆସନ୍ତା କାଲି ତୁମର ପାଳିରେ ରାଜା ହେବା ପାଇଁ ପାଟଣା ଯିବି । କମଲା ସତୀର ପୁଅ ଯାଇ ନିଜର ମାଁକୁ ସବୁ କଥା କହିଲା । କମଲା ସତୀ ପାଟଣା ଦେଶର ରାଜାଙ୍କ ବିଷୟ ସବୁ ଜାଣିଥିଲେ । ସେ କହିଲେ ତୁ ରାଜା ହେବା ପାଇଁ ଗଲେ ମୋର କେତେଟା ସର୍ତ୍ତ ଅଛି ତାହା ରକ୍ଷା କଲେ ଯାଇ ଯିବୁ । "ମୁଁ ତୋତେ ଗୋଟିଏ ବଡ଼ ଖଣ୍ଡା ଦେବି । ସେହି ଖଣ୍ଡାକୁ ତୁ ସବୁବେଳେ ଧରିଥିବୁ । ଯେତେବେଳେ ରାଣୀଙ୍କ ପେଟରୁ ସାପ ବାହାରିବ ସେତେବେଳେ ସେହି ସାପକୁ ଖଣ୍ଡ ଖଣ୍ଡ କରି କାଟି ଦେବୁ ଏବଂ ସାପ ଖଣ୍ଡକୁ ନିଆଁରେ ଜଳେଇ ଦେବୁ । ଏହା ହେଲା ପ୍ରଥମ ସର୍ତ୍ତ ।" ଦ୍ୱିତୀୟ ସର୍ତ୍ତ ହେଲା "ରାତି ସାରା ଶୋଇବୁ ନାହିଁ । ରାତିରେ ନ ଶୋଇ ଜଗି ରହିବୁ ।" ତୃତୀୟ ସର୍ତ୍ତ ହେଲା "ଯେତେବେଳେ ସକାଳ ହେବ, ସାତ ଜଣ ପାଇକ ରାଜା ମରିଗଲେ ବୋଲି

ତୋତେ ନେବା ପାଇଁ ଆସିବେ ସେତେବେଳେ ତୁ ଏହି ଖଣ୍ଡାରେ ଏକା ଚୋଟ୍‌ରେ ସାତଜଣକୁ ମାରିଦେବୁ ।'' ଏହି ତିନୋଟି ସର୍ତ୍ତ ରକ୍ଷା କଲେ ତୁ ସବୁ ଦିନ ପାଇଁ ସେହି ଦେଶର ରାଜା ହେଇ ପାରିବୁ । କମଲା ସତୀର ପୁଅ ସବୁ କଥାମାନ ମନେ ରଖିଲା । ସେଦିନ ରାତିରେ ସମସ୍ତେ ଗୋଟିଏ ଜାଗାରେ ଶୋଇଲେ ଏବଂ ରାତିସାରା କଥାବାର୍ତ୍ତା ହେଲେ । ତା'ପର ଦିନ ସକାଳୁ ରାଜା ଘରର ଲୋକମାନେ ବ୍ରାହ୍ମଣ ବୁଢ଼ା ଘରକୁ ଆସି କମଲା ସତୀର ପୁଅକୁ ପାଟଣାର ରାଜା କରିବା ପାଇଁ ନେଇଗଲେ । ତାକୁ ପାଟଣାର ରାଜା ଦିନକ ପାଇଁ କରିଦେଲେ । ଦିନ ସମୟରେ କମଲା ସତୀର ପୁଅ ରାଜା ହୋଇ ରାଜକାର୍ଯ୍ୟ କଲା । ରାତିରେ ରାଣୀଙ୍କ ପାଖକୁ ଶୋଇବାକୁ ଗଲା । ରାତିରେ ରାଣୀ ନିଦରେ ଶୋଇପଡ଼ିଲେ ହେଲେ କମଲା ସତୀର ପୁଅ ରାତିସାରା ନ ଶୋଇ ଜଗି ରହିଲା । ରାତିରେ ଯେତେବେଳେ ରାଣୀଙ୍କ ଗର୍ଭରୁ ସାପ ବାହାରିଲା ସେହି ସାପକୁ କମଲା ସତୀର ପୁଅ ତାର ମାଁ ଦେଇଥିବା ଖଣ୍ଡାରେ ଖଣ୍ଡ ଖଣ୍ଡ କରି କାଟି ଦେଲା ଏବଂ ନିଆଁରେ ପୋଡ଼ିଦେଲା । ସକାଳ ହେବା ପୂର୍ବରୁ ସାତ ଜଣ ପାଇକ, ରାଜା ମରିଯାଇଛନ୍ତି ବୋଲି ରାଜାଙ୍କୁ ଯେତେବେଳେ ଆଣିବାକୁ ଆସିଲେ ସେତେବେଳେ କମଲା ସତୀର ପୁଅ ତା ମାଁ ଦେଇଥିବା ଖଣ୍ଡାରେ ଗୋଟିଏ ଚୋଟ୍‌ରେ ସାତ ଜଣଙ୍କ ମୁଣ୍ଡ କାଟିଦେଲା । ରାଣୀ ନିଦରେ ଶୋଇଥିଲେ ତେଣୁ ଏସବୁ କଥାମାନ ଜାଣି ପାରିଲେ ନାହିଁ । ସକାଳୁ ଉଠି ରାଣୀ ଦେଖିଲେ ରାଜା ମରି ନାହାନ୍ତି । ସେ ଆଶ୍ଚର୍ଯ୍ୟ ଏବଂ ଆନନ୍ଦ ମଧ୍ୟ ହୋଇଗଲେ । ସେ ରାଜାଙ୍କୁ ସବୁକଥା ପଚାରିଲେ । ରାଜା ସବୁକଥା କହିଲେ । ରାଜା ଘରର ଲୋକମାନେ ଦେଖିଲେ ରାଜା ମରି ନାହାନ୍ତି । ସବୁଆଡ଼େ ସମସ୍ତେ ପ୍ରଚାର କରିଦେଲେ । ପାଟଣା ଦେଶର ଲୋକମାନେ ସମସ୍ତେ ଖୁସି ହୋଇଗଲେ । ସମସ୍ତେ ବାଜା ଗଜା କରି ରାଜାଙ୍କୁ ଅଭିଷେକ କରି ରାଜା କଲେ । ରାଣୀଙ୍କ ସହିତ ବିବାହ କରାଇଲେ । ସେହି ଦିନଠାରୁ କମଲା ସତୀର ପୁଅ ପାଟଣା ଦେଶର ରାଜା ହେଲେ । ତାଙ୍କୁ ସମସ୍ତେ ରମେଇ କୁମର ରାଜା ବୋଲି କହିଲେ । ରମେଇ କୁମର ରାଜା ପାଟଣା ଦେଶକୁ ରାଜୁତି କଲେ ଏବଂ ସମସ୍ତଙ୍କୁ ଖୁସିରେ ରଖିଲେ ।

## ଭାଏ ବହନି ରେଜ୍

ପୃଥିବୀ ନା ମାନୁଷ୍, ପଶୁ, ପକ୍ଷୀ, ଗଛି, ଲତା ସବ୍ ଜୀବ୍ ଜନ୍ତୁ ମାନ୍‌ଲା ବାସ୍ କରେ ରେହେଲୋ । ଥର୍ ଗଟେକ୍ ପୃଥିବୀନା ପାଏନ୍ ମାର୍‌ଲୋ । ପାଏନ୍ ମାର୍‌ଲୋ ଯେ ତିନ୍ ମାସ୍ ତିନ୍ ଦିନ୍ ତକ୍ ପାଏନ ମାରତ୍ ରେହେଲୋ । ପାଏନ୍ ମାର୍‌ଲୋ ତୋ ସାରା ପୃଥିବୀ ଜଳମୟ ହେହ୍ନୁନ୍ ଗୋଲୋ । ଗଟେକ୍ ଡୋକ୍‌ରା

ରେହେ । ଡୋକ୍‌ରାଚ ଗଟେକ୍ ବେଟା ଗଟେକ୍ ବେଟୀ ରେହେଲା ଡୋକ୍‌ରା ଭାବ୍‌ଲି ଆମାର୍ ବୁଢ଼ା ହି ଗଲୁନ୍ ଆଚେ । ଆମି ମାରାଗେଲେ ଚଲ୍‌ବୋ କିସ୍ କେର୍‌ଲେ ବେଟାବେଟୀମାନ୍ ବଚାଁବେ । ଡୋକ୍‌ରା ଗଟେକ୍ ରୁଖ୍‌ଲା ମାରେଁ । ରୁଖ୍‌ଲା କେଟାକେଟି କେର୍‌ଲୋ ଆର୍ ଗଟେକ୍ ବଡ୍ ଡୋଙ୍ଗା ବନାଲୋ । ଡୋକ୍‌ରା ଭାବ୍‌ଲି ଆମାର୍ ତୋ ବୟସ୍ ହେହୁନ୍ ଗେଲୋ ଆଚେ । ଆମାର୍ ଇ ପାଏନ୍‌ନା ମାରାଗେଲେ ଚଲ୍‌ବେ । ହେଲେ ଆମାର୍ ବେଟାବେଟୀ ଜୀଅଁଦ୍ ରେହେଁ ତୋ ଜୀବ୍‌କା ଆଚେ । ହୁନ୍ କଥା ବିଚାର୍‌ଲୋ ଆର ଡୋକ୍‌ରା ଡୋଙ୍ଗା ଭିତର୍‌ଲା ମାସେକ୍ ଦେଢ଼ ମାସ୍‌ଲା ଭାତ୍, ଦେଲ, ଶାଗ୍, ନୁନ୍, ମରିଚ୍,ପାଏନ୍ ସବ୍ କାଠ୍ ଡୋଙ୍ଗାନା ଭରୁନ୍ ଦିଲୋ । ଫିର୍ ଡୋଙ୍ଗାନା ବେଟା ବେଟୀଲା ଭରୁନ୍ ଦିଲୋ । ଡୋଙ୍ଗାଚ ସବ୍ ବାଟ୍ ମାନ୍‌ଲା ଚୁଟେ ଦିଲୋ । ପବନ୍ ଆଡେ ଗଟେକ୍ କନା କରେ ଦିଲୋ । ଆର୍ ଡୋଙ୍ଗାଲା ଓହୋଲେଇ ଦିଲୋ । ପୃଥିବୀନା ସବ୍‌ବାଟ୍‌ମାନ୍ ପାଏନ୍ ହେହୁନ୍ ଗୋଲେ । ସବ୍ ପ୍ରାଣୀ, ଗଛ୍ ଲତା ମାରାଗୋଲୋ ।

ଚନ୍ଦର୍‌ସିଲ୍ ପଠାର୍ ନା ସବ୍ ଦେଓ ମାନ୍‌ଲା ମିଲ୍‌ଲୋ । ହୁନା ସବ୍ ବେଠେଁ ବିଚାର୍ କେର୍‌ଲୋ କିସ୍ କର୍‌ବେ । ତିନ୍ ମାସ୍ ତିନ୍ ହିନ୍ ହେହୁନ୍ ଗୋଲୋ, ପାଏନ୍ ମାର୍‌ଲୋ ଯେ ଛେଡ୍‌ଲୋ ନେହିଁ । ସବ୍ ମାନୁଷ୍, ଗଛ୍, ଲତା, ଜୀବ୍, ଜନ୍ତୁ ସବ୍ ମାରାଗୋଲୋ । ସବ୍ ପାଏନ୍‌ନା ବୁଡ୍ରେ ଗେଲୋ । ସୃଷ୍ଟିନାଶ୍ ହେହୁନ୍ ଗୋଲୋ । ସବ୍ ଦେଓ ମାନ୍‌ଲା ମହା ଦେଓ, ପାର୍‌ବତୀଲା ଚନ୍ଦର୍‌ସିଲ୍ ପଠାର୍‌ଲା ଡକେ ଦେଠ୍‌ଲୋ । ମହାଦେଓ ପାର୍‌ବତୀ ଚନ୍ଦର୍‌ସିଲ୍ ପଠାର୍‌ନା ସବ୍ ଦେଓ ମାନ୍‌ଲା ଭେଟ୍‌ଲୋ । ସବ୍ ଦେଓମାନ୍ ପାର୍‌ବତୀ ଆର୍ ମହାଦେଓଲା କୁଇସ୍ ପୃଥିବୀ ଜଳମୟ ହେହୁନ୍ ଗୋଲୋ । ପୃଥିବୀ ନା ସୃଷ୍ଟି ନାଶ୍ ହି ଗୋଲୋ । ମହାଦେଓ ପାର୍‌ବତୀ ଦିଖ୍‌ଲୋ ସବ୍‌କେ ସବ୍ ପୃଥିବୀ ଜଳମୟ ହେହୁନ୍ ଗୋଲୋ ଆଚେ । ପୃଥିବୀନା ଗଟେକ୍ ଭି ଜୀବ୍ ଜନ୍ତୁ ନେଇଙ୍ଗେ । ସବ୍ ଦେଓ ମାନ୍‌ଲା ବିଚାର୍ କେର୍‌ଲୋ ପୃଥିବୀନା ଜୀବ ଜନ୍ତୁ କୋନ୍ ଠାନ୍ ଆଚେ କି ନେଇଙ୍ଗେ ଆଚେ ହୁଥାନ୍ ଦେଖିବେ । ପାର୍‌ବତୀ ଆପ୍‌ନାର ଜଘ୍‌ଲା ମଏଲ୍ ନିକ୍‌ଲାଲୋ । ହୁନ୍ ମଏଲ୍‌ଲା ଗଟେକ୍ କାକ୍‌ସେର୍ ବନେ ଜୀବନ୍ ଦାନ୍ ଦିଲୋ । କାକ୍‌ସେର୍‌ଲା ପାର୍‌ବତୀ କୁଇସ୍ ଯୁନ୍ ତୁମି ସାରା ପୃଥିବୀ ଘୁମେ ଦିଖିବେ ଯେ କାହାଁ ମାନୁଷ୍ ପଶୁ ପକ୍ଷୀ ଆଚେ କି ନେଇଙ୍ଗେ । କାକ୍‌ସେର୍ ଗୋଲୋ । ସବ୍ ବାଟ୍ ଦିଖ୍‌ଲୋ । କାହାଁଲା ଗଟେକ୍ ଜୀବ, ଜନ୍ତୁ, ଗଛ, ଲତା ଭି ପାତା ନା ମିଳି । କାକ୍‌ସେର୍ ଘୁମେ ଘୁମେ ଦେଓ

ମାନ୍‌ଲା ଫିର୍‌ଲୋ ଆର୍ କୁଇସ୍ କାଁହାଁ ଭି ପାଣ ନାମିଲ୍‌ଲୋ । ସବ୍ ଦେଓ ମାନ୍‌ଲା ଭାବ୍‌ଲି କିସ୍ କର୍‌ବେ । ସବ୍ ଦେଓ ମାନ୍‌ଲା ମହାଦେଓଲା କୁଇସ୍ । ମହାଦେଓ ଦିଖ୍‌ଲି, ଆର୍ ଗଟେକ୍ କାଉଲୀ ବନାଲୋ । କାଉଲୀଲା ସବ୍ ବାଟ୍ ଖୋଜ୍ ଖବର୍ କରେଁ ପଠୋଁ କାଉଲୀ ଯେଁତେ ଯେଁତେ ଦିଖ୍‌ଲେ । ସବ୍ ବାଟ୍ ଜଲମୟ ହେହି ଗଲୁନ୍ ଆଚେ ହେଲେ ଗଟେକ୍ ଠାନ୍‌ଲା ଗଟେକ୍ ବଡ଼ କାଠ ଡୋଙ୍ଗା ଭାସଦ୍ ରେହୋ କାଉଲୀ ସେଠାନ୍ ଗେଲୋ । ହୁନ୍ କାଠ୍ ଡୋଙ୍ଗାନା ଗୋଲୋ ଆର୍ ବସ୍‌ଲୋ । କାଠ୍ ଡୋଙ୍ଗାନା ବସେଁ କାକା କରେ ରେହେଲୋ । ଡୋଙ୍ଗା ଭିତ୍‌ରେ ଭାଏ ବହନି ରେହେଲୋ । ଭାଏ ବହନି କାଥାବାର୍ତ୍ତା ହେଲୋ ଯେ ଜୀବ୍ ମାନ୍‌ଲା ପୃଥିବୀନା ଆଚଦ୍ । ଭାଏ ବହ୍‌ନି କାଥା ହେଲୋ ଆର୍ ଗଟେକ୍ ପତର୍ ନା ଭାତ୍ ଦୁଟେ ଡୋଙ୍ଗା ଚ କଣା ବାଟ୍‌ଲା କାକ୍‌ସେର୍ କାଯେ ଛିଙ୍ଗ୍‌ଲେ ଦେଲୋ । କାଉଲୀ ଦିଖ୍‌ସ୍ ଆର୍ ଭାବ୍‌ଲି, ଜରୁର୍ ଇ କାଠ୍ ଡୋଙ୍ଗା ଭିତ୍‌ରେ ମାନୁଷ୍ ଆବେ ନେହିଁତୋ ଭାତ୍ କୋନ୍ ଦେବେ । ହୁଥାନ୍ କାଉଲୀ ଭାତ୍ ଧରେଁ ଦେଓ ମାନ୍ ପାଖ୍‌ଲା ଗୋଲୋ ଆର୍ ଦେଓ ମାନ୍‌ଲା ଭାତ୍ ଦିଖାଲୋ । ଦେଓ ମାନ୍‌ଲା ଭାତ୍ ଦିଖେ ତୋ ସବ୍ ବିଶ୍ୱାସ୍ କରେଁ ପୃଥିବୀ ନା ମାନୁଷ୍ ଆଚେ । କାଉଲିଲା ଦେଓମାନ୍ ପଚରେଁ ତୋ କାଠ ଡୋଙ୍ଗାକେ ମାନୁଷ୍ କାଥା କୁଇସ୍ ।

ସବ୍ ଦେଓ ମାନ୍‌ଲା କଥାବାର୍ତ୍ତା ହେଲୋ ଆର୍ କାଠ୍ ଡୋଙ୍ଗା ଆନ୍‌ବାଲା ଗରୁଡ଼୍ ପକ୍ଷୀକେ ପଠେଇଲୋ । ଗରୁଡ଼୍ ପକ୍ଷୀ ଗୋଲୋ ଦିଖ୍‌ଲୋ କେତେନି କେତେ ବଡ଼ା ଡୋଙ୍ଗା । ଡୋଙ୍ଗାଲା ଗରୁଡ଼୍ ପକ୍ଷୀ ଉଠେ ନେହିଁ ପେର୍‌ଲୋ । ଗରୁଡ଼୍ ପକ୍ଷୀ ପଲେଏଲୋ । ଦେଓ ମାନ୍‌ଲା ବିଚାର୍‌ଲୋ କୋନ୍ ଉଠାକର୍ ଡୋଙ୍ଗାଲା ଆନେ । ମହାଦେଓ ଭୀମ୍‌ସେନ୍ ଲା ହକ୍‌ରାନ୍ ଦିଲୋ । ମହାଦେଓ ଚ ହକ୍‌ରାନ୍ ଶୁନେ ଭୀମ୍‌ସେନ୍ ହୁଥାନ୍ ଏଲୋ । ସବ୍‌ଦେଓ ମାନ୍‌ଲା ଭୀମ୍‌ସେନ୍‌ଲା ସବ୍ କାଥା ମାନ୍‌ଲା କୁଇସ୍ । ଭୀମ୍‌ସେନ୍ ଦିଖ୍‌ଲୋ ପୃଥିବୀ ନା କାଁହିଁଲା ଭି ସ୍ଥଲ୍ ଭାଗ୍ ନେଇଙ୍ଗେ, ସବ୍ ଜଲ୍‌ମୟ ହି ଗୋଲୋ ଆଚେ । ଭୀମ୍‌ସେନ୍ ଜେନ୍ ପୋର୍‌ଲୋ ନଲ୍‌ରାଜା ସବ୍ ମେଟ୍ ମାନ୍‌ଲା ଖେଁ ଦିଲୋ ଆଚେ । ଭୀମ୍‌ସେନ୍ ଗୋଲୋ ଆର୍ ନଲ୍‌ରାଜାଲା ଖାକେ ଚେପେଁଦେଲୋ । ନଲ୍‌ରାଜା ସବ୍ ମେଟ୍ ମାନ୍ ଓଗାଲ୍ ଦେଲୋ । ନଲ୍ ରାଜା ସବ୍ ମେଟ୍ ଓଗାଲ୍ ଦେଲୋ ତୋ ଯେତେକ୍ ପାଏନ୍ ମାନ୍‌ଲା ଅଟେଁ ଗୋଲୋ । ହୁଥାନ୍ କାଯେ କେତୁଆଁଲା ଲୋଗ୍ ମାନ୍‌ଲା ନଲ୍‌ରାଜା ବଲ୍‌ତେଁ । କେତୁଆଁ ଭି ମେଟ୍ ଖେଁ ତେଁ, ନଲ୍ ରାଜାଭି ମେଟ୍‌ଖେଁତେଁ ।

ପୃଥିବୀ ଘଲମୟ ହେହୁନ୍ ଗୋଲୋ । ଭୀମ୍‌ସେନ୍ କାଉଲୀ ସନେ ଗୋଲୋ ଆଁର୍ କାଠ୍ ଡୋଙ୍ଗା ଉଠେ ଏନ୍‌ଲୋ । କାଠ୍ ଡୋଙ୍ଗା ଭିତ୍‌ରେ ରେହେଁ ଭାଏ ବହ୍‌ନିଲା ନିକାଲ୍‌ଲୋ । ଭାଏ ବହେନି ଗଟେକ୍ ଠାନ୍ ରହେଲେ । ରହେତେଁ ରହେତେଁ ଭାଏ ବହନି ଯବାନ୍ ହେଲୋ । ଯବାନୀନା ଯେନ୍‌ତା ସବ୍ ଲୋଗ୍ ଜେତ, ଅନ୍‌ଜେଡ୍ ଭୁଲେଁ ଯେଁତେଁ ହେନ୍‌ତା ଭାଏ ବହନି ସବ୍ ଭୁଲେଁ ଗେଲୋ । ଦୁଇଜନ୍ ବିହା ହେଲୋ । ବହନି ଗରଭବାସ୍ ହେଲୋ ଆର୍ ବାଁଚାଁ ଜନମ୍ କେର୍‌ଲୋ । ହୁନ୍ ଦୁଇଜନ୍ ଭାଏ ବହ୍‌ନି ଚ ସବ୍ ମାନୁଷ୍ ସୃଷ୍ଟି ହେୟାଛେ । ହୁନ୍ କାଯେଲା ଇରେଙ୍ଗ୍‌ଲା ଭେ ବହ୍‌ନି ରେଙ୍ଗ୍ ବଲ୍‌ତେଁ ।

## ଓଡ଼ିଆ ଅନୁବାଦ

ପୃଥିବୀରେ ମନୁଷ୍ୟ, ପଶୁ, ପକ୍ଷୀ, ବୃକ୍ଷ, ଲତା ସବୁ ପ୍ରାଣୀ ଉଭିଦ ଥିଲେ । ଥରେ ପୃଥିବୀରେ ବର୍ଷା ହେଲା । ଏପରି ଭାବରେ ବର୍ଷା ହେଲା ଯେ, ତିନି ମାସ ତିନି ଦିନ ପର୍ଯ୍ୟନ୍ତ ବର୍ଷା ହେଲା । ବର୍ଷା ମୋଟେ ବନ୍ଦ ହେଲା ନାହିଁ । ବର୍ଷା ପାଣିରେ ପୃଥିବୀ ଜଳମୟ ହୋଇଗଲା । ଜଣେ ବୁଢ଼ାଲୋକ ଥିଲେ । ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଥିଲେ । ବୁଢ଼ା ଭାବିଲେ ମୁଁ ବୁଢ଼ା ହୋଇ ଗଲାଣି । ମୁଁ ବର୍ଷା ପାଣିରେ ମରିଗଲେ ମଧ୍ୟ ଚଳିବ । କଣ କଲେ ମୋର ପୁଅ ଏବଂ ଝିଅକୁ ରକ୍ଷା କରିବି ? ସେ ଗୋଟିଏ ବଡ଼ ଗଛ ହାଣିଲେ । ସେହି ଗଛକୁ କାଟିଲେ ଏବଂ ସେହି କାଠରେ ଗୋଟିଏ ବଡ଼ ନୌକା ତିଆରି କଲେ । ସେହି ନୌକା ଭିତରେ ମାସେ ଦେଢ଼ ମାସର ଖାଇବା ଜିନିଷ ଯଥା- ଭାତ, ଡାଲି, ଲୁଣ, ଲଙ୍କା, ପାଣି ଏବଂ ବ୍ୟବହାର କରିବା ସବୁ ଜିନିଷ ରଖି ଦେଲେ । ନିଜର ପୁଅ ଏବଂ ଝିଅକୁ ସେହି ନୌକା ଭିତରେ ପୂରେଇ ଦେଲେ । ନୌକାର ଚାରିପଟେ କାଠ ପଟା ଦେଇ ନିବୁଜ କରିଦେଲେ । ପବନ ଯିବା ଆସିବା କରିବା ପାଇଁ ଗୋଟିଏ ଛୋଟ କଣା କରିଦେଲେ ଏବଂ ସେହି ନୌକାକୁ ପାଣିରେ ଭସେଇ ଦେଲେ । ପୃଥିବୀରେ ଏତେ ପାଣି ହେଲା ଯେ ପାଣିରେ ଭାସିଯାଇ ସବୁ ପ୍ରାଣୀ, ଏବଂ ବୃକ୍ଷ ଲତା ମରି ଗଲେ ।

ଚନ୍ଦରସିଲ୍ ପାହାଡ଼ର ଗୋଟିଏ ପଠାର (ପଥରର ସମତଳ ସ୍ଥାନ)ରେ ସବୁ ଦେବା ଦେବୀ ଏକାଠି ହେଲେ । ସମସ୍ତେ ସେଠାରେ ବସି ବିଚାର କଲେ କଣ କରିବେ ? ତିନିମାସ ତିନିଦିନ ହୋଇଗଲା ବର୍ଷା ହେଲା ଯେ ବର୍ଷା ଆଉ ବନ୍ଦ ହେଲା ନାହିଁ । ପୃଥିବୀର ସବୁ ସ୍ଥଳ ଭାଗ ଜଳମୟ ହୋଇଗଲା । ପ୍ରାଣୀ ଉଭିଦ ସମସ୍ତେ ମରିଗଲେ । ସୃଷ୍ଟି ନାଶ ହୋଇଗଲା । ସବୁ ଦେବା ଦେବୀ ମାନେ ବୁଢ଼ା ଦେଓ

(ମହାଦେଓ) ଏବଂ ପାର୍ବତୀଙ୍କୁ ଚନ୍ଦର୍ ସିଲ୍‌ର ପାଠାରକୁ ଆସିବା ପାଇଁ ଡକେଇ ପଠାଇଲେ । ମହାଦେଓ ଏବଂ ପାର୍ବତୀ ଚନ୍ଦର୍‌ସିଲ୍ ପଠାର୍‌କୁ ଆସି ସମସ୍ତ ଦେବାଦେବୀମାନଙ୍କ ସହିତ ସାକ୍ଷାତ ହେଲେ । ସବୁ ଦେବାଦେବୀମାନେ ପାର୍ବତୀ ଓ ମହାଦେଓଙ୍କୁ ସୃଷ୍ଟି ନାଶ ବିଷୟ କହିଲେ । ମହାଦେଓ, ପାର୍ବତୀ ଦେଖିଲେ ପୃଥିବୀର ଚାରିଆଡ଼େ ଜଳମୟ ହୋଇ ଯାଇଛି । କେହି ଜୀବ ଜନ୍ତୁ ବୃକ୍ଷ, ଲତା ମଧ୍ୟ ପୃଥିବୀରେ ଦେଖାଯାଉ ନାହାନ୍ତି । ସବୁ ଦେବାଦେବୀମାନେ ବିଚାର କଲେ ଯେ ପୃଥିବୀରେ କୌଣସି ଜୀବଜନ୍ତୁ ଅଛନ୍ତି କି ନାହିଁ ତାହା ପ୍ରଥମେ ଦେଖିବେ । ପାର୍ବତୀ ନିଜର ଜଂଘକୁ ଘଷି ଜଙ୍ଗର ମଇଳା ବାହାର କଲେ ଏବଂ ସେହି ମଇଲାରେ ଗୋଟିଏ କାକ୍‌ସେର୍ (କାଉ) ତିଆରି କଲେ ଏବଂ ସେହି କାଉକୁ ଜୀବନ ଦାନ୍ ଦେଲେ । କାଉକୁ କହିଲେ ତୁ ସାରା ପୃଥିବୀ ବୁଲିବୁ ଏବଂ ଦେଖିବୁ କେଉଁଠି କୌଣସି ଜୀବଜନ୍ତୁ ଅଛନ୍ତି କି ନାହିଁ । କାଉ ଉଡ଼ି ଉଡ଼ି ସେଠାରୁ ଗଲା । ପୃଥିବୀର ସବୁ ଦିଗକୁ ଗଲା ହେଲେ କେଉଁଠାରେ ମଧ୍ୟ କୌଣସି ଜୀବର ସନ୍ଧାନ ମିଳିଲା ନାହିଁ । କାଉ ସବୁ ଦିଗକୁ ଖୋଜି ଖୋଜି ଶେଷରେ ଦେବାଦେବୀମାନଙ୍କ ପାଖକୁ ଆସିଲା ଏବଂ କହିଲା ଯେ କେଉଁଠାରେ ମଧ୍ୟ ସେ କୌଣସି ଜୀବର ସନ୍ଧାନ ପାଇଲା ନାହିଁ । ସବୁ ଦେବାଦେବୀ ଭାବିଲେ କଣ କରିବେ ? ମହାଦେଓ ଗୋଟିଏ କାଉଲି (ମାଇ କାଉ) ତିଆରି କରି ଜୀବନ ଦାନ କଲେ ଏବଂ ସେହି ମାଈ କାଉକୁ ଜୀବଜନ୍ତୁର ସନ୍ଧାନ ପାଇଁ ସବୁ ଦିଗକୁ ପଠାଇଲେ । ମାଈ କାଉ ସବୁ ଦିଗକୁ ଗଲା ହେଲେ କୌଣସି ଜୀବଜନ୍ତୁର ସନ୍ଧାନ ପାଇଲା ନାହିଁ । ଦେଖିଲା ଗୋଟିଏ ସ୍ଥାନରେ ପାଣିରେ ଗୋଟିଏ ବଡ଼ କାଠ ଭାସୁଛି । ମାଈ କାଉ ବସିବାକୁ କୌଣସି ସ୍ଥାନ ପାଇଲା ନାହିଁ କାରଣ ସବୁଆଡ଼େ ଜଳମୟ ହୋଇ ଯାଇଥିଲା । ମାଈ କାଉ ସେହି କାଠ ଗଡ଼ା ଉପରେ ଯାଇ ବସିଲା ଏବଂ ରାବ କଲା । ସେହି କାଠ ନୌକା ଭିତରେ ଭାଇ ଏବଂ ଭଉଣୀ ଥିଲେ । ସେମାନେ କାଉର ରାବ ଶୁଣି କଥା ହେଲେ ଯେ ପୃଥିବୀରେ ଜୀବଜନ୍ତୁମାନେ ଅଛନ୍ତି । ଭାଇ ଏବଂ ଭଉଣୀ ଗୋଟିଏ ପତ୍ରରେ ଭାତ ଟିକେ ରଖି ନୌକାର ଥିବା ଛୋଟ କଣା ଦେଇ ସେହି ଭାତକୁ କାଉ ପାଇଁ ଗଳେଇ ଦେଲେ । ମାଈ କାଉ ଭାତକୁ ଦେଖିଲା ଏବଂ ଭାବିଲା ନିଶ୍ଚୟ ଏହି କାଠ ଗଡ଼ା ଭିତରେ ମନୁଷ୍ୟ ଅଛନ୍ତି । ନହେଲେ ଭାତ ତାକୁ କିଏ ଦେବ ? ମାଈ କାଉ ସେହି ଭାତକୁ ଧରି ଦେବାଦେବୀ ମାନଙ୍କ ପାଖକୁ ଆସିଲା । ସମସ୍ତ ଦେବାଦେବୀଙ୍କୁ ଭାତ ଦେଖାଇଲା । ଦେବାଦେବୀ ଭାତକୁ ବିଶ୍ୱାସ କଲେ ଯେ ପୃଥିବୀରେ ମନୁଷ୍ୟ ଅଛନ୍ତି । ମାଈ କାଉକୁ ପଚାରିବାରୁ କାଠ ଗଡ଼ା ଭିତରେ ମନୁଷ୍ୟ ଥିବା କଥା କହିଲା ।

ସବୁ ଦେବାଦେବୀମାନେ କଥାବାର୍ତ୍ତା ହେଲେ ଏବଂ କାଠ ଗଡ଼ାକୁ ଆଣିବା ପାଇଁ ଗରୁଡ଼କୁ ପଠାଇଲେ । ଗରୁଡ଼ ପକ୍ଷୀ ସେଠାକୁ ଯାଇ ଦେଖିଲେ । ବହୁତ ବଡ଼ର କାଠ ଗଡ଼ାକୁ ଉଠେଇ ପାରିଲେ ନାହିଁ । ସେ ଚାଲି ଆସିଲେ ଦେବାଦେବୀମାନଙ୍କ ପାଖକୁ । ଦେବାଦେବୀମାନେ ବିଚାର କଲେ କିଏ ସେହି କାଠଗଡ଼ାକୁ ଉଠେଇ ଆଣିବ ? ମହାଦେଓ ଭୀମସେନ୍‌କୁ ଡାକିଲେ । ଭୀମସେନ୍ ମହାଦେଓଙ୍କ ଡାକ ଶୁଣି ସେହି ସ୍ଥାନକୁ ଆସିଲେ । ସବୁ ଦେବାଦେବୀମାନେ ଭୀମ୍‌ସେନ୍‌କୁ ସବୁ ବିଷୟ କହିଲେ । ଭୀମସେନ୍ ଦେଖିଲେ ପୃଥିବୀରେ କେଉଁଠାରେ ମଧ୍ୟ ସ୍ଥଳ ଭାଗ ଦେଖାଯାଉ ନାହିଁ । ସବୁଆଡ଼େ ଜଳମୟ ହେଇ ଯାଇଛି । ଭୀମ୍‌ସେନ ଜାଣି ପାରିଲେ ଯେ ନଳରାଜା ସବୁ ମାଟିକୁ ଗିଳି ପକେଇଛନ୍ତି । ଭୀମ୍‌ସେନ୍ ନଳ ରାଜା ପାଖକୁ ଗଲେ । ନଳ ରାଜାକୁ ନିଜ କାଖରେ ଚାପିଦେଲେ । ନଳ ରାଜାକୁ ଭୀମସେନ ଚାପି ଦେବାରୁ ନଳ ରାଜା ସବୁ ମାଟିମାନଙ୍କୁ ଓଗାଳି ପକାଇଲେ । ସବୁଆଡ଼େ ସ୍ଥଳ ଭାଗ ହୋଇଗଲା । ତେଣୁ ସମସ୍ତେ ଜିଆକୁ ନଳ ରାଜା ବୋଲି କହନ୍ତି । ନଳ ରାଜା ମାଟି ଖା'ନ୍ତି ଜିଆ ମଧ୍ୟ ମାଟି ଭିତରେ ଥାଇ ମାଟି ଖାଏ ।

ପୃଥିବୀରେ ସ୍ଥଳ ଭାଗ ହୋଇଗଲା । ଭୀମସେନ୍ ମାଈକାଉ ସଙ୍ଗେ ଗଲେ ଏବଂ କାଠ ଗଡ଼ାକୁ ଉଠାଇ ଧରି ଆଣିଲେ । କାଠ ନୌକା ଭିତରେ ଥିବା ଭାଇ ଏବଂ ଭଉଣୀକୁ ବାହାର କଲେ । ଭାଇ ଭଉଣୀ କେବଳ ଦୁଇ ଜଣ ପ୍ରାଣୀ ପୃଥିବୀରେ ବଞ୍ଚିଲେ । ଭାଇ ଭଉଣୀ ଏକାଠି ରହିଲେ । ଧୀରେ ଧୀରେ ବୟସ୍କ ହେଲେ । ଲୋକମାନେ ଯବାନ୍ ବୟସ୍କ ହେବା ପରେ ଯେମିତି ନିଜର ଜାତି, କୁଳ, ଗୋତ୍ର ଭୁଲି ଯାଇ ପ୍ରେମରେ ପଡ଼ନ୍ତି । ସେପରି ଭାଇ ଭଉଣୀ ଦୁଇ ଜଣ ଶେଷରେ ବାହା ହେଲେ । ଛୁଆ ଜନ୍ମ କଲେ । ସେହି ଭାଇଭଉଣୀଙ୍କ ଠାରୁ ସବୁ ମନୁଷ୍ୟ ଜାତି ସୃଷ୍ଟି ହେଲା । ତେଣୁ ପୃଥିବୀକୁ ଭାଇ ଭଉଣୀର ରାଜ୍ୟ ବୋଲି କହନ୍ତି ।